# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୪/୨୦୨୧ (୧୬ ପୃଷ୍ଠା) | Bhubaneswar, Monday, October 4/2021 | ★★★★

୪୭ଶ ଭାଗ ୩୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ବିରୋଧୀ ଶିବିର ଶୂନଶାନ୍

■ ପିପିଲିବାସୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ
■ ୨୦୧୯ ସାଧାରଣ ନିର୍ବାଚନଠାରୁ ଅଧିକ ଭୋଟ ପାଇଲୁ: ଭାଜପା
■ ଜାଣିଥିଲୁ ଏମିତି ଫଳାଫଳ ହେବ: କଂଗ୍ରେସ
■ ବିରୋଧୀଙ୍କ ଅପପ୍ରଚାରକୁ ପିପିଲିବାସୀଙ୍କ ପ୍ରତ୍ୟାଖ୍ୟାନ: ବିଜେଡି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ପିପିଲି ବିଧାନସଭା ଆସନକୁ ବଜାୟ ରଖିବାରେ ବିଜେଡି ସଫଳ ହୋଇଛି। ଏହି ଆସନରେ ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କଠାରୁ ୨୦,୯୧୬ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ଅମାନତ ହରାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁନୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି, ଉପନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଜନସମର୍ଥନ ମିଳିଥିବାରୁ ପିପିଲିବାସୀଙ୍କୁ ଆନ୍ତରିକ ଧନ୍ୟବାଦ। ଏହାସହ ଦଳର ସମସ୍ତ କର୍ମୀ ଓ ନେତୃବୃନ୍ଦଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଜେଡି ସେମାନଙ୍କ ଦଳ ବୋଲି କହିଛନ୍ତି। ଲୋକଙ୍କ ସେବାରେ ସବୁବେଳେ ସମର୍ପିତ ବୋଲି ସେ ଉଲ୍ଲେଖ କରିଛନ୍ତି।

ଫଳାଫଳ ଘୋଷଣା ପରେ ବିଜେଡି ଶିବିରରେ ଖୁସିର ପରିବେଶ ଦେଖିବାକୁ ମିଳିଥିବା ବେଳେ ବିରୋଧୀ କ୍ୟାମ୍ପ ଶୂନଶାନ ପଡ଼ିଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପରେ ବିଜେଡି ସମସ୍ତ ଉପନିର୍ବାଚନରେ ଭଲ ପ୍ରଦର୍ଶନ କରିଛି। ବିଜେପୁର, ତିର୍ତ୍ତୋଲ, ବାଲେଶ୍ୱର ଏବଂ ପିପିଲି ସବୁଠାରେ ବିଜେଡି ସଫଳ ହୋଇଛି। ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ଥିବାବେଳେ ପିପିଲି ଉପନିର୍ବାଚନ ଫଳାଫଳ ବିଜେଡି ପାଇଁ ଏକ ପ୍ରମୁଖ ଅସ୍ତ୍ର ପାଲଟିବ ବୋଲି ଆଲୋଚନା ହେଉଛି।

ଉପନିର୍ବାଚନ ଫଳାଫଳ ନେଇ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ପିପିଲି-ଡେଲାଙ୍ଗ ଉପନିର୍ବାଚନର ଜନାଦେଶକୁ ସମ୍ମାନ ଜଣାଇବା ସହ ଦଳ ପ୍ରତି ଆସ୍ଥା ଓ ବିଶ୍ୱାସ ରଖିଥିବା ସମସ୍ତ ଭୋଟରଙ୍କୁ ଧନ୍ୟବାଦ ଜଣାଉଛି। ଶାସକ ଦଳ ସପକ୍ଷରେ ଜନାଦେଶ ଯିବା ସତ୍ତ୍ୱେ ନିର୍ବାଚନ ଫଳାଫଳରୁ ରାଜ୍ୟ ସରକାରଙ୍କ ପ୍ରତି ବହୁମାତ୍ରାରେ ଜନଅସନ୍ତୋଷ ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି । ୨୦୧୯ ସାଧାରଣ ନିର୍ବାଚନଠାରୁ ଉପନିର୍ବାଚନରେ ଅଧିକ ଭୋଟ ପାଇଛୁ। ତେଣୁ ପିପିଲି-ଡେଲାଙ୍ଗବାସୀଙ୍କ ସ୍ୱାର୍ଥ ପାଇଁ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିବୁ । ଏଥିସହ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ଲଢେଇ ଜାରି ରଖିବା ସହ ସେମାନଙ୍କ ସ୍ୱାର୍ଥ ଓ ହକ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବୁ।

କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି, ଆମେ ଜାଣିଥିଲୁ ଆମର ଏମିତି ଫଳାଫଳ ହେବ। ରାଜନୈତିକ ଦୃଷ୍ଟିକୋଣରୁ ଭଲ ହେବ ବୋଲି କହୁଥିଲୁ। ଦେଶରେ କଂଗ୍ରେସର ଏକ ଖରାପ ସମୟ ଚାଲିଛି, ଯାହାର ପ୍ରଭାବ ଓଡ଼ିଶାର ପିପିଲି ଉପନିର୍ବାଚନରେ ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି।

ବିଜେଡି ନେତା ସମୀର ରଞ୍ଜନ ଦାଶ କହିଛନ୍ତି, ପିପିଲିବାସୀଙ୍କ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ଅତୁଟ ରହିଛି। ବିରୋଧୀ ଯେଉଁ ଅପପ୍ରଚାର କରୁଥିଲେ ଲୋକମାନେ ତାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବିରୋଧୀଙ୍କ ଉପରେ ରାଜ୍ୟବାସୀ କେବେ ବିଶ୍ୱାସ କରିବେ ନାହିଁ। ଗୋଟିଏ ନିର୍ବାଚନର ପ୍ରଭାବ ସବୁବେଳେ ପରବର୍ତ୍ତୀ ନିର୍ବାଚନରେ ପଡ଼ିଥାଏ। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଜିଲାରେ ବିଜେଡି ପାଇଁ ପିପିଲି ଫଳାଫଳ ଭଲ ପ୍ରଭାବ ପକାଇବ ବୋଲି ସମୀର କହିଛନ୍ତି।



ନିର୍ବାଚନ ଫଳାଫଳ ପରେ ପୁରୀରେ ବିଜେଡି କର୍ମୀ ଖୁସି ମନାଉଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁରରେ ବିଜୟ ପରେ ଉତ୍ସବ ମନାଉଛନ୍ତି ଟିଏମ୍‌ସି ସମର୍ଥକ।

# ଟିଏମ୍‌ସି ଦଖଲରେ ମୁର୍ଶିଦାବାଦର ୨ ଆସନ

କୋଲକାତା,୩।୧୦

ପଶ୍ଚିମବଙ୍ଗର ୩ ବିଧାନସଭା ଆସନରେ ଉପନିର୍ବାଚନ ବିପୁଳ ବିଜୟ ହାସଲ କରିଛି ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି)। ଦଳର ସୁପ୍ରିମୋ ମମତା ବାନାର୍ଜୀ ଭବାନୀପୁର ଦଖଲ କରିଥିବାବେଳେ ମୁର୍ଶିଦାବାଦ ଜିଲା ସମଶେରଗଞ୍ଜ ଏବଂ ଜାଙ୍ଗିପୁର ଆସନ ମଧ୍ୟ ଟିଏମ୍‌ସି ହାତକୁ ଯାଇଛି। ଗତ ନିର୍ବାଚନ ବେଳେ ଏହି ଦୁଇ ଆସନରେ ଦୁଇଜଣ ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେପ୍ଟେମ୍ବର ୩୦ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସମଶେରଗଞ୍ଜରେ ୭୬.୮୦% ଓ ଜାଙ୍ଗିପୁର ଆସନରେ ୭୬.୧୨% ମତଦାନ ହୋଇଥିଲା।

ଜାଙ୍ଗିପୁର ଆସନରେ ଟିଏମ୍‌ସି ପ୍ରାର୍ଥୀ ତଥା ମମତାଙ୍କ କ୍ୟାବିନେଟ ମନ୍ତ୍ରୀ ଜାକିର ହୋସେନ ୯୨,୪୮୦ ଭୋଟ ବ୍ୟବଧାନରେ ଜିତିଛନ୍ତି। ସେ ୧,୩୬,୪୪୪ ଭୋଟ ପାଇଥିବାବେଳେ ଭାଜପାର ସୁଜିତ ଦାସଙ୍କୁ ୪୩,୯୬୪ ଖଣ୍ଡ ଭୋଟ ମିଳିଛି। ଏଠାରେ ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ କେହି ୪ ଅଙ୍କରେ ପହଞ୍ଚିପାରି ନାହାନ୍ତି। ସେହିପରି ସମଶେରଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ଅମିରୁଲ ଇସ୍‌ଲାମ ୨୬,୩୭୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଅମିରୁଲଙ୍କୁ ୯୬,୪୧୭ ଖଣ୍ଡ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଜାଇଦୁର୍ ରହମାନଙ୍କୁ ୭୦,୦୩୮ ଭୋଟ ପାଇଛନ୍ତି। ଏକଦା କଂଗ୍ରେସର ଗଡ଼ ଥିବା ମୁର୍ଶିଦାବାଦର ଏହି ଦୁଇ ଆସନରେ ଟିଏମ୍‌ସିର ବିଜୟ ସୋନିଆ ଗାନ୍ଧୀଙ୍କ ଏହି ସର୍ବପୁରାତନ ଦଳକୁ ପଶ୍ଚିମବଙ୍ଗରେ କୋଣଠେସା କରିଦେଇଛି।





ଜାକିର ହୋସେନ୍, ଅମିରୁଲ ଇସ୍‌ଲାମ

# ନୋଟାରେ ପଡ଼ିଲା ୮୩୧ ଭୋଟ୍

ପୁରୀ ଅଫିସ,୩।୧୦

ପିପିଲି ଉପନିର୍ବାଚନରେ ୧ ଲକ୍ଷ ୮୦ ହଜାର ୯୯ ଜଣ ଭୋଟର ମତଦାନ କରିଛନ୍ତି। ତନ୍ମଧ୍ୟରୁ ବିଜେଡିକୁ ୯୬ ହଜାର ୯୭୨ ଓ ଭାଜପାକୁ ୭୬ ହଜାର ୫୬ ଖଣ୍ଡ ଭୋଟ ମିଳିଛି। ତେବେ ଚଳିତ ନିର୍ବାଚନରେ ନୋଟାରେ ମତଦାନ କରିଥିବା ଭୋଟରଙ୍କ ସଂଖ୍ୟା ଆଖିଦୃଶିଆ ରହିଛି। ନୋଟାକୁ ଯଦି ଜଣେ ପ୍ରାର୍ଥୀ ଭାବେ ଦେଖାଯାଇଥାଆନ୍ତା ତେବେ ଏହା ୫ମ ସର୍ବାଧିକ ଭୋଟ ପାଇଥିବା ପ୍ରାର୍ଥୀ ଭାବେ ଗଣା ହୋଇଥାଆନ୍ତା। ଚଳିତ ପିପିଲି ଉପନିର୍ବାଚନରେ ନୋଟା ବାବଦକୁ ୮୩୧ ଖଣ୍ଡ ଭୋଟ ପଡ଼ିଛି। ବିଜେଡି, ଭାଜପା, କଂଗ୍ରେସ ଓ ବାମଦଳ ପରେ ନୋଟା ୫ମ ସ୍ଥାନରେ ରହିଛି। ସାଧାରଣତଃ ନୋଟା ପ୍ରତି ଶିକ୍ଷିତ ଯୁବଗୋଷ୍ଠୀଙ୍କ ଆଗ୍ରହ କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି। ନିର୍ବାଚନରେ ପ୍ରାର୍ଥୀମାନଙ୍କ ମଧ୍ୟରୁ କାହାରିଙ୍କୁ ଯୋଗ୍ୟ ମନେ କରୁ ନ ଥିଲେ ଭୋଟର ନୋଟା ଭଳି ବିକଳ୍ପ ବାଛିଥାଆନ୍ତି। ଏକ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ଭୋଟରଙ୍କ ବୌଦ୍ଧିକ ବିକାଶକୁ ଚିହ୍ନଟ କରିବାର ଏକ ଭଲ ମାଧ୍ୟମ ହେଉଛି ନୋଟା। ଏହାଦ୍ୱାରା ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନ ବେଳେ ଅଧିକ ଯତ୍ନଶୀଳ ହେବା ସହ ଉପଯୁକ୍ତ ପ୍ରାର୍ଥୀ ଦେବାକୁ ଚେଷ୍ଟା କରିଥାନ୍ତି। ଏ ସମ୍ପର୍କରେ ପିପିଲି ନିର୍ବାଚନମଣ୍ଡଳୀର ଭୋଟର ଦିଲୀପ ବରାଳ କହିଛନ୍ତି, ନିର୍ବାଚନରେ ଅର୍ଥ ବିନିଯୋଗର ମାତ୍ରା ବଢ଼ିବା ପରେ ଯେ କେହି ନିର୍ବାଚନ ଲଢୁଛନ୍ତି। ଏଭଳି ସ୍ଥଳେ ଲୋକେ ନୋଟାରେ ଭୋଟ ଦେଇ ଏକଥା ସ୍ପଷ୍ଟ କରୁଛନ୍ତି ଯେ କୌଣସି ରାଜନୈତିକ ଦଳ ଜଣେ ଉପଯୁକ୍ତ ପ୍ରାର୍ଥୀ ଚୟନ କରିନାହିଁ। ଏଭଳି ଭାବୁଥିବା ଲୋକଙ୍କ ସଂଖ୍ୟା ଏବେ କମ୍ ରହିଛି। ମାତ୍ର ଆଗାମୀ ଦିନରେ ଆହୁରି ବଢ଼ିପାରେ। ଜଣେ ସଚେତନ ନାଗରିକ ନୋଟା ସପକ୍ଷରେ ଯିବା ପ୍ରସଙ୍ଗ ନିହାତି ପକ୍ଷେ ଆଲୋଚନା ସାପେକ୍ଷ।



ଭୋଟ ଗଣତି କେନ୍ଦ୍ର।

# ପଶ୍ଚିମବଙ୍ଗରେ ଟିଏମ୍‌ସିର ପ୍ରଚାର ଖର୍ଚ୍ଚ ୧୫୪ କୋଟି

ଭାଜପାର ଖର୍ଚ୍ଚ ହିସାବ ନାହିଁ

ନୂଆଦିଲ୍ଲୀ,୩।୧୦

ଗତ ଏପ୍ରିଲ-ମେ’ରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କ୍ଷମତାକୁ ଫେରିବା ପାଇଁ ୧୫୪.୨୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ଇଲେକ୍ସନ ଏକ୍ସପେଣ୍ଡିଚର ଷ୍ଟେଟ୍‌ମେଣ୍ଟରୁ ଏହି ବିଷୟ ଜଣାପଡ଼ିଛି।

ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନାନୁସାରେ ଏଆଇଏଡିଏମ୍‌କେ ହାତରୁ କ୍ଷମତା ଛଡ଼ାଇନେଇଥିବା ଡିଏମ୍‌କେ ତାମିଲନାଡୁ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ବେଳେ ୧୧୪.୧୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଡିଏମ୍‌କେ ତାମିଲନାଡୁ ଓ ପଣ୍ଡିଚେରୀରେ ପ୍ରଚାର ବାବଦକୁ ୫୭.୩୩ କୋଟି ଖର୍ଚ୍ଚ କରିଥିଲା। ସେହିପରି ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସର ୮୪.୯୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ସିପିଆଇ ଏହି ବାବଦରେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ୧୩.୧୯ କୋଟି ଖର୍ଚ୍ଚ କରିଛି। ଟିଏମ୍‌ସି, କଂଗ୍ରେସ, ସିପିଆଇ ଓ କଂଗ୍ରେସ ଜାତୀୟ ଦଳ ଭାବେ ସ୍ୱୀକୃତି ପାଇଥିବାବେଳେ ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ହେଉଛନ୍ତି ଆଞ୍ଚଳିକ ଦଳ। ତେବେ କେନ୍ଦ୍ରରେ କ୍ଷମତାସୀନ ଥିବା ଭାଜପା ଗତ ନିର୍ବାଚନରେ କେଉଁ ରାଜ୍ୟରେ କେତେ ଖର୍ଚ୍ଚ କରିଛି ସେନେଇ ତଥ୍ୟ ଉପଲବ୍ଧ ନୁହେଁ।

# ନିରଞ୍ଜନଙ୍କୁ ପିସିସି ସଭାପତି ପଦରୁ ହଟାଅ

## କଂଗ୍ରେସ ଭବନରେ ଦଳୀୟ କର୍ମୀଙ୍କ ନାରାବାଜି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ପିପିଲି ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ କଂଗ୍ରେସ ଭବନ ପରିସରରେ ରବିବାର ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ହଟାଇବା ଲାଗି କଂଗ୍ରେସ ଭବନ ଆଗରେ ପ୍ରବଳ ନାରାବାଜି ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ନିରଞ୍ଜନଙ୍କ ସମର୍ଥକମାନେ କିଛି ସମୟରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ନିରଞ୍ଜନଙ୍କ ସମର୍ଥକମାନେ କହିଥିଲେ, ଏମାନେ ଆମ ଦଳର ନୁହନ୍ତି। ଏମାନେ ସବୁ ଭଡ଼ାଟିଆ। ଦଳକୁ କ୍ଷତି କରିବା ଏମାନଙ୍କ କାମ ବୋଲି କହିଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କ ସମର୍ଥକ ପିସିସି ସଭାପତିଙ୍କ ବିରୋଧରେ ଲଗାଯାଇଥିବା ବ୍ୟାନର ଖୋଲି ଦେଇଥିଲେ।

ସୂଚନାଯୋଗ୍ୟ, କେତେଜଣ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ଅପରାହ୍ନରେ କଂଗ୍ରେସ ଭବନ ଆଡ଼କୁ ଆସିଥିଲେ। ଏହି ଅବସରରେ ସେମାନେ ନିରଞ୍ଜନଙ୍କୁ ହଟାଅ ଓ କଂଗ୍ରେସ ବଞ୍ଚାଅ ନାରା ଦେଇଥିବା ବେଳେ ହାତରେ ବିଭିନ୍ନ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିରଞ୍ଜନ ଦଳର ପୁରାତନ କର୍ମୀଙ୍କୁ ହତାଦର କରିଛନ୍ତି। ହେଲେ ବାହାରୁ ଆସିଥିବା ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି। କଂଗ୍ରେସ ଭବନ ଆସୁ ନାହାନ୍ତି କି କୌଣସି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରୁନାହାନ୍ତି। ପିପିଲି, ବାଲେଶ୍ୱର, ତିର୍ତ୍ତୋଲରେ ନିରଞ୍ଜନ ଟିକେଟ୍ ବିକିଥିବା ଅଭିଯୋଗ ମଧ୍ୟ କରିଛନ୍ତି। ଶାସକ ଦଳ ସହିତ ବୁଝାମଣା କରିଥିବା ଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଆଉ ନିରଞ୍ଜନଙ୍କ ବିରୋଧରେ ଏ ଆନ୍ଦୋଳନ ଦିଲ୍ଲୀ ପର୍ଯ୍ୟନ୍ତ ଯିବ ବୋଲି ମଧ୍ୟ କର୍ମୀ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ କରିବାକୁ ଆସିଥିବା ଜଣେ କଂଗ୍ରେସ କର୍ମୀ କହିଛନ୍ତି, ଦିନକୁ ଦିନ କଂଗ୍ରେସକୁ ତଳକୁ ତଳକୁ ନେଇଯାଉଛନ୍ତି। ଲଢ଼େଇରେ ହାର୍ ଜିତ୍ ଥାଏ। କିନ୍ତୁ ବିଭିନ୍ନ ନିର୍ବାଚନରେ କଂଗ୍ରେସକୁ ବିକ୍ରି କରିଦେଉଛନ୍ତି। ତେଣୁ ପିସିସି ସଭାପତିଙ୍କୁ ହଟାଯିବା ପରେ ଜଣେ ଯୋଗ୍ୟ ପ୍ରାର୍ଥୀ ଆସିଲେ କଂଗ୍ରେସ ଆଗକୁ ଯାଇପାରିବ। ନୂଆ ସଭାପତି ଆସିଲେ ଅତି କମ୍‌ରେ କଂଗ୍ରେସ ନିର୍ବାଚନଗୁଡ଼ିକରେ ଫାଇଟ୍ କରିପାରିବ।

ସେହିପରି ଆନ୍ଦୋଳନ କରିବାକୁ ଆସିଥିବା ଅନ୍ୟ ଜଣେ କହିଛନ୍ତି, ଦିନେ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାକିରି ଛାଡ଼ି ଏହି ଦଳରେ ସାମିଲ ହୋଇଥିଲି। ଏବେ ଆଉ କଂଗ୍ରେସ ପୂର୍ବଭଳି ନାହିଁ। ବର୍ତ୍ତମାନ କଂଗ୍ରେସ କିଛି ଲୋକଙ୍କ ଦ୍ୱାରା ପରିଚାଳିତ। ନିଜର ସ୍ୱାର୍ଥ ହାସଲ କରିବାକୁ ଯାଇ ପିସିସି ସଭାପତି କଂଗ୍ରେସକୁ ବିକିଦେଲେ। ପିପିଲି ପରିସ୍ଥିତି ପାଇଁ ଦଳ ସଭାପତି ଦାୟୀ ବୋଲି ସେ କହିଛନ୍ତି। ତେବେ ଏହି ଘଟଣା ନେଇ ନିରଞ୍ଜନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ସେ ଟେଲିଫୋନ ଉଠାଇ ନ ଥିଲେ।



## ପ୍ରଦୀପ ମହାରଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ପିପିଲି, ୩।୧୦:(ଡି.ଏନ୍.ଏ/ସ୍ୱ.ପ୍ର.): ପୂର୍ବତନ ମନ୍ତ୍ରୀ ତଥା ପିପିଲିର ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପିପିଲି ବିଜେଡି କାର୍ଯ୍ୟାଳୟରେ ସ୍ୱର୍ଗତ ମହାରଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ରମା ରଞ୍ଜନ ବଳିଆରସିଂ ଓ ବିଜୟୀ ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।



ପିପିଲି ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବା ପରେ ଭୁବନେଶ୍ୱରସ୍ଥିତ ଦଳର ରାଜ୍ୟ କାର୍ଯ୍ୟାଳୟରେ ଖୁସିର ପରିବେଶ।




ପିପିଲି ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଭୁବନେଶ୍ୱର କଂଗ୍ରେସ ଭବନଠାରେ ଅସନ୍ତୁଷ୍ଟ ଗୋଷ୍ଠୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଏକତ୍ର ହୋଇଛନ୍ତି।

# ଉପନିର୍ବାଚନରେ ଜିତି ପାରୁନାହାନ୍ତି ବିରୋଧୀ

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ବରଗଡ଼ ବିଜେପୁର ଉପନିର୍ବାଚନ ହେଉ କି ବାଲେଶ୍ୱର ସଦର ବା ତିର୍ତ୍ତୋଲ ବା ସଦ୍ୟ ସମାପ୍ତ ପିପିଲି ଉପନିର୍ବାଚନ ସବୁଠାରେ ବିଜେଡି ବାଜିମାତ୍ କରୁଛି। ଯେତେ ଚେଷ୍ଟା କଲେବି ବିରୋଧୀ ଭାଜପା କିମ୍ବା କଂଗ୍ରେସ ଉପନିର୍ବାଚନରେ ବିଜୟର ସ୍ୱାଦ ପାଇପାରୁ ନାହାନ୍ତି। ବିଜେପୁର କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ପରେ ୨୦୧୮ ଫେବୃୟାରୀ ୨୮ରେ ସେଠାରେ ଉପନିର୍ବାଚନ ହୋଇଥିଲା। ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡି ଟିକେଟ ଦେଇ ଛିଡ଼ା କରିଥିଲା। ଉକ୍ତ ଉପନିର୍ବାଚନରେ ରୀତା ରେକର୍ଡ ସଂଖ୍ୟକ ୧,୦୧,୪୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଶୋକ ପାଣିଗ୍ରାହୀ ୫୯,୮୯୬ ଖଣ୍ଡ ଭୋଟ ପାଇଥିଲେ।

ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ବାଲେଶ୍ୱର ସଦର ଆସନରୁ ବିଜୟୀ ହୋଇଥିବା ଭାଜପା ବିଧାୟକ ମଦନ ମୋହନ ଦତ୍ତ ଏବଂ ଜଗତ୍‌ସିଂହପୁର ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସଙ୍କ ମୃତ୍ୟୁ ପରେ ଉଭୟ ସ୍ଥାନରେ ୨୦୨୦ ନଭେମ୍ବରରେ ଉପନିର୍ବାଚନ ହୋଇଥିଲା। ବାଲେଶ୍ୱର ସଦର ଆସନରେ ଭାଜପା ବିଧାୟକ ମଦନ ମୋହନ ଦତ୍ତଙ୍କ ପୁଅ ମାନସଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରାଯାଇଥିଲେ ସୁଦ୍ଧା ସେ ବାପାଙ୍କ ଆସନକୁ ସୁରକ୍ଷିତ ରଖିବାରେ ବିଫଳ ହୋଇଥିଲେ। ସେଠାରେ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ବିଜୟୀ ହୋଇଥିଲେ। ମାନସଙ୍କୁ ୭୦, ୭୪୬ ଭୋଟ ମିଳିଥିବାବେଳେ ସ୍ୱରୂପଙ୍କୁ ୮୪, ୦୯୭ ଖଣ୍ଡ ଭୋଟ ମିଳିଥିଲା। ଅପରପକ୍ଷରେ ତିର୍ତ୍ତୋଲରେ ବିଷ୍ଣୁ ଦାସଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେଡି ବିଷ୍ଣୁଙ୍କ ପୁଅ ବିଜୟ ଶଙ୍କର ଦାସଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପାରୁ ରାଜକିଶୋର ବେହେରା ଏବଂ କଂଗ୍ରେସରୁ ହିମାଂଶୁ ଭୂଷଣ ମଲ୍ଲିକ ପ୍ରାର୍ଥୀ ହୋଇଥିଲେ। ଉକ୍ତ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟଙ୍କୁ ୮୮,୩୧୦ ଖଣ୍ଡ ଭୋଟ ମିଳିଥିବାବେଳେ ଭାଜପା ପ୍ରାର୍ଥୀ ରାଜକିଶୋରଙ୍କୁ ୪୬, ୬୦୭ ଏବଂ କଂଗ୍ରେସପ୍ରାର୍ଥୀ ହିମାଂଶୁଙ୍କୁ ୨୮,୭୭୮ ଖଣ୍ଡ ଭୋଟ ମିଳିଥିଲା। ଉପରୋକ୍ତ ଉପନିର୍ବାଚନର ଫଳାଫଳକୁ ଅନୁଧ୍ୟାନ କଲେ ମତଦାତାଙ୍କୁ ମନାଇବାରେ ବିରୋଧୀ ଦଳଗୁଡ଼ିକ ସଫଳ ହୋଇପାରୁ ନ ଥିବା ମନେ ହେଉଛି।

ଧରିତ୍ରୀ
DHARITRI
ସୋମବାର, ଅକ୍ଟୋବର ୪/୨୦୨୧ | Monday, October 4/2021 | ପୃଷ୍ଠା-୧



**୫ ବର୍ଷ ତିଷ୍ଠିଥିଲା ପ୍ରଥମ ପ୍ରେମ**
ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ୨୧ ବର୍ଷ ବୟସରେ ସତସତିକା ପ୍ରେମରେ ପଡ଼ିଥିଲେ। ଏହି ସମ୍ପର୍କ ୫ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ୧୨

୧୪ **ମାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍**
ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଗ୍ଲେନ୍ ମାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।



# ଶାହରୁଖଙ୍କ ପୁଅ ଆର୍ଯ୍ୟନ ଗିରଫ

**ସମୁଦ୍ର ଭିତରେ କ୍ରୁଜ୍ ଜାହାଜରେ ଚାଲିଥିଲା ଡ୍ରଗ୍ସ ପାର୍ଟି। ରାତିଅଧିଆ ଚଢ଼ାଉ କଲା ଏନ୍‌ସିବି। ଧରାପଡ଼ିଲେ କିଙ୍ଗ୍‌ଖାନ୍ ଶାହରୁଖ୍‌ଙ୍କ ପୁଅ ଆର୍ଯ୍ୟନ ଏବଂ ଅନ୍ୟ ୭ ଜଣ। ଏହି ହାଇପ୍ରୋଫାଇଲ୍ ରେଡ୍ ବେଳେ ସେମାନଙ୍କଠାରୁ ୧୩ ଗ୍ରାମ୍ କୋକେନ, ୨୧ ଗ୍ରାମ୍ ଚରସ୍, ୨୨ ଏମ୍‌ଡିଏମ୍‌ଏ ବଟିକା ଏବଂ ୫ ଗ୍ରାମ୍ ଏମ୍‌ଡି ମିଳିଥିବା ଏନ୍‌ସିବି କହିଛି। ଆର୍ଯ୍ୟନଙ୍କ ସମେତ ତାଙ୍କ ବନ୍ଧୁ ଅରବାଜ୍ ମର୍ଚାଣ୍ଟ ଏବଂ ମୁନ୍‌ମୁନ୍ ଧମେଚାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟରେ ହାଜର କରାଯିବା ପରେ ସେମାନଙ୍କୁ ଦିନକ ପାଇଁ ଏନ୍‌ସିବି ହାଜତକୁ ପଠାଇଦିଆଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ କେବଳ ବଲିଉଡ୍ କି ମୁମ୍ବାଇ ନୁହେଁ, ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଗୁଜରାଟର ମୁନ୍ଦ୍ରା ପୋର୍ଟରୁ ନିକଟରେ ୨୧ ହଜାର କୋଟି ଟଙ୍କାର ହେରୋଇନ ଜବତ ଘଟଣାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ସଦ୍ୟ ଚଢ଼ାଉ କରାଯାଇଥିବା କଂଗ୍ରେସ ଅଭିଯୋଗ ଆଣିଛି।**

## ସମୁଦ୍ରରେ ଡ୍ରଗ୍ସ ପାର୍ଟି
## ଯାତ୍ରୀ ହୋଇ ସାଦା ପୋଷାକରେ ଯାଇଥିଲା ଏନ୍‌ସିବି ଟିମ୍


ଆର୍ଯ୍ୟନ ଖାନ୍



ଏନ୍‌ସିବି ଚଢ଼ାଉ କରିଥିବା ଜାହାଜ ।

**ମୁମ୍ବାଇ, ୩।୧୦**

ସମୁଦ୍ରରେ ଏକ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି କରିବା ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ରବିବାର ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍(୨୩)ଙ୍କୁ ଗିରଫ କରିଛି। ଆର୍ଯ୍ୟନଙ୍କ ବନ୍ଧୁ ଅରବାଜ୍ ମର୍ଚାଣ୍ଟ ଏବଂ ମୁନ୍‌ମୁନ୍ ଧମେଚା ମଧ୍ୟ ଚଢ଼ାଉବେଳେ ଧରାପଡ଼ିଛନ୍ତି। ସେମାନଙ୍କୁ ସନ୍ଧ୍ୟାରେ ମୁମ୍ବାଇସ୍ଥିତ ଏକ ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଯାଇଛି। ଆରବ ସାଗର ଦେଇ ଶନିବାର ମୁମ୍ବାଇରୁ ଗୋଆ ଯାଉଥିବା ଏକ ଜାହାଜରେ ଅରବାଜ୍ ଓ ମୁନ୍‌ମୁନ୍‌ଙ୍କ ସମେତ ୮ ଜଣ ଡ୍ରଗ୍ସ ପାର୍ଟି କରୁଥିଲେ। ସେମାନଙ୍କଠାରୁ ☞ପୃଷ୍ଠା-୨

## ଗୁଜରାଟ ଡ୍ରଗ୍ସ ଜବତ ଘଟଣାରୁ ଧ୍ୟାନ ହଟାଇବାକୁ ଉଦ୍ୟମ

**ପଣଜୀ, ୩।୧୦**

ଗୁଜରାଟର ମୁନ୍ଦ୍ରା ପୋର୍ଟରୁ ଗତ ମାସରେ ବିପୁଳ ପରିମାଣର ଡ୍ରଗ୍ସ ଜବତ ଘଟଣା ଉପରୁ ଧ୍ୟାନ ହଟାଇବାକୁ ମୁମ୍ବାଇରୁ ଗୋଆ ଯାଉଥିବା ଏକ କ୍ରୁଜ୍ ଶିପ୍‌ରେ ଏନ୍‌ସିବି ଚଢ଼ାଉ କରିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଅଦାନୀ ଗ୍ରୁପ୍ ପରିଚାଳିତ ଗୁଜରାଟର କଚ୍ଛ ଜିଲା ମୁନ୍ଦ୍ରା ବନ୍ଦରରୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍‌ଆଇ) ଗତ ମାସରେ ୨,୯୮୮.୨୧ କିଲୋଗ୍ରାମର ହେରୋଇନ୍ ଜବତ କରିଥିଲା। ଏହାର ମୂଲ୍ୟ ପ୍ରାୟ ୨୧ ହଜାର କୋଟି ଟଙ୍କା ହେବ। ଏହି ଘଟଣା ଉପରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ ଏପରି କରାଯାଇଥିବା କଂଗ୍ରେସ ମୁଖପାତ୍ର ଶାମା ମହମ୍ମଦ କହିଛନ୍ତି। ବଲିଉଡ୍ ଅଭିନେତାଙ୍କ ପୁଅଙ୍କୁ ଏନ୍‌ସିବି ଗିରଫ କରିଛି। ତେବେ ଏହି ଡ୍ରଗ୍ସ କେଉଁଠୁ ଆସିଲା। ☞ପୃଷ୍ଠା-୨

# ବିଜେଡି ପିପିଲି ଜିତିଲା

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**

- ରୁଦ୍ରଙ୍କୁ ୯୬,୯୭୨, ଆଶ୍ରିତଙ୍କୁ ୭୬,୦୫୬
- ଅମାନତ ହରାଇଲା କଂଗ୍ରେସ

ପିପିଲି ଉପନିର୍ବାଚନର ଫଳାଫଳ ରବିବାର ପ୍ରକାଶ ପାଇଛି। ପିପିଲି ଭୋଟ୍‌ର ପୁଣି ଥରେ ଶାସକ ଦଳ ଉପରେ ଭରସା କରିଛନ୍ତି। ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ୨୦,୯୧୬ ଭୋଟ୍‌ରେ ହରାଇ ବାପା ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଗଡ଼କୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ରୁଦ୍ରଙ୍କୁ ୯୬,୯୭୨ ଖଣ୍ଡ ଭୋଟ୍ ମିଳିଥିବାବେଳେ ଆଶ୍ରିତଙ୍କୁ ୭୬,୦୫୬ ଭୋଟ୍ ମିଳିଛି। କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ଅମାନତ ହରାଇଛନ୍ତି। ତାଙ୍କୁ ମାତ୍ର ୪,୨୬୧ ଖଣ୍ଡ ଭୋଟ୍ ମିଳିଛି।

ରବିବାର ସନ୍ଧ୍ୟାରେ ଭୋଟ୍ ଗଣତି ସରିବା ପରେ ପୁରୀ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ପ୍ରଦୀପ କୁମାର ସାହୁ ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପଙ୍କ ବିଜୟ ନେଇ ଘୋଷଣା କରିଛନ୍ତି। ବାପା ପ୍ରଦୀପ ମହାରଥୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ରୁଦ୍ରପ୍ରତାପଙ୍କ ବିଜୟ ତାଙ୍କୁ ଉଲ୍ଲସିତ କରିଥିବାବେଳେ ଦଳରେ ଖୁସିର ପରିବେଶ ସୃଷ୍ଟି କରିଛି। ବାପାଙ୍କୁ ଏହା ତାଙ୍କର ବିଜୟ ଭେଟି ବୋଲି ସମର୍ଥକମାନେ ମତବ୍ୟକ୍ତ କରିଛନ୍ତି। ଡେଲାଙ୍ଗ ବ୍ଲକ୍, ପିପିଲି ବ୍ଲକ୍ ଓ ପିପିଲି ବିଜ୍ଞପିତ ଅଞ୍ଚଳ ☞ପୃଷ୍ଠା-୨


ରୁଦ୍ରପ୍ରତାପ ମହାରଥୀ

# ତୈଳ ଦରରେ ଲଗାମ ଲାଗୁନି

**ଭୁବନେଶ୍ୱର/ନୂଆଦିଲ୍ଲୀ,୩।୧୦**

**୧୦ ଦିନରେ ପେଟ୍ରୋଲ ୧.୨୩, ଡିଜେଲ ୨.୩୭ ଟଙ୍କା ବଢ଼ିଲାଣି**

କ୍ରମାଗତ ଚତୁର୍ଥ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ଡିଜେଲ ୩୩ ପଇସା ଏବଂ ପେଟ୍ରୋଲ ୨୬ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୮.୯୮ଟଙ୍କା ଏବଂ ପେଟ୍ରୋଲ ୧୦୩.୨୭ ଟଙ୍କାରେ ବିକ୍ରି ହେଉଛି। ଏପରି କି ଗତ ୧୦ ଦିନ ମଧ୍ୟରେ ପେଟ୍ରୋଲ ୫ଥରରେ ୧.୨୩ ଟଙ୍କା ଏବଂ ଡିଜେଲ ୮ଥର ୨.୩୭ ଟଙ୍କା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ପ୍ରତିରକ୍ଷା ବିପନ୍ନ

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କ ବଦଳରେ ବହୁରାଷ୍ଟ୍ରୀୟ କମ୍ପାନୀକୁ ପ୍ରୋତ୍ସାହିତ କରୁଛନ୍ତି। ଆମାଜନ ଭାରତରେ ବ୍ୟବସାୟ ପାଇଁ ଆଇନଗତ ଲଢ଼େଇରେ ୮ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା ମାମଲାର ବିଚାର ସୁପ୍ରିମକୋର୍ଟର ଜଣେ ବିଚାରପତି କରନ୍ତୁ।

**-ଦିଗ୍‌ବିଜୟ ସିଂ, କଂଗ୍ରେସ ନେତା**




# ମମତାଙ୍କ ମୁଖ୍ୟମନ୍ତ୍ରୀ ଆସନ ସୁରକ୍ଷିତ

**କୋଲକାତା,୩।୧୦**

- ୫୮,୮୩୨ ଭୋଟ୍ ବ୍ୟବଧାନରେ ବଡ଼ ବିଜୟ
- ସମଶେରଗଞ୍ଜ ଓ ଜାଙ୍ଗିପୁର ଆସନ ବି ପୁନଃ ଦଖଲ କଲା ଟିଏମ୍‌ସି

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର ଭବାନୀପୁର ଉପନିର୍ବାଚନରେ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରିୟଙ୍କା ଟିବ୍ରେୱାଲଙ୍କୁ ୫୮,୮୩୨ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଏହି ଉପନିର୍ବାଚନରେ ବିଜୟୀ ହେବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତାଙ୍କ ମୁଖ୍ୟମନ୍ତ୍ରୀ ଆସନ ସୁରକ୍ଷିତ ହୋଇଯାଇଛି। ଏତିକି ନୁହେଁ, ମୁର୍ଶିଦାବାଦର ସମଶେରଗଞ୍ଜ ଓ ଜାଙ୍ଗିପୁର ନିର୍ବାଚନମଣ୍ଡଳୀରେ ମଧ୍ୟ ମମତାଙ୍କ ଦଳ ପୂର୍ବ ନିର୍ବାଚନର ରେକର୍ଡ ଭାଙ୍ଗି ବିପୁଳ ବିଜୟ ହାସଲ କରିଛି। ଟିଏମ୍‌ସି ସମର୍ଥକମାନେ ବିଜୟ ଉତ୍ସବ ମନାଉଥିବାବେଳେ ବିରୋଧୀ ଭାଜପା ଏବଂ ବାମପନ୍ଥୀ ଶିବିରରେ ନୈରାଶ୍ୟ ଖେଳିଯାଇଛି।

ଗତ ଏପ୍ରିଲ-ମେ’ରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମମତା ତାଙ୍କ ପୂର୍ବ ସହଯୋଗୀ ତଥା ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କୁ ଟକ୍କର ଦେବାକୁ ଯାଇ ନନ୍ଦିଗ୍ରାମ ଆସନରୁ ଖୁବ୍ କମ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଶୁଭେନ୍ଦୁ ନିର୍ବାଚନ ଜିତି ☞ପୃଷ୍ଠା-୨


ମମତା ବାନାର୍ଜୀ

# ୩ ଓଡ଼ିଆଙ୍କୁ ହତ୍ୟା, ଦାୟୀ କିଏ

**ଭୁବନେଶ୍ୱର,୩।୧୦**

ଓଡ଼ିଶାର ରାୟଗଡ଼ା ଜିଲାସ୍ଥିତ ଉତ୍କଳ ଆଲୁମିନା ବିଷୟରେ ପୂର୍ବରୁ ଦିଆଯାଇଥିବା କେତୋଟି ରିପୋର୍ଟର ଏହା ୩ୟ ଭାଗ। ସେହି ସ୍ଥାନକୁ ଯିବାପରେ ଧରିତ୍ରୀ ସାମ୍ବାଦିକଙ୍କୁ ମିଳିଥିବା ତଥ୍ୟ ଅନୁଯାୟୀ ଆଦିତ୍ୟ ବିର୍ଲାର ଏହି କମ୍ପାନୀ ସ୍ଥାନୀୟ ବାସିନ୍ଦାଙ୍କ ଉପରେ କଠୋର ଦମନଲୀଳା ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି କରିଆସୁଛି। କମ୍ପାନୀର ଏହି ନୃଶଂସ ଦମନ କାର୍ଯ୍ୟରେ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ସକ୍ରିୟ ସହଯୋଗ ଅବ୍ୟାହତ ରହିଥିବା ବିଷୟ ଜଣାପଡ଼ିଛି।

ଟିକିରି ଅଞ୍ଚଳ ବାଗିରଝୋଲା ଗାଁର ଦାମୋଦର ଝୋଡ଼ିଆ, ରଘୁନାଥ ଝୋଡ଼ିଆ ଏବଂ ମାଇକଇଁଚ ଗ୍ରାମର ଅଭିଲାଷ ଝୋଡ଼ିଆଙ୍କୁ ୧୯୯୯ ଡିସେମ୍ବର ୧୬ରେ ପୋଲିସ ଗୁଳିକରି ହତ୍ୟା କରିଛି। ଟିକିରି ନୂଆପଡ଼ାଠାରେ ଯେତେବେଳେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା କମ୍ପାନୀ ଆସିଲା ସେତେବେଳେ ୨୪ଟି ଗାଁର ଜମି ନେବାକୁ ଚେଷ୍ଟା କଲା। ହେଲେ ଦାମୋଦର, ରଘୁନାଥ ଏବଂ ଅଭିଲାଷଙ୍କ ସହ ଶତାଧିକ ଗ୍ରାମବାସୀ ଏହାକୁ ବିରୋଧ କଲେ। କମ୍ପାନୀ ଜମି ନେଇ ଯେଉଁ ଟଙ୍କା ଦେବ ତା’ର ଠିକ୍ ବ୍ୟବହାର ସେମାନେ କରିପାରିବେ ନାହିଁ ବୋଲି କହିଥିଲେ। ହେଲେ କମ୍ପାନୀ ପ୍ରତିଷ୍ଠା ହେଉ ବୋଲି ସବୁ ଦଳର ନେତାମାନେ ଚାହିଁଲେ। ୧୯୯୯ ଡିସେମ୍ବର ୧୫ରେ ନୂଆଗାଁଠାରେ ସର୍ବଦଳୀୟ ବୈଠକ ବସିବାର ଥିଲା। ନୂଆଗାଁ ଯିବା ରାସ୍ତାରେ ମାଇକଇଁଚ ଗାଁ ପଡ଼ିବ। ସେଠାରେ ସ୍ଥାନୀୟ ଗ୍ରାମବାସୀ ଆଗରୁ ପ୍ରସ୍ତୁତ ରହି ସର୍ବଦଳୀୟ ବୈଠକକୁ ତୀବ୍ର ବିରୋଧ କଲେ। ସେଥିଲାଗି ସେଦିନ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇପାରିଲା ନାହିଁ। ଏହାର ଦିନକ ପରେ ଅର୍ଥାତ୍ ଡିସେମ୍ବର ୧୬ରେ ପୋଲିସ ଫୋର୍ସ ଧରି କମ୍ପାନୀ କର୍ମଚାରୀ ଏବଂ ସବୁ ରାଜନୈତିକ ଦଳର ନେତାମାନେ ବୈଠକ କରିବା ଲାଗି ଆସିଲେ। ସେଦିନ ଆନ୍ଦୋଳନକାରୀ ଏବଂ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ଗୁଳି ଚାଳନା କରି ଦାମୋଦର, ରଘୁନାଥ ଏବଂ ଅଭିଲାଷଙ୍କ ଜୀବନ ନେଇଥିଲା। ତାହାର ଏପର୍ଯ୍ୟନ୍ତ କୌଣସି ତଦନ୍ତ କରାଯାଇ ନ ଥିବାବେଳେ ସେତେବେଳେ ଆନ୍ଦୋଳନ କରିଥିବା ଗ୍ରାମବାସୀଙ୍କ ଭୁଲ୍ ଥିବା ଦର୍ଶାଇ ଶତାଧିକ ଲୋକଙ୍କୁ ଗିରଫ କରାଗଲା। ଏହିଭଳି ଉତ୍କଳ ଆଲୁମିନା କମ୍ପାନୀ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ରାଜନେତାଙ୍କ ସହଯୋଗରେ ଜମି ହାତେଇଥିବା ବାଗିରଝୋଲା ଗାଁର ତ୍ରିପତି ଝୋଡ଼ିଆ କହିଛନ୍ତି।

ଗ୍ରାମବାସୀ ଏବେ ଟିକେ ଭଲରେ ଓଡ଼ିଆ କହିପାରୁଛନ୍ତି। ପୂର୍ବରୁ ସେମାନେ କଥା ବି ଠିକ୍‌ରେ ହୋଇପାରୁ ନ ଥିଲେ। ଏପଟ ଅଞ୍ଚଳର ଜଣେ ହେଲେ ସେତେବେଳେ ୧୦ମ ପାସ୍ କରିବା ବ୍ୟକ୍ତି ନ ଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସେଥିଲାଗି ସରକାରୀ ଅଧିକାରୀ ଏବଂ ରାଜନେତାଙ୍କୁ ହାତ କରି ଟିପଚିହ୍ନ ନେଇ ସ୍ଥାନୀୟ ଲୋକ ଏବଂ ଗ୍ରାମରେ ଥିବା ସରକାରୀ ଜମି ହାତେଇଥିବା ମଧ୍ୟ ତ୍ରିପତି ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର କମ୍ପାନୀ ବିରୋଧରେ ରାୟଗଡ଼ା ଜିଲାପାଳଙ୍କ ନିକଟରେ ଫେରାଦ ହେବାପରେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାପଡିଛି। ଏଥିରୁ ବୁଝାଯାଉଛି ଯେ, କମ୍ପାନୀର ବେଆଇନ କାର୍ଯ୍ୟକୁ ବିରୋଧ କରିବା ଅର୍ଥ ☞ପୃଷ୍ଠା-୨



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଭବାନୀ ଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ଭାତରେ ଘିଅ;**
**ଚିତା କୁଟିଦେବି ମନକୁ ଚାହିଁ,**
**ଝଟକ ଦିଶିବ ଦିହ।**

ଆଗକାଳରେ ଗାଁ ଗହଳିରେ ଝିଅ ବୋହୂମାନେ ଦେହରେ ଚିତା କୁଟାଉଥିଲେ। ସେତେବେଳେ ଦେହରେ ଚିତା କୁଟେଇବା ଏକପ୍ରକାର ଫେଶନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମନଲାଖି ଦେହରେ ଚିତା କୁଟେଇ ଶରୀରକୁ ଆକର୍ଷଣୀୟ କରିବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତଳ ହାତରେ ମୁଁ ଦେବି ;**
**ତମେ ଉପର ହାତରେ ଦେ ।**

ବେଳେବେଳେ ନିଜର ବ୍ୟକ୍ତିଗତ କାର୍ଯ୍ୟ କରାଇବାକୁ ମନ ଚାହୁଁନଥିଲେ ମଧ୍ୟ ହାତଗୁଞ୍ଜା ଦେବାକୁ ମଣିଷ ବାଧ୍ୟ ହୁଏ। ନ ହେଲେ ସେସବୁ କରାଇବା ବା ପାଇବା ଦୁଷ୍ପ୍ରାପ୍ୟ ହୋଇଯାଏ। କିଛି ପାଇବାକୁ ହେଲେ ଦେବାକୁ ପଡୁଥିବା ଭଳି ଲାଞ୍ଚ ଦିଆନିଆ ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଦୁଇଦିନ ସ୍ୱଳ୍ପ ବର୍ଷା, ବଜ୍ରପାତ

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶା, ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ତେବେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳରେ ଝଡ଼ବର୍ଷା ସହ ବଜ୍ରପାତ ହେବ। ସେହିପରି ମଙ୍ଗଳବାର ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ଝଡ଼ବର୍ଷା ଓ ବଜ୍ରପାତ ହେବାର ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି। ସେପଟେ ରବିବାର କୋରାପୁଟରେ ସର୍ବାଧିକ ୧୬ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ବାଲେଶ୍ୱର, ଅନୁଗୋଳ, ବାରିପଦା, କେନ୍ଦୁଝର, ଦାରିଙ୍ଗବାଡ଼ିରେ ମଧ୍ୟ ବର୍ଷା ହୋଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

## ଶାହରୁଖଙ୍କ ପୁଅ...

କୋକେନ୍, ମେଫୋଡ୍ରୋନ୍, ଏକ୍ସଷ୍ଟେସି, ଚରସ ସମେତ ବିଭିନ୍ନ ପ୍ରକାର ଡ୍ରଗ୍ସ ଜବତ କରାଯାଇଛି ବୋଲି ଏନ୍‌ସିବି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଖବର ଶୁଣିବା ପରେ କିଙ୍ଗ୍ ଖାନ୍ ଶାହରୁଖ୍ ପୁଅ ଆର୍ୟନଙ୍କୁ ମୁକୁଳାଇବା ପାଇଁ ଓକିଲଙ୍କ ସହ ପରାମର୍ଶ ଆରମ୍ଭ କରିଛନ୍ତି। ସ୍ପେନରେ ହେବାକୁ ଥିବା 'ପଠାନ୍' ଫିଲ୍ମର ଶୁଟିଂକୁ ସେ ବାତିଲ କରିପାରନ୍ତି ବୋଲି କୁହାଯାଉଛି। ଏନ୍‌ସିବି ସୂଚନା ଅନୁଯାୟୀ, ମୁମ୍ବାଇରୁ ଶନିବାର ଗୋଆ ଯିବାକୁ ଥିବା ଯାତ୍ରୀବାହୀ ଜାହାଜରେ ଡ୍ରଗ୍ସ ପାର୍ଟି ହେବା ସମ୍ପର୍କରେ କିଛି ଦିନ ପୂର୍ବରୁ ଖବର ମିଳିଥିଲା। ତେଣୁ ଏନ୍‌ସିବିର ଏକ ସ୍ୱତନ୍ତ୍ର ଟିମ୍ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ସେଥିରେ ଆଗୁଆ ଟିକେଟ୍ ବୁକ୍ କରିଥିଲା। ଜାହାଜରେ ଗୋଟିଏ ଟିକେଟର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ଥିଲା। ଯୋଜନା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟାରେ ୨୦ ଜଣ ଏନ୍‌ସିବି ଅଧିକାରୀ ସାଦା ପୋଷାକରେ ଜାହାଜରେ ଯାତ୍ରା କରିଥିଲେ। ରାତି ୨ଟାରେ ଅଭିଯୁକ୍ତମାନେ ଡ୍ରଗ୍ସ ପାର୍ଟି ଆରମ୍ଭ କରିବା ପରେ ଏନ୍‌ସିବି ଟିମ୍ ସେମାନଙ୍କୁ ଧରିଥିଲା। ପରେ ଜାହାଜରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବା କହି ଏହାକୁ ଦକ୍ଷିଣ ମୁମ୍ବାଇର ବାଲାର୍ଡ ପିଅର ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲକୁ ନେବା ପାଇଁ କ୍ୟାପ୍ଟେନ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଆଣି ଏନ୍‌ସିବି ଟିମ୍ ପଚରାଉଚରା କରିବା ପରେ ଆର୍ୟନଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଏନ୍‌ସିବି ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପରେ ଦିନକିଆ ରିମାଣ୍ଡରେ ନେଇଛି। ନୁପୁର ସାରିକା, ଇସ୍‌ମୀତ୍ ସିଂ, ମୋହାକ୍ ଯଶୱାଲ, ବିକ୍ରାନ୍ତ ଛୋକର, ଗୋମିତ ଚୋପ୍ରାଙ୍କୁ ମଧ୍ୟ ପଚରାଉଚରା ଚାଲିଛି। ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ଏନ୍‌ଡିପିସି) ଆକ୍ଟ ଧାରା ୬୭ ଅନୁସାରେ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ଏନ୍‌ସିବିର ଜଣେ ଅଧିକାରୀ କହିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଡ୍ରଗ୍ସ ପାର୍ଟିରେ ସାମିଲ ଥିବା ସମସ୍ତଙ୍କ ବ୍ୟାଗ୍, ମୋବାଇଲ, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ସମେତ ଅନ୍ୟ ମେଡିକାଲ ଯାଞ୍ଚ କରାଯାଇଛି। ପାର୍ଟି ଆୟୋଜନ କରିଥିବା ୬ ଆୟୋଜକଙ୍କୁ ଏନ୍‌ସିବି ସମନ କରିଛି। ଏଫ୍‌ଟିଭି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କଶିଫ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ ଏହି ପାର୍ଟି ଆୟୋଜନ ହୋଇଥିବା କୁହାଯାଉଥିବାବେଳେ ସେ ଏନ୍‌ସିବି ସ୍କାନରରେ ରହିଛନ୍ତି।

## ଗୁଜରାଟ ଡ୍ରଗ୍ସ ଜବତ ଘଟଣାରୁ...

କାହିଁକି ଏହାର ତଦନ୍ତ ହେଉନାହିଁ ଏବଂ କେଉଁ କାରଣରୁ ଏଭଳି ସଙ୍ଗିନ ଘଟଣାକୁ ଅଣଦେଖା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁନ୍ଦ୍ରା ବନ୍ଦର ଦେଇ ଡ୍ରଗ୍ସ କାର୍ଟେଲ ଚାଲିଛି। ଆଫଗାନିସ୍ତାନରୁ ଭାରତକୁ ଡ୍ରଗ୍ସ ଚୋରାଚାଲାଣ ହେଉଛି। ଗୁଜରାଟ ଡ୍ରଗ୍ସ ଚୋରା କାରବାରର ହବ୍ ପାଲଟିଛି। ଏହି ବାସ୍ତବ ଘଟଣାକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଏନ୍‌ସିବି ଦ୍ୱାରା ହଠାତ୍ ଏପରି ଚଢ଼ାଉ କରାଯାଇଥିବା ଶାମା ଅଭିଯୋଗ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଗୃହ ରାଜ୍ୟରେ ଏହା ଘଟୁଥିବାବେଳେ ସେମାନେ କାହିଁକି ଏ ପ୍ରସଙ୍ଗରେ ଚୁପ୍ ଅଛନ୍ତି ବୋଲି ସେ କହିଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରିଛି।

## ମମତାଙ୍କ ମୁଖ୍ୟମନ୍ତ୍ରୀ ...

ବିଧାନସଭାରେ ବିରୋଧୀ ଦଳ ନେତା ହୋଇଥିବାବେଳେ ମମତା ଏହି ଫଳାଫଳକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ରହିବା ପାଇଁ ତାଙ୍କୁ ୬ ମାସ ଭିତରେ ବିଧାନସଭାକୁ ନିର୍ବାଚିତ ହେବା ଜରୁରୀ ଥିଲା। ତେଣୁ ଟିଏମ୍‌ସି ଟିକେଟରେ ୨୮ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଜିତିଥିବା ମନ୍ତ୍ରୀ ଶୋଭନଦେବ ଚଟ୍ଟୋପାଧ୍ୟାୟ ଭବାନୀପୁର ଆସନ ମମତାଙ୍କ ପାଇଁ ଛାଡ଼ିଦେଇଥିଲେ। ୨୦୧୧ ଓ ୨୦୧୬ରେ ମମତା ଏହି ଆସନରୁ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଚଳିତ ଉପନିର୍ବାଚନରେ ଭବାନୀପୁରରୁ ଭାଜପା ପ୍ରିୟଙ୍କା ଟିବ୍ରେୱାଲଙ୍କୁ ପ୍ରାର୍ଥୀ କରିଥିବାବେଳେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)ର ଶ୍ରୀଜୀବ ବିଶ୍ୱାସଙ୍କୁ ଟିକେଟ ଦେଇଥିଲା। କଂଗ୍ରେସ ଏଠାରେ ପ୍ରାର୍ଥୀ ଦେଇ ନ ଥିଲା। ଗୁରୁବାର ଭୋଟ ଗ୍ରହଣ କରାଯାଇଥିଲା। ଦକ୍ଷିଣ କୋଲକାତାର ଏହି ଆସନରେ ୫୭.୦୯% ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ରବିବାର ଏହାର ଭୋଟ ଗଣତି କରାଯାଇଛି। ମମତାଙ୍କ ଉପରେ ତାଙ୍କ ପୁରୁଣା ମତଦାତା ପୁନଃ ଆସ୍ଥା ପ୍ରକଟ କରି ୮୪,୭୦୯ ଭୋଟ ଦେଇଛନ୍ତି। ୪୧ ବର୍ଷୀୟା ଭାଜପା ପ୍ରାର୍ଥୀ ପ୍ରିୟଙ୍କା ଜଣେ ଓକିଲ ଓ ସ୍ଥାନୀୟ ବାସିନ୍ଦା। ନିର୍ବାଚନ ପରବର୍ତ୍ତୀ ହିଂସାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ସେ ପିଟିଶନ ଦାଏର କରି ଚର୍ଚ୍ଚିତ ହୋଇଥିଲେ। ତାଙ୍କୁ ୨୬,୩୨୦ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରିୟଙ୍କା ପରାଜୟ ସତ୍ତ୍ୱେ ନିଜକୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରିଛନ୍ତି। ସିପିଆଇଏମ୍‌କୁ ମାତ୍ର ୪୨୦୧ ଖଣ୍ଡ ଭୋଟରେ ସୀମିତ ରହିବାକୁ ପଡ଼ିଛି। କେବଳ ଏତିକି ନୁହେଁ, ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତା ୨୦୧୧ର ଭୋଟ ବ୍ୟବଧାନ(୫୪,୨୧୩)କୁ ମଧ୍ୟ ଏଥର ବଢ଼ାଇଦେଇଛନ୍ତି। ବିପୁଳ ବ୍ୟବଧାନରେ ଐତିହାସିକ ବିଜୟ ପରେ ମମତା ତାଙ୍କ ବାସଭବନ ଆଗରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ତିନୋଟି ଅଙ୍ଗୁଳିରେ ବିଜୟ ସଙ୍କେତ ଦେଖାଇ ଭବାନୀପୁର ଭୋଟରଙ୍କୁ ଧନ୍ୟବାଦ ଦେଇଛନ୍ତି। ଟିଏମ୍‌ସି ନେତ୍ରୀ କହିଛନ୍ତି, ପଶ୍ଚିମବଙ୍ଗବାସୀ ଏହି ପରିଣାମକୁ ଅପେକ୍ଷା କରିଥିଲେ। ଭବାନୀପୁର ଜନତା ନନ୍ଦିଗ୍ରାମରେ ତାଙ୍କୁ ହରାଇବା ପାଇଁ ହୋଇଥିବା ଷଡ଼ଯନ୍ତ୍ରକାରୀଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି। ତେବେ ଏହି ପ୍ରସଙ୍ଗ କୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ ସେ ଅଧିକ କିଛି କହିବାକୁ ଚାହୁଁ ନାହାନ୍ତି। ତେବେ ଏଥର ୩ଟି ଯାକ ଆସନରେ ସଫଳତା ମିଳିଛି। ତେଣୁ ସେ ୩ ଅଙ୍ଗୁଳି ଦେଖାଉଛନ୍ତି।

## ବିଜେଡି ପିପିଲି ...

ପରିଷଦର ଭୋଟ୍‌ରଙ୍କ ମତଦାନକୁ ନେଇ ୨୫ ରାଉଣ୍ଡ ଗଣନା ହୋଇଥିଲା। ପ୍ରଥମ ରାଉଣ୍ଡରୁ ହିଁ ରୁଦ୍ରପ୍ରତାପ ୧୪୦୦ରୁ ଅଧିକ ଭୋଟ୍‌ରେ ଭାଜପା ପ୍ରାର୍ଥୀ ଆଶ୍ରିତଙ୍କଠାରୁ ଆଗୁଆ ଥିଲେ। ଏହାପରଠୁ ଶେଷ ରାଉଣ୍ଡ ପର୍ଯ୍ୟନ୍ତ ସେ ଆଗରେ ରହିଥିଲେ। ୧୯, ୨୦, ୨୨ ଓ ୨୪ ତମ ରାଉଣ୍ଡରେ ଆଶ୍ରିତ ରୁଦ୍ରଙ୍କଠାରୁ ଅଧିକ ଭୋଟ୍ ପାଇ ମଧ୍ୟ ଦ୍ୱିତୀୟ ସ୍ଥାନରେ ହିଁ ରହିଥିଲେ। ଡେଲାଙ୍ଗରେ ବିଜେଡି ଅନ୍ତଃକନ୍ଦଳରୁ ଫାଇଦା ଉଠାଇବା ଲକ୍ଷ୍ୟରେ ଭାଜପା ସେଠାରେ ସର୍ବାଧିକ ସମୟ ପ୍ରଚାରରେ ଅତିବାହିତ କରିଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ପିପିଲି ବ୍ଲକ୍ ରୂପଦେଇପୁର, ରଥପୁରୁଷୋତ୍ତମପୁର ଭଳି କିଛି ହାତଗଣତି ସ୍ଥାନରେ ଭାଜପା ବିଜେଡିଠାରୁ ଅଧିକ ଭୋଟ୍ ହାତେଇବାରେ ସମର୍ଥ ହୋଇପାରିଛି। ଅନ୍ୟପକ୍ଷରେ କଂଗ୍ରେସ ନିଜର ପୂର୍ବ ଭୋଟ୍‌ବ୍ୟାଙ୍କକୁ ମଧ୍ୟ ରଖିବାରେ ସମ୍ଭବ ହୋଇପାରିନାହିଁ। କଂଗ୍ରେସ ୫ ହଜାରରୁ କମ୍ ଭୋଟ୍ ପାଇଥିବା ବେଳେ ଏକ ସିଂହ ଭାଗ ଭୋଟ୍ ଡେଲାଙ୍ଗ ବ୍ଲକ୍‌ରୁ ପାଇଛି। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ସିପିଆଇଏମ୍ ପ୍ରାର୍ଥୀ ଅଶୋକ ପ୍ରଧାନଙ୍କୁ ୮୯୮, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଜୟପ୍ରକାଶ ସେଠୀଙ୍କୁ ୪୫୫, କଳିଙ୍ଗ ସେନାର ପ୍ରାର୍ଥୀ ପିଙ୍କଲିନ୍ ମହାନ୍ତିଙ୍କୁ ୧୫୬, ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆର ପ୍ରାର୍ଥୀ ମହମ୍ମଦ ଇମାମୁଦ୍ଦିନ୍‌ଙ୍କୁ ୨୪୪, ସ୍ୱାଧୀନ ପ୍ରାର୍ଥୀ ନଗେନ୍ଦ୍ରନାଥ ମିଶ୍ରଙ୍କୁ ୪୧୪, ସୁଲୋଚନା ସାହୁଙ୍କୁ ୨୬୬ ଓ ସ୍ୱପ୍ନେଶ୍ୱର ନାୟକଙ୍କୁ ୩୭୭ ଖଣ୍ଡ ଭୋଟ୍ ମିଳିଛି। ସମୁଦାୟ ୧ ଲକ୍ଷ ୮୦ ହଜାର ୯୯ ଭାଲିଡ୍ ଭୋଟ୍ ଗଣନା ହୋଇଛି। ୮୯୩ଟି ପୋଷ୍ଟାଲ ଭୋଟ୍ ମିଳିଥିବାବେଳେ ତନ୍ମଧ୍ୟରୁ ବିଜେଡିକୁ ୫୮୦, ଭାଜପାକୁ ୨୮୬ ଓ କଂଗ୍ରେସକୁ ୨୪ଟି ମିଳିଛି। ଅନ୍ୟ ପ୍ରାର୍ଥୀମାନଙ୍କୁ ୩ଟି ପୋଷ୍ଟାଲ ଭୋଟ୍ ମିଳିଛି। ସେହିପରି ୧୩୬ ଖଣ୍ଡ ଭୋଟ୍ ନାକଚ ହୋଇଥିବା ରିଟର୍ନିଂ ଅଫିସର ସାହୁ ସୂଚନା ଦେଇଛନ୍ତି।

ବିଜେଡି ପ୍ରାର୍ଥୀ ବିଜୟ ଘୋଷଣା ପରେ ଦଳର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ, ପିପିଲି, ଡେଲାଙ୍ଗ ସମେତ ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀ ଏବଂ ସମର୍ଥକମାନେ ବାଣ ଫୁଟାଇ, ନାଚଗୀତ କରି, ବାଜା ବଜାଇ ଓ ମିଠା ବାଣ୍ଟି ଖୁସି ମନାଉଥିବା ଦେଖିବାକୁ ମିଳିଥିଲା।

> ନିର୍ବାଚନ ସମୟରେ କହିଥିଲି, ବିରୋଧୀଙ୍କ ପ୍ରଳାପର ଉତ୍ତର ପିପିଲି-ଡେଲାଙ୍ଗବାସୀ ଦେବେ। ପିପିଲି ଇତିହାସର ସର୍ବାଧିକ ମତଦାନ ଚଳିତ ବର୍ଷ ହୋଇଥିଲା। ବର୍ଷୀୟାନ୍ ନେତା ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ତାଙ୍କ ପ୍ରତି ଥିବା ଅକୁଣ୍ଠ ସମର୍ଥନ ବିଜୟ ଆକାରରେ ପ୍ରତିଫଳିତ ହୋଇଛି। ନିର୍ବାଚନ ଜିତିବା ପରେ ଏବେ ସବୁଠାରୁ ବଡ଼ କାମ ହେଉଛି ସବୁ ପଞ୍ଚାୟତରେ ପହଞ୍ଚିବା। ଜନତାଙ୍କ ଆଦେଶରେ ପିପିଲିର ବିକାଶ ରଥ ପୁଣି ଥରେ ଆଗକୁ ଗଡ଼ିବ। ବାପା ଛାଡ଼ି ଯାଇଥିବା କାର୍ଯ୍ୟକୁ ପ୍ରଥମେ କରିବି।
> **-ରୁଦ୍ରପ୍ରତାପ ମହାରଥୀ, ବିଜୟୀ ବିଜେଡି ପ୍ରାର୍ଥୀ**
>
> ଜନାଦେଶକୁ ସମ୍ମାନର ସହ ଗ୍ରହଣ କରୁଛି।
> **-ଆଶ୍ରିତ ପଟ୍ଟନାୟକ, ଭାଜପା ପ୍ରାର୍ଥୀ**
>
> ପିପିଲିବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇବା ସହ ବିଜୟୀ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କୁ ଅଭିନନ୍ଦନ ଜଣାଉଛି। ଜନାଦେଶ କେବେ ହେଲେ ଭୁଲ୍ ହୋଇ ନ ପାରେ। ପରାଜୟର କାରଣ ଉପରେ ତର୍ଜମା କରିବୁ।
> **-ମନମୋହନ ସାମଲ, ଭାଜପା ନେତା**
>
> ଏହି ପରାଜୟ ମୋର ବ୍ୟକ୍ତିଗତ ବିଫଳତା। ପିପିଲିବାସୀ ମୋ ଉପରେ ବିଶ୍ୱାସପ୍ରକଟ କଲେ ନାହିଁ। ଭୋଟ୍‌ର ଆମ ସହ ନାହାନ୍ତି। ଯେତିକି ସଂଖ୍ୟାରେ ବୈଠକରେ ଥିଲେ ତାହା ଭୋଟ୍‌ରେ ପରିଣତ ହୋଇପାରିଲେ ନାହିଁ। ତେବେ ଏହା କେବଳ ପିପିଲିର ସ୍ଥିତି ନୁହେଁ, ପୂରା ରାଜ୍ୟର ସ୍ଥିତି। ବଡ଼ କଥା, ସରକାରୀ ବିରୋଧୀ ଜନଆକ୍ରୋଶରୁ ମିଳିଥିବା ଭୋଟ୍ ଭାଜପା ସପକ୍ଷରେ ଗଲା।
> **-ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, କଂଗ୍ରେସ ପ୍ରାର୍ଥୀ**

## ୩ ଓଡ଼ିଆଙ୍କୁ ହତ୍ୟା, ...

ଅପରାଧ ଘଟାଇବା। ଯଦି ଏହି ଘଟଣାରେ ସ୍ଥାନୀୟ ତ୍ରିପତି ଆଣୁଥିବା ଅଭିଯୋଗକୁ ଦେଖାଯାଏ ତେବେ ଏହା ସାଙ୍ଘାତିକ। ଗୋଟିଏ ପରେ ଗୋଟିଏ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ବଦଳୁଥିବା ସତ୍ତ୍ୱେ କେହି ବାସ୍ତବ ପରିସ୍ଥିତି ବିଷୟରେ ଧ୍ୟାନ ଦେଇ ନ ଥିଲେ ବୋଲି ପ୍ରମାଣ ମିଳୁଛି। ତଥାପି ମଧ୍ୟ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ଏଥିପ୍ରତି କାହିଁକି ଦୃଷ୍ଟି ଦେଉନାହାନ୍ତି ତାହା ସବୁଠାରୁ ବଡ଼ ପ୍ରଶ୍ନ। ଲୋକଙ୍କୁ ହତ୍ୟା ଓ ଗିରଫ କରି କମ୍ପାନୀ ଯେତେବେଳେ ଗ୍ରାମବାସୀଙ୍କ ଜମି ହାତେଇଲା ସେତେବେଳେ ଭଲ ରାସ୍ତା, ପିଇବା ପାଣି, ବିଜୁଳି, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସବୁ ସୁବିଧା ସହ ଚାକିରି ମିଳିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ହେଲେ ଟିକିରି ଅଞ୍ଚଳ ନୂଆପଡା ବଜାରରେ ଥିବା ଉତ୍କଳ ଆଲୁମିନା କମ୍ପାନୀଠାରୁ ସାଢେ ୩ କି.ମି. ଦୂର ବାଗିରଝୋଲା ଗାଁକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ଗାଁର ରାସ୍ତା ଏତେ କଦର୍ଯ୍ୟ ଯେ ବର୍ଷା ହେଲେ ଘରୁ ପାଦ କାଢ଼ିବା କଷ୍ଟକର। ସ୍ଥାନୀୟ ଲୋକଙ୍କ ଶିକ୍ଷା କ୍ଷେତ୍ରରେ କିଛି ହେଲେ ପରିବର୍ତ୍ତନ ଘଟିନାହିଁ। ଜଙ୍ଗଲକୁ ଯାଇ କାଠ ଆଣିଲେ ସେମାନେ ନିଜର ଜୀବନ ଅତିବାହିତ କରନ୍ତି। ତେଣୁ ଆଦିତ୍ୟ ବିର୍ଲା ସ୍କୁଲରେ ଏହି ଅଞ୍ଚଳର ପିଲାମାନେ ଲକ୍ଷାଧିକ ଟଙ୍କା ଦେଇ ଯେ ପାଠ ପଢ଼ିପାରିବେ ନାହିଁ ସେକଥା ବୁଝିବା କଷ୍ଟକର ନୁହେଁ। ତେଣୁ ସେହି ସ୍କୁଲ କାହା ସ୍ୱାର୍ଥରେ ପ୍ରତିଷ୍ଠା ହୋଇଛି ଏବଂ ରାଜ୍ୟ ସରକାର ସ୍ଥାନୀୟ ପିଲାଙ୍କ ଶିକ୍ଷାକୁ କେତେ ଗୁରୁତ୍ୱ ଦିଅନ୍ତି ତାହା ଜଣାପଡୁଛି। ପିଇବା ପାଣିର ମଧ୍ୟ କୌଣସି ସୁବିଧା ନାହିଁ। ୧୯୯୯ ଡିସେମ୍ବରରେ ଉତ୍କଳ ଆଲୁମିନା କମ୍ପାନୀ ପ୍ରତିଷ୍ଠା ଲାଗି ସ୍ଥାନୀୟ ପ୍ରଶାସନ ୩ଜଣ ଓଡ଼ିଆଙ୍କୁ ହତ୍ୟା କରିଦେଇପାରିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ବାଗିରଝୋଲା ଗାଁକୁ ଭଲ ରାସ୍ତା, ସ୍ୱଚ୍ଛ ପିଇବା ପାଣି ବ୍ୟବସ୍ଥା କରିବା ଲାଗି ସ୍ଥାନୀୟ ପ୍ରଶାସନର ସମାନ ତତ୍ପରତା କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ୨୦୧୦ ମେ ୧ରେ କମ୍ପାନୀ ଏବଂ ପ୍ରଶାସନ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି କେବେ ପୂରଣ ହେବ ବୋଲି ବାଗିରଝୋଲା ଗ୍ରାମବାସୀ ଏକ ଦାବିପତ୍ର ନେଇ ତତ୍କାଳୀନ ଜିଲାପାଳଙ୍କ ନିକଟକୁ ଯାଇଥିଲେ। ସେହି ଦାବିପତ୍ରକୁ ଜିଲାପାଳଙ୍କ ଅଫିସ ଗ୍ରହଣ କରିଥିଲା। ଏହାପରେ ବାରମ୍ବାର ଦୌଡ଼ିବା ସତ୍ତ୍ୱେ କୌଣସି ସୁଫଳ ଏ ପର୍ଯ୍ୟନ୍ତ ମିଳି ନ ଥିବା ସ୍ଥାନୀୟ କବୀର ନାଏକ କହିଛନ୍ତି। ଆଉ ରାଜ୍ୟର ବହୁ ବରିଷ୍ଠ ଅଧିକାରୀଙ୍କଠାରୁ ଏହି ସମସ୍ୟା ସମ୍ପର୍କରେ ମତାମତ ନେବାକୁ ଚେଷ୍ଟା କରିଥିବା ବେଳେ କେହି ଜଣେ ହେଲେ ଉତ୍କଳ ଆଲୁମିନା କମ୍ପାନୀ ନାଁ ଶୁଣିଲେ ମତ ଦେବାକୁ ସ୍ପଷ୍ଟ ମନା କରିଦେଉଛନ୍ତି। ରାୟଗଡ଼ା ଜିଲାର ଜଣେ ପୂର୍ବତନ ଜିଲାପାଳ ମଧ୍ୟ ଏକଥା ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ଏ ବିଷୟରେ କିଛି କହିବେ ନାହିଁ କହି ଟେଲିଫୋନ କାଟିଦେଲେ। ବ୍ରହ୍ମପୁର ଆର୍‌ଡିସି ଟି ଆପାଙ୍ଗ ଆଓଙ୍କ ଅଫିସ ନମ୍ବର ୦୬୮୦-୨୨୮୧୪୫୬ରେ ଦୁଇଦିନ ଧରି ଯୋଗାଯୋଗ କରି ଏ ବିଷୟରେ ବୁଝିବାକୁ ଚାହିଁଲେ ତାଙ୍କ ବ୍ୟକ୍ତିଗତ ସହାୟକ ସରୋଜ କୁମାର ମହାପାତ୍ର କଥା ହେଉଛନ୍ତି। ଫୋନ ଉଠାଇ ଆର୍‌ଡିସିଙ୍କ ସହ ଯୋଗାଯୋଗ କରିବାର କାରଣ ବୁଝିବା ପାଇଁ ଆପାଙ୍ଗ ଆଓ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କମ୍ପାନୀ ଚାରିପାଖରେ ଥିବା ଲୋକଙ୍କ ସମସ୍ୟା ନେଇ କିଛି ବୁଝିବାର ଥିଲା ବୋଲି କହିବା ପରେ ଆର୍‌ଡିସି ବିଭିନ୍ନ କାମରେ ବ୍ୟସ୍ତ ରହୁଥିବା କହି ସେ ଫୋନ କାଟିଦେଉଛନ୍ତି। ଆର୍‌ଡିସିଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ। ଇତିମଧ୍ୟରେ ଗତ ୨୮ ତାରିଖରେ କୋରାପୁଟ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଧରିତ୍ରୀ ଉଠାଇଥିବା ଦିମୁଣ୍ଡି ଏବଂ ଡି କରୋଳ ଗ୍ରାମବାସୀଙ୍କ ପ୍ରତି ଉତ୍କଳ ଆଲୁମିନା କମ୍ପାନୀ କରୁଥିବା ନିର୍ଯାତନା ପ୍ରସଙ୍ଗରେ ଆର୍‌ଡିସି ଅଫିସ ଯାଇ ଟି. ଆପାଙ୍ଗ ଆଓଙ୍କୁ ଭେଟିଥିଲେ। ଏହି ପ୍ରସଙ୍ଗରେ ୩ ମାସ ମଧ୍ୟରେ ବୈଠକ କରିବେ ବୋଲି କହି ଆଓ ଗ୍ରାମବାସୀଙ୍କୁ ସେଠାରୁ ଫେରାଇ ଦେଇଛନ୍ତି। ତେବେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଏହି ପଦରେ ରହିଥିବା ଆର୍‌ଡିସି ଆଜି ପର୍ଯ୍ୟନ୍ତ ଉତ୍କଳ ଆଲୁମିନା ଫ୍ୟାକ୍ଟ୍ରି ନିକଟବର୍ତ୍ତୀ ଗ୍ରାମବାସୀଙ୍କ ଦୁଃଖ ବୁଝିବାକୁ ସମୟ ପାଉନାହାନ୍ତି। କୁଚେଇପଦର, ଡି କରୋଳ ଆଦି ଗାଁର ସମସ୍ୟା ଓ ଅଭିଯୋଗର କାହାଣୀ ଆଗକୁ ଧରିତ୍ରୀ ନିଶ୍ଚୟ ଜାରି ରଖିବ। ଏହିସବୁ ଗାଁର ଲୋକଙ୍କ ଜମି ହାତେଇବାକୁ କିପରି ନକ୍ସଲ ସଜେଇ ଦିଆଗଲା ତାହା ମଧ୍ୟ ଲୋକଲୋଚନକୁ ଆଣିବା ସହ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କ ନିକଟରେ ଯେଉଁ ବିଶ୍ୱସନୀୟତା ହରାଇଛନ୍ତି ତାହା ନିଶ୍ଚୟ ଫେରାଇ ଆଣିବା ଚେଷ୍ଟା ଧରିତ୍ରୀ ଜାରି ରଖିବ।

## ତୈଳ ଦରରେ ...

ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୯.୩୨ ଟଙ୍କା ଓ ପେଟ୍ରୋଲ ୧୦୩.୬୨ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୦ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୦.୭୭ ଟଙ୍କା ଏବଂ ପେଟ୍ରୋଲ ୧୦୨.୩୯ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୫ଥରରେ ୧.୨୫ ଟଙ୍କା ଏବଂ ଡିଜେଲ ୮ଥରରେ ୨.୧୫ ଟଙ୍କା ବଢ଼ିଥିବା ଜଣାପଡିଛି। ସେପ୍ଟେମ୍ବର ୫ରେ ଶେଷ ଥର ପାଇଁ ତୈଳ ଦର ହ୍ରାସ ପାଇଥିଲା। ସେପ୍ଟେମ୍ବର ୨୪ରୁ ଡିଜେଲ ଦର ବୃଦ୍ଧି ପାଇଚାଲିଛି ବୋଲି ତୈଳ ନିଗମ ସୂଚନା ଦେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଭୁଲ ନିଷ୍ପତ୍ତି ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇଲେ ମଧ୍ୟ ସକାଳ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟିପାରେ। ଟଙ୍କା ନେଣଦେଣକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନଙ୍କ ସହ ବିବାଦର ଆଶଙ୍କା ରହିଛି। ଶାରୀରିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯାଇପାରେ।

**ବୃଷ**
କର୍ମକ୍ଷେତ୍ରରେ ଆପଣ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ଜେତିକି ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ସାୟଂକାଳରେ ବନ୍ଧୁମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ**
ସମସ୍ତ ପ୍ରକାର ସାହାଯ୍ୟ ଲାଭ କରି ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ। ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ଅର୍ଥାଭାବ କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ**
ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି। ପରିସ୍ଥିତିର ଜଟିଳତା ମଧ୍ୟରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ସିଂହ**
ସୁଚିନ୍ତିତ କାର୍ଯ୍ୟପଦ୍ଧତି ଯୋଗୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯିବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଯାହାକି ତାହାଙ୍କ କଥାଟି କଥାରେହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା ଦୂର ହେବ।

**କନ୍ୟା**
ନିଜ ଲୋକମାନଙ୍କ ବିରୁଦ୍ଧାଚରଣ ହେତୁ ଆଜିର କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କର ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପାରସ୍ପରିକ ବୁଝାମଣା ହେତୁ ପରିବାରରେ ଅଶାନ୍ତି ଦୂର ହେବ।

**ତୁଳା**
ବାରମ୍ବାର ଅର୍ଥ ସଙ୍କଟ ଦେଖାଦେବା କାରଣରୁ କ୍ରୟ କରିବାକୁ ଚାହୁଁଥିବା ଜିନିଷ ପାଇବେ ନାହିଁ। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବାର ସୂଚନା ପାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା**
ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ। ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ। କାରଣ ଏହା ଆପଣଙ୍କ ମୁଣ୍ଡରେ ଅଯଥା ଟେନ୍‌ସନ୍ ସୃଷ୍ଟି କରିବ।

**ଧନୁ**
ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସୂଚନା ରହିଛି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ନିଶ୍ଚିତ ଉପକୃତ ହେବେ। ନୂଆ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି, ତଥାପି ଆପଣଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ।

**ମକର**
ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନଦୁଃଖ ହୋଇପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ପରେ ବହୁତ ବ୍ୟସ୍ତ ହେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ବହୁତ ଉନ୍ନତ ରହିବ।

**କୁମ୍ଭ**
ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଫଳରେ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ**
ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାର ଯୋଜନା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୯ରୁ ୩୨ ପଇସା ବଢ଼ି ଯଥାକ୍ରମ ୯୫.୩୧ ଟଙ୍କା, ୯୩.୮୭ ଟଙ୍କା ଏବଂ ୯୮.୪୮ ଟଙ୍କାକୁ ଛୁଇଁଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୧ରୁ ୩୦ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୦.୦୧ ଟଙ୍କା, ୧୦୩.୦୭ ଟଙ୍କା ଏବଂ ୧୦୮.୪୩ ଟଙ୍କାରେ କାରବାର ହେଉଛି। ଲଗାତର ତୈଳ ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ଦେଶର ୨୬ଟି ରାଜ୍ୟରେ ପେଟ୍ରୋଲ ୧୦୦ଟଙ୍କାରୁ ଊର୍ଦ୍ଧ୍ୱରେ ବିକ୍ରି ହେଉଥିବା ବେଳେ ୨୩ଟି ରାଜ୍ୟରେ ଡିଜେଲ ଦର ମଧ୍ୟ ୯୦ ଟଙ୍କା ଉପରେ ରହିଛି। ଏପରି କି ଦେଶର ୫ ପ୍ରମୁଖ ରାଜ୍ୟ ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ମଧ୍ୟ ଡିଜେଲ ୧୦୦ ଟଙ୍କା ଉପରେ ବିକ୍ରି ହେଉଛି ବୋଲି ସୂଚନା ମିଳିଛି।


# classifieds Everyday
0674-2580101, 2549302




**SALE**

Gharabari SC plot for sale 6km from Tankapani Sai Mandir Bhingarpur Mouza 500 per sqft. negotiable. Contact 9937066889.
D-21817

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799.
D-71176

**ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434.**
D-70898

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (outright). 9348232008.
D-21774

**କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ commercial Hub "Grandbazar" ସମ୍ମୁଖରୁ 1 k.m. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 9078699286.**
D-71714

Buy or Sale Property- 8984071303. 4BHK 2200sqft. Duplex Balianta- 85,00,000/-. Residential Gharabari Land Nakhara- 2300/.
D-21834

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989
D-71711

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952.**
D-71703




2400Sqft. Commercial Office Space /Institute for RENT AT NAYAPALLI Bhubaneswar. Contact No: 9337044222/ 7978688119.
D-21837

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ashirvaad Salon and SPA get good massage for your health tha best therapy. 7077181074.
D-70491

**Refreshing your mind, your body with tha best therapy at Lotus Spa. 8018891951.**
D-70493

Swarna SPA newly open positively health benefits with expert therapist. 9556978408.
D-71172

Newly open SPA positively health benefits by expert therapist. 7846814019.
D-71423

Newly open SPA positively health benefit with Expert. Contact: 7749976301.
D-71174

Newly open Saikrupa Panchakarma Spa positively health benefits with Expert. 8984068077.
D-21804

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୫୫,୮୧,୧୬୯ | ୪୮,୧୪,୦୦୯ | ୨୧,୨୪,୩୬,୯୦୭ |
| ଭାରତ | ୩,୩୮,୧୬,୯୮୦ | ୪,୪୮,୮୮୮ | ୩,୩୦,୯୪,୫୨୯ |
| ଓଡ଼ିଶା | ୧୦,୨୭,୯୫୯ | ୮୨୧୪(+୫୩) | ୧୦,୧୪,୪୧୨ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






## ସଂକ୍ଷେପରେ

### ପ୍ରତାପ ଷଡ଼ଙ୍ଗୀ କରୋନା ସଂକ୍ରମିତ

**ବାଲେଶ୍ୱର ଅଫିସ,୩।୧୦:** ବାଲେଶ୍ୱର ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଦୀର୍ଘ ଦିନ ହେବ ଥଣ୍ଡାରେ ପୀଡ଼ିତ ପରେ ଅସୁସ୍ଥ ଅନୁଭବ କରିବାରୁ ନମୁନା ପରୀକ୍ଷା ହୋଇଥିଲା। ରବିବାର ତାଙ୍କର ପଜିଟିଭ୍ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦେବ ଜଣାଇଥିଲେ। ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସିତ ହେବେ ବୋଲି ସୂଚନା ଦେଇଛନ୍ତି। ନିକଟରେ ତାଙ୍କ ସମ୍ପର୍କରେ ଆସିଥିବା ଲୋକଙ୍କୁ କରୋନା ଟେଷ୍ଟିଂ ପାଇଁ ସେ ନିବେଦନ କରିଛନ୍ତି।



### ଉପରମୁହାଁ ସଂକ୍ରମଣ, ଆଉ ୫୨୮ ପଜିଟିଭ୍

**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଦୈନିକ ସଂକ୍ରମଣ ୫ଶହ ତଳେ ରହିଥିଲା। ହେଲେ ଏବେ ପୁଣି ଉପରମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୬୯,୦୩୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୧ ଜିଲାରୁ ୫୨୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୭୬%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ବର୍ଗର ୭୩ଜଣ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୪୩ଜଣ ଥିବାବେଳେ କଟକରୁ ୬୯ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳକୁ ରହିଥିବାବେଳେ ମାଲକାନଗିରି, ନବରଙ୍ଗପୁର ଓ ଅନୁଗୋଳରୁ ସର୍ବନିମ୍ନ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୨୭,୯୫୯ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ଆଉ ୫ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨ଜଣ ଥିବାବେଳେ କଟକ, ଗଞ୍ଜାମ ଓ ଯାଜପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୧୪କୁ ବୃଦ୍ଧି ପାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୫୦୩ଜଣ ଓ ମାଲକାନଗିରିରେ ସର୍ବନିମ୍ନ ୪୬ଜଣଙ୍କ ମୃତ୍ୟୁ ଘଟିଛି। ସେପଟେ ଆଉ ୬୦୬ଜଣ ରୋଗୀ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ କରୋନା ଆରୋଗ୍ୟଙ୍କ ସଂଖ୍ୟା ୧୦,୧୫,୦୧୮କୁ ବୃଦ୍ଧି ପାଇଛି।

# ପରିବହନ ବେଳେ ଖଣିଜ ଚୋରି

## ର୍‍ୟାକେଟ ଧରିଲା ଏସ୍‌ଟିଏଫ୍

- ୪ ଗିରଫ, ଖସିଗଲେ ମାଷ୍ଟରମାଇଣ୍ଡ୍
- ୨ ଟ୍ରକ୍ ଭର୍ତ୍ତି ୩୭ ଟନ୍ ହାର୍ଡ କୋକ୍, ୩ ଟନ୍ ଚାର୍ଜକ୍ରୋମ୍, ଜେସିବି, ବାଇକ ଜବତ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ହାର୍ଡ କୋକ୍, ଚାର୍ଜକ୍ରୋମ୍ ଭଳି ମୂଲ୍ୟବାନ ଖଣିଜ ପଦାର୍ଥକୁ ବନ୍ଦର ଓ ବିଭିନ୍ନ ସ୍ଥାନକୁ ପରିବହନ ବେଳେ ଚୋରି ହେଉଛି। ଏଥିରେ ସମ୍ପୃକ୍ତ ଏକ ବଡ଼ ର୍‍ୟାକେଟକୁ ରବିବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଫ୍) ଧରିଛି। କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାମିଲନାଡୁ ତିରୁଭରୁନ୍ ଜିଲା ୱାଦିଙ୍ଗମେନ୍ ଥାନା ଅଞ୍ଚଳର ଜୟବାଲ ଅରୁମୁଗଙ୍ଗ, ଥାଞ୍ଜାଭୁର୍ ଜିଲା କୁମ୍ଭାକୋନମ୍ ଥାନା ଅଞ୍ଚଳର ରାଜେନ୍ଦ୍ରବାଲ ମୁର୍ଗାନ ଏବଂ ସ୍ଥାନୀୟ ଥାନାଞ୍ଚଳର ନିଶାକର ସ୍ୱାଇଁ ଓ ଭଗବାନ ରାଉତ। ତେବେ ର୍‍ୟାକେଟର ମାଷ୍ଟର ମାଇଣ୍ଡ୍ ଗୋପାଳପୁରର ଅଜୟ ପ୍ରଧାନ ଓରଫ ଭୁଆଁ ଫେରାର ହୋଇଯାଇଛନ୍ତି। ଏଥିସହ କଜଳକଣାରୁ ୩୭ ଟନ୍ ହାର୍ଡ କୋକ୍, ୩ ଟନ୍ ଚାର୍ଜ କ୍ରୋମ୍, ୨ଟି ଟ୍ରକ୍, ଗୋଟିଏ ଜେସିବି ଓ ୨ଟି ବାଇକ ଜବତ ହୋଇଛି। ଏନେଇ ଚୌଦ୍ୱାର ଥାନାରେ ମାମଲା (ନଂ.୪୧୩) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ତେବେ ଏମାନେ କେତେଦିନ ହେଲା ଏହି କାରବାର ଚଳାଇଥିଲେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ସେନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

ଚୌଦ୍ୱାର ୫୫ ନଂ. ଜାତୀୟ ରାଜପଥ ଦେଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଖଣିଜ ପଦାର୍ଥ ରପ୍ତାନି କରାଯାଉଛି। ଅଭିଯୁକ୍ତମାନେ ବିଳମ୍ବିତ ରାତିରେ ଟ୍ରକର ଡ୍ରାଇଭରମାନଙ୍କୁ ହାତଗୁଞ୍ଜା ଦେଇ ସେଥିରୁ ୪ରୁ ୫ କୁଇଣ୍ଟାଲ ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ କାଢିଦିଅନ୍ତି। ତେବେ ଏମାନେ ଉକ୍ତ ଖଣିଜ ପଦାର୍ଥକୁ ଜାତୀୟ ରାଜପଥ ନିକଟ କଜଳକଣା ନିକଟରେ ଗଚ୍ଛିତ କରି ରଖୁଥିଲେ। ସୁବିଧା ଦେଖି ଏମାନେ ସେସବୁକୁ ଟ୍ରକ ମାଧ୍ୟମରେ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ତେବେ ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ରବିବାର ସକାଳେ ଏସ୍‌ଟିଏଫ୍‌ର ଏକ ଟିମ୍ ସେଠାରେ ଚଢାଉ କରିଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଏସ୍‌ଟିଏଫ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଖଣିଜ ପଦାର୍ଥ ଚୋରି ରାକେଟକୁ ଠାବ କରି ସମ୍ପୃକ୍ତ ୩୨ ଜଣଙ୍କୁ ଗିରଫ କରିଛି। ଏପର୍ଯ୍ୟନ୍ତ ଏସ୍‌ଟିଏଫ୍ ୨୯୯ ଟନ୍ ହାର୍ଡ କୋକ୍, ୨୧୯ ଟନ୍ ଚାର୍ଜକ୍ରୋମ୍, ୧୫୦ ଟନ୍ କୋଇଲା ଜବତ କରିଛି।




ଜବତ ଖଣିଜ ଭର୍ତ୍ତି ଟ୍ରକ୍ ଓ ଜେସିବି।

# ଖଜୁରିପଡା ଆଇଆଇସିଙ୍କ ଦାଦାଗିରି

- ପ୍ରତିବାଦରେ ରାସ୍ତାରୋକୋ
- ହଟିଲେ ଥାନାଧିକାରୀ

ଫୁଲବାଣୀ ଅଫିସ/ଖଜୁରିପଡା/ବଲସକୁମ୍ପା,୩।୧୦

କନ୍ଧମାଳ ଜିଲା ଖଜୁରିପଡା ଥାନାଧିକାରୀ ରମାକାନ୍ତ ପାତ୍ର ରବିବାର ସନ୍ଧ୍ୟାରେ ଦାଦାଗିରି ଦେଖାଇଛନ୍ତି। ହାଟ କରିବାକୁ ଆସିଥିବା ବ୍ୟବସାୟୀଙ୍କୁ ସେ ମାଡ଼ ମାରିବା ସହ ଗରମ ତେଲ କଡ଼େଇ ଫିଙ୍ଗି ଦେଇଥିଲେ। ଗରମ ତେଲ ପଡ଼ି କେତେଜଣ ବ୍ୟବସାୟୀ ଏବଂ ସାଧାରଣ ଲୋକ ଆହତ ହୋଇଛନ୍ତି। ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକେ ଥାନାଧିକାରୀଙ୍କ ଏପରି କାର୍ଯ୍ୟକୁ ବିରୋଧ କରି ତୁରନ୍ତ ତାଙ୍କ ବଦଳି ଦାବି ନେଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପାତ୍ରଙ୍କୁ ଖଜୁରିପଡ଼ା ଥାନାରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଉକ୍ତ ଥାନାର ଜଣେ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ ବୋଲି ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ କହିଛନ୍ତି। ଏହାପରେ ଉତ୍ତେଜନା ଥମିଛି।

ରବିବାର ଖଜୁରିପଡ଼ା ସାପ୍ତାହିକ ହାଟ ଥିଲା। କରୋନା କଟକଣା କୋହଳ ହୋଇଥିବାରୁ ହାଟରେ ଭିଡ଼ ପରିଲକ୍ଷିତ ହେଉଛି। ସନ୍ଧ୍ୟା ପ୍ରାୟ ୬ଟାରେ ଥାନାଧିକାରୀ ପାତ୍ର ସାଦା ପୋଷାକରେ ହାଟକୁ ଆସି ଉଠା ବ୍ୟବସାୟୀମାନଙ୍କୁ ଧମକଚମକ ଦେଇଥିଲେ। ବ୍ୟବସାୟୀ ଚିହ୍ନି ନ ପାରିବାରୁ ଯୁକ୍ତିତର୍କ କରିଥିଲେ। ଏଥିରେ ଥାନାଧିକାରୀ ଉତ୍ତ୍ୟକ୍ତ ହୋଇ ଜଣେ ବ୍ୟବସାୟୀଙ୍କ ଗରମ ତେଲ କଡେଇକୁ ଫିଙ୍ଗି ଦେଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଫୁଲବାଣୀ ଏସ୍‌ଡିପିଓ ପହଞ୍ଚିଥିଲେ। ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଘଟଣା ବିଷୟରେ ପଚାରିବାରୁ ସେ କିଛି କହିବାକୁ ମନା କରିଥିଲେ। ଫଳରେ ଗଣମାଧ୍ୟମ ପ୍ରତିନିଧି ଏକାଠି ହୋଇ ଧାରଣା ଦେଇଥିଲେ। ଆଇଆଇସିଙ୍କୁ ଥାନାରୁ ହଟାଯାଇଥିବା କୁହାଯିବାରୁ ଧାରଣା ପ୍ରତ୍ୟାହୃତ ହୋଇଛି।

# ନନ୍ଦନକାନନରେ ଭିଜିଲାନ୍ସ ଯାଞ୍ଚ



ବାରଙ୍ଗ,୩।୧୦(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ଭିଜିଲାନ୍ସ ଟିମ୍ କାଗଜପତ୍ର ଯାଞ୍ଚ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ପରଖିଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ୧୧ଟାରେ ଭିଜିଲାନ୍ସର ୫ ଜଣିଆ ଟିମ୍ ନନ୍ଦନକାନନ ଗେଷ୍ଟହାଉସରେ ପହଞ୍ଚି ପ୍ରାୟ ୬ଘଣ୍ଟା ଧରି ଏହି ଯାଞ୍ଚ କରିଥିଲେ। ଏହି ସମୟରେ ନନ୍ଦନକାନନର ପୂର୍ବତନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ। ଦାସଙ୍କ କାର୍ଯ୍ୟକାଳ ସମୟରେ କେତେକ ଉନ୍ନୟନମୂଳକ କାର୍ଯ୍ୟରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏହି କାର୍ଯ୍ୟର ମାପଚୁପ ସହ କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଭିଜିଲାନ୍ସ ଟିମ୍ ଫରେଷ୍ଟଗାର୍ଡ ଓ ରେଞ୍ଜର କ୍ୱାର୍ଟର, ବ୍ୟାଟେରି ଗାଡ଼ି ଗ୍ୟାରେଜ, ଷ୍ଟାଫ କ୍ୱାର୍ଟର୍ସ, ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଗେଷ୍ଟହାଉସରେ କାଗଜପତ୍ର ଦେଖିବା ସହ ବିଭିନ୍ନ ଅଧିକାରୀଙ୍କୁ ପଚରାଉଚରା କରିବା ପରେ ସନ୍ଧ୍ୟାରେ ଫେରିଯାଇଥିଲେ।




ବନ୍ୟପ୍ରାଣୀ ସପ୍ତାହ ଆରମ୍ଭ ଅବସରରେ ରବିବାର ପିପୁଲ ଫର୍ ଆନିମଲ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନ କରାଯାଉଛି।


**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ଚାହୁଁ ଚାହୁଁ ଏକବର୍ଷ ବିତିଗଲା । ପ୍ରତିଟି ମୁହୂର୍ତ୍ତରେ ପ୍ରତିଟି ସ୍ମୃତି ଏବଂ ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଅଛୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ ।

ଵ ଅମୂଲ୍ୟ କୁମାର ଦାସ
ଓଡ଼ିଶା ପୋଲିସ ସେବା, ବରିଷ୍ଠ-୧
ନରୁଆ, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୧୦।୧୦।୧୯୫୮
ତିରୋଧାନ: ୧୫।୦୯।୨୦୨୦

ଶୋକସନ୍ତପ୍ତ: ପତ୍ନୀ– ସୁଭାଷିନୀ ଦାସ, ପୁତ୍ର– ଷ୍ଟାଲିନ୍, ଲେନିନ୍; ପୁତ୍ରବଧୂ– ଲିପି, ଜଲି; ନାତି– ଈଶାନ, ଇଶୁ, ନିଶାନ; ଭଣଜା, ଭାଣିଜୀ– ପୁପୁ, ସୋନାଲି; ଭାଇ– ଅରୁଣ କୁମାର ଦାସ ।


# ଭଁସାଲୀଙ୍କ ଫିଲ୍ମରେ ଲାହୋର ରେଡ୍‌ଲାଇଟ୍ 'ହୀରାମଣ୍ଡି'

**ବଲିଉଡ୍‌ର ଖ୍ୟାତନାମା ନିର୍ଦ୍ଦେଶକ ସଞ୍ଜୟଲୀଲା ଭଁସାଲୀ ନିଜର ବହୁ ପ୍ରତୀକ୍ଷିତ ସିନେମା 'ହୀରା ମଣ୍ଡି'ରେ ବ୍ୟସ୍ତ ଅଛନ୍ତି। ପାକିସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଲାହୋରରେ ଥିବା ଚର୍ଚ୍ଚିତ ରେଡ୍‌ଲାଇଟ୍ ଏରିଆ ହେଉଛି 'ହୀରାମଣ୍ଡି'। ସିନେମାରେ ପାକିସ୍ତାନୀ ଗଣିକାଙ୍କ ଜୀବନ ଶୈଳୀ ଏବଂ ଗଣିକାଳୟର ଚିତ୍ର ସ୍ଥାନିତ କରାଯାଇଛି, ଯାହାକୁ ନେଇ ଭଁସାଲୀଙ୍କ ଉପରେ କ୍ରୋଧିତ ହୋଇଛନ୍ତି ପାକିସ୍ତାନର ଜନତା।**

ମୁମ୍ବାଇ, ୩।୧୦

ବଲିଉଡ୍ ସିନେ ନିର୍ଦ୍ଦେଶକ ସଞ୍ଜୟଲୀଲା ଭଁସାଲୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଫିଲ୍ମ 'ହୀରା ମଣ୍ଡି' ଏବେ ବିବାଦରେ। ପାକିସ୍ତାନର ଚର୍ଚ୍ଚିତ ରେଡ୍‌ଲାଇଟ୍ ଏରିଆ ଭାବେ ପରିଚିତ ଏହି ସ୍ଥାନର ରହିଛି ଦୀର୍ଘ ଇତିହାସ। ସାଧାରଣତଃ ହୀରା ମଣ୍ଡି କହିଲେ 'ହୀରା ମାର୍କେଟ' ବା ବଜାରକୁ ବୁଝାଯାଏ। ହେଲେ ଲାହୋରର ଗଣିକାଳୟ 'ହୀରାମଣ୍ଡି' ସହିତ ଦୁର୍ମୂଲ୍ୟ ଧାତୁ ହୀରାର କୌଣସି ସମ୍ପର୍କ ନାହିଁ। ଶିଖ୍ ସମ୍ରାଟ ରାଜା ରଣଜିତ ସିଂଙ୍କ ମନ୍ତ୍ରୀ ହୀରା ସିଂଙ୍କ ନାମରେ ଏହି ଅଞ୍ଚଳ ପ୍ରତିଷ୍ଠିତ ହୋଇଥିବା ଐତିହାସିକମାନେ କହୁଥିବାବେଳେ ବେଶ୍ୟାବୃତ୍ତିରେ ନିୟୋଜିତ ତରୁଣୀଙ୍କ ଲାଗି ଏହାର ନାମକରଣ ଏଭଳି ହୋଇଥିବା ଅନେକେ ମତବ୍ୟକ୍ତ କରିଛନ୍ତି। ଲାହୋର ଦୁର୍ଗ ନିକଟରେ ଅବସ୍ଥିତ ଥିବାରୁ ଏହା 'ଶାହି ମହୋଲ୍ଲା' ନାମରେ ମଧ୍ୟ ପରଚିତ।

ରାଜା ରଣଜିତ୍ ସିଂଙ୍କ ରାଜତ୍ୱକାଳରେ ମନ୍ତ୍ରୀ ହୀରା ସିଂ ଲାହୋରର ସମ୍ପୃକ୍ତ ଅଞ୍ଚଳରେ ପ୍ରତିଷ୍ଠା କରିଥିଲେ ଏକ ବ୍ୟବସାୟିକ ହାଟ, ଯାହାର ନାମ ରଖାଯାଇଥିଲା 'ହୀରାମଣ୍ଡି'। ପରେ ବିଭିନ୍ନ ସ୍ଥାନରୁ ଦେହଜୀବୀମାନେ ଏଠାକୁ ଆସି ବସତି ସ୍ଥାପନ କରିବାକୁ ଲାଗିଲେ। ରାଜା ରଣଜିତ୍ ସିଂ ଗଣିକା ବର୍ଗଙ୍କ ଉନ୍ନତି ଲାଗି ବିଭିନ୍ନ କାର୍ଯ୍ୟ ହାତକୁ ନେଇଥିଲେ। ତେବେ ପଞ୍ଚଦଶ ଏବଂ ଷୋଡ଼ଶ ଶତାବ୍ଦୀ ବେଳକୁ ବେଶ୍ୟାବୃତ୍ତି ଏଠାକାର ସଂସ୍କୃତିରେ ପରିଣତ ହୋଇଗଲା। ମୋଗଲ ଶାସନ ସମୟରେ 'ହୀରାମଣ୍ଡି' ପାଲଟିଥିଲା ନୃତ୍ୟସଙ୍ଗୀତର ପ୍ରମୁଖ କେନ୍ଦ୍ର। ମୋଗଲ ଶାସକମାନେ ଆଫଗାନିସ୍ତାନ, ଉଜବେକିସ୍ତାନ, ଭାରତୀୟ ଉପମହାଦେଶ ବ୍ୟତୀତ ଅନେକ ସ୍ଥାନରୁ ଶାସ୍ତ୍ରୀୟ ନୃତ୍ୟସଙ୍ଗୀତରେ ନିପୁଣା ମହିଳାଙ୍କୁ 'ହୀରାମଣ୍ଡି'କୁ ଅଣାଯାଉଥିଲା। ସେମାନଙ୍କୁ ମନୋରଞ୍ଜନ, ନୃତ୍ୟଗୀତ ଆଦି କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। ଉଚ୍ଚ ଶ୍ରେଣୀର ଲୋକେ ସେମାନଙ୍କୁ ସମ୍ମାନ ଦେଉଥିଲେ। ମୋଗଲ ଶାସନର ପତନ ପରେ ଏହି ସ୍ଥାନ ବିଦେଶୀ ଆକ୍ରମଣକାରୀଙ୍କ ନଜରକୁ ଆସିଥିଲା। ଆଫ୍‌ଗାନ ଶାସକମାନେ ଏଠାରେ ବସତି ସ୍ଥାପନ କରିଥିବା ମହିଳାଙ୍କ ନୃତ୍ୟାଙ୍ଗନାଙ୍କ ବୃତ୍ତି ଉଜାଡ଼ି ଦେଲେ। ଫଳରେ ସେମାନେ ମନୋରଞ୍ଜନ ପେସାଠାରୁ ଦୂରେଇ ଯାଇ ଦେହ ବ୍ୟବସାୟ ଜଗତରେ ପାଦ ଥାପିବାକୁ ବାଧ ହେଲେ। କାଳକ୍ରମେ ଉକ୍ତ ସ୍ଥାନ ବେଶ୍ୟାବୃତ୍ତିର ଗଡ଼ ପାଲଟିଯାଇଛି।

ବ୍ରିଟିଶ ଶାସନ ସମୟରେ ମଧ ସୈନିକମାନେ ମନୋରଞ୍ଜନ ଲାଗି 'ହୀରାମଣ୍ଡିକୁ ଆସୁଥିଲେ। ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କାଳରେ ଏବଂ ୧୯୪୭ରେ ଦେଶ ବିଭାଜନ ପରେ ସ୍ଥାନୀୟ ସରକାର 'ହୀରା ମଣ୍ଡି'ର କଳେବର ବଦଳାଇବାକୁ ଅନେକ ଉଦ୍ୟମ କରିଥିଲେ। ହେଲେ ପ୍ରୟାସ ବୃଥା ଯାଇଛି। ଦିନ ସମୟରେ ଅନ୍ୟ ବଜାର ଭଳି ସାଧାରଣ ଦେଖାଯାଉଥିବା 'ହୀରାମଣ୍ଡି' ସଞ୍ଜ ନଇଁଲେ ପ୍ରକୃତ ରୂପକୁ ଆସେ। ବଜାରର ତଳ କୋଠାରେ ସୁସ୍ୱାଦୁ ଖାଦ୍ୟ, ବିଭିନ୍ନ ଜରୁରୀ ସାମଗ୍ରୀ, ନୃତ୍ୟ ସଙ୍ଗୀତର ଉପକରଣ ବିକ୍ରି ହେଉଥିବାବେଳେ ଉପର ମହଲାରେ ଚାଲେ ଦେହ ବ୍ୟବସାୟ। ଭଁସାଲୀଙ୍କ ପ୍ରତୀକ୍ଷିତ ସିନେମା 'ହୀରାମଣ୍ଡି' ପୂର୍ବରୁ ଅଭିଷେକ୍ ବର୍ମନ ଫିଲ୍ମ 'କଳଙ୍କ'ରେ 'ହୀରାମଣ୍ଡି'ର ଚିତ୍ର ଉପସ୍ଥାପନ କରାଯାଇଥିଲା।





ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି– ସତେ କି ଅସ୍ୱାଭାବିକ ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। – ଶ୍ରୀଅରବିନ୍ଦ



# ପ୍ରତିରକ୍ଷା ବିପନ୍ନ

ଭାରତ ଓ ଚାଇନା ମଧ୍ୟରେ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ମେ' ୨୦୨୦ରେ ଦୁଇ ଦେଶର ସେନା କିଭଳି ମୁହାଁମୁହିଁ ହୋଇଥିଲେ ତାହା ସମସ୍ତଙ୍କୁ ଜଣା। ଏଥିରେ ୨୦ ଭାରତୀୟ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଇନା ତା'ର ସୈନ୍ୟଙ୍କ ମୃତ୍ୟୁ ସଂକ୍ରାନ୍ତରେ କିଛି ସୂଚନା ଦେଇ ନ ଥିଲା। ପରବର୍ତ୍ତୀ ସମୟରେ ଦୁଇ ଦେଶ ପଛକୁ ଘୁଞ୍ଚିଥିଲେ ବୋଲି ଆମକୁ ସୂଚନା ଦିଆଯାଇଥିଲା। ଏଭଳି ସ୍ଥଳେ ସତ୍ୟ କ'ଣ ଭାରତରେ କେହି ଜାଣିବା ସମ୍ଭବପର ନୁହେଁ। ଏବେ ପୁଣି ଚାଇନା ପୂର୍ବ ଲଦାଖ ସୀମା ଓ ଉତ୍ତର ଫ୍ରଣ୍ଟରୁ ଇଷ୍ଟର୍ନ କମାଣ୍ଡ ପର୍ଯ୍ୟନ୍ତ ତା'ର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)କୁ ମୁତୟନ କରିଛି। ଏ ବିଷୟ ଜାଣିବା ପରେ ସେନାମୁଖ୍ୟ ମନୋଜ ମୁକୁନ୍ଦ ନରୱାଣେ କହିଛନ୍ତି, ସୀମାରେ ଚାଇନା ଅଧିକ ସୈନ୍ୟ ମୁତୟନ କରିବା ଉଦ୍‌ବେଗର ବିଷୟ। ଏଥିରୁ ବୁଝିବାକୁ ହେବ ଯେ, ଭରତ ପକ୍ଷରୁ ଉଚିତ ପ୍ରସ୍ତୁତିର ଅଭାବ ଥିବା ହେତୁ ତା'ର ସୁଯୋଗ ନେଇ ପିଏଲ୍ଏ ମାଡ଼ିଆସୁଛି। ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ଲାଗିରହିଥିବା ମୁହାଁମୁହିଁ ସ୍ଥିତି ଓ ସେନା ପ୍ରତ୍ୟାହାର ନେଇ ଆସନ୍ତା ସପ୍ତାହରେ ତ୍ରୟୋଦଶ ପର୍ଯ୍ୟାୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ନରୱାଣେ କହିଛନ୍ତି, ସେହି ଆଲୋଚନା ବେଳେ ସମାଧାନର ବାଟ ବାହାରିବ ବୋଲି ଆଶା କରାଯାଉଛି। କିନ୍ତୁ ଏହା ପୂର୍ବରୁ ନୂଆ କରି ଚାଇନା ଦଖଲକୁ ଭାରତର ଭୂମି ଚାଲିଗଲାଣି।

ଭାରତୀୟ ସେନାର ଉପରିଭାଗରେ ବସିଥିବା ପଦବୀଧାରୀ ବାସ୍ତବରେ କ୍ଷେତ୍ରୀୟ ସ୍ତରରେ କ'ଣ ଘଟୁଛି ସେହି ଦିଗରେ ବିଶେଷ ଅବଗତ ହେଉନାହାନ୍ତି। ତାହା ନ ହୋଇଥିଲେ ନରୱାଣେ ଉଦ୍‌ବେଗ ପ୍ରକାଶ କରି ନ ଥାନ୍ତେ। ପିଏଲ୍ଏ କ୍ରମାଗତ ଏଲ୍ଏସି ନିକଟରେ ତା'ର ଶକ୍ତି ପ୍ରଦର୍ଶନ କରିବା ସହ ଯୁଦ୍ଧାସ୍ତ୍ର ମୁତୟନ କରିଚାଲିଛି। ଏଭଳି ସ୍ଥଳେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ୍ ରାୱତ କୌଣସି ମନ୍ତବ୍ୟ ଦେଇଥିବା ଦୃଷ୍ଟିଗୋଚର ହୋଇନାହିଁ। ସ୍ଥଳ, ବାୟୁ ଓ ନୌବାହିନୀ ମୁଖ୍ୟଙ୍କ ଉପରେ ସିଡିଏସ୍‌ଙ୍କୁ ବସାଯାଇଛି। ସାମରିକ ବାହିନୀର ଗତିବିଧି ଓ ପଦକ୍ଷେପ ସଂକ୍ରାନ୍ତରେ ସରକାରଙ୍କ ସହ ସମନ୍ୱୟ ରକ୍ଷାକରିବା ସିଡିଏସ୍‌ଙ୍କ ଦାୟିତ୍ୱ ବୋଲି କୁହାଯାଉଛି। ମାତ୍ର ଏହା ଏକ ସମ୍ପୂର୍ଣ୍ଣ ରାଜନୈତିକ ନିଷ୍ପତ୍ତି। ରାୱତଙ୍କ ସେଭଳି କୌଣସି ଆଖିଦୃଶିଆ କାମ ଥିବା ଭଳି ମନେହେଉ ନାହିଁ। ସେ ତିନି ବାହିନୀ ମଧ୍ୟରେ ସମ୍ମିଶ୍ରଣ ବା କନଭରଜେନ୍ସ ବିଷୟରେ ବ୍ୟସ୍ତ ରହୁଛନ୍ତି। ଏହାଦ୍ୱାରା ଭାରତୀୟ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ରାୱତଙ୍କ କ୍ଷମତା ବୃଦ୍ଧି ପାଇବ। ଅର୍ଥାତ୍ ନିଜ ପଦବୀକୁ ସୁଦୃଢ଼ କରିବା ସହ ତିନି ବାହିନୀ ଉପରେ କାର୍ତ୍ତି ବଜାୟ ରଖିବା ଯେଭଳି ହୋଇଯାଇଛି ତାଙ୍କ ଚିନ୍ତା। ସିଡିଏସ୍ ଅନେକ ଥର କହିଲେଣି ଯେ ଭବିଷ୍ୟତ ନିରାପତ୍ତାକୁ ଦୃଷ୍ଟିରେ ରଖାଯାଇ ତିନି ବାହିନୀକୁ ସମ୍ମିଶ୍ରଣ ମାଧ୍ୟମରେ ସୁଦୃଢ଼ କରାଯାଇପାରିବ। ହେଲେ ବାୟୁସେନା ମୁଖ୍ୟ ଭାବେ ଅବସର ନେଇଥିବା ଆର୍‌କେଏସ୍ ଭାଦୁରିଆ ସାମରିକ କ୍ଷେତ୍ରରେ ଏଭଳି ପଦକ୍ଷେପକୁ ନେଇ କିଛି ମାସ ତଳେ ପ୍ରଶ୍ନ ଉଠାଇଥିଲେ। ତାଙ୍କ ଯୁକ୍ତି ଥିଲା ତିନି ବାହିନୀର କାର୍ଯ୍ୟ ଭିନ୍ନ ଓ ପ୍ରତ୍ୟେକ ଶାଖାକୁ ବ୍ୟବସ୍ଥିତ କରାଯିବା ପରେ ନୂଆ ପଦକ୍ଷେପ ନିଆଯାଇପାରେ। ଏଥିରୁ ଖିଅ ଟାଣି ଆଲୋଚନା କରାଗଲେ ଯେଉଁ ବିଷୟ ଭାରତୀୟଙ୍କୁ ନିଶ୍ଚିତ ବ୍ୟଥିତ କରିବ, ତାହା ହେଲା ସାମରିକ ବାହିନୀକୁ ସୁଦୃଢ଼ କରିବା ଦିଗରେ ସେନାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଘୋର ଅଭାବ ଅଛି। ଓଡ଼ିଆରେ ଢଗ ଅଛି–'ପଗଡ଼ି ବାନ୍ଧୁ ବାନ୍ଧୁ କଚେରି ବରଖାସ୍ତ'। ଅର୍ଥାତ୍ ସଜବାଜ ହୋଇ ଯୁଦ୍ଧ କ୍ଷେତ୍ରକୁ ଗଲା ବେଳକୁ ଶତ୍ରୁ ଦେଶ ଭିତରକୁ ପ୍ରବେଶ କରିସାରିଲାଣି। ପୂର୍ବରୁ ବହୁଥର ଆମେ ଏହି ସ୍ତମ୍ଭରେ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି)ଙ୍କ ରିପୋର୍ଟକୁ ଆଧାର କରି ଉଲ୍ଲେଖ କରିଛୁ ଯେ, ଯଦି କାହା ସହ ଭାରତର ଯୁଦ୍ଧ ହୁଏ ତାହା ହେଲେ ମାତ୍ର ୨୦ ଦିନରେ ଆମ ଯୁଦ୍ଧାସ୍ତ୍ରର ସମାପ୍ତି ଘଟିବ। ଏଭଳି ପରିପ୍ରେକ୍ଷୀରେ ଭାରତର ସାମରିକ ଶକ୍ତି କେତେ ସୁଦୃଢ଼ ତାହା ଅନୁମାନ କରିହେଉଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ଗୋଳାବାରୁଦ କାରଖାନା (ଇଣ୍ଡିଆନ୍ ଅର୍ଡନାନ୍ସ ଫାକ୍ଟ୍ରି)ର ପରିଚାଳନା ବୋର୍ଡକୁ ଭାଙ୍ଗିଦେଲା। ଏହାପରେ ସେଥିରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ବିଭିନ୍ନ ସରକାରୀ ନିଗମକୁ ପଠାଇଦେଲା। ଏହାର ଅର୍ଥ ହେଲା ଭାରତର ନିଜସ୍ୱ ଚାହିଦା ପାଇଁ ପ୍ରୟୋଜନ ଥିବା ଗୋଳାବାରୁଦ, ଯୁଦ୍ଧାସ୍ତ୍ର ଇତ୍ୟାଦି ଏବେ ବିଦେଶରୁ ଆମଦାନୀ କରିବାକୁ ପଡ଼ିବ। ଅନ୍ୟପଟେ ଭାରତର ଏହି ଚାହିଦାକୁ ମେଣ୍ଟାଇବା ସକାଶେ ଘରୋଇ ବ୍ୟବସାୟୀଙ୍କୁ ଉତ୍ସାହିତ କରାଯିବ। ତେବେ ସେମାନେ କାରଖାନା ବସାଇ ଉନ୍ନତ ମାନର ସାମଗ୍ରୀ ତିଆରି କରିବା ଯାଏ ବିଦେଶରୁ ଆମଦାନୀ ଜାରି ରହିବ। ସେଥିରେ ନିଷ୍ପତ୍ତି ନେଉଥିବା ରାଜନେତା ଓ ଅଫିସର ନିଜ ପକେଟ ଗରମ କରିବେ। ଏଥିସହ ଭାରତୀୟ ଘରୋଇ କମ୍ପାନୀର ମାଲିକଙ୍କ ପାଇଁ ପ୍ରତିରକ୍ଷା ସାମଗ୍ରୀ ବଜାର ସୃଷ୍ଟି କରିଦିଆଗଲା। ଏହି ବ୍ୟବସାୟିକ ଦୁର୍ନୀତିରେ ଦେଶର ନିରାପତ୍ତା ବିପନ୍ନ ହେବାର ସବୁ ଆଶଙ୍କା ରହିଛି।

## ଚିରନ୍ତନୀ

ଜୋଛନାର ପଥେ ସେ ଆସଇ ଝରି
ବସନ୍ତର ବତାସେ ବହଇ ଥରି,
ଏହି ଚାନ୍ଦ ତଳେ କି ବିହାର ବିଧି
ରଚିଥିବେ ରସିକ ଯଶୋଦାନିଧି ?
–(ବଂଶୀ ଧ୍ୱନି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | 2 |
| | | | 4 | 2 | | 8 | | |
| 2 | | 9 | | | | 4 | | |
| | 7 | | | | | | | |
| | 3 | 1 | | | | 2 | | 9 |
| | | | 9 | 6 | 5 | | 1 | |
| | | | | | | | | |
| | 1 | | 8 | 3 | | | | |
| 7 | | | | 5 | 6 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 4 | 3 | 7 | 6 | 2 | 8 |
| 6 | 7 | 2 | 1 | 8 | 5 | 9 | 3 | 4 |
| 4 | 8 | 3 | 2 | 9 | 6 | 7 | 1 | 5 |
| 3 | 4 | 8 | 6 | 1 | 9 | 5 | 7 | 2 |
| 9 | 5 | 7 | 3 | 4 | 2 | 1 | 8 | 6 |
| 2 | 1 | 6 | 5 | 7 | 8 | 4 | 9 | 3 |
| 8 | 2 | 9 | 7 | 6 | 4 | 3 | 5 | 1 |
| 7 | 3 | 4 | 8 | 5 | 1 | 2 | 6 | 9 |
| 5 | 6 | 1 | 9 | 2 | 3 | 8 | 4 | 7 |

ଗତକାଲିର ଉତ୍ତର

# ସାହିତ୍ୟ କୃତି ଓ ସ୍ରଷ୍ଟାର ବ୍ୟକ୍ତିତ୍ୱ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଆଦର୍ଶବୋଧର କଥା କହୁଥିବା କବି ବା ଲେଖକ ଅନେକ ସମୟରେ ସେହି ଆଦର୍ଶର ବିପରୀତ କର୍ମ କରୁଥିବାର ଦେଖାଯାଏ। ଯେତେବେଳେ ସେହିଭଳି ଲେଖକ ବା କବି କୌଣସି ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ବା ପୁରସ୍କୃତ ହୁଅନ୍ତି, ପାଠକମାନେ ଭ୍ରୂକୁଞ୍ଚନ କରିବା ସ୍ୱାଭାବିକ। ଆମେ ଆଶା କରୁ ଯିଏ ଯେଉଁ ଆଦର୍ଶର କଥା କହୁଛନ୍ତି, ସେ ସେହି ଆଦର୍ଶର ନମୁନା ସାଜନ୍ତୁ। ମାତ୍ର ଏହା ସବୁବେଳେ ସମ୍ଭବ ହୁଏନାହିଁ। କୌଣସି ମଣିଷ ସମ୍ପୂର୍ଣ୍ଣ ଦୋଷଶୂନ୍ୟତା ବା ସର୍ବଶ୍ରେଷ୍ଠତାର ଉଦାହରଣ ହେବା ଅସମ୍ଭବ। ମଣିଷ ଉଭୟ ସୁଗୁଣ ଓ ଦୁର୍ଗୁଣର ଏକ ସମଷ୍ଟି। ଏଣୁ ଯେତେବେଳେ ଯଦି ଜଣେ କବି ବା ଲେଖକ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଏ, ତା'ର ସମଗ୍ର ବ୍ୟକ୍ତିସତ୍ତା ତାକୁ ଆତ୍ମସାତ୍ କରିବାର ଯୋଗ୍ୟ ନୁହେଁ। ୨୦୦୭ରେ ବିଶିଷ୍ଟ ଲେଖକ ମନୋଜ ଦାସ କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋଶିପ୍' ଗ୍ରହଣ କଲାବେଳେ ଏ ସମ୍ପର୍କରେ ସ୍ପଷ୍ଟ କରିବାକୁ ଯାଇ ଇଂଲିଶ୍ ଲେଖକ ଜେମ୍‌ସ ଜୋୟେସ୍‌ଙ୍କ ଉଦାହରଣ ଦେଇଥିଲେ। ଥରେ ଏକ ସମାବେଶରେ ଜେମ୍‌ସ ଜୋୟେସ୍‌ଙ୍କ ପାଖକୁ ଉଠି ଆସି ଜଣେ ଭଦ୍ର ମହିଳା ନମ୍ର ଭାବରେ କହିଲେ, ''ହେ ମୋର ପ୍ରିୟ ଲେଖକ! ତୁମେ ଯେଉଁ ହାତରେ ୟୁଲିସସ୍ ଲେଖିଛ, ସେ ହାତରେ ମୁଁ ଥରଟିଏ ଚୁମ୍ବନ ଦେଇପାରେ!'' ଆହୁରି ନମ୍ର ଭାବରେ ଜେମ୍‌ସ ଜୋୟେସ୍ ଉତ୍ତର ଦେଲେ, ''ମାଡାମ୍, ଏହି ହାତରେ ମୁଁ ଅନ୍ୟାନ୍ୟ କାମ ବି କରିଛି।'' ଏ କଥାର ତାତ୍ପର୍ଯ୍ୟ ହେଉଛି ଯେତେବେଳେ ଆମେ କୌଣସି ଲେଖକକୁ ପୁରସ୍କୃତ ବା ସମ୍ବର୍ଦ୍ଧିତ କରୁ, ତା'ର ସମଗ୍ର ବ୍ୟକ୍ତିସତ୍ତାକୁ ଆମେ ସମ୍ମାନ ଜଣାଉନାହିଁ, ତା'ର ଏକ ବିଶେଷ ଗୁଣ ବା ଦିଗ ପ୍ରତି ସମ୍ମାନ ଜଣାଉ। ଲେଖକ ଭାବିବା ଉଚିତ ନୁହେଁ ଯେ, ସେହି ପୁରସ୍କାର ବା ସମ୍ବର୍ଦ୍ଧନା ଗୋଟାପଣେ ତା'ର ପ୍ରାପ୍ୟ। ମନୋଜ ଦାସଙ୍କ ଭାଷାରେ, ''ବ୍ୟକ୍ତିଗତ ଭାବରେ ଜଣେ ଲେଖକଙ୍କୁ ସ୍ୱୀକୃତି ବା ସମ୍ବର୍ଦ୍ଧନା ଦେବାବେଳେ ଆମେ ଏକ ପରମ୍ପରାକୁ ସ୍ୱୀକୃତି ଦେଇଥାଉ। ଆମେ ଯଦି ବୈଦେହୀଶ ବିଳାସର କବିଙ୍କୁ ସ୍ୱୀକୃତି ଦେବୁ, ବଳେ ବଳେ ତାହା ହେବ ରାମ–ସାହିତ୍ୟ ବା ବାଲ୍ମୀକି ସୃଷ୍ଟ ପରମ୍ପରାର ପ୍ରାପ୍ୟ। ବ୍ୟାସ ବିନା ଫକୀରମୋହନ ବ୍ୟାସକବି ହୋଇପାରି ନ ଥା'ନ୍ତେ। ଭାଗବତ ପରବର୍ତ୍ତୀ ବୈଷ୍ଣବ ସାହିତ୍ୟ ବିନା ବିଦଗ୍ଧ କବି ଶ୍ରୀ ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଅଥବା ସାର୍ଥକ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ 'ତାମସୀ ରାଧା' ସମ୍ଭବ ହୋଇ ନ ଥା'ନ୍ତା। ସାହିତ୍ୟ ଏକ ଅବିଚ୍ଛିନ୍ନ ଧାରା। ଆମେ କୌଣସି ଲେଖକକୁ ପୁରସ୍କାର ଦେବାବେଳେ ସେହି ଧାରାକୁ ହିଁ ସ୍ୱୀକୃତି ଦେଇଥାଉ।''

ଏଲିଜାବେଥ୍ ଯୁଗରେ ଫ୍ରାନ୍‌ସିସ୍ ବେକନ୍ ଥିଲେ ଜଣେ ପ୍ରତିଷ୍ଠିତ ପ୍ରାବନ୍ଧିକ। ଇଂଲିଶ୍ ସାହିତ୍ୟରେ ତାଙ୍କୁ ପ୍ରବନ୍ଧର ପିତା ଭାବରେ ଗ୍ରହଣ କରାଯାଇଛି। ସେ ସାଂସାରିକ ଜୀବନର ବିଭିନ୍ନ ଦିଗ ଯଥା ସତ୍ୟ, ବିବାହ, ବନ୍ଧୁତା, ଅଧ୍ୟୟନ, ପ୍ରତିହିଂସା, ପ୍ରେମ, ସାଧୁତା, ଭ୍ରମଣ, ସମ୍ପଦ, ଉଚ୍ଚାକାଂକ୍ଷା, ଛଳନା ଆଦି ବିଷୟବସ୍ତୁକୁ ନେଇ ଲେଖିଛନ୍ତି ଅନେକ କାଳଜୟୀ ପ୍ରବନ୍ଧ। ଅତି ସଂକ୍ଷିପ୍ତ ଭାବରେ ଏକ ପ୍ରବଚନୀୟ ଶୈଳୀରେ ସେ ନିଜ ଧାରଣାଗୁଡ଼ିକୁ ଆକର୍ଷଣୀୟ ଭାବରେ ପ୍ରବନ୍ଧଗୁଡ଼ିକରେ ପ୍ରକାଶ କରିଛନ୍ତି। ତାଙ୍କ ପ୍ରବନ୍ଧଗୁଡ଼ିକ ଏତେ ତଥ୍ୟପୂର୍ଣ୍ଣ ଓ ସାମାଜିକ ଜୀବନରେ ଏତେ ଉପାଦେୟ ଯେ ସେଗୁଡ଼ିକୁ କୁହାଯାଏ ବାସ୍ତବ ଜ୍ଞାନର ଏକ ଦରକାରୀ ପୁସ୍ତିକା। ଇଂଲିଶ୍ ପ୍ରବନ୍ଧ ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ। ସେ ହିଁ ଇଂଲିଶ୍ ପ୍ରବନ୍ଧ ସାହିତ୍ୟରେ ଏକ ନୂଆ ଧାରାର ପ୍ରବର୍ତ୍ତକ। ମାତ୍ର ତାଙ୍କର ପ୍ରବନ୍ଧଗୁଡ଼ିକରେ ସେ ଯେଉଁ ମୂଲ୍ୟବୋଧର କଥା କହିଛନ୍ତି, ବ୍ୟକ୍ତିଗତ ଜୀବନରେ ସେ ତା'ଠୁ ବହୁ ଦୂରରେ। ସେ ଥିଲେ ପ୍ରଚଣ୍ଡ ଜ୍ଞାନୀ, ମାତ୍ର ନୈତିକତା ଦୃଷ୍ଟିରୁ ତାଙ୍କ ଚରିତ୍ରରେ ଦେଖିବାକୁ ମିଳେ ଅନେକ ସ୍ଖଳନ। ଲୋଭ, ଅନୈତିକ ଆଚରଣ, ଅସାଧୁତା, ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନ ଭଳି ଅନେକ ଦୁର୍ଗୁଣର ସେ ଅଧିକାରୀ ଥିଲେ। ତେଣୁ ବିଶିଷ୍ଟ କବି ଆଲେକ୍‌ଜାଣ୍ଡାର ପୋପ୍ ତାଙ୍କୁ ଜ୍ଞାନୀ ଶ୍ରେଷ୍ଠ, ଉଜ୍ଜ୍ୱଳତମ ଓ ନିକୃଷ୍ଟତମ ବ୍ୟକ୍ତ ବୋଲି କହିଛନ୍ତି। ତାଙ୍କ ପ୍ରବନ୍ଧ 'ଅଫ୍ ଜୁଡିକେଚର'ରେ ସେ ଲେଖିଛନ୍ତି, ସର୍ବୋପରି ସାଧୁତା ହେଉଛି ବିଚାରକମାନଙ୍କ ସୁଗୁଣ ମାତ୍ର ସେ ବିଚାରକ ଥିବାବେଳେ ଲାଞ୍ଚ ନେଉଥିବାର ମଧ୍ୟ ଜଣାଯାଏ। ଫ୍ରାନ୍‌ସିସ୍ ବେକନ୍‌ଙ୍କ ବ୍ୟକ୍ତିତ୍ୱ ଥିଲା ଦ୍ୱିଧା ବିଭକ୍ତ ବ୍ୟକ୍ତିତ୍ୱ। ଗୋଟିଏ ପଟେ ସେ ଥିଲେ ଅସାଧାରଣ ଜ୍ଞାନୀ ଓ ଅନ୍ୟପଟେ ଥିଲେ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି। ମାତ୍ର ଯେତେବେଳେ ଆମେ ଇଂଲିଶ୍ ସାହିତ୍ୟରେ ପ୍ରବନ୍ଧର ପ୍ରାରମ୍ଭ ଓ ବିକାଶ ସମ୍ପର୍କରେ ଆଲୋଚନା କରୁ, ସେତେବେଳେ ଆମେ ତାଙ୍କର ସୃଜନଶୀଳ ପ୍ରତିଭାକୁ ସମ୍ମାନିତ କରୁ।

ରୁଷିଆର ବିଶିଷ୍ଟ ଔପନ୍ୟାସିକ ଓ ଗାଳ୍ପିକ ଲିଓ ଟଲ୍‌ଷ୍ଟୟ ଥିଲେ ସମ୍ଭ୍ରାନ୍ତବଂଶଜ। କିଶୋର ସମୟରେ ସେ ବିଶୃଙ୍ଖଳିତ ଜୀବନଯାପନ କରୁଥିଲେ। ଅସଂଖ୍ୟ କୃଷକ କନ୍ୟାମାନଙ୍କ ସହ ସେ କାମାସକ୍ତ ଜୀବନ ବିତାଉଥିଲେ। ସେ ପଶାଖେଳ, ମଦ୍ୟ ଓ ମୈଥୁନରେ ଅଜସ୍ର ଅର୍ଥ ବ୍ୟୟ କରୁଥିଲେ। ତାଙ୍କର ଥିଲା ଏକ କୃଷି ଫାର୍ମ। ଫାର୍ମର ମହିଳା ଗୋଟି ଶ୍ରମିକମାନଙ୍କୁ ଯୌନଶୋଷଣ କରିବା ଥିଲା ତାଙ୍କର ଅଭ୍ୟାସ। ତା' ସତ୍ତ୍ୱେ ତାଙ୍କର ସର୍ଜନଶୀଳ ପ୍ରତିଭା ଦ୍ୱାରା ଆକର୍ଷିତ ହୋଇ ଆଭିଜାତ୍ୟସମ୍ପନ୍ନା ରୂପସୀ ଉଚ୍ଚଶିକ୍ଷିତା ସୋଫିଆ ତାଙ୍କୁ ବିବାହ କରିଥିଲେ। ସେ ନିଜେ ଟଲ୍‌ଷ୍ଟୟଙ୍କ ବିଶାଳ ଉପନ୍ୟାସ 'ୱାର୍ ଆଣ୍ଡ ପିସ୍'ର ପାଣ୍ଡୁଲିପି ନିଜ ହାତରେ ଲେଖିଥିଲେ। ଏହି ଉପନ୍ୟାସ ତାଙ୍କ ପାଇଁ ବିଶ୍ୱବ୍ୟାପୀ ଖ୍ୟାତି ଆଣିଦେଇଥିଲା। ପରବର୍ତ୍ତୀ ସମୟରେ ଆନା କାରେନିନା, 'ଡେଥ୍ ଅଫ୍ ଇଭାନ ଇଲିଚ୍' ଓ ଆହୁରି ଅନେକ କୃତି ରଚନା କରି ସାହିତ୍ୟ କ୍ଷେତ୍ରରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଯେତେବେଳେ ସେ ରୁଷିଆର ଜାର୍‌ଙ୍କ ଦ୍ୱାରା ଗଠିତ ଏକ କମିଟିର ସଦସ୍ୟ ଭାବରେ କାର୍ଯ୍ୟ କଲାବେଳେ ଜାଣିଲେ ଯେ ତଳସ୍ତରର କୃଷକ, ଶ୍ରମିକ ଓ ଦିନମଜୁରିଆ ଦୟନୀୟ ଜୀବନଯାପନ କରୁଛନ୍ତି, ଖାଇବାକୁ ପାଉନାହାନ୍ତି, ପିନ୍ଧିବାକୁ କନା ନାହିଁ, ରହିବା ପାଇଁ କୁଡ଼ିଆ ନାହିଁ, ସେ ବିଚଳିତ ହୋଇପଡ଼ିଲେ। ହଠାତ୍ ତାଙ୍କର ଏକ ପରିବର୍ତ୍ତନ ହୋଇଗଲା। ସେ ତାଙ୍କର ସମସ୍ତ ସମ୍ପଦ ସୋଫିଆଙ୍କୁ ହସ୍ତାନ୍ତର କରିଦେଲେ ଓ ସାଧାରଣ ଭାବେ ଜୀବନଯାପନ କଲେ। ମଦ୍ୟ ମାଂସ ପରିତ୍ୟାଗ କଲେ। ଚାଷୀଙ୍କ ପୋଷାକ ପିନ୍ଧିଲେ, କାଠ କାଟିଲେ, ପାଣି ବୋହିଲେ, ଜୋତା ତିଆରି କଲେ। ଶେଷରେ ସେ ବନିଗଲେ ଜଣେ ଆଦର୍ଶ ମଣିଷ। ହୋଇପାରେ ଜଣେ ବିଭାଜିତ ବ୍ୟକ୍ତିତ୍ୱର ଅଧିକାରୀ, ମାତ୍ର ବେଳେବେଳେ ଗୋଟିଏ ମୁହୂର୍ତ୍ତର ଅନୁଭବ ସମଗ୍ର ଜୀବନଧାରାକୁ ଏକ ଭିନ୍ନ ମୋଡ଼ ଦେଇପାରେ। ଠିକ୍ ସେଭଳି ଘଟିଥିଲା ଟଲ୍‌ଷ୍ଟୟଙ୍କ ଜୀବନରେ। ଯେତେବେଳେ ପାଠକ ତାଙ୍କର ସାହିତ୍ୟ କୃତି ପଢ଼ି ଅଭିଭୂତ ଓ ଆନନ୍ଦିତ ହୁଏ, ସେତେବେଳେ ସେ ତାଙ୍କ ବ୍ୟକ୍ତିଗତ ଜୀବନଚର୍ଯ୍ୟା ବିଷୟରେ ସଚେତନ ନ ଥାଏ। ଟଲ୍‌ଷ୍ଟୟଙ୍କ ସୃଜନଶୀଳ ପ୍ରତିଭା ହିଁ ପାଠକଙ୍କୁ ପ୍ରଭାବିତ ଓ ଉଦ୍‌ବୁଦ୍ଧ କରେ।

ଓଡ଼ିଆ ସାହିତ୍ୟରେ ମଧ୍ୟ ଔପନ୍ୟାସିକ ଓ କବି ଫକୀରମୋହନ ଜଣେ ବିବଦମାନ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଚାକିରି ଜୀବନ ମୁଖ୍ୟତଃ ଅତିବାହିତ ହୋଇଥିଲା ଗଡ଼ଜାତ ଅଞ୍ଚଳରେ। ସେ କେତେବେଳେ ଦେୱାନ୍ ତ ଆଉ କେତେବେଳେ ମ୍ୟାନେଜର ପଦରେ ନୀଳଗିରି, ଡମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା ଓ କେନ୍ଦୁଝରରେ ଅବସ୍ଥାପିତ ଥିଲେ। କେଉଁଠାରେ ପ୍ରଜାମାନେ ବିଦ୍ରୋହ କରୁଥିଲେ ତ ଆଉ କେଉଁଠାରେ ସେ ରାଜା ବା ଇଂରେଜ ସରକାରଙ୍କ ଅପ୍ରିୟ ହେଉଥିଲେ। ଅନେକ ସମାଲୋଚକ ତାଙ୍କୁ କୁଚକ୍ରୀ, ଧୂର୍ତ୍ତ, ପ୍ରବଞ୍ଚକ, ମିଥ୍ୟାବାଦୀ ଓ ମେଳିର ଖଳନାୟକ ଭାବରେ ବର୍ଣ୍ଣନା କରିଛନ୍ତି। ସେମାନେ କହିଛନ୍ତି– ତାଙ୍କ ଆତ୍ମଜୀବନ ଚରିତ ପ୍ରମାଦଯୁକ୍ତ, ତଥ୍ୟବିହୀନ, ମିଥ୍ୟାଭିତ୍ତିକ ଓ କଳ୍ପନାପ୍ରସୂତ। ତା'ସତ୍ତ୍ୱେ ତାଙ୍କର ଉପନ୍ୟାସ ଛ'ମାଣ ଆଠଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ୍ତ ଓ ଗଳ୍ପସମୂହ କାଳଜୟୀ ସୃଷ୍ଟି ଭାବରେ ଗୃହୀତ ହୋଇଛି। ତାଙ୍କର ସାହିତ୍ୟକୃତି ଅସଂଖ୍ୟ ପାଠକମାନଙ୍କ ହୃଦୟକୁ ଜିଣିଛି ଓ ଆମେ ତାଙ୍କୁ ଆଜି ଆଧୁନିକ ଯୁଗର ପ୍ରବର୍ତ୍ତକ ଭାବରେ ସ୍ୱୀକୃତି ଦେଇଛୁ। ମଣିଷ ଏକାସଙ୍ଗେ ମନ୍ଦ ଓ ମହତ୍ ହୋଇପାରେ। ଏହା ସମ୍ଭବ। ବେଳେବେଳେ ସେ ପାରିପାର୍ଶ୍ୱିକ ଅବସ୍ଥା, ନିଜର ପ୍ରାକୃତିକ ଦୁର୍ବଳତା ବା ଅଜ୍ଞାନତା ପାଖରେ ଅସହାୟ ମଣେ। ତଥାପି ସେ ସତ୍ୟର ସନ୍ଧାନ ପାଇ ମଧ୍ୟ ବ୍ୟାକୁଳ ହୋଇପାରେ। ସେହି ସତ୍ୟର ସନ୍ଧାନ ମଧ୍ୟରୁ ହିଁ ସାହିତ୍ୟର ସୃଷ୍ଟି। ଏଣୁ ପାଠକର ସମ୍ପର୍କ ଲେଖକର ବ୍ୟକ୍ତିଗତ ଜୀବନ ସହ ନୁହେଁ, ତା'ର ସମ୍ପର୍କ ଲେଖକର ସୃଷ୍ଟି ସହ। ଏଣୁ ବିଶିଷ୍ଟ ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଲେଖିଛନ୍ତି, ''ଲେଖକର ବ୍ୟକ୍ତିଗତ ଜୀବନ ନେଇ ଏତେ ବ୍ୟସ୍ତ ହେବାର କି ପ୍ରୟୋଜନ ? କିନ୍ତୁ ଲେଖକ ବୋଲି କ'ଣ ତାଙ୍କୁ ନିଜ ଜୀବନର ସବୁକଥା ସମସ୍ତଙ୍କୁ କହିବାକୁ ହେବ ଏହାର କି ମାନେ ଅଛି? ତା'ର ଲେଖା ମାଧ୍ୟମରେ ତା'ର ଯେତିକିଟା ପରିଚୟ ମିଳିଥାଏ, ସେତିକିକୁ ନେଇ ସନ୍ତୁଷ୍ଟ ରହିବା ଉଚିତ। ସେଇଟା ହିଁ ଲେଖକର ସତ୍ୟ ପରିଚୟ। ସେଥିପାଇଁ ମୁଁ କହେ, ଲେଖକର ବ୍ୟକ୍ତିଗତ ଜୀବନ ଓ ତା'ର ଲେଖକ ଜୀବନ ଏକ ନୁହେଁ। କୌଣସି କାରଣରୁ ହିଁ ଏହି ଦୁଇଟାକୁ ମିଳେଇବା ଉଚିତ ନୁହେଁ। ମୋ ଲେଖାରେ ଯେତିକିଟା ମୁଁ ନିଜକୁ ବ୍ୟକ୍ତ କରିଛି, ମୋର ପରିଚୟ ପାଠକମାନଙ୍କ ପାଇଁ ସେତିକି ଯଥେଷ୍ଟ।'' ମାନବ ମାତ୍ରକେ ଦୋଷ ଦୁର୍ଗୁଣଯୁକ୍ତ। ନିରବଚ୍ଛିନ୍ନ ସଦ୍‌ଗୁଣ ବା ନିରବଚ୍ଛିନ୍ନ ଦୁର୍ଗୁଣଯୁକ୍ତ ମାନବ ଜଗତରେ ଦୁର୍ଲଭ। ଏଣୁ ଆମେ କୌଣସି ଲେଖକ ବା କବିଙ୍କୁ ସମ୍ବର୍ଦ୍ଧନା ବା ପୁରସ୍କାର ଦେବାବେଳେ ତାଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ସମ୍ମାନ ଦେଇ ନ ଥାଉ, ସମ୍ମାନ ଦେଇଥାଉ ତାଙ୍କର ସୃଜନଶୀଳ ଦିଗକୁ। ତା' ସତ୍ତ୍ୱେ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ଉଭୟ ବ୍ୟକ୍ତିଜୀବନ ଓ ସାହିତ୍ୟିକ ଜୀବନରେ ଶୁଦ୍ଧତା ରହିଲେ ତାହା ଜନସମାଜ ପାଇଁ ବେଶି ପ୍ରଭାବଶାଳୀ ଓ ପ୍ରେରଣାଦାୟୀ ହୁଏ। ସମାଜ ପାଇଁ ଏହା ହିଁ ସ୍ପୃହଣୀୟ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ
ମୋ: ୭୦୦୮୩୬୯୯୨୦

# ପ୍ରାଣୀ ସମ୍ପଦର ସୁରକ୍ଷା ହେଉ



ଡ. ଅଜୟ କୁମାର ପାତ୍ର

ସମୟ ଥିଲା, ମଣିଷ–ମଣିଷ ମଧ୍ୟରେ, ମଣିଷ ଓ ସକଳ ଜୀବମାନଙ୍କ ମଧ୍ୟରେ ଆନ୍ତରିକତା, ସ୍ନେହ, ମମତା, ସହାନୁଭୂତି ଓ ସହଯୋଗିତା ଭରି ରହିଥିଲା। ସରଗର ସୁଖ ମର୍ତ୍ତ୍ୟରେ ହିଁ ମିଳୁଥିଲା। ପ୍ରକୃତି କୋଳରେ ଗ୍ରାମ୍ୟ ସଂସ୍କୃତି ସହିତ ପ୍ରାଣୀ ଜୀବନ ଓତପ୍ରୋତ ଭାବେ ଜଡ଼ିତ ଥିଲା। ଏ ବିସ୍ମୟ ପୃଥିବୀ କେବଳ ମଣିଷର ନୁହେଁ, ମଣିଷ ଭଳି ଅସୁମାରି ଏକକୋଷୀ ପ୍ରାଣୀଠାରୁ ଆରମ୍ଭ କରି ବହୁକୋଷୀ ପ୍ରାଣୀ ପର୍ଯ୍ୟନ୍ତ ସମସ୍ତଙ୍କର ଉଣାଅଧିକ ଅବଦାନ ରହିଛି ପୃଥିବୀକୁ ସୁନ୍ଦର ଓ ସାବଲୀଳ କରି ଗଢ଼ିବାରେ। ପରସ୍ପରର ଅନ୍ତରୀଣ ସମ୍ପର୍କ ମଧ୍ୟରେ ମାଟି ମାଆର ସୃଷ୍ଟି, ସକଳ ପ୍ରାଣୀଙ୍କର ଜୀବନଯାତ୍ରା ଚାଲିଥାଏ ଗତାନୁଗତିକ ପ୍ରଣାଳୀରେ। ଜଣେ ସରଳ ମଣିଷଟି ଯେପରି ତୋଳେ ତା'ର ଛୋଟ ଝାଟିମାଟିର କୁଡ଼ିଆ, ଗଢ଼େ ତା'ର ପରିବାର, ସେଇଠି ସ୍ୱପ୍ନ ଦେଖେ, ଶିଶୁ ସନ୍ତାନର ଦରୋଟି ହସ ଭିତରେ ଆପଣାକୁ ହଜାଇଦିଏ ; ଠିକ୍ ସେହିପରି ପ୍ରତ୍ୟେକ ପ୍ରାଣୀ, ସେ କ୍ଷୁଦ୍ର ହେଉ ବା ବୃହତ୍, ଅପକାରୀ ହେଉ ବା ଉପକାରୀ, ସେମାନେ ବି ସେମାନଙ୍କ ଭବିଷ୍ୟତ ଶିଶୁ ଶାବକ ପାଇଁ ନୀଡ଼ଟିଏ ତିଆରି କରନ୍ତି, ସ୍ୱପ୍ନ ଦେଖନ୍ତି ଓ ସୁଖମୟ ଭବିଷ୍ୟତ ରଚନା କରନ୍ତି। ସୁଖ ଦୁଃଖର ସଂସାରରେ ଆଜି ବି ଏଭଳି ଅନେକ ଅନେକ ଅଲୋଡ଼ା ପାହାଡ଼ି ମଣିଷ ଅସୁମାରି ପ୍ରାଣୀମାନଙ୍କ ସହିତ ପରିବେଶର ଭାରସାମ୍ୟ ରକ୍ଷା କରି କେଉଁଠି ନା କେଉଁଠି ଗୁମ୍ଫାର ଅନ୍ତରାଳରେ ବଞ୍ଚି ରହିଛନ୍ତି। ହେଲେ ଆଜି ଏକବିଂଶ ଶତାବ୍ଦୀରେ ପୃଥିବୀର ରୂପରେଖ, ଅତୀତର ମଧୁର ପରିଚୟ ବଦଳି ଯାଇଛି। ଅତୀତର ବଞ୍ଚିବା ଓ ଆଜିର ବଞ୍ଚିବା ମଧ୍ୟରେ ଅନେକ ପ୍ରଭେଦ, ଅନେକ ଭିନ୍ନତା ଓ ଅନେକ ଶୀତଳତା ଲୁଚିରହିଛି। ଅତୀତର ସାଧୀନଚେତା ବାଘ, ସିଂହ, ହରିଣ, ମୟୂର ଏମିତି ଅନେକ ପଶୁ ଓ ପକ୍ଷୀ ମଣିଷର ଅନୁଗ୍ରହର ପାତ୍ର ହୋଇ ଆଶ୍ରିତ ଜୀବନଯାପନ କରୁଛନ୍ତି। ସେମାନେ ଆଜି ହରାଇଛନ୍ତି ଜୀବନର ମୌଳିକତା, ସ୍ୱତନ୍ତ୍ରତା ଓ ସ୍ୱାଧୀନତା। ମଣିଷ ଏମାନଙ୍କୁ ଯେତେ ପ୍ରକାରର ସୁଖ ଯୋଗାଇ ଦେଲେ ବି ତା' ଭିତରେ ଲୁଚିରହିଛି ଘୋର ଶୂନ୍ୟତା, ଉଦାସୀନତା। ସବୁ କିଛିର ବିରାଟ ପରିବର୍ତ୍ତନ ଘଟିଛି। ମଣିଷ ସଭ୍ୟତାକୁ ଠିକ୍ ଭାବରେ ଅନୁକରଣ କରିବା ପରିବର୍ତ୍ତେ ହନୁକରଣ କରୁଛି। ଏହାର ପ୍ରଭାବ ଇତର ପ୍ରାଣିଜଗତ ଉପରେ ପଡୁଛି। ମଣିଷ ଭାଗ୍ୟ ପତର ତଳେ। ଜଙ୍ଗଲୀ ପ୍ରାଣୀ ତା'ର ସ୍ୱତନ୍ତ୍ରତା ହରାଇଛି। ଅତୀତର ସେହି ମଧୁର ପକ୍ଷୀ ସ୍ୱନ, ଅବୁଝା ଭାଷାର ଗୂଢ଼ତତ୍ତ୍ୱଭରା ମୟୂରର ନୃତ୍ୟ ଓ ମହୁମାଛିର ଗୁଣୁଗୁଣୁ ସଙ୍ଗୀତର ଲହରି ଆଉ ଶୁଭୁନି। ଜଙ୍ଗଲ ଲୁଟୁଛନ୍ତି କେତେକ ମୁଷ୍ଟିମେୟ ଦଲାଲ। ନୀରବ, ନିସ୍ତବ୍ଧ ଜଙ୍ଗଲ, ଘର୍–ଘର୍, ଠକ୍–ଠକ୍ ଓ ଠୋ–ଠୋ ଶବ୍ଦରେ ଚକିତ ହୁଅନ୍ତି ଜଙ୍ଗଲୀ ପ୍ରାଣୀ। ପ୍ରକୃତି ହସରେ ସେମାନେ ସେମାନଙ୍କର ସୁଖର ପ୍ରତିବିମ୍ବ ଆଉ ଦେଖୁନାହାନ୍ତି। ଅହରହ ଜଙ୍ଗଲ କ୍ଷୟ, ଦ୍ରୁତ ସହରୀକରଣ, ଶିଳ୍ପାୟନର ଅହେତୁକ ଅଭିବୃଦ୍ଧି ଆଦି ସବୁଜ ଘରର ପ୍ରଭାବ ଓ ବିଶ୍ୱ ତାପ ବୃଦ୍ଧିର ପ୍ରମୁଖ କାରଣ ପାଲଟିଛି। ପ୍ରତ୍ୟେକ ବର୍ଷ କେବଳ ଭାରତବର୍ଷରେ ପ୍ରାୟ ପାଞ୍ଚ ହଜାର ପ୍ରାଣୀ ବିଲୁପ୍ତ ହେଉଛନ୍ତି।

ବିଜ୍ଞାନ ସିନା ମଣିଷକୁ ପାହାଡ଼ ପର୍ବତର

## ବିଶ୍ୱ ପ୍ରାଣୀ ଦିବସ ଉପଲକ୍ଷେ

ଅନ୍ଧକାରମୟ ଗୁମ୍ଫା ମଧ୍ୟରୁ ସଭ୍ୟ ଜଗତର ଏକଶହ କୋଡ଼ିଏ ମହଲା ପ୍ରାସାଦକୁ ଟାଣି ଆଣିଛି, ହେଲେ ପ୍ରତ୍ୟେକ ପ୍ରାଣୀର ବଞ୍ଚିବାର ରାହା, ବଞ୍ଚିବାର ସ୍ୱପ୍ନ ହଜିଯାଇଛି। ମଣିଷ ଭୁଲିଯାଉଛି ଯେ, ଏକକୁ ଆସିଲେ ବିପଦ କେହି ନ ହେବେ ନିରାପଦ। ମହାମନୀଷୀ ବର୍ଣ୍ଣାଡ୍ ସ ଥରେ କହିଥିଲେ, ''ବିଜ୍ଞାନ ପ୍ରାଣିସମାଜର ମଙ୍ଗଳ କରିପାରିବ ନାହିଁ। ଏହା ଗୋଟିଏ ସମସ୍ୟାର ସମାଧାନ କରିବାକୁ ଯାଇ ଶହେଟା ସମସ୍ୟା ସୃଷ୍ଟି କରୁଛି।'' ହେଲେ ବର୍ଣ୍ଣାଡ୍ ସଙ୍କ କଥା କିଏ ଶୁଣୁଛି? ସେଥିପାଇଁ ହୁଏତ ଆଜି ଯେତେବେଳେ ସର୍ବତ୍ର ବିଜ୍ଞାନର ଜୟ ଜୟକାର ହୁରି ପଡୁଛି, ଗୋଟିଏ ପରେ ଗୋଟିଏ ପ୍ରାଣୀ ପୃଥିବୀ ପୃଷ୍ଠରୁ ବିଲୁପ୍ତ ହେଉଛନ୍ତି, ସେତେବେଳେ ବର୍ଣ୍ଣାଡ୍ ସଙ୍କ ଭଳି ଅନେକ ପରିବେଶ ଶୁଭେଚ୍ଛୁ ଅରଣ୍ୟରୋଦନ କରୁଛନ୍ତି। ସମୟ ବିତିଯାଉଛି, ନେଡ଼ିଗୁଡ଼ କହୁଣିକୁ ବୋହିଯାଉଛି, ବେଳ ଥାଉ ଥାଉ ଆମେ ମାନବଜାତି ଏକ ଛତ୍ରଛାୟା ତଳେ ବସି, ଏକ ମନୋଭାବାପନ୍ନ ହୋଇ କିପରି ସମଗ୍ର ପ୍ରାଣୀ ସମ୍ପଦର ସୁରକ୍ଷା ହୋଇପାରିବ, ସେଥିପାଇଁ ଆମର ଆଜିର ଧ୍ୱଂସକାରୀ ଭାବଧାରାକୁ ବଦଳାଇ ନୂତନ ଓ ନବୀନ ପୃଥିବୀ ସୃଷ୍ଟିର ଭାବଧାରାକୁ ଉଜ୍ଜୀବିତ କରିବାକୁ ପଡ଼ିବ। ଏଥିପାଇଁ ପ୍ରତିବର୍ଷ ପ୍ରାଣୀଙ୍କ ସୁରକ୍ଷା ଲାଗି ବିଶ୍ୱ ପ୍ରାଣୀଦିବସ ପାଳନ କରାଯାଉଛି। ପ୍ରାଣୀ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରାଯାଉଛି। ଏହି ଦିବସରେ ପ୍ରାଣୀଙ୍କ ଅଧିକାର ଓ ହିତ ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥାଏ।

ସୁସ୍ଥ ମନ, ସାବଲୀଳ ଚିନ୍ତାଧାରା ଯୁଗେ ଯୁଗେ ମଣିଷକୁ ଫୁଲର କୋମଳତାର ଅନୁଭୂତି ଦେଇଆସିଛି। ପ୍ରେମ ହିଁ ଜୀବନକୁ ପରିପୂର୍ଣ୍ଣ କରେ। ବିଶିଷ୍ଟ ବୈଜ୍ଞାନିକ ସାର ଡବଲ୍ୟୁ ଟେମ୍ପର ଏକଦା କହିଥିଲେ, 'ପ୍ରେମ ହିଁ ଜୀବନର ନିର୍ଯ୍ୟାସ।' ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ ହେଉଛି ପ୍ରେମ। ଭଗବାନ୍‌ଙ୍କ ସହିତ ପ୍ରେମର ଯେପରି ନିବିଡ଼ ସମ୍ପର୍କ ରହିଛି, ମଣିଷର ପ୍ରାଣୀ ତଥା ଉଭିଦ ସହିତ ସେହିପରି ମଧୁର ସମ୍ବନ୍ଧ ରହିଛି। କେହି କାହାଠାରୁ ଅଭିନ୍ନ ନୁହନ୍ତି, କିନ୍ତୁ ଭିନ୍ନ। ସମ୍ରାଟ୍ ଅଶୋକ ଅନୁତପ୍ତ ପ୍ରାଣରେ କହିଥିଲେ, 'ତରବାରିର ଜୟ ଜୟ ନୁହେଁ....।' ବୁଦ୍ଧଙ୍କ ମୁଖନିଃସୃତ ବାଣୀ ଥିଲା, ''ହିଂସାର ବିନାଶରେ ଦୁଃଖର ବିନାଶ।'' ଜାତିର ଜନକ ମହାତ୍ମା ଗାନ୍ଧୀ କହିଥିଲେ, ''ଲୋଭ ପାଇଁ ଏ ପୃଥିବୀ ଅତ୍ୟନ୍ତ କ୍ଷୁଦ୍ର: ମାତ୍ର ଅଭାବ ଓ ଅନଟନ ଦୂର କରିବା ପାଇଁ ଏ ପୃଥିବୀ ଖୁବ୍ ବିରାଟ ଏବଂ ଆଗାମୀ ସହସ୍ର ବର୍ଷ ପର୍ଯ୍ୟନ୍ତ ଅଭାବ ପୂରଣ କରିବାକୁ ସକ୍ଷମ।''

ହେ ମଣିଷ! ଏକମାତ୍ର ଜୀବଧାରୀ ଗ୍ରହ, ପୃଥିବୀକୁ ସହସ୍ର ବର୍ଷ ପର୍ଯ୍ୟନ୍ତ ଆଗେଇ ନେବାକୁ ହେଲେ, ଆଗାମୀକାଲିର ପିଢ଼ିଙ୍କ ପାଇଁ ସୁସ୍ଥ ଓ ସମୃଦ୍ଧର ପୃଥିବୀ ସୃଷ୍ଟି କରିବାକୁ ହେଲେ ଏ ପବିତ୍ର ଧରାଧାମରେ ପ୍ରେମର ମନ୍ଦାକିନୀ ବୁହାଇଦିଅ। ଦେଖିବ, ଏ ପୃଥିବୀରେ ଫଗୁଣର ଫଗୁ ଖେଳ ଜମିବ, ଆମ୍ବତୋଟାରେ ବଉଳ ଭରିଯିବ, କୋଇଲିର କୁହୁ–କୁହୁ ତାନ ଶୁଣାଯିବ, ବଣି, କଜଳପାତି, କୁମ୍ଭାଟୁଆ, ବୁଲ୍‌ବୁଲ୍, ହଳଦୀବସନ୍ତ ପ୍ରଭୃତି କେତେ ରଙ୍ଗ ବେରଙ୍ଗର ପକ୍ଷୀ ଗଛରୁ ଗଛକୁ ଡେଇଁ ବୁଲିବେ। ସୌନ୍ଦର୍ଯ୍ୟର ଶାନ୍ତିନିକେତନ ଓ ପ୍ରାକୃତିକ ଜଙ୍ଗଲ ପରିବେଶ ପୁଣି ନୂତନ ପ୍ରାଣରେ ହସି ଉଠିବ। ଆମେ ହସିବା ଆଉ ଆମ ସହିତ ହସିବେ ସାରା ପ୍ରାଣିଜଗତ।

ପରିବେଶବିତ୍, ମୋ: ୦୯୪୩୮୬୨୧୩୯୧

## ଏଇ ଭାରତରେ

୨୩ ବର୍ଷ ଧରି ରାସ୍ତାକଡ଼ରେ ବିପଜ୍ଜନକ ସ୍ଥିତିରେ ଥିବା ମହିଳାମାନଙ୍କୁ ଉଦ୍ଧାର କରି ସେବାର ଯଥାର୍ଥତା ପ୍ରତିପାଦନ କରିଛନ୍ତି ଏକ ଯୁବ ଡାକ୍ତର ଦମ୍ପତି। ଡା. ରାଜେନ୍ଦ୍ର ଏବଂ ଡା. ସୁଚେତା ଧମାନି ଏଯାବତ୍ ୫୦୦ରୁ ଊର୍ଦ୍ଧ୍ୱ ଅସହାୟା ମହିଳାଙ୍କୁ ରାସ୍ତାକଡ଼ରୁ ଉଦ୍ଧାର କରି ସାରିଲେଣି। ମାନସିକ ବିକାରଗ୍ରସ୍ତ ମହିଳାମାନଙ୍କୁ ସେମାନଙ୍କ ପରିବାର ରାସ୍ତାରେ ଛାଡ଼ିଦେବା ପରେ ଏହି ଦମ୍ପତି ସେମାନଙ୍କୁ ଉଦ୍ଧାର କରୁଛନ୍ତି ଓ ଯତ୍ନ ନେଉଛନ୍ତି। ଡାକ୍ତର ଦମ୍ପତି ଅହମଦାବାଦରେ 'ମୌଲି ସେବା ପ୍ରତିଷ୍ଠାନ' ଗଢ଼ି ତା' ମାଧ୍ୟମରେ ଏହି ଅଭିଯାନ ଚଳାଇଛନ୍ତି। ଡା. ରାଜେନ୍ଦ୍ର ଏବଂ ସୁଚେତା ୧୯୯୮ରେ ଅହମଦାବାଦର କେ.ଏମ୍. ମେଡିକାଲ କଲେଜରୁ ଡିଗ୍ରୀ ହାସଲ କରିବା ପରେ ନିୟମିତ ରୋଗୀ ଚିକିତ୍ସା କରିବା ସହ ମାଗଣାରେ ମେଡିକାଲ କ୍ୟାମ୍ପ ଆୟୋଜନ କରୁଥିଲେ। ସେମାନେ ମଧ୍ୟ ଗୃହହୀନ ଏବଂ ଅସହାୟ ଲୋକମାନଙ୍କୁ ଖାଦ୍ୟ ଦେବା ଆରମ୍ଭ କରିଥିଲେ। ଏହି ସମୟରେ ରାସ୍ତାକଡ଼ରେ ବିପଜ୍ଜନକ ଅବସ୍ଥାରେ ଏବଂ ଭୋକରେ ଦିନ କାଟୁଥିବା ମହିଳାମାନଙ୍କ ଅବସ୍ଥା ଦେଖି ଡାକ୍ତର ଦମ୍ପତି ମୌଳି ସେବା ପ୍ରତିଷ୍ଠାନ ଗଢ଼ିଥିଲେ। ପ୍ରଥମେ ସେମାନେ ୯୦ ଜଣ ଗୃହହୀନଙ୍କୁ ଖାଦ୍ୟ ଦେଉଥିଲେ। ପରେ ଗୃହହୀନ ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ୨୩ ବର୍ଷ ମଧ୍ୟରେ ସେମାନେ ୫୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଉଦ୍ଧାର କରିସାରିଲେଣି। ଅନେକ ସୁସ୍ଥ ହୋଇ କେନ୍ଦ୍ରରେ ସେବା କରୁଛନ୍ତି। ରୋଗ କିମ୍ବା ବାର୍ଦ୍ଧକ୍ୟ ଯୋଗୁ ଅନେକଙ୍କର ବି ଦେହାନ୍ତ ଘଟିଛି। ସେବା କେନ୍ଦ୍ରରେ ଏବେ ୩୫୦ ମହିଳା ରହିଛନ୍ତି। ଏହି କାର୍ଯ୍ୟରେ କିଛି ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି ବୋଲି କହନ୍ତି ଡା. ରାଜେନ୍ଦ୍ର।

## ୨୫ ବର୍ଷ ତଳର ଧରିତ୍ରୀ

୪ ଅକ୍ଟୋବର ୧୯୯୬

- ପାକିସ୍ତାନ ପକ୍ଷରୁ ୩୦ଟି ଲଢ଼ୁଆ ମିରେଜ–୨୦୦୦୫ ବିମାନ କିଣାରେ ୬୦୦ ନିୟୁତ ଡଲାର ଅର୍ଥ ଲାଞ୍ଚ କାରବାର ହୋଇଥିବା ସନ୍ଦେହ କରି ରାଷ୍ଟ୍ରପତି ଫାରୁକ ଅହମ୍ମଦ ଲେଘାରୀ ମିରେଜ ଚୁକ୍ତିକୁ ରଦ୍ଦ କରିଦେଇଛନ୍ତି।
- ଶ୍ରୀଲଙ୍କାର ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗାଙ୍କୁ ହତ୍ୟା ପାଇଁ ଏଲ୍‌ଟିଟିଇର ଷଡ଼ଯନ୍ତ୍ରକୁ ପୋଲିସ ପଣ୍ଡ କରିବା ସହ ୭ ଜଣ ଉଗ୍ରବାଦୀଙ୍କୁ ପୋଲିସ ଗିରଫ କରିଛି।
- ତାମିଲନାଡୁର ପୂର୍ବତନ ପରିବହନ ମନ୍ତ୍ରୀ କେ.ଏ.ସେନ୍ ଗୋତାୟନଙ୍କୁ ସିଆଇଜି କ୍ରାଇମବ୍ରାଞ୍ଚ ଅଫିସର ଗିରଫ କରିଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ପାକିସ୍ତାନ କ୍ରିକେଟ ପରିଷଦ ସଭାପତିଙ୍କ ଦମ୍ଭୋକ୍ତି

ମହାଶୟ,

ନିଜର ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ନିଉଜିଲାଣ୍ଡ ଓ ଇଂଲଣ୍ଡ କ୍ରିକେଟ ଟିମ୍ ପାକିସ୍ତାନ ଗସ୍ତରୁ ଓହରି ଯାଇଛନ୍ତି। ସୀମାପାର ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ବିରୋଧ କରି ଭାରତ ମଧ୍ୟ ପାକିସ୍ତାନ ସହିତ କ୍ରିକେଟ ସମ୍ପର୍କ ଛିନ୍ନ କରିଛି। ଏଥିରେ କ୍ଷୁବ୍ଧ ହୋଇ ପାକିସ୍ତାନ କ୍ରିକେଟ ପରିଷଦର ସଭାପତି ରମିଜ ରାଜା ଓ ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତାରଙ୍କ ବକ୍ତବ୍ୟ ହେଲା ଉକ୍ତ ଦେଶଗୁଡ଼ିକର ଦଳକୁ କ୍ରିକେଟ ଗ୍ରାଉଣ୍ଡରେ ପରାସ୍ତ କରି ଏହାର ପ୍ରତିଶୋଧ ନେବା ପାଇଁ। ବାସ୍ତବରେ ଅନ୍ୟର ବିଶ୍ୱାସ ଭାଜନ ଓ ହୃଦୟ ଜିଣିବାକୁ ହେଲେ ନିଜର ସ୍ୱଭାବ ଓ ଆଚରଣରେ ପରିବର୍ତ୍ତନ ଲୋଡ଼ା। ଶକ୍ତି ପ୍ରଦର୍ଶନ ଦ୍ୱାରା ନୁହେଁ, ରାଜା ଏହା ବୁଝିବା ଦରକାର।

–ସନାତନ ସାହୁ, ଶିକ୍ଷକ, ହରିଭାଇନା ଛକ, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଗଜପତି ଜିଲା ଗସ୍ତ ଆଜି

**ପାରଳାଖେମୁଣ୍ଡି,୩।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନିକିଆ ଗଜପତି ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟାରେ ପାରଳାଖେମୁଣ୍ଡି ଷ୍ଟାଡିୟମ୍‌ରେ ପହଞ୍ଚି ପ୍ରଥମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ମାର୍ଟ କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରିବେ। ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲାରେ ମୋଟ ୯୬ ହଜାର ହିତାଧିକାରୀଙ୍କୁ ଚୟନ କରି ତାଲିକାଭୁକ୍ତ କରାଯାଇଥିବା ବେଳେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ଉପକୃତ ହେବେ। ସେହିଭଳି ୩ ହଜାର ଶହେ କୋଟି ଟଙ୍କାର ମୋଟ ୩୬ ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଥିବା ବେଳେ ସେଥିରେ ଅନେକ ମେଗା ପ୍ରକଳ୍ପ ରହିଥିବା ଜିଲାପାଳ ଲିଙ୍ଗରାଜ ପଣ୍ଡା ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଥିବା ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଅନ୍ୟ ମନ୍ତ୍ରୀମାନେ ଜିଲାର ବିଭିନ୍ନ ବ୍ଲକରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାରରେ ଯୋଗଦେଇ କାର୍ଯ୍ୟକ୍ରମର ପରିଚାଳନା କରିବେ। ସେମାନେ ହେଲେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜଗନ୍ନାଥ ସାରକା, ନିରଞ୍ଜନ ପୂଜାରୀ, ନବକିଶୋର ଦାସ, ପଦ୍ମନାଭ ବେହେରା, ପଦ୍ମିନୀ ଦିଆନ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଟୁକୁନି ସାହୁ। କୋଭିଡ୍ କଟକଣା ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ କେବଳ ୨୫୦ ଲୋକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମରେ ଯେଉଁମାନେ ଯୋଗଦେବେ ସମସ୍ତଙ୍କ କୋଭିଡ୍ ଟେଷ୍ଟ ରିପୋର୍ଟ ଥିବା ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ହିନ୍ଦୁ ଦେବଦେବୀଙ୍କୁ ଅଶ୍ଳୀଳ ମନ୍ତବ୍ୟ ନେଇ ଉତ୍ତେଜନା

**ବାଲିଗୁଡ଼ା,୩।୧୦(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକ ହିନ୍ଦୁ ଦେବଦେବୀଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ମନ୍ତବ୍ୟ ପୋଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ଚାପା ଉତ୍ତେଜନା ଦେଖାଦେବା ସହ ସମ୍ପୃକ୍ତ ଯୁବକଙ୍କୁ ଶୀଘ୍ର ଗିରଫ କରିବା ଦାବିରେ କନ୍ଧମାଳ ହିନ୍ଦୁ ସଙ୍ଗଠନ ପକ୍ଷରୁ ସମଗ୍ର ସହରରେ ପିକେଟିଂ କରି ରବିବାର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଛି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ପୂର୍ଣ୍ଣ



ସମର୍ଥନ ଥିବା ଯୋଗୁ ଏହା ଉଗ୍ର ରୂପ ନେବାର ଆଶଙ୍କା ରହିଛି। ଉକ୍ତ ଯୁବକଙ୍କୁ ଗିରଫ କରାନଗଲେ ରାଜ୍ୟ ବ୍ୟାପୀ ଆନ୍ଦୋଳନକୁ ତୀବ୍ର କରାଯିବା ପାଇଁ ହିନ୍ଦୁ ପୁତ୍ର ସଙ୍ଗଠନ ନେତା ସୁରେଶ କୁମାର ପତି ଚେତାବନୀ ଦେଇଛନ୍ତି। ହିନ୍ଦୁ ପୁତ୍ର ସଙ୍ଗଠନ ନେତାଙ୍କ ଏତଲାକୁ ଭିତ୍ତି କରି ବାଲିଗୁଡ଼ା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ପଚରାଉଚରା ଚଳାଇଛି।

# ୨ କ୍ୟାଡର ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ

- ଡିଜିପିଙ୍କ କୋରାପୁଟ, ମାଲକାନଗିରି ଗସ୍ତ
- କାଲିମେଳା, ଯୋଡାମ୍ବରେ ନୂତନ ଥାନା କୋଠା ଉଦ୍‌ଘାଟିତ

**କୋରାପୁଟ/ସୁନାବେଡା/ମାଲକାନଗିରି କାଲିମେଳା/ଚିତ୍ରକୋଣ୍ଡା, ୩।୧୦(ସ୍ୱ.ପ୍ର./ଡି.ଏନ.ଏ.)**



ସୁନାବେଡାଠାରେ ଡିଜିପି ଅଭୟଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ୨ ମାଓବାଦୀ।

ଡିଜିପି ଅଭୟ ରବିବାର କୋରାପୁଟ ଓ ମାଲକାନଗିରି ଜିଲା ଗସ୍ତରେ ଆସିଥିବା ବେଳେ କୋରାପୁଟ ଜିଲା ସୁନାବେଡାଠାରେ ୨ କ୍ୟାଡର ମହିଳା ମାଓବାଦୀ ତାଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଦେବା ପଡିଆମୀ ଓରଫ ଗାଙ୍ଗି (୩୨) ଏବଂ ଗୀତା ପଡିଆମୀ ଓରଫ ରଞ୍ଜିତା (୨୨)। ଗାଙ୍ଗି ଜଣେ ଏସିଏମ୍ କ୍ୟାଡର ମାଓବାଦୀ ହୋଇଥିବାବେଳେ ରଞ୍ଜିତା ମାଓବାଦୀଙ୍କ ମିଲିଟାରି ଗ୍ରୁପ୍‌ର ସଦସ୍ୟ ହୋଇଥିବା ଜଣାପଡିଛି। ଉଭୟଙ୍କୁ ସ୍ୱାଗତ କରି ଡିଜିପି ନିଜସ୍ୱ ପାଣ୍ଠିରୁ ୧୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରି ଅନ୍ୟ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ହେଲିକପ୍ଟର ଯୋଗେ ଡିଜିପି ଅଭୟ ପୂର୍ବାହ୍ନ ୯ଟାରେ ହାଲର ଟିଟିଏସ୍ ଗ୍ରାଉଣ୍ଡରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ଦୁଇ ମହିଳା କ୍ୟାଡର ମାଓବାଦୀ ଗାଙ୍ଗି ଓ ଗୀତା ତାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଗାଙ୍ଗି ୨୦୦୫ରେ ମାଓବାଦୀଙ୍କ ସଙ୍ଗଠନରେ ସାମିଲ ହୋଇ କାଲିମେଳା ଦଳମରେ ଯୋଗ ଦେଇଥିଲେ। ୨୦୦୭ରେ ବନ୍ଧୁକ ଚାଳନା ତାଲିମ ନେବା ପରେ ୨୦୦୮ରୁ ସେ ମାଛକୁଣ୍ଡ ଓ ଗୁମା ଏରିଆ କମିଟିରେ କାର୍ଯ୍ୟ କରୁଥିଲେ। ସେ ଗତ ୨୦୨୦ରେ ଏସିଏମ ର୍‍ୟାଙ୍କକୁ ପଦୋନ୍ନତି ପାଇଥିଲେ। ସେହିପରି ଛତିଶଗଡ ରାଜ୍ୟର ଗୀତା ଓରଫ ରଞ୍ଜିତା ୨୦୧୮ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇ କୋରାପୁଟ ଜିଲାର ବୈପାରିଗୁଡା, ମାଛକୁଣ୍ଡ, ଦଣ୍ଡକାରଣ୍ୟ ଓ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଓ ଆନ୍ଧ୍ରର ପେଦାବାଇଲି ଏରିଆ କମିଟିରେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ଘର ବିଜାପୁର ଜିଲା ଗାଙ୍ଗୁଲର ଥାନା ମନକିର ଗ୍ରାମରେ ବୋଲି ଜଣାପଡିଛି। ଏହି ଅବସରରେ ଡିଜିପି ଅବିଭକ୍ତ କୋରାପୁଟ ଜିଲାରେ ମାଓବାଦୀ କାର୍ଯ୍ୟକଳାପ କମିଥିବା ସୂଚନା ଦେଇ ଗଞ୍ଜେଇ ଚୋରାଚାଲାଣ ରୋକିବାରେ ଜିଲା ପୋଲିସର ଦକ୍ଷତାକୁ ପ୍ରଶଂସା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ୨୨ କନଷ୍ଟେବଳ ଓ ୫ ପୋଲିସ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ଡିଜିପି ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଡିଜିପିଙ୍କ ସହିତ ଆଇଜି ଅପରେଶନ ଅମିତାଭ ଠାକୁର, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ, ଆଇଜି ଅନିରୁଦ୍ଧ ସିଂହ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି, ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା, ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ପରେ ଡିଜିପି ମାଲକାନଗିରି ଜିଲା ଗସ୍ତ କରିବା ସହ ମାଓବାଦୀ ଦମନ ନେଇ ସମୀକ୍ଷା କରିଛନ୍ତି। ଯୋଡାମ୍ବଠାରେ ଥାନା କୋଠା ଉଦ୍‌ଘାଟନ ସମୟରେ ଏସ୍‌ପି ପ୍ରହଲ୍ଲାଦସାହି ମୀନା, ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ଥାନା ଅଧିକାରୀ ଅନିଲ ପରିଡା ଉପସ୍ଥିତ ଥିଲେ। ପରେ ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତମ କାର୍ଯ୍ୟ ପାଇଁ ପୋଲିସ ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ବୈଠକରେ ଯୋଗ ଦେଇ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସମୀକ୍ଷା କରିଥିଲେ। କାଲିମେଳାଠାରେ ଅନ୍ୟମାନଙ୍କ ସହ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ଏସ୍‌ଡିପିଓ ଅଭିଲାଷ.ଜି, ଥାନା ଅଧିକାରୀ ଜଗଦୀଶ ବାରା ଉପସ୍ଥିତ ଥିଲେ।

## ବାଲିବନ୍ଧ ରେଞ୍ଜ୍‌ରେ ୬୦ ହାତୀଙ୍କ ଉପଦ୍ରବ

**କେନ୍ଦୁଝର, ୩।୧୦(ସ୍ୱ.ପ୍ର.)**

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାଲିବନ୍ଧ ସେକ୍ସନର ବିଭିନ୍ନ ଜଙ୍ଗଲରେ ୬୦ଟି ହାତୀ ବୁଲୁଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ହାତୀପଲ ଦିନରେ ଜଙ୍ଗଲରେ ଛପି ରହୁଥିବା ବେଳେ ରାତି ହେଲେ ବାହାରି ଉପଦ୍ରବ କରୁଛନ୍ତି। ତନ୍ମଧ୍ୟରୁ ପାର୍ବତୀପୁର ଜଙ୍ଗଲରେ ୨୬, ହରିଡା ଯୋଡ଼ି ଜଙ୍ଗଲରେ ୧୪ ଓ କାଞ୍ଜିପାଣି ଜଙ୍ଗଲରେ ୨୦ ହାତୀ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। କିଛିଦିନ ହେଲା ହାତୀପଲ ଉକ୍ତ ଅଞ୍ଚଳରେ ବ୍ୟାପକ ଫସଲ ହାନି ଘଟାଉଥିବାରୁ ଲୋକେ ଚିନ୍ତାରେ ରହିବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପାଇଁ ଦାବି ହେଉଛି। ବନ ବିଭାଗ କର୍ମଚାରୀମାନେ ହାତୀପଲଙ୍କ ଉପରେ ନଜର ରଖିବା ସହ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଉକ୍ତ ରେଞ୍ଜ ଅଞ୍ଚଳରେ କିଛିଦିନ ତଳେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଏକ ଗର୍ଭବତୀ ହାତୀର ମଧ୍ୟ ମୃତ୍ୟୁ ଘଟିଥିଲା।

## ୫ ଘଣ୍ଟା ପରେ କୂଅରୁ ହାତୀ ଉଦ୍ଧାର

**ବାଙ୍ଗିରିପୋଷି,୩।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ ଅଧୀନ ଧୋବଣୀଶୋଳ ପଞ୍ଚାୟତ ଟେମ୍ପଟଲା ଗାଁରେ ଏକ ପରିତ୍ୟକ୍ତ କୂଅରେ ଶନିବାର ସନ୍ଧ୍ୟାରେ ଖସିପଡ଼ିଥିବା ହାତୀକୁ ଉଦ୍ଧାର କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ଆଡୁ କିଛି ହାତୀ ପାହାଡ଼ ତଳକୁ ଓହ୍ଲାଇ ଗାଁ ଆଡ଼କୁ ଚାଲି ଆସିଥିଲେ। ଅନ୍ଧାର ରାତିରେ ହୁଏତ ହାତୀ ବାଟବଣା ହୋଇ କୂଅ ଭିତରେ ଖସିଯାଇଥିବା ଅନୁମାନ କରାଯାଇଛି। ବାଙ୍ଗିରିପୋଷି ବନ ବିଭାଗ ଅଧିକାରୀ ଅଜୟ କୁମାର ଦାସ, ସହ କର୍ମଚାରୀ ଏବଂ ଦମକଳ ବାହିନୀ ସେଠାରେ ପହଞ୍ଚି ହାତୀକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରି ପ୍ରଥମେ ବିଫଳ ହୋଇଥିଲେ। ଶେଷରେ ୫ ଘଣ୍ଟା ବିତିଯିବା ପରେ ଜେସିବି ସାହାଯ୍ୟରେ ମାଟି ଖୋଳି ହାତୀକୁ ଉଦ୍ଧାର କରାଯାଇଥିଲା। ହାତୀଟି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବଜ୍ରପାତରେ ଜଣେ ମୃତ

**ଫୁଲବାଣୀ ଅଫିସ/ଚକାପାଦ, ୩।୧୦:** କନ୍ଧମାଳ ଜିଲା ଚକାପାଦ ଥାନା ଅନ୍ତର୍ଗତ ଧନ୍ଦକିଆରି ଗ୍ରାମର ଜଣେ ବ୍ୟକ୍ତିଙ୍କର ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି । ସେ ହେଲେ ଶେଷଦେବ ମଳିକ। ଶେଷଦେବ ବିଲ ହୁଡାରେ ମଇଁଷି ଚରାଉଥିବା ବେଳେ ହଠାତ୍ ବର୍ଷା ଆସି ବଜ୍ରପାତ ହୋଇଥିଲା। ଫଳରେ ସେ ଟଳି ପଡିଥିଲେ । ପାଖରେ ଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ପରେ ଆମ୍ବୁଲାନ୍ସ ଆସି ଶେଷଦେବଙ୍କୁ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଚାଲିବ ଏସି ବସ୍ ସଫାରି

**ବାରଙ୍ଗ,୩।୧୦(ଡି.ଏନ୍.ଏ.)**

କୋଭିଡ୍ କଟକଣା ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ବଢୁଥିବା ଦେଖିବାକୁ ମିଳିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ କର୍ତ୍ତୃପକ୍ଷ ଏକ ପଦକ୍ଷେପ ନେଇଛନ୍ତି। ପ୍ରଥମ ଥର ପାଇଁ ଚନ୍ଦକା-ଡମପଡା ଅଭୟାରଣ୍ୟରେ ଏସି ବସ୍ ସଫାରି ଚାଲିବ। ଜଙ୍ଗଲର ପାକୃତିକ ପରିବେଶ ସହ ଘଞ୍ଚ ଜଙ୍ଗଲରେ ଖୋଲାରେ ବିଚରଣ କରୁଥିବା ପଶୁପକ୍ଷୀଙ୍କୁ ନିକଟରୁ ଦେଖି ମଜା ଉଠାଇବେ ପର୍ଯ୍ୟଟକ। ହାତୀ ଅଭୟାରଣ୍ୟ ସହ ଡେରାସ ଡ୍ୟାମରେ ଚାଲିବ ୧୨ସିଟ ବିଶିଷ୍ଟ ୪ଟି ଏସି ବସ୍। ଏହି ବସ ପ୍ରାୟ ୩ଘଣ୍ଟା ଧରି ଘଞ୍ଚ ଜଙ୍ଗଲ ଅଞ୍ଚଳ ଝଲରା, ଆମ୍ବିଲୋ ୱାଚଟାୱାର, କୁମାର ଖୁଣ୍ଟି ଆଦି ଜଙ୍ଗଲ ଅଞ୍ଚଳରେ ପର୍ଯ୍ୟଟକଙ୍କୁ ବୁଲାଇବ। ଆସନ୍ତା ୮ତାରିଖରେ ଏହି ବସ୍ ଚାଲିବା ପାଇଁ ଚନ୍ଦକା-ଡମପଡା ଅଭୟାରଣ୍ୟ କର୍ତ୍ତୃପକ୍ଷ ଯୋଜନା କରିଥିବା ଜଣାପଡ଼ିଛି।



**ଭତ୍ତା ପାଇଁ ହୀନସ୍ତା:** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଧୀନ ହିରୋମୁଣ୍ଡା-ଖଲିଆପାଲି କେନାଲ ରାସ୍ତା ପାଣି, କାଦୁଅରେ ଭର୍ତ୍ତି। ଭତ୍ତା ପାଇଁ ପଞ୍ଚାୟତ ଅଫିସକୁ ଯାଉଥିବା ଜଣେ ବୃଦ୍ଧଙ୍କୁ ଗ୍ରାମର ଯୁବକମାନେ ରାସ୍ତା ପାରି କରୁଛନ୍ତି।


**I I I T Bhubaneswar**
**Imagine, Innovate, Inspire**
(A University established by Government of Odisha)

**Admission Announcement**
**B.Tech. Programme**

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2021. Applications are invited for admission to B.Tech. Programme under **Odisha category** in the following disciplines :

- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2021 Rank.
For Admission Bulletin and more details visit the following link : **https://www.iiit-bh.ac.in/admissions**

**Phone : 8763122395, 8763122394**
**E-mail : btechadmission@iiit-bh.ac.in, Home page : www.iiit-bh.ac.in**
**IIIT Bhubaneswar, Gothapatna, PO: Malipada, Bhubaneswar-751003, India**


## ମହିଳା ଇଞ୍ଜିନିୟରଙ୍କୁ ମାଡ଼ ଘଟଣା: ଟାଟା ଗଲା ଜିଆର୍‌ପିର ସ୍ୱତନ୍ତ୍ର ଟିମ୍

**ରାଉରକେଲା ଅଫିସ, ୩।୧୦**

ଗୀତାଞ୍ଜଳି ଏକ୍ସପ୍ରେସରେ ଯାଉଥିବା ବେଳେ ଜଣେ ମହିଳା ଇଞ୍ଜିନିୟରଙ୍କୁ ମାଡ଼ ଘଟଣାରେ ରାଉରକେଲା ଜିଆର୍‌ପିର ୫ଜଣିଆ ସ୍ୱତନ୍ତ୍ର ଟିମ୍ ରବିବାର ଟାଟା ଗସ୍ତ କରିଛନ୍ତି। ଏହି ଟିମ୍ ଟାଟା ରେଲୱେ କଲୋନୀରେ ରହୁଥିବା ଆର୍‌ପିଏଫ୍ କନଷ୍ଟେବଳ ଅଜିତ କୁମାର ନାୟକଙ୍କୁ ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, କର୍ଣ୍ଣାଟକ ରାଜ୍ୟ ଧନବାଦ ଜିଲା ନରେନ୍ଦ୍ର ଗ୍ରାମରେ ଅନୀତା ରାଜଶ୍ରେଷ୍ଠ(୩୦) ସପରିବାର ରୁହନ୍ତି। ସେ କୌଣସି କାମ ପାଇଁ ମହାରାଷ୍ଟ୍ରର ଗୁନ୍ଦିଆ ଷ୍ଟେଶନରୁ ଗୀତାଞ୍ଜଳି ଏକ୍ସପ୍ରେସ ଯୋଗେ ହାୱଡ଼ା ବାହାରିଥିଲେ। ଅନୀତା ବିନା ଟିକେଟରେ ଗୀତାଞ୍ଜଳି ଏକ୍ସପ୍ରେସ୍‌ର ଏସ୍-୩ ବଗିରେ ଥିବା ଏକ ସିଟ୍‌ରେ ବସିଥିଲେ। ଶନିବାର ଟ୍ରେନ୍‌ଟି ରାଉରକେଲା ପାନପୋଷ ଷ୍ଟେଶନରେ ପହଞ୍ଚିବା ବେଳେ ଆର୍‌ପିଏଫ୍ କନଷ୍ଟେବଲ ନାୟକ ତାଙ୍କୁ ଟିକେଟ ମାଗିଥିଲେ। ମହିଳା ଜଣଙ୍କ ଟିକେଟ କରି ନ ଥିବା କଥା ସ୍ୱୀକାର କରି ତାଙ୍କୁ କୌଣସି ଟିକେଟ ଦେଖାଇ ନ ଥିଲେ। ଫଳରେ ଅଜିତ ମହିଳା ଜଣଙ୍କୁ ସିଟ୍ ଛାଡ଼ିବା ପାଇଁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମହିଳାଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଅଜିତ ବାଡ଼ିରେ ଅନୀତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଅନୀତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଟ୍ରେନ୍‌ଟି ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ମହିଳା ଜଣକ ଜିଆର୍‌ପି ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାର ଅଧିକ ତଦନ୍ତ ପାଇଁ ପୋଲିସ ଟାଟା ଯାଇଥିବା ଜିଆର୍‌ପି ସବଇନ୍ସପେକ୍ଟର ଦେବେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।


**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%


## ବ୍ରହ୍ମପୁର ମଣ୍ଡଳ କାରାଗାରରେ ସବ୍ୟସାଚୀ: ୧୩୦ ମାମଲାରୁ ୬୨ରେ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୩।୧୦**

ଦୀର୍ଘଦିନ ଧରି ପୋଲିସକୁ ଚକମା ଦେଇ ଫେରାର ଥିବା ଟପ୍ ମାଓବାଦୀ ନେତା ତଥା ଓଡ଼ିଶା ମାଓବାଦୀ ପାର୍ଟିର ମୁଖ୍ୟ ସବ୍ୟସାଚୀ ପଣ୍ଡା ଓରଫ ସୁନୀଲଙ୍କୁ ୨୦୧୪ ଜୁଲାଇ ୧୭ରେ ପୋଲିସ ଗିରଫ କରିଥିଲା। ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ମଙ୍ଗଳବାରପେଣ୍ଠ ସାହିର ଏକ ଭଡ଼ାଘରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହା ପରଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀଭାବେ ରହିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲାରେ ସବ୍ୟସାଚୀଙ୍କ ନାଁରେ ମୋଟ ୧୩୦ଗୋଟି ମାମଲା ରହିଛି। ସେଥିରୁ ୬୨ ମାମଲାରେ ସେ ଅଦ୍ୟାବଧି ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ସାରିଥିବା ନେଇ ତାଙ୍କ ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସୂଚନା ଦେଇଛନ୍ତି। ସବ୍ୟସାଚୀଙ୍କୁ କେବଳ ଗୋଟିଏ ମାମଲାରେ ଦୋଷୀ

### ଗୋଟିଏରେ ଆଜୀବନ

ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡ ହୋଇଛି। ତଳ କୋର୍ଟର ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ଅପିଲ୍ କରାଯାଇଥିବା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ମାଓବାଦୀ ପାର୍ଟି ବିଶେଷ କରି ଦକ୍ଷିଣାଞ୍ଚଳରେ ଅପରେଟ୍ କରୁଥିଲା। ପରେ ପଶ୍ଚିମ ଓଡ଼ିଶାର ବୌଦ୍ଧ, କଳାହାଣ୍ଡି ଏବଂ ନୟାଗଡ଼ ଜିଲାରେ ମଧ୍ୟ ଏମାନଙ୍କ ଗତିବିଧି ଦେଖିବାକୁ ମିଳିଥିଲା।

୨୦୧୪ ଜୁଲାଇରେ ପାର୍ଟିର ମୁଖ୍ୟ ସବ୍ୟସାଚୀଙ୍କୁ ଗିରଫ ପରେ ଲାଲ ଦୁର୍ଗ ଏକପ୍ରକାର ଭୁଶୁଡ଼ି ପଡ଼ିଥିଲା। ଧୀରେ ଧୀରେ ଓଡ଼ିଶା ମାଓବାଦୀ ପାର୍ଟି ଦୁର୍ବଳ ହୋଇପଡ଼ିଥିଲା। ସବ୍ୟସାଚୀ ଗିରଫ ହେବା ପରେ ଜଣେ ପରେ ଜଣେ ଦୁର୍ଦ୍ଧାନ୍ତ ମାଓବାଦୀ



ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା।

ଧରା ପଡ଼ିଥିଲେ। ଆଉ କେତେଜଣ ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରିଥିଲେ। ସବ୍ୟସାଚୀଙ୍କ ଗିରଫ ଘଟଣାକୁ ଏବେ ୭ବର୍ଷ ଦୁଇ ମାସ ପୂରିଛି। ଗିରଫ ପରଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀଭାବେ ରହିଛନ୍ତି। ସବ୍ୟସାଚୀଙ୍କ ନାମରେ ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼, ରାୟଗଡ଼ା ଜିଲାରେ ବିଭିନ୍ନ ମାମଲା ରହିଛି। ଅଧିକାଂଶ ମାମଲାରେ ସାକ୍ଷୀ ବିଚାର ଶେଷ ହୋଇଥିବା ସବ୍ୟସାଚୀଙ୍କ ଓକିଲ ପଟ୍ଟନାୟକ କହିଛନ୍ତି। କେବଳ ରାୟଗଡ଼ାର ସମସ୍ତ ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଏବେ ପାରଳାଖେମୁଣ୍ଡି, ବାଲିଗୁଡ଼ା, ଗୁଣପୁର କୋର୍ଟରେ ଅଧିକାଂଶ ମାମଲା ରହିଛି। ପାରଳାଖେମୁଣ୍ଡି, ବାଲିଗୁଡ଼ା, ନୟାଗଡ଼ରେ ରୁଜୁ ହୋଇଥିବା ମାମଲାରେ ଅନ୍ୟ ଅଭିଯୁକ୍ତମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ସାରିଛନ୍ତି। ବଡ଼ବଜାର ଥାନା ମଙ୍ଗଳବାରପେଣ୍ଠ ସାହିରୁ ଗିରଫ ମାମଲାରେ ଆଇପିସି ଦଫା ୧୨୧(କ)/୧୨୪ରେ ଦେଶଦ୍ରୋହ କାର୍ଯ୍ୟକଳାପ ପାଇଁ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସେହି ଭଡ଼ାଘରୁ ପୋଲିସ ଲାପଟପ୍, ପେନ୍‌ଡ୍ରାଇଭ୍, ହାର୍ଡଡିସ୍କ, ସୁନା ଗହଣା ଓ ବନ୍ଧୁକ ଆଦି ଜବତ କରିଥିଲା।


**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

**BCF FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9999268493
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବନ୍ୟପ୍ରାଣୀ ସପ୍ତାହକୁ ନେଇ ବିଭିନ୍ନ ପ୍ରତିଯୋଗିତା

ରାଜନଗର,୩।୧୦(ଡି.ଏନ.ଏ.): ୬୭ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ରାଜନଗର ବନବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ଭିତରକନିକା ସମ୍ପର୍କରେ ସେମାନଙ୍କୁ ଜଣାଇବା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡାଙ୍ଗମାଳସ୍ଥିତ କନିକା ରେଞ୍ଜ୍ କାର୍ଯ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରକୃତି ସନ୍ତୁଳନରେ ଲୁଣା ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ଭୂମିକା ଶୀର୍ଷକ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ବୀଣାପାଣି ହାଇସ୍କୁଲ ଦୀଘି, ନାଗାନାରାୟଣ ହାଇସ୍କୁଲ ଡାଙ୍ଗମାଳ, କୃଷ୍ଣନଗର ହାଇସ୍କୁଲ, ରଙ୍ଗଣୀ ପଞ୍ଚାୟତ ହାଇସ୍କୁଲ ଓ ବିବେକାନନ୍ଦ ହାଇସ୍କୁଲ ବାଘମାରୀର ଛାତ୍ରୀଛାତ୍ରଙ୍କୁ ନେଇ ସିନିୟର ଗ୍ରୁପ ଓ ନଳିତାପାଟିଆ ପ୍ରାଥମିକ ବିଦ୍ୟାଳୟ, ବାଙ୍କୁଆଳ ପ୍ରାଥମିକ ବିଦ୍ୟାଳୟ, କୃଷ୍ଣନଗର ପ୍ରାଥମିକ ବିଦ୍ୟାଳୟ, ସୁବର୍ଣ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ତାଳଚୁଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଗ୍ରୁପରେ ଏହି ପ୍ରତିଯୋଗିତା ହୋଇଥିଲା। ୭୦ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ବିରଞ୍ଚି ନାରାୟଣ ସାମଲ, ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ସହ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚାଷୀଙ୍କୁ ବର୍ଷା କ୍ଷତିପୂରଣ ପ୍ରଦାନ

ଡେରାବିଶ,୩।୧୦(ସ୍ୱ.ପ୍ର.): ଡେରାବିଶ ତହସିଲ ଅନ୍ତର୍ଗତ ୮ଟି ରାଜସ୍ୱ ମଣ୍ଡଳ ଅଧୀନ ୪୪ ରାଜସ୍ୱ ଗ୍ରାମର ଚାଷୀଙ୍କୁ ବର୍ଷା ଜନିତ କ୍ଷତିପୂରଣ ଦେବା ନିମନ୍ତେ ତହସିଲ କାର୍ଯ୍ୟାଳୟରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁ ରହିଛି। ଏପରିକି ଶନିବାର, ରବିବାର ସରକାରୀ ଛୁଟି ଥିଲେ ମଧ୍ୟ ତହସିଲଦାର ସମ୍ବିତ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ରାଜସ୍ୱ କର୍ମଚାରୀ ନିଜ ନିଜର ଛୁଟି ବାତିଲ କରି କ୍ଷୟକ୍ଷତି ପ୍ରଦାନ କାର୍ଯ୍ୟରେ ଲାଗିଥିଲେ। ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ପରିଦର୍ଶକ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ। ୨୦୨୦ ଲଗାଣ ବର୍ଷା ଫଳରେ ଡେରାବିଶ ତହସିଲ ଅଞ୍ଚଳରେ ବ୍ୟାପକ ଭାବେ ଧାନ ଫସଲ କ୍ଷୟକ୍ଷତି ହୋଇଥିଲା। ଏଥିନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ସର୍ଭେ କରାଯାଇ କ୍ଷୟକ୍ଷତିର ଆକଳନ ଓ ହିତାଧିକାରୀ ଚିହ୍ନଟ କରାଯାଇଛି। ତହସିଲଦାର ଶତପଥୀଙ୍କ ସୂଚନା ଅନୁଯାୟୀ, ତହସିଲ ଅଧୀନ ଛୋଟି, ରାଜନଗର, ବଳଭଦ୍ରପୁର, ଏଣ୍ଡର, ଚାଟରାଚକଡ଼ା, ଡେରାବିଶ, ଗୁଆଲସିଂ ଓ କାଉପଡ଼ା ରାଜସ୍ୱ ମଣ୍ଡଳର ୪୪ ଗାଁର କ୍ଷତିଗ୍ରସ୍ତ ଚାଷୀଙ୍କୁ ଗତମାସ ସୁଦ୍ଧା ୧ କୋଟି ୪୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଥିଲା। ଚଳିତ ମାସର ପ୍ରଥମ ୩ଦିନରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତା ଦୁଇ ସପ୍ତାହରେ ଅବଶିଷ୍ଟ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି।

# ପଞ୍ଚାୟତ ନିର୍ବାଚନକୁ ସ୍କୁଲ ମିଶ୍ରଣ ଅଡୁଆ

- ବାଳିକା ସ୍କୁଲରେ ବାଳକ ପଢୁଥିବାରୁ ଅସନ୍ତୋଷ
- ମିଶ୍ରଣ ପ୍ରକ୍ରିୟା ରୋକିବାକୁ ହୋଇଥିଲା ପ୍ରୟାସ
- ଲୋକଙ୍କୁ ସମ୍ମୁଖୀନ ହେବାକୁ ପ୍ରତିନିଧିଙ୍କୁ ଲାଗୁଛି ଡର

କେନ୍ଦ୍ରାପଡ଼ା ଅଫିସ, ୩।୧୦

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ କେନ୍ଦ୍ରାପଡ଼ା ଜିଲାର ୨୧୭ଟି ସ୍କୁଲରେ କମ୍ ଶିକ୍ଷାର୍ଥୀ ଥିବା ଦର୍ଶାଇ ନିକଟସ୍ଥ ଅନ୍ୟ ସ୍କୁଲରେ ଏହାକୁ ମିଶ୍ରଣ କରାଯାଇଛି। ଏହି ମିଶ୍ରଣକୁ ବିରୋଧ କରି ଜିଲାର ଅଭିଭାବକମାନେ ବହୁବାର ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରିଛନ୍ତି। ମିଶ୍ରଣ ପ୍ରକ୍ରିୟାକୁ ରୋକିବାକୁ ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଏହାସତ୍ତ୍ୱେ ସରକାରୀ ନିଷ୍ପତ୍ତିକୁ ବଦଳାଇବାରେ ଲୋକ ପ୍ରତିନିଧି ସକ୍ଷମ ହୋଇ ପାରି ନ ଥିଲେ। କୋମଳମତି ପିଲାଙ୍କୁ ଘରଠାରୁ ଦୂର ସ୍କୁଲକୁ ଛାଡିବାକୁ ଏଯାଏ ଅଭିଭାବକମାନେ ରାଜି ହୋଇନାହାନ୍ତି। ଏପରି କି ବାଳକମାନେ ସ୍କୁଲ ମିଶ୍ରଣର ପ୍ରକ୍ରିୟା ଫଳରେ ବାଳିକା ସ୍କୁଲରେ ପଢୁଥିବା ସାର୍ଟିଫିକେଟ ପାଇବେ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରଭାବ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଲୋକଙ୍କ କଥାକୁ ରଖି ପାରି ନ ଥିବା ଜନ ପ୍ରତିନିଧିମାନେ ଏବେ ସେମାନଙ୍କୁ ସମ୍ମୁଖୀନ ହେବାକୁ ଡରୁଛନ୍ତି।

କଂସାର ଗାଁର ନିରଞ୍ଜନ ପରିଡା କହିଛନ୍ତି, ପ୍ରଥମରୁ ହାଇସ୍କୁଲ ଯାଏ ପିଲାଙ୍କର ବାହାର ଦୁନିଆ ସହ ସେତେଟା ସମ୍ପର୍କ ନ ଥାଏ। ଗ୍ରାମ ନିକଟ ସ୍କୁଲରେ ପାଠ ପଢ଼ିଥାନ୍ତି। ତେବେ କମ୍ ପିଲା ଦର୍ଶାଇ କେନ୍ଦ୍ରାପଡ଼ା ଜିଲାର ୨୧୭ଟି ବିଦ୍ୟାଳୟକୁ ୨ରୁ ୫ କି.ମି. ଦୂରରେ ଥିବା ସ୍କୁଲରେ ମିଶାଇ ଦିଆଯାଇଛି। ଏଥିରେ ସର୍ବାଧିକ କୋମଳମତି ପିଲାମାନେ ଶିକାର ହୋଇଛନ୍ତି। ଜିଲାର ୩ ହାଇସ୍କୁଲ, ୪ ଉଚ୍ଚ ପ୍ରାଥମିକ ସ୍କୁଲ ଏହି ମିଶ୍ରଣରେ ଥିବା ବେଳେ ୨୧୦ଟି ପ୍ରାଥମିକ ବିଦ୍ୟାଳୟ ଅଛି। ୧୦ବର୍ଷର ଶିକ୍ଷାର୍ଥୀମାନଙ୍କ ପାଖରେ ଚପଳତା ଦେଖିବାକୁ ମିଳିଥାଏ। ରାସ୍ତାରେ ଗାଡିମୋଟର ଯାତାୟାତ ସହ ବୁଲା ପ୍ରାଣୀଙ୍କ ଶିକାର ହେବା କୌଣସି ଅପ୍ରାସଙ୍ଗିକ ନୁହେଁ। ସେହିପରି ଏହି ଜିଲା ନଦୀ ନାଳ ଭରା ହୋଇଥିବା ବେଳେ ଗମନାଗମନର ବିଶେଷ ସୁବିଧା ନାହିଁ। କେଉଁ ଅଭିଭାବକ ନିଜର ପିଲାଙ୍କ ଶିକ୍ଷା ପାଇଁ ଦୁର୍ଘଟଣାରେ ଜୀବନ ନଷ୍ଟ କରିବାକୁ ଦେବ। ମାର୍ଶାଘାଇର ପ୍ରମୋଦ କୁମାର ଦାସ କହିଛନ୍ତି, ସ୍କୁଲ ମିଶ୍ରଣର ପ୍ରଭାବ ମାର୍ଶାଘାଇ ସରକାରୀ ବାଳିକା ବିଦ୍ୟାଳୟରେ ଦେଖିବାକୁ ମିଳିଛି। ପୂର୍ବରୁ ଏଠାରେ କେବଳ ବାଳିକାମାନେ ପଢୁଥିଲେ। ଏବେ ଏହି ସ୍କୁଲରେ ବାଳକମାନେ ପାଠ ପଢୁଛନ୍ତି। ଦଶମ ଶ୍ରେଣୀ ପାସ୍ ପରେ ଏମାନଙ୍କ ସାର୍ଟିଫିକେଟରେ ବାଳିକା ସ୍କୁଲରେ ପଢୁଥିବା ଉଲ୍ଲେଖ କରାଯାଉଛି। ଯାହା ଛାତ୍ରଙ୍କ କୋମଳ ମନ ଉପରେ ଗଭୀର ପ୍ରଭାବ ପକାଉଛି। ବାଳକମାନେ ଏହି ସ୍କୁଲରେ ପଢ଼ିବା ପରେ ଅନ୍ୟୂନ ବିଦ୍ୟାଳୟ ନାମରୁ ବାଳିକା ଶବ୍ଦ ହଟାଇବା କଥା। ଯାହା ଅଦ୍ୟାବଧି ସଂଶୋଧନ ହୋଇନାହିଁ। ଦେପୁର ଗାଁର ଜଗଦୀଶ ପତି କହିଛନ୍ତି, ରାଜ୍ୟ ସରକାର ବିଦ୍ୟାଳୟ ମିଶ୍ରଣ ନେଇ ବିଜ୍ଞପ୍ତିରେ ୨୫ଜଣ ଶିକ୍ଷାର୍ଥୀରୁ କମ୍ ଥିଲେ ନିକଟସ୍ଥ ସ୍କୁଲରେ ମିଶ୍ରଣ କରିଛନ୍ତି। ଏହାକୁ ନେଇ ସେହି ସମୟରେ ବହୁ ରାସ୍ତାରୋକୋ ହୋଇଛି। ସରପଞ୍ଚ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଭାବକମାନେ ଦ୍ୱାରସ୍ଥ ହୋଇଥିଲେ। ଏଥିରୁ ସୁଫଳ ନ ମିଳିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟକୁ ଯାଇଥିଲେ। ତେବେ ସରକାରଙ୍କ ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ କୋର୍ଟ ସମର୍ଥନ ଦେବାରୁ ଅଭିଭାବକମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅସନ୍ତୋଷ ଆସନ୍ତା ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହେବାର ସମ୍ଭାବନା ଅଛି। ବୁଦ୍ଧିଜୀବୀ ସ୍ୱରାଜ କୁମାର ଦାସ କହିଛନ୍ତି, ସରକାରଙ୍କ ମାନଦଣ୍ଡଠାରୁ ଅଧିକ ପିଲା ଥିଲେ ମଧ୍ୟ ସ୍କୁଲ ମିଶ୍ରଣ ପ୍ରକ୍ରିୟାରେ ସାମିଲ ହୋଇଛି। ଆସନ୍ତା ପୂଜା ଛୁଟି ପରେ ସ୍କୁଲ ଖୋଲିବ ବୋଲି କୁହାଯାଉଛି। ଏଥିସହ ପଞ୍ଚାୟତ ନିର୍ବାଚନ ପାଇଁ ରାଜନେତାମାନେ ସଙ୍ଗଠନକୁ ଦୃଢ କରିବା ଚେଷ୍ଟାରେ ଅଛନ୍ତି। ତେବେ ସ୍କୁଲ ମିଶ୍ରଣର ଅସନ୍ତୋଷ ଏବେ ସାଙ୍ଗଠନିକ ପ୍ରସ୍ତୁତି ବୈଠକରେ ଦେଖିବାକୁ ମିଳୁଛି। ଏପରିକି ଏହି ଅସନ୍ତୋଷକୁ ସମ୍ମୁଖୀନ ପାଇଁ ଲୋକ ପ୍ରତିନିଧି ଡରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଗରଦପୁରରେ ବୃକ୍ଷରୋପଣ



ଇଣ୍ଟର ନ୍ୟାଶନାଲ ଗୀତା ମିଶନ ପକ୍ଷରୁ ଚାରା ବଣ୍ଟନ କରାଯାଉଛି।

ପାଟକୁରା,୩।୧୦(ଡି.ଏନ.ଏ.)

ପୂଜକ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟର ନ୍ୟାଶନାଲ ଗୀତା ମିଶନ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗରଦପୁର ବ୍ଲକର ବିଭିନ୍ନ ସ୍ଥାନରେ କରାଯାଇଛି। ଗୀତା ମିଶନର ସଭାପତି ଡ. ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ କହିଥିଲେ, ବୃକ୍ଷ ହିଁ ବିଶ୍ୱର ଭବିଷ୍ୟତ ଓ ବୃକ୍ଷ ହିଁ ବିଶ୍ୱର ରକ୍ଷକ। ପୃଥିବୀର ତାପମାତ୍ରା ବଢ଼ି ଚାଲିଥିବାବେଳେ ବୃକ୍ଷ ରୋପଣ ଓ ସଂରକ୍ଷଣର ଧାରା ହିଁ ଏହାକୁ ଅଟକାଇ ପାରିବ। ଗରଦପୁର ବ୍ଲକର କୋରୁଆ, ହରିପୁର, ଭଦକମଳ, ମରିଲୋ, ବେହୁଳ, ନଡ଼ିଆବରାଇ, ତିକନପୁର, ଜିରାଳ, ପାଟକୁରାଠାରେ ବ୍ୟାପକ ଭାବେ ଆମ୍ବ, ଲିମ୍ବ, ପଣସ ଆଦି ୨୭ଶହରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ପ୍ରସନ୍ନ ନାୟକ, ଗୌରାଙ୍ଗ ସୂତାର, ଆକ୍ଷିତ ମହାପାତ୍ର, ଭଗବାନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମୁଗ ବିହନ ଦୁର୍ନୀତିର ତଦନ୍ତ ଦାବି

ମାର୍ଶାଘାଇ,୩।୧୦ (ଡ଼ି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ଏବଂ ଚାଷର ଉନ୍ନତି ପାଇଁ ବହୁ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଅର୍ଥ ମଧ୍ୟ ଯୋଗାଇ ଦେଉଛନ୍ତି। ହେଲେ ଏସବୁ ତଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ରବି ଋତୁରେ ମାଗଣା ମୁଗ ବିହନ ଯୋଗାଇ ଦେବାକୁ ସରକାର ଗୁରୁତ୍ୱ ଦେଇଥିଲେ। ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକର ବହୁ ଗାଁରେ କୃଷି ବିଭାଗର କେତେଜଣ ଅସାଧୁ କର୍ମଚାରୀ ନିଜ ସମ୍ପର୍କୀୟଙ୍କ ନାମରେ କୁଇଣ୍ଟାଲ କୁଇଣ୍ଟାଲ ମୁଗ ବିହନ ଲୁଟିବା ନେଇ ଅଭିଯୋଗ ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ତଦନ୍ତ କରି ଦୁର୍ନୀତି ଖୋର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

ମାର୍ଶାଘାଇ ବ୍ଲକର ଚାଷୀ ପ୍ରଫୁଲ୍ଲ ସ୍ୱାଇଁ ସୂଚନା ଅଧିକାର ଆଇନରେ ମାଗିଥିବା ତଥ୍ୟ ଅନୁଯାୟୀ, ୨୦୧୯-୨୦ ବର୍ଷର ରବି ଋତୁରେ ପ୍ରକୃତ ଚାଷୀଙ୍କୁ ଅବହେଳା କରାଯାଇ ବ୍ଲକର କଷଟିପେହେନ୍ତା ଗାଁର ଭୂମିହୀନଙ୍କ ସମେତ ପରିବାରର ଏକାଧିକ ସଦସ୍ୟଙ୍କ ନାମରେ ମୁଗ ବିହନ ବଣ୍ଟନ କରାଯାଇଥିବା ଜାଣିବାକୁ ମିଳିଛି। ଏପରି କି ସ୍ୱାଇଁଙ୍କ ନାମରେ ୨୦ କିଗ୍ରା ବିହନକୁ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ମିଳିଛି ; ଯାହାଫଳରେ ଶତାଧିକ ଚାଷୀ ମୁଗ ବିହନ ନ ପାଇ ଚାଷ କରି ପାରି ନ ଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଏହି ଦୁର୍ନୀତିକୁ ଚପାଇ ଦେବା ପାଇଁ ଉଦ୍ୟମ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅଭିଯୋଗକାରୀ ସ୍ୱାଇଁ ଏହି ଦୁର୍ନୀତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ ଓ ୫ଟି ସଚିବଙ୍କୁ ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ କୃଷି ଜିଲା ଅଧିକାରୀ ଅନ୍ତର୍ଯ୍ୟାମୀ ଧୀରଙ୍କୁ ପଚାରିବାରେ, ମୋ କାର୍ଯ୍ୟକାଳ ସମୟରେ ଏହା ହୋଇନାହିଁ। ତଥାପି ଏହାର ବିଭାଗୀୟ ତଦନ୍ତ କରି ଅସାଧୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବି ବୋଲି ସେ କହିଛନ୍ତି।

## ପଟ୍ଟାମୁଣ୍ଡାଇ ବାଇପାସ୍ ରାସ୍ତା ମରଣଯନ୍ତା ପାଲଟିଛି



ରାସ୍ତାରେ ହୋଇଥିବା ଗର୍ତ୍ତରେ ପାଣି ଜମି ରହିଛି।

ପଟ୍ଟାମୁଣ୍ଡାଇ, ୩।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ସହର ପୁରୁଣା ବାଇପାସ୍ ପୋଲଠାରୁ ଅଳଭା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇ ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ଏହି ସବୁ ଖାଲଖମାରେ ପାଣି ଭର୍ତ୍ତି ହୋଇ ଗାଡ଼ିଆର ଭ୍ରମ ସୃଷ୍ଟି କରୁଛି। ତେବେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ରାସ୍ତା ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅବସ୍ଥା ସୁଧୁରି ପାରୁନାହିଁ। ଏହି ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର, ବାଲିପଡା, ନୂଆଗାଁ, ଅଳଭା ଆଦି ଗାଁର ଲୋକମାନେ ଦୈନିକ ନିର୍ଭର କରୁଛନ୍ତି। ପଟ୍ଟାମୁଣ୍ଡାଇରୁ ରାଜନଗରକୁ ଏହି ରାସ୍ତା ଦେଇ ଦୈନିକ ଶତାଧିକ ଗାଡିମୋଟର ଓ ଭାରିଯାନଗୁଡ଼ିକ ଚଳାଚଳ କରୁଛି। ପୁନଶ୍ଚ ଅଳଭାଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ମଧ୍ୟ ଖରାପ ହୋଇପଡିଛି। ଏହି ରାସ୍ତା ଉପରେ ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଚନ୍ଦନଗର, ସଂସାରଫଳ ଆଦି ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି।

ଏକଦା ପଟ୍ଟାମୁଣ୍ଡାଇରୁ ରାଜନଗରକୁ ସଂଯୋଗ କରୁଥିବା ଏହି ରାସ୍ତାକୁ ଲାଇଫଲାଇନ ବୋଲି କୁହାଯାଉଥିଲା। ପଟ୍ଟାମୁଣ୍ଡାଇ ଉତିକଣ ବନ୍ୟାବନ୍ଧ ଉପରେ ନିର୍ମାଣ କରାଯାଇଥିବା ଏହି ରାସ୍ତାର ଉପରି ଭାଗ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ବନ୍ଧର ଉଭୟପାର୍ଶ୍ୱ ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଦ୍ୱୈତ ବିଭାଗ ଦାୟିତ୍ୱରେ ଥିବାରୁ ଏବଂ ଉଭୟ ବିଭାଗ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଏହି ରାସ୍ତାଟି ଅବହେଳାର ଶିକାର ହୋଇଆସୁଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ପଟ୍ଟାମୁଣ୍ଡାଇ ପୁରୁଣା ବାଇପାସ୍ ପୋଲ ଛକଠାରୁ କେନାଲ ପୋଲ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ନ କହିଲେ ଭଲ। କରୋନା ପାଇଁ ୨ ବର୍ଷ ହେବ ପଟ୍ଟାମୁଣ୍ଡାଇ ପରିବା ହାଟ, ମାଛ ମାର୍କେଟ, ଶୁଖୁଆ ହାଟ ଓ ମାଂସ ବଜାରକୁ ଏହି ରାସ୍ତା ପାର୍ଶ୍ୱରେ ଅବସ୍ଥାପିତ କରାଯାଇଛି। ଏହି ସ୍ଥାନକୁ ପନିପରିବା, ମାଛ ମାଂସ, ଶୁଖୁଆ କିଣିବା ପାଇଁ ଦୈନିକ ଗ୍ରାହକଙ୍କ ସମାଗମ ହେଉଛି। ରାସ୍ତା ସାରା ଗର୍ତ୍ତ ସୃଷ୍ଟି ହୋଇଥିବାରୁ ହାଟ ରାସ୍ତା ଦେଇ ଯାନବାହନ ଚଳାଚଳ ସମୟରେ ଲୋକମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ରାସ୍ତାରେ ପାଦରେ ଚାଲି ଚାଲି ଯାଉଥିବା ପଥଚାରୀମାନେ ଖାଲଖମାରେ ପଡି ଲହୁଲୁହାଣ ହେଉଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ଜରୁରୀ

ପଟ୍ଟାମୁଣ୍ଡାଇ, ୩।୧୦(ସ୍ୱ.ପ୍ର.)

ସମାଜରେ ବାର୍ଦ୍ଧକ୍ୟ ଅବସ୍ଥାରେ ମା'ବାପାଙ୍କୁ ବୋଝ ବୋଲି ସେମାନଙ୍କ ପିଲାମାନେ ଏବେ ଭାବୁଛନ୍ତି। ବୃଦ୍ଧ ମା'ବାପାଙ୍କୁ ଅଲୋଡ଼ା ମନେ କରି ଜରାଶ୍ରମ କିମ୍ବା ରାସ୍ତାକଡ଼ରେ ଛାଡ଼ି ଦେଉଛନ୍ତି। ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଅବହେଳିତ ବୃଦ୍ଧାବୃଦ୍ଧଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନିଆ ନ ଗଲେ ସାମାଜିକ ପରିବର୍ତ୍ତନ ଅସମ୍ଭବ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ଅତିଥିମାନେ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ପଟ୍ଟାମୁଣ୍ଡାଇ କୋର୍ଟ ସବ୍‌ଜଜ୍ ଗୋପବନ୍ଧୁ ଗଡନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଜଜ୍ ଗଡନାୟକ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ ତପନ କୁମାର ମିଶ୍ର, ସରକାରୀ ଓକିଲ ପ୍ରଦ୍ୟୁମ୍ନ ସାମନ୍ତରାୟ, ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚର ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାସ ପାତ୍ର, ଶିକ୍ଷାବିତ୍ ପ୍ରମୋଦ ନାୟକ, ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅକ୍ଷୟ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସମିତି ପକ୍ଷରୁ ଅପର୍ଣ୍ଣା ସାମଲ ଓ ମୋହନ ଦାଶ ପରିଚାଳନା କରିଥିଲେ।

## ଡେରାବିଶରେ ଜିଲାସ୍ତରୀୟ ଲୋକକଳା ଦିବସ



ଲୋକକଳା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଡେରାବିଶ,୩।୧୦(ସ୍ୱ.ପ୍ର.)

ଲୋକକଳାକୁ ଉଦ୍‌ଜୀବିତ ରଖିବାକୁ ପବିତ୍ର ଗାନ୍ଧୀ ଜୟନ୍ତୀରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଲୋକକଳା ଦିବସ ଶନିବାର ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ନରସିଂହପୁରଠାରେ ପାଳିତ ହୋଇଯାଉଛି। ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟିକାଙ୍କ ପ୍ରତିନଧି ସଞ୍ଜୟ ଅଗ୍ରୱାଲ୍ ମୁଖ୍ୟ ଅତିଥି ଓ ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟବକ୍ତା, ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲ। ଏହି କାର୍ଯ୍ୟକ୍ରମରେ ଜିଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରୁ ବହୁ କଳାକାର ଯୋଗଦେଇ ସେମାନଙ୍କର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ମାତ୍ର ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଲୋକକଳା ଦିବସରେ ଜିଲାର କୌଣସି ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ନ ଥିଲେ। ଏଥିରେ କଳାକାରଙ୍କ କଳା ନୈପୁଣ୍ୟତାକୁ ସମୃଦ୍ଧି କରିବାକୁ ଉଦ୍ଦିଷ୍ଟ ଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରିବା ଏକ ଦୁର୍ଭାଗ୍ୟଜନକ ବୋଲି ପଣ୍ଡା କହିଛନ୍ତି। ଏ ବିଷୟରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇ ନ ଥିଲା।

## ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଡେରାବିଶ,୩।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରଠାରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଯୁବକେନ୍ଦ୍ରର ଜିଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି, ସଂଯୋଜକ ଆଶୁତୋଷ ରାଉତ ଓ ଲକ୍ଷ୍ମୀକାନ୍ତ ଜେନାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱର ଯୁବକ ସଂଘର ସମ୍ପାଦକ ମୁକେଶ କୁମାର ଧଳ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ଗୌତମ ବେହେରା, ବଟକୃଷ୍ଣ ପାଢୀ, ଦୀପ୍ତିରଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ ଯୁବ ସ୍ୱେଚ୍ଛାସେବୀ ଏଣ୍ଡର, ଶ୍ୟାମସୁନ୍ଦରପୁର, ନୀଳକଣ୍ଠପୁର, ବିଭୁତିପଡ଼ା ପ୍ରମୁଖ ଗାଁରେ ପ୍ଲାଷ୍ଟିକକୁ ବର୍ଜନ ପାଇଁ ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ। ପରେ ଗ୍ରାମ ରାସ୍ତାରେ ପଡ଼ିଥିବା ପ୍ଲାଷ୍ଟିକ ଦ୍ରବ୍ୟକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମ ମାସେ ଧରି ଜିଲାର ବିଭିନ୍ନ ଗ୍ରାମରେ ଚାଲିବ ବୋଲି ଜିଲା ଅଧିକାରୀ ରେଡ୍ଡୀ ସୂଚନା ଦେଇଛନ୍ତି।




ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ପ୍ଲାଷ୍ଟିକ ମୁକ୍ତ ଅଭିଯାନ।

# ଚାଷୀଙ୍କୁ କରଜ ଶୁଝିବା ଚିନ୍ତା ଘାରିଛି

### ଲଘୁଚାପ ବର୍ଷା ଫସଲ ଉଜାଡି ଦେଲା

ପାଟକୁରା,୩।୧୦(ଡି.ଏନ.ଏ.)

ଲଗାଣ ବର୍ଷା ହେବାର ୨୨ ଦିନ ବିତିଯାଇଥିଲେ ସୁଦ୍ଧା ଖାଲ ପାଟ ଜମିରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପାଣି ଛାଡି ନାହିଁ। ପାଣିରେ ଦୀର୍ଘଦିନ ବୁଡି ରହିଥିବା ଶାରଦ ଧାନ ଫସଲ ଖରା ତାତିରେ ପଚିବାକୁ ଆରମ୍ଭ କଲାଣି। ଧାର କରଜ କରି ଚାଷୀମାନେ ଚାଷ କରିଥିଲେ। ଜମିରେ ଧାନ ଗଛ ପଚି ଯାଉଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି।

ବିଶେଷ କରି ସ୍ୱର୍ଣ୍ଣ, ପୂଜା, ଶାରଳା, ସ୍ୱର୍ଣ୍ଣ ସବ୍-ୱାନ୍ ଆଦି କିସମ୍‌ର ଅଧିକ ଅମଳକ୍ଷମ ଧାନ ବିହନ ଅଧିକ ଟଙ୍କାରେ କିଣି ଚାଷୀ ରୁଆପୋତା କରିଥିଲେ। ଚାଷ କାର୍ଯ୍ୟ ଆରମ୍ଭରେ ଠିକ୍ ସମୟରେ ବର୍ଷା ନ ହେବାରୁ ସ୍ୱଳ୍ପ ବୃଷ୍ଟିରେ ଚାଷୀମାନେ ପାଣି ପମ୍ପ ଲଗାଇ ରୁଆପୋତା କାର୍ଯ୍ୟ ସାରିଥିଲେ। ଅଧିକ ଅମଳ ହେବା ଆଶାରେ ଧାନ ରୁଆପୋତା କରାଯିବା ପରେ ରାସାୟନିକ ସାର ଓ କୀଟନାଶକ ଔଷଧ ଜମିରେ ପ୍ରୟୋଗ କରିଥିଲେ। ଧାନ ଗଛଗୁଡିକରେ ଯଥେଷ୍ଟ ପରିମାଣରେ ପିଲ ବାହାରି ଥିବାବେଳେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜମିରୁ ପାଣି ନିଷ୍କାସିତ ହେବାରେ ବିଳମ୍ବ ହୋଇଥିଲା। ଅଧିକ ଦିନ ପାଣି ଜମି ରହିବା ଫଳରେ ଧାନ ଗଛର ପିଲଗୁଡ଼ିକ ପଚି ଗଲା। ଏବେ ଜମିରୁ ପାଣି ଛାଡ଼ିବା ପରେ ଦୁଇଦିନ ହେଲା ଟାଣ ଖରା ଯୋଗୁ ପାଣିରେ ଦୀର୍ଘଦିନ ବୁଡି ରହିଥିବା ଧାନ ଗଛଗୁଡିକ ପଚିବାକୁ ଆରମ୍ଭ କଲାଣି।

ଅନ୍ୟପକ୍ଷରେ ପାଚି ଥିବା ବିଆଳି କିସମ୍ ଧାନ ପାଣିରେ ବୁଡି ରହି ସେଥିରୁ ଗଜା ବାହାରୁଛି। କେତେଜଣ ଚାଷୀ ଓଦା ଥିବା ଧାନକୁ କାଟି ଆଣି କମ୍ ଦାମ୍‌ରେ ଚୁଡା ମିଲ୍‌ରେ ବିକ୍ରୟ କରୁଥିବା ଦେଖିବାକୁ ମିଳୁଛି। ଏପରିସ୍ଥଳେ ସମବାୟ ସମିତି ଓ ଗାଁ ମହାଜନଙ୍କଠାରୁ କରଜ କରି ଚାଷ କାର୍ଯ୍ୟରେ ବିନିଯୋଗ କରିଥିବା ଟଙ୍କା କିପରି ଚାଷୀ ଶୁଝିବେ ସେହି ଚିନ୍ତା ଏବେ ଘାରିଛି। ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରା ନ ଗଲେ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିବାର ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ସ୍ତରରେ ଖାଲପାଟ ଜମିରେ କ୍ଷତି ଘଟିଥିବା ଶାରଦ ଚାଷ ଜମିକୁ ଅନୁଧ୍ୟାନ କରି ଚାଷୀମାନଙ୍କୁ ଉଚିତ ପରିମାଣରେ କ୍ଷତିପୂରଣ ଦେବାକୁ ବେଡାରୀ ସରପଞ୍ଚ ଗୋକୁଳାନନ୍ଦ ବେହେରା, ନୃସିଂହ ଚରଣ ଶୁକ୍ଳ, ଧ୍ରୁବ ଚରଣ ସାହୁ, ନାରାୟଣ ସାହୁ, ବିସ୍ମୟ ଖୁଣ୍ଟିଆ, ଗଗନ ବିହାରୀ ବିଶ୍ୱାଳ, ନଗେନ୍ ମଲ୍ଲ ପ୍ରମୁଖ ଦାବି ଜଣାଇଛନ୍ତି। ପ୍ରକାଶ ଯେ, ବେଡାରୀ ମହୁରିଆ ଦଣ୍ଡା ପାଟ, ମୁକୁତି ଗହୀର, ବାରମାଣିଆ, ମହିଁଷିଗୋଠ, ବାଘତଳ ଚକ, କିଣିଲୋପାଟ, ପଦ୍ମପୁରପାଟ, ବେଡାରୀଛକିତା, ଦଳୁଆଣିପାଟ, ଶ୍ରୀଚନ୍ଦନପୁରପାଟ ଓ ପରକଣା ଗହୀରରେ ଥିବା ଖାଲପାଟ ଜମିରେ ବୁଡି ରହିଥିବା ଶାରଦ ଧାନ ବିଶେଷ ଭାବେ କ୍ଷତି ଘଟିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।



ପାଣିରେ ଧାନ ଗଛ ବୁଡି ପଚି ଯାଇଛି।

## ବେଆଇନ ବାଲି ପରିବହନ, ୪ ଟ୍ରାକ୍ଟର ଜବତ

ରସୁଲପୁର,(ଡି.ଏନ.ଏ.): ରସୁଲପୁର ଅତିରିକ୍ତ ତହସିଲଦାର ମୋହନ ଜେନାଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ବାଲି ଘାଟରେ ଚଢ଼ାଉ କରି ୪ଟି ଟ୍ରାକ୍ଟର ଜବତ କରିଛି। ରାଜେନ୍ଦ୍ରପୁର ପଞ୍ଚାୟତର କରଜଙ୍ଗା ବାଲିଘାଟ ଓ କଲଣ ପଞ୍ଚାୟତ ନୂଆହାଟ ଘାଟରୁ ବିନା ଟ୍ରାନଜିଟ୍ ପାସରେ ବାଲି ପରିବହନ ହେଉଥିବା ବେଳେ ଉକ୍ତ ଟ୍ରାକ୍ଟରଗୁଡ଼ିକୁ ଜବତ କରାଯାଇ ତହସିଲ କାର୍ଯ୍ୟାଳୟରେ ଅଟକ ରଖାଯାଇଛି। ସୋମବାର ଜରିମାନା ଆଦାୟ କରାଯିବ। ଚଢ଼ାଉରେ ରାଜସ୍ୱ ନିରୀକ୍ଷକ ସନ୍ତୋଷ ପରିଡ଼ା, ରମେଶ ସାହୁ, ମନୋଜ କବି, ନୃସିଂହ ବେହେରା ପ୍ରମୁଖ ସାମିଲ ଥିଲେ। ପ୍ରକାଶଯୋଗ୍ୟ, ତହସିଲ ଅଧୀନରୁ ବ୍ୟାପକ ବାଲି ଚାଲାଣ ହେଉଛି। ମାତ୍ର ପ୍ରଶାସନ ଅଳ୍ପ ଗାଡ଼ି ଧରି ସଫଳତା ସାଉଁଟିବାକୁ ପ୍ରୟାସ କରୁଛି ବୋଲି ଅଭିଯୋଗ ହୋଇଛି।



## ସଂକ୍ଷେପରେ

### କ୍ରଶରରୁ ଚୋରି ଅଭିଯୋଗରେ ଜଣେ ଗିରଫ

**ଧର୍ମଶାଳା/ ଚଢ଼େଇଧରା,୩।୧୦ (ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅଧୀନ ଚଢ଼େଇଧରାସ୍ଥିତ ଏକ କ୍ରଶରରୁ ଯନ୍ତ୍ରାଂଶ ଓ ଡିଜେଲ ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହିତ ଚୋରି ଯନ୍ତ୍ରାଂଶ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଡଙ୍କାରୀ ଗ୍ରାମର କାଳିଆ ନାୟକ(୨୬)। ଶୁକ୍ରବାର ରାତିରେ କ୍ରଶରରୁ ଯନ୍ତ୍ରାଂଶ ସହ ସେଠାରେ ଥିବା ଏକ ଟ୍ରକ୍‌ରୁ ୨୦୦ ଲିଟର ଡିଜେଲ ଚୋରି ହୋଇଥିଲା। ଏନେଇ କ୍ରଶର ମାଲିକ ରାକେଶ ଦାସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୮୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର କାଳିଆଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଚଢ଼େଇଧରା ବିଟହାଉସ ଅଧିକାରୀ ଅନିଲ କୁମାର ସାହୁ ସୂଚନା ଦେଇଛନ୍ତି।

### ବିସ୍ଫୋରକ ଗୋଦାମ ସିଲ୍

**ଚଢ଼େଇଧରା,୩।୧୦(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ପୁରୁଣା ବଉଳମାଳ ପଞ୍ଚାୟତର ସାତମାଣଠାରେ ଥିବା ଏକ ବିସ୍ଫୋରକ ଗୋଦାମକୁ ରବିବାର ଜିଲା ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ଗୋଦାମରେ ଚଢ଼ାଉ କରାଯାଇଥିଲା। ଗୋଦାମରେ ବିସ୍ଫୋରକ ସାମଗ୍ରୀ ରଖାଯାଇ ବିଭିନ୍ନ ଖଣି ଖାଦାନକୁ ଯୋଗା ଯାଉଥିଲା। ତେବେ ଏହା ଏକ ସ୍ୱୀକୃତିପ୍ରାପ୍ତ ଗୋଦାମ ବୋଲି କୁହାଯାଉଥିଲେ ମଧ କାହିଁକି ଚଢ଼ାଉ କରାଗଲା ତାହା ସ୍ପଷ୍ଟ ହୋଇନାହିଁ। ଧର୍ମଶାଳା ତହସିଲ ପ୍ରଶାସନ ଓ ସ୍ଥାନୀୟ ପୋଲିସ ମିଳିତ ଭାବେ ଏହି ଗୋଦାମକୁ ଜଉମୁଦ ଦେଇ ସିଲ୍ କରିଛନ୍ତି। ସୋମବାର ବୋମା ନିଷ୍କ୍ରିୟ ଟିମ୍ ଆସି ଗୋଦାମ ଖୋଲିବ। ଏହାପରେ ଜଣାପଡ଼ିବ କେଉଁ ଉଦ୍ଦେଶ୍ୟରେ ଗୋଦାମ ସିଲ୍ ହୋଇଥିଲା। ତେବେ ଗୋଦାମରେ କେତେ ପରିମାଣର ବିସ୍ଫୋରକ ରହିଛି ଓ ଏହା ଆଇନ ସମ୍ମତ କି ବେଆଇନ ଭାବେ ମହଜୁଦ ରଖାଯାଇଛି ସେ ନେଇ ପୋଲିସ ତଦନ୍ତ କରିପାରେ ବୋଲି ସୂଚନା ମିଳିଛି।

### ଆଦର୍ଶ କୃଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଜେନାପୁର,୩।୧୦(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆ ପଞ୍ଚାୟତ ପିପ୍ପଳିଡ଼ିହ ଗ୍ରାମର ଆଦର୍ଶ କୃଷକ ଦୋଳଗୋବିନ୍ଦ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପୁରୀ ଚାରଣ ଗୋଷ୍ଠୀର ଚଣ୍ଡିଖୋଲ ଶାଖା ପକ୍ଷରୁ ଭଜନ, କୀର୍ତ୍ତନ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦୟ ନାଥ ସାହୁ ପରିଚାଳନା କରିଥିଲେ। ପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ଶିକ୍ଷାବିତ୍ ଜଗନ୍ନାଥ ସାମନ୍ତରାୟ, ଅଧାପକ ସୁବ୍ରତ ସାହୁ, ପୂର୍ବତନ ସମିତିସଭ୍ୟ ହିମାଂଶୁ ଭୂଷଣ ମହାପାତ୍ର, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ଶିକ୍ଷକ ସୁବାସ ପଣ୍ଡା, ପୂର୍ବତନ ସରପଞ୍ଚ ସଞ୍ଜୀବ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଲେଖ ଚନ୍ଦ୍ର ସେଠୀ, ଯୁବନେତା ଅରୂପାନନ୍ଦ ଜେନା, ବିବେକ ଗନ୍ତାୟତ ଓ ନିରଞ୍ଜନ ଦଳାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ପରିବାର ପକ୍ଷରୁ ଅନାମ ଚରଣ ମହାପାତ୍ର ଓ ଅଶୋକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଆଦର୍ଶ ବିଦ୍ୟାଳୟ କମିଟିର ସାଧାରଣ ଅଧିବେଶନ

**ଧର୍ମଶାଳା,୩।୧୦(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଆଦର୍ଶ ବିଦ୍ୟାଳୟ କମିଟିର ବାର୍ଷିକ ସାଧାରଣ ଅଧିବେଶନ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ବର୍ଷର ଆୟବ୍ୟୟ ହିସାବ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଶତପଥୀ, କାର୍ଯ୍ୟକାରୀ ସଭାପତି ବିନୋଦ ବିହାରୀ ପରିଡ଼ା, ଦିଲୀପ କୁମାର ଜେନା ସାଧାରଣ ସମ୍ପାଦକ, ହୃଷୀକେଶ ସାମଲ ସହସମ୍ପାଦକ, ବିଜୟ କୁମାର ସାମଲ ସଂଯୋଜକ, ଗିରିଧାରୀ ବେହେରା ମିଡିଆ ସେଲ ଅଧକ୍ଷ ଓ କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଲିଖିତ ପରୀକ୍ଷା ଦେଇ ୯୭.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବା ଅଲିଭାଅଭିଲିପ୍ସା ନାୟକଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସମ୍ପାଦକ କରୁଣାକର ବରାଳ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଅଲେଖ ପ୍ରସାଦ ନାୟକ ଧନ୍ୟବାଦ ଦେଇଥିଲେ।

# ଦୁର୍ନୀତିଖୋର ଅଧିକାରୀଙ୍କୁ ସୁରକ୍ଷା

## ଯାଜପୁର ଜିଲା ଯୋଗାଣ ବିଭାଗ

■ ୧୫ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯାଜପୁର ଅଫିସ,୩।୧୦**

ଯାଜପୁର ଜିଲା ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଅଡିଟ୍ ରିପୋର୍ଟର ଅନୁପାଳନ କରିବାରେ କୁଣ୍ଠକୁଣ୍ଠ ହେଉଛନ୍ତି। ବିପୁଳ ପରିମାଣର ସରକାରୀ ଅର୍ଥ ହରିଲୁଟ କରିଥିବା ମିଲର୍ସଙ୍କ ବିରୋଧରେ ସାର୍ଟିଫିକେଟ କେସ୍ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ନାମରେ ବିଭାଗୀୟ କାର୍ଯ୍ୟବିଧି ଗ୍ରହଣ କରାଯାଉ ନାହିଁ। ଏପରିକି ଏ ସଂକ୍ରାନ୍ତରେ ରାଜ୍ୟ ଯୋଗାଣ ନିଗମର ଆର୍ଥିକ ପରାମର୍ଶଦାତା ତଥା ଚିଫ୍ ଆକାଉଣ୍ଟ ଅଫିସର ଏହା ପୂର୍ବରୁ ୫ ଥର ତଥ୍ୟ ମାଗିଥିଲେ ହେଁ ଯାଜପୁର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ନୀରବ ରହିଛନ୍ତି। ତେଣୁ ଚିଫ୍ ଆକାଉଣ୍ଟ ଅଫିସର ଉଦ୍‌ବେଗ ପ୍ରକାଶ କରିବା ସହ ଆସନ୍ତା ୧୫ ତାରିଖ ସୁଦ୍ଧା ସବିଶେଷ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ନ କଲେ ଏଥିପାଇଁ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ସିଏସ୍‌ଓଙ୍କୁ ଚେତାବନୀ ଦେଇଛନ୍ତି।

୨୦୧୫-୧୬ ଆର୍ଥିକ ବର୍ଷରେ ବଡ଼ଚଣା ବ୍ଲକ ଓଲରାସ୍ଥିତ ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ରାଇସ୍ ମିଲ୍‌ରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଅଡିଟ ରିପୋର୍ଟରେ ଧରାପଡ଼ିଥିଲା। ଏହାସହ ୦୩/୨୦୨୦ ନମ୍ବର ଇଣ୍ଟରନାଲ ଅଡିଟ ରିପୋର୍ଟରେ କଷ୍ଟମ ମିଲର୍ସମାନଙ୍କଠାରୁ ୬ କୋଟି ୫୨ ଲକ୍ଷ ୧୫ ହଜାର ୨୫୭ ଟଙ୍କା ଅସୁଲିଯୋଗ୍ୟ ବୋଲି ଦର୍ଶାଯାଇଥିଲା। ସେହିପରି ୨ କୋଟି ୪୫ ଲକ୍ଷ ୮୧ ହଜାର ୭୬୦ ଟଙ୍କାର କାରବାର ସମ୍ପର୍କରେ ରିପୋର୍ଟରେ ପ୍ରଶ୍ନ ଉଠାଯାଇଥିଲା। କିନ୍ତୁ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏପରିକି ଦାୟୀ ଅଧିକାରୀ କିମ୍ବା କର୍ମଚାରୀଙ୍କ ନାମ ମଧ ବିଭାଗକୁ ସୂଚନା ଦିଆ ନଯାଇ ସେମାନଙ୍କୁ ଘଣ୍ଟଘୋଡାଇବାକୁ ଉଦ୍ୟମ କରାଯାଉଛି। ଅନୁମୋଦିତ ଅଡିଟ୍ ରିପୋର୍ଟକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନୁପାଳନ ଜରୁରୀ। ଅଡିଟ୍ ରିପୋର୍ଟରେ ଦର୍ଶାଯାଇଥିବା ଅନିୟମିତତା କିମ୍ବା ହଡ଼ପ ଅର୍ଥ ଅସୁଲି ହୋଇ ନ ପାରିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଓସିଏସ୍(ସିସିଏ) ରୁଲ୍ସ ୧୯୬୨/ଓସିଏସ୍ (ପେନସନ) ରୁଲ୍ସ ୧୯୯୨ ଅନୁଯାୟୀ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ଗ୍ରହଣ କରାଯିବ। ଅବସର ଗ୍ରହଣ କରିଥିବା ସମ୍ପୃକ୍ତ ଅଧିକାରୀ ପେନସନ ସୁବିଧା ପାଇବାରେ ସମସ୍ୟାର ସମ୍ମୁଖୀନ ହେବେ। ଏହି ମର୍ମରେ ୨୦୧୯ ଅକ୍ଟୋବରରେ ରାଜ୍ୟ ଯୋଗାଣ ନିଗମର ଚିଫ୍ ଆକାଉଣ୍ଟ ଅଫିସର ସମସ୍ତ ଯୋଗାଣ ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ। ହେଲେ ଏହିସବୁ ଚେତାବନୀ ଫସରଫାଟିଛି।

ସୂଚନାଯୋଗ୍ୟ ଯେ, ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ରାଇସ୍ ମିଲକୁ ୬୨୨୩.୯୫୦ ମେଟ୍ରିକ ଟନ ଧାନ ଚାଉଳ କରିବାକୁ ଦିଆଯାଇଥିଲା। ଜିଲାର ପିଡିଏସ୍ ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ନିର୍ଦ୍ଧାରିତ ସମୟରେ ୪୨୩୨.୨୮୬ ମେଟ୍ରିକ ଟନ୍ ଚାଉଳ ଦାଖଲ କରିବା କଥା। କିନ୍ତୁ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ରାଇସ୍ ମିଲ୍ ୨୩୬୦.୪୭୦ ମେଟ୍ରିକ ଟନ୍ ଚାଉଳ ଦାଖଲ କରି ୧୮୭୧.୮୧୬ ମେଟ୍ରିକ ଟନ୍ ବାକି ରଖିଥିଲା, ଯାହାର ସରକାରୀ ମୂଲ୍ୟ ୪ କୋଟି ୨୬ ଲକ୍ଷ ୪୨ ହଜାର ୧୭୭ ଟଙ୍କା ହେବ। ଏହାବାଦ ବିଭିନ୍ନ ବ୍ୟାଙ୍କରେ ପ୍ରାୟ ୭୫ କୋଟି ଟଙ୍କା ଋଣ ବାକି ରହିଥିଲା। ତେଣୁ ବ୍ୟାଙ୍କ ଏହି ରାଇସ୍ ମିଲ ଓ ମାଲିକଙ୍କ ସ୍ଥାବର/ଅସ୍ଥାବର ସମ୍ପତ୍ତି ଦଖଲ କରି ନେଇଥିଲା। ଜିଲା ଯୋଗାଣ ବିଭାଗ ପକ୍ଷରୁ ମିଲ୍ ମାଲିକଙ୍କ ନାମରେ ଏକ ସାର୍ଟିଫିକେଟ ମାମଲା ରୁଜୁ ହୋଇଥିଲା। ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ରାଇସ ମିଲ ମାଲିକ ବାକି ଥିବା ନିଗମ ଅର୍ଥ ମଧ୍ୟରୁ ଅର୍ଦ୍ଧାଧିକ ଟଙ୍କା ଦାଖଲ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଏହି କାରବାରରେ ସେତେବେଳେ ସମ୍ପୃକ୍ତି ଥିବା ସରକାରୀ ଅଧିକାରୀଙ୍କୁ କ୍ଷମା କରି ଦିଆଯାଇଛି। ତେଣୁ ଯେତେଥର ବିଭାଗୀୟ ପତ୍ରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହେଉଥିଲେ ହେଁ ତାହା ସମ୍ଭବ ହେଉନାହିଁ। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସଲାଉଦ୍ଦିନ ଖାନଙ୍କୁ ପଚାରିବା ପାଇଁ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

# ଅନ୍ୱେଷଣ ଥିଏଟର ଗ୍ରୁପର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଯାଜପୁର ଟାଉନ,୩।୧୦(ଡି.ଏନ.ଏ.)**

ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପର ତୃତୀୟ ବାର୍ଷିକ ଉତ୍ସବ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଉକ୍ତ ସଭା ହୋଇଥିଲା। ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ ପ୍ରଥମ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର ଯୋଗଦେଇ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ଚିତ୍ତରଞ୍ଜନ ମହାନ୍ତିଙ୍କ କବିତା ସଂକଳନ 'ପ୍ରିୟତମାସୁ'କୁ ଉଦ୍‌ଘାଟକ ଉନ୍ମୋଚନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚିନାରାୟଣ ବାରିକ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ଯାଜପୁର ପୂର୍ବତନ ପୌରପାଳ ଭବପ୍ରକାଶ ଦାସ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ବିଜୁ ସାଂସ୍କୃତିକ ସମନ୍ୱୟ କମିଟି ରାଜ୍ୟ ଆବାହକ ରବିନାରାୟଣ ନନ୍ଦ ଯୋଗଦେଇ ଓଡ଼ିଶାରେ କଳା ଏବଂ ସଂସ୍କୃତିକୁ କିଭଳି ବ୍ୟାପକ କରାଯିବ ସେ ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଯାଜପୁର ଜିଲା ପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ରୂପେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ ଯୋଗଦେଇ ଥିଲେ। ଅନ୍ୟତମ ଅତିଥି କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ବିଶିଷ୍ଟ ଅତିଥି ଦୈନିକ ସମ୍ବାଦପତ୍ର ବିଶ୍ୱବାଣୀର ସମ୍ପାଦକ ଅର୍ଜ୍ଜୁନ ମୁଦୁଲି, ଉପଦେଷ୍ଟା ହରିହର ସ୍ୱାଇଁ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପଦେଷ୍ଟା ତପନ ମହାରଣ୍ୟ ଶର୍ମା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିନେତା ଅଙ୍କିତ ଓ ଅରବିନ୍ଦ ଦର୍ଶକଙ୍କୁ ଅଭିବାଦନ ଜ୍ଞାପନ କରିଥିଲେ। ଏହି ଅବସରରେ ଗଣମାଧମ ପ୍ରତିନିଧି, ସାମାଜିକ କର୍ମୀ, ଶିକ୍ଷାବିତ୍, ଚିକିତ୍ସାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ 'ଗାନ୍ଧିଛକ'ପରିବେଷଣ କରାଯାଇଥିଲା। ଖବରଦାତା ସୁରେଶ କର ଧନ୍ୟବାଦ ଦେଇଥିଲେ।

# ୫ ଦଫା ଦାବି ପୂରଣ ନେଇ ଆଲୋଚନା

## ମଧ୍ୟାହ୍ନଭୋଜନ ପାଚିକାପାଚକ ସଂଘର କର୍ମକର୍ତ୍ତା ବୈଠକ

**ରସୁଲପୁର,୩।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଦୁର୍ଗାଦେବୀ ମନ୍ଦିରରେ ରବିବାର ଯାଜପୁର ଜିଲା ମଧ୍ୟାହ୍ନଭୋଜନ ପାଚିକାପାଚକ ସଂଘର କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟ ମହାସଂଘ ସାଧାରଣ ସମ୍ପାଦକ ତଥା ପାଚିକାପାଚକ ସଂଘ ଜିଲା ସଭାପତି ପ୍ରଦୀପ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକାପାଚକ ସଂଘ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ସଂଘ ବଡ଼ଚଣା ବ୍ଲକ ସଂଯୋଜକ ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗଦେଇ ପାଚିକାପାଚକଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ, ସର୍ବନିମ୍ନ ମଜୁରି ଦିନକୁ ୩୫୦ଟଙ୍କା, ବୀମା ସୁବିଧା ଯୋଗାଇ ଦେବା, ସେମାନଙ୍କୁ ନିର୍ମାଣ ଶ୍ରମିକ ମାନ୍ୟତା ଦେବା ଭଳି ୫ଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏସବୁ ଦାବି ସମ୍ପର୍କରେ ଆଗାମୀ ଦିନରେ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

ସଂଘ ପକ୍ଷରୁ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସହ ଆଲୋଚନା କରାଯାଇ ସରକାରଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଂଘ ପକ୍ଷରୁ ବାସନ୍ତୀ ଦତ୍ତ, ସୁମିତ୍ରା ରାଉଳ, ରୀନା ପରିଡ଼ା, ମାତାଜୀ ସାହୁ, ବଂଶୀଧର ପଣ୍ଡା ଓ ଶିଶିର ସାହୁ ପ୍ରମୁଖ ସେମାନଙ୍କୁ ଶ୍ରମିକ ମାନ୍ୟତା ମିଳୁ ବୋଲି ଦାବି କରିଥିଲେ। ବିଜୁ ଶ୍ରମିକ ସଂଗଠନ ସଂଯୋଜକ ବିଭୂତି ଭୂଷଣ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାରୁ ୩୦୦ରୁ ଉର୍ଦ୍ଧ୍ୱ ପାଚିକପାଚକ ଅଂଶଗ୍ରହଣ କରିଥିଲେ।

# ମୋ ସ୍କୁଲ ଅଭିଯାନ ସମୀକ୍ଷା

**ଧର୍ମଶାଳା,୩।୧୦(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ହାଇସ୍କୁଲ ପରିସରରେ ମୋ ସ୍କୁଲ ଅଭିଯାନର ସମୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମୋ ସ୍କୁଲ ଅଭିଯାନ ସମ୍ବନ୍ଧରେ ପ୍ରଧାନଶିକ୍ଷକମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୬୬ ସ୍କୁଲର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ଭଗବାନପୁର ୟୁଜିଏମ୍‌ଇ ସ୍କୁଲ ପ୍ରଧାନଶିକ୍ଷକ ବିଭୁତି ଭୂଷଣ ପାଳ ବେଦପାଠ ସହ ସଭା ସଂଯୋଜନା କରିଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସାଧାରଣ ସମ୍ପାଦକ ତଥା ଜାରକା ହାଇସ୍କୁଲଶିକ୍ଷକ ସନ୍ଦୀପ୍ତ କୁମାର ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁଚରଣ ପଣ୍ଡା, ବିଇଓ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶଧର ଓ ଜିଲା ଶିକ୍ଷାଅଧିକାରୀ ଗିରିଙ୍କୁ ଧର୍ମଶାଳା ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ନିରୋଦ ଚନ୍ଦ୍ର ମହାନ୍ତି, ବାସୁଦେବ ରାଉତ, ବୀରବର ବେହେରା, ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ପରିଡ଼ା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜେନାପୁର ହାଇସ୍କୁଲ ଶିକ୍ଷକ ବିଷ୍ଣୁଚରଣ ନାୟକ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଅଲୋକପାତ କରିଥିଲେ। ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବୁଣାକାରଙ୍କୁ ଋଣ ପ୍ରଦାନ ଶିବିର




ଋଣ ପ୍ରଦାନ ଶିବିରରେ ଯୋଗ ଦେଇଥିବା ବ୍ୟାଙ୍କ ଅଧିକାରୀ ଓ ଅନ୍ୟମାନେ।

**ରସୁଲପୁର,୩।୧୦(ଡି.ଏନ.ଏ.)**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଯାଜପୁର ରୋଡ୍ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁର ବୁଣାକାରମାନଙ୍କୁ ସମୂହ ମୁଦ୍ରାଋଣ ପ୍ରଦାନ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଣାକାରଙ୍କ କୌଳିକ ବୃତ୍ତିକୁ ପ୍ରୋତ୍ସାହିତ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦୦ ବୁଣାକାର ପରିବାରଠାରୁ ଆବେଦନ ଫର୍ମ ସଂଗ୍ରହ କରାଯାଇଛି। ଉକ୍ତ ଫର୍ମକୁ ଯାଞ୍ଚ କରାଯାଇ ବ୍ୟକ୍ତିଗତ ଆକାରରେ ୫୦ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବର୍ଷିକିଆ ଋଣ ପ୍ରଦାନ କରାଯିବ। ଗୋଷ୍ଠୀଭିତ୍ତିକ ଋଣ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଅଧିକ ବୁଣାକାର ପରିବାର ଓ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏତଦ୍‌ବ୍ୟତୀତ ବ୍ୟାଙ୍କ ସମ୍ପୃକ୍ତ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା ଓ ଅଟଳ ପେନସନ୍ ଯୋଜନା ସମ୍ପର୍କରେ ବୁଣାକାରଙ୍କୁ ବୁଝାଇଥିଲେ। ଏଥିସହ ବୁଣାକାର ଆଗକୁ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ କ୍ଲଷ୍ଟର ମାଧମରେ ବିକ୍ରି କରିପାରିବେ ଓ ସେମାନଙ୍କର ରୋଜଗାର ଦୁଇଗୁଣିତ ହୋଇପାରିବ ସେ ଦିଗରେ ବ୍ୟାଙ୍କ ସର୍ବଦା ଚେଷ୍ଟିତ ବୋଲି କୁହାଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଯାଜପୁର କାର୍ଯ୍ୟାଳୟ ମୁଖ୍ୟ ପ୍ରବୀର ଚନ୍ଦ୍ର ସାହୁ, ମୁଖ୍ୟ ପ୍ରବନ୍ଧକ ଜନ୍ମେଞ୍ଜୟ ଜେନା, ଯାଜପୁର ଜିଲା ଲିଡ୍ ବ୍ୟାଙ୍କ ମୁଖ୍ୟ ମନୋଜ କୁମାର ପ୍ରଧାନୀ, ଭୁବନେଶ୍ୱର ଏସ୍‌ବିଆଇର ଏଫ୍‌ଆଇ ଡାଇରେକ୍ଟର ବ୍ରଜକିଶୋର ନାୟକ, ସ୍ଥାନୀୟ ସରପଞ୍ଚ ଚିନ୍ତାମଣି ସୁର ପ୍ରମୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ।

# ୩ ବଖରା ଜଳିଗଲା: ଗାଈ, ୩ ଛେଳି ଦଗ୍ଧ

**ରସୁଲପୁର,୩।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତ ବାଲିହୁଡ଼ା ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ବିଦ୍ୟାଧର ବାରିକ ଓ ତାଙ୍କ ଭାଇ ପଞ୍ଚାନନ ବାରିକଙ୍କ ୩ ବଖରା ଘର ସହ ଏକ ଗୁହାଳ ଜଳିଯାଇଛି। ଫଳରେ ଗୁହାଳରେ ବନ୍ଧାହୋଇଥିବା ଗାଈଛେଳିଙ୍କ ମଧ୍ୟରୁ ଗୋଟିଏ ଗାଈ ଓ ୩ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ୫ରୁ ଉର୍ଦ୍ଧ୍ୱ ଗୋରୁ ଆହତ ହୋଇଛନ୍ତି। ବିଦ୍ୟୁତ ଶର୍ଟ୍ ସର୍କିଟରୁ ନିଆଁ ଲାଗିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦୁଇ ପରିବାର ଶୋଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଧାସ ବାଜିବାରୁ ପରିବାର ଲୋକେ ଉଠିଥିଲେ। ସେତେବେଳକୁ ଅଗ୍ନିର ବେଗ ପ୍ରଖର ହୋଇସାରିଥିଲା। ନିଆଁ ଆୟତ୍ତ କରିବାରେ ବିଫଳ ହେବାରୁ ସ୍ଥାନୀୟ ଲୋକେ ରସୁଲପୁର ଦମକଳ କେନ୍ଦ୍ରର ସହାୟତା ନେଇଥିଲେ। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଗୁହାଳରେ ଥିବା ଗାଈ ଓ ଛେଳିଙ୍କ ମଧ୍ୟରୁ ଗୋଟିଏ ଗାଈ ଓ ୩ଟି ଛେଳିକୁ ବଞ୍ଚାଇ ପାରି ନ ଥିଲେ। ଅନ୍ୟ ବଖରାରେ ଥିବା ଆସବାବପତ୍ରକୁ ମଧ ବାହାର କରିବା ସମ୍ଭବ ହୋଇ ପାରି ନ ଥିଲା। ୨ଟି ପରିବାରର ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ଜଣାଯାଇଛି। ସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ବେହେରା ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତେବେ ତହସିଲରେ ରିପୋର୍ଟ ପରେ ସହାୟତା ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ମୋହନ ଜେନା ପ୍ରକାଶ କରିଛନ୍ତି।

# ୫ ଅବସରପ୍ରାପ୍ତ ଶିକ୍ଷକ ସମ୍ମାନିତ

**ରସୁଲପୁର,୩।୧୦(ଡି.ଏନ.ଏ.)**

ରସୁଲପୁର ଶିକ୍ଷା ମଣ୍ଡଳ ଅଧୀନ ବାହାବଳପୁର ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ୫ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ଶନିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଡିଆ-କୁସୁନୁପୁର ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ବାବୁଲି ଚରଣ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ମୁଖ୍ୟବକ୍ତା ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ସମ୍ମାନିତ ଅତିଥି ସିଆରସିସି ପ୍ରଦୀପ୍ତ ସାହୁ, ପ୍ରଧାନଶିକ୍ଷକ ମନୋଜ ବାରିକ, ନିହାର ରଞ୍ଜନ ଶତପଥୀ, ଗିରିଜା ଶଙ୍କର ଆଚାର୍ଯ୍ୟ, ହିମାଂଶୁ ଭୂଷଣ ପାଳ ଓ ରଞ୍ଜନ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅତଥି ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଗୋଲୋକ ବିହାରୀ ରାଉତ, ଅଲେଖ ଚରଣ ସାହୁ, ଶ୍ରୀନିବାସ ଶତପଥୀ ଓ ବନ୍ଦିତା ଦାଶଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଶିକ୍ଷକ ବିଚିତ୍ରାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ଛାତ୍ର ନିର୍ଲିପ୍ତା ଦାଶ ଓ ସହଯୋଗୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।



ସମ୍ମାନିତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ।

# ଦୁର୍ଦ୍ଦିନରେ ପଥର ଶିଳ୍ପୀ

## କଞ୍ଚାମାଲ ବ୍ୟାଙ୍କ ଖୋଲିବାକୁ ଦାବି

**ଯାଜପୁର ଅଫିସ,୩।୧୦**

କୁଟୀର ଶିଳ୍ପ ପାଇଁ ପ୍ରତିବର୍ଷ ଯୋଜନା ପରେ ଯୋଜନା ପ୍ରଣୟନ କରାଯାଉଛି।ହେଲେ ଗ୍ରାମାଞ୍ଚଳର କାରିଗରଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚି ପାରୁନାହିଁ। ଫଳରେ ଯୋଜନା ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି ହେବା ତ ଦୂରର କଥା କ୍ରମଶଃ ଏହା ସଙ୍କୁଚିତ ହେବାରେ ଲାଗିଛି। ବିଶେଷକରି କଞ୍ଚାମାଲ (ସାହାଣ ପଥର) ଅଭାବ ପଥର ଶିଳ୍ପୀଙ୍କୁ ଦୁର୍ଦ୍ଦିନରେ ପକାଇଛି। ତେଣୁ ଯାଜପୁର ଜିଲା ବଡଚଣା ବ୍ଲକ ଶୁଖୁଆପଡାଠାରେ କଞ୍ଚାମାଲ ବ୍ୟାଙ୍କ ଖୋଲି ସ୍ୱଳ୍ପ ମୂଲ୍ୟରେ କାରିଗରମାନଙ୍କୁ ସାହାଣ ପଥର ଯୋଗାଇଦେବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଏହି ମର୍ମରେ ସଂଘର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ସାହାଣ ପଥର ମିଳୁଥିବା ସ୍ଥାନଗୁଡିକୁ କେବଳ କାରିଗରମାନଙ୍କ ପାଇଁ ସଂରକ୍ଷିତ, କଞ୍ଚାମାଲ ବ୍ୟାଙ୍କ ବ୍ୟବସ୍ଥା ନହେବା ଯାଏ ସାହାଣ ପଥର ଖଣିରୁ ପଥର ଆଣିବାକୁ ସ୍ୱତନ୍ତ୍ର ଅନୁମତି ଏବଂ ପଥର କାରିଗରଙ୍କ ଉପରେ ରାଜସ୍ୱ, ପୋଲିସ ଓ ଜଙ୍ଗଲ ବିଭାଗର ଜୁଲମ୍‌କୁ ବନ୍ଦ କରାଯାଉ ବୋଲି



ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଉଲ୍ଲେଖ କରାଯାଇଛି। ନିକଟରେ କଳାଶ୍ରୀ ଗୋପାଳପୁରଠାରେ କର୍ମଶାଳା ଖୋଲି କାମ କରୁଥିବା ବିନୋଦ ସେନାପତିଙ୍କ ଦୁଇ ଜଣ କାରିଗରଙ୍କୁ ଚୋରାପଥର ରଖିଥିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ଅଟକ ରଖିଥିଲା। ତତ୍‌ସହିତ ସେମାନେ କାମ କରୁଥିବା ଯନ୍ତ୍ରପାତିକୁ ପୋଲିସ ସିଜ୍ କରି ନେଇଥିଲା। କାରିଗରଙ୍କୁପୋଲିସ ଛାଡ଼ି ଦେଇଥିବାବେଳେ ଯନ୍ତ୍ରପାତି ସବୁକୁ ଏଯାବତ ଫେରାଇ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ଶିଳ୍ପୀ ମହାସଂଘର ଏକ ପ୍ରତିନିଧି ଦଳ ଯାଜପୁର ଏସ୍‌ପି ରାହୁଲ ପି.ଆର.ଙ୍କୁ ଭେଟି କାରିଗରଙ୍କ ଉପରେ ପୋଲିସର ଚଢାଉ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ଏସ୍‌ପି ସମ୍ପୃକ୍ତ କାରିଗରଙ୍କ ଯନ୍ତ୍ରପାତି ଫେରାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାର ପଥର କାରିଗରମାନେ ଜିଲା ତଥା ରାଜ୍ୟ ବାହାରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଜିଲାର ଶୁଖୁଆପଡା, ପଲେଇ, କଳାଶ୍ରୀ, କମ୍ପଡ଼ଗଡ଼, ଛତିଆ, ଚଣ୍ଡିଖୋଲ ଆଦି ଅଞ୍ଚଳରେ ୭୦୦ରୁ ଉର୍ଦ୍ଧ୍ୱ ପଥର ଶିଳ୍ପୀ ଏହି ହସ୍ତକଳାକୁ ପାଥେୟ କରି ଜୀବିକା ନିର୍ବାହ କରୁଛନ୍ତି। ମୁଗୁନି, ଖଡ଼ି, ସାହାଣ ଓ କନ୍ଦା ପଥର ଆଦିରେ ନିର୍ମିତ ମନ୍ଦିର, ମୂର୍ତ୍ତି ଓ ଘରକରଣା ସାମଗ୍ରୀର ଅନେକ ଚାହିଦା ରହୁଛି। କିନ୍ତୁ କାରିଗରିମାନଙ୍କ ପାଇଁ ପଥରର ଏବେ ଘୋର ଅଭାବ ଦେଖାଦେଇଛି। ମାଫିଆମାନେ ଜଙ୍ଗଲ ଜମିରୁ କଳାପଥର ଲୁଟ କରି ମାଲାମାଲ ହେଉଛନ୍ତି। ଦୁଃଖର ବିଷୟ କାରିଗରମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାୟ ପଥର ଖଣି ସବୁ ଜଙ୍ଗଲ କିସମ ଜମି ବା ଜଙ୍ଗଲ ମଧ୍ୟରେ ରହିଛି। କାଁ ଭାଁ ଖଣି ରାଜସ୍ୱ ଅଞ୍ଚଳରେ ରହିଥିଲେ ମଧ ତା'ର ନିଲାମ କରାଯାଉ ନାହିଁ। ଯଦି ନିଲାମ ହେଉଛି, ତାହା ଚଢା ଦରରେ ହେଉଥିବାରୁ ଗରିବ କାରିଗର କିଣିବାକୁ ସକ୍ଷମ ହେଉନାହାନ୍ତି। ଆର୍ଥିକ ଅଭିବୃଦ୍ଧି ଆଳରେ ସରକାର ବହୁ ଦେଶୀ ବିଦେଶୀ କମ୍ପାନୀ ହାତରେ ଜଙ୍ଗଲ ପାହାଡ଼ ଟେକି ଦେଉଛନ୍ତି। ଅଥଚ ଗରିବ କାରିଗର ମୂର୍ତ୍ତି ତିଆରି କରିବାକୁ ପଥର ଖଣ୍ଡିଏ ପାଇଁ ବାରଦୁଆର ହେଉଛନ୍ତି। ପେଟ ପାଇଁ ଲୁଚାଛପାରେ ପଥର ଆଣିବାବେଳେ ଜଙ୍ଗଲ ବିଭାଗ, ପୋଲିସ, ରାଜସ୍ୱ ଓ ଖଣି ବିଭାଗୀୟ ଅଧିକାରୀଙ୍କ ଜୁଲମର ଶିକାର ହେଉଛନ୍ତି। ପୂର୍ବରୁ ଖୋର୍ଦ୍ଧା ଜିଲା ତାପଙ୍ଗ ଅଞ୍ଚଳରୁ ପଥର ଆଣି କାରିଗରମାନେ ସେମାନଙ୍କ ଆବଶ୍ୟକତା ତୁଲାଇ ପାରୁଥିଲେ। ସରକାରୀ କଟକଣା ହେତୁ ଗତ କିଛି ବର୍ଷ ହେବ ସେଠାରୁ ମଧ ପଥର ମିଳି ପାରୁନାହିଁ। ଜିଲାର ଚଣ୍ଡିଆ, ଅଚ୍ୟୁତବସନ୍ତ ଓ ଜହ୍ନିମୁଣ୍ଡି ପାହାଡ଼ରେ ଉପଯୁକ୍ତ ସାହାଣ ପଥର ରହିଛି। ହେଲେ ଲିଜ୍ ନ ଥିବାରୁ ତାହା ମିଳି ପାରୁନାହିଁ।

ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କରଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ପଥର ଶିଳ୍ପୀ ନିର୍ମଳ ମହାରଣା, କଳ୍ପତରୁ ମହାରଣା, ସୁଶାନ୍ତ ଦାସ, ବିପିନ ମହାରଣା, ବିନୋଦ ସେନାପତି, ଶଙ୍କର ମହାରଣା ଓ ରମଣୀରଞ୍ଜନ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଚାଇନାର ଅନୁପ୍ରବେଶକୁ ନେଇ କେନ୍ଦ୍ର ଉପରେ ବର୍ଷିଲେ ରାହୁଲ



ନୂଆଦିଲ୍ଲୀ, ୩।୧୦: ଲଦାଖ ଏବଂ ଉତ୍ତରାଖଣ୍ଡରେ ଚାଇନାର ଅନୁପ୍ରବେଶ ରିପୋର୍ଟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନୀ ରାଲିରେ ୫୬ ଇଞ୍ଚ ଛାତି କଥା କହିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାହୁଲ ତାଚ୍ଛଲ୍ୟ କରିଛନ୍ତି। ଗତ ଅଗଷ୍ଟ ୩୦ରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ପାଖାପାଖି ୧୦୦ ସୈନ୍ୟ ଉତ୍ତରାଖଣ୍ଡର ବାରାହୋତି ସେକ୍ଟରରେ ପ୍ରବେଶ କରିଥିଲେ। ସେମାନେ ସେଠାରେ କିଛି ସମୟ ବିତାଇବା ପରେ ଫେରିଯାଇଥିଲେ। ଚାଇନା ଅନୁପ୍ରବେଶ ସମ୍ପର୍କରେ ସରକାରୀ ଭାବେ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ। ପୂର୍ବ ଲଦାଖର ବିଭିନ୍ନ ସ୍ଥାନରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଛି। ସୀମାରେ ଚାଇନା ଏହାର ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖିଛି। ଗତବର୍ଷ ମେ' ୫ରେ ପୂର୍ବ ଲଦାଖରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ପରେ ପଙ୍ଗୋଙ୍ଗ୍ ହ୍ରଦ ନିକଟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା, ଯେଉଁଥିରେ ଉଭୟ ପକ୍ଷର ସୈନ୍ୟ ମୃତାହତ ହୋଇଥିଲେ। ଗତ ଫେବୃଆରୀରେ ଉକ୍ତ ହ୍ରଦର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରୁ ସୈନ୍ୟ ପ୍ରତ୍ୟାହାର କରାଯାଇଛି। ଏବେ ଏଲ୍ଏସିର ସମ୍ବେଦନଶୀଳ ସେକ୍ଟରରେ ଉଭୟ ପକ୍ଷ ୫୦ରୁ ୬୦ ହଜାର ସୈନ୍ୟ ଠୁଳ କରିଛନ୍ତି। ଲଦାଖରେ ଚାଇନାର ଅନୁପ୍ରବେଶକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଆସୁଛି।

### ଧର୍ମାନ୍ତରୀକରଣ ସନ୍ଦେହରେ ଭଙ୍ଗାରୁଜା: ୨ ଆହତ

ନୀମୁଚ୍ (ଏମ୍‌ପି), ୩।୧୦(ପି.ଟି.): ମଧ୍ୟପ୍ରଦେଶର ନୀମୁଚ୍ ଜିଲା ଅନ୍ତର୍ଗତ ଜୱାଦ ତହସିଲ ଅଞ୍ଚଳରେ ଧର୍ମାନ୍ତରୀକରଣ ସନ୍ଦେହରେ କେତେଜଣ ମାସ୍କ ପିନ୍ଧିଥିବା ଲୋକ ଏକ ଧର୍ମସ୍ଥାନ ଉପରେ ଆକ୍ରମଣ କରିବା ସହ ବିସ୍ଫୋରଣ କରିଛନ୍ତି। ବିସ୍ଫୋରଣ ଯୋଗୁ ଧର୍ମସ୍ଥାନ ଭାଙ୍ଗିରୁଜି ଯାଇଛି। ଆକ୍ରମଣରେ ପୂଜକ ଏବଂ ଜଣେ ଭକ୍ତ ଆହତ ହୋଇଛନ୍ତି। ଉକ୍ତ ପୀଠରେ ହିନ୍ଦୁମାନଙ୍କୁ ଇସ୍‌ଲାମ ଧର୍ମକୁ ପରିବର୍ତ୍ତନ କରାଯାଉଥିବା ଆକ୍ରମଣକାରୀମାନେ ଅଭିଯୋଗ କରିଛନ୍ତି। ଶନିବାର ରାତି ୧୧ରୁ ୩ଟା ପର୍ଯ୍ୟନ୍ତ ଏହି ଆକ୍ରମଣ ଚାଲିଥିଲା। ଆହତ ଭକ୍ତ ଅବଦୁଲ ରଜାକ୍‌ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୨୪ ଜଣ ଅଜଣା ଆକ୍ରମଣକାରୀଙ୍କ ବିରୋଧରେ ଆହତ ପୂଜକ ନୂର୍ ବାବା ଥାନାରେ ଏତଲା ଦେଇଛନ୍ତି।

### ଡେରାଡୁନ୍‌ବାସୀଙ୍କ ଅସହଯୋଗ ଆନ୍ଦୋଳନ



ଡେରାଡୁନ୍, ୩।୧୦: ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରୁ ଅନୁପ୍ରାଣିତ ହୋଇ ଅନୁରୂପ ଭାବେ ରାସ୍ତା କାମ ପାଇଁ ଗଛକଟା କାମକୁ ବିରୋଧ କରିଛନ୍ତି ଡେରାଡୁନ୍‌ବାସୀ। ଉତ୍ତରପ୍ରଦେଶର ଗଣେଶପୁରଠାରୁ ଉତ୍ତରାଖଣ୍ଡର ଆଶାରୋରି ପର୍ଯ୍ୟନ୍ତ ୧୯.୫ କିମିର ୪ ଲେନ୍ ବିଶିଷ୍ଟ ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସୱେ ନିର୍ମାଣ ପାଇଁ ବ୍ରିଟିଶ ଶାସନ ଅମଳର ଶହ ଶହ ଗଛ ସମେତ ପ୍ରାୟ ୧୧,୦୦୦ ବୃକ୍ଷ କଟାଯିବା ବନ୍ଦ ଦାବିରେ ବହୁ ସଂଖ୍ୟାରେ ବାସିନ୍ଦା ଶନିବାର ଆଶାରୋରିଠାରେ ଏକାଠି ହୋଇଥିଲେ। ୧୧ ମିନିଟ୍ ସମୟ ବଞ୍ଚାଇବା ପାଇଁ ୧୧ ହଜାର ଗଛକୁ ବଳି ପକାଯାଇପାରିବ ନାହିଁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ଏଥିରେ ସ୍ଥାନୀୟ ଲୋକେ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ଅସହଯୋଗ ପାଇଁ 'ମୋହନ୍ଦ ଚଲୋ' ରାଲିରେ ବାହାରିଛନ୍ତି। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ୟୁପି ସରକାର ଗଛକଟା ଆରମ୍ଭ କରିଥିବା ଅଭିଯୋଗ ହୋଇଛି। କୌଣସି ପ୍ରକାରରେ ଗଛକୁ ଛୁଇଁବାକୁ ଦିଆଯିବ ନାହିଁ ବୋଲି ଡେରାଡୁନ୍‌ବାସୀ ଜିଦ୍ ଧରିଛନ୍ତି। ଏପରି କି ସେମାନେ ଗଛଗୁଡ଼ିକୁ କୁଣ୍ଢାଇ ଧରି ଛିଡ଼ାହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି।

# ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଗାଡ଼ି ମାଡ଼ିଗଲା

# ହିଂସାକାଣ୍ଡରେ ୮ ମୃତ

ଲକ୍ଷ୍ନୌ, ୩।୧୦

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲାର ଟିକୁନିଆଠାରେ ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଗାଡ଼ି ମାଡ଼ିଯାଇ ଦୁଇ ଜଣଙ୍କ ମୃତ୍ୟୁ ପରେ ହିଂସାକାଣ୍ଡରେ ଅନ୍ୟ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଗସ୍ତକୁ ବିରୋଧ କରି ରବିବାର ସକାଳୁ ଚାଷୀମାନେ ବିକ୍ଷୋଭ ଚଳାଇଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଥିବା ଦୁଇଟି ଗାଡ଼ି ଆନ୍ଦୋଳନରତ ଚାଷୀଙ୍କ ଉପରେ ମାଡ଼ିଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଚାଷୀ ନେତା ତାଜିନ୍ଦର ସିଂ ଭିର୍କ ମଧ୍ୟ ଆହତ ହୋଇଥିଲେ। ଚାଷୀଙ୍କ ଉପରେ ମାଡ଼ିଯାଇଥିବା ଗାଡ଼ି ମଧ୍ୟରୁ ଗୋଟିଏ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଅଜୟ ମିଶ୍ରାଙ୍କର ବୋଲି କୁହାଯାଉଛି। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। କେତେଜଣ ଅଜଣା ଲୋକ ଚାଷୀଙ୍କ ଉପରକୁ ଗୁଳି ଚଳାଇବାରୁ ୮ ଜଣ ଚାଷୀ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଦୁଇଟି ଏସ୍‌ୟୁଭିରେ ନିଆଁ ଲଗାଇଦେବାରୁ ସେଥିରେ ଥିବା ୪ ଜଣଙ୍କ ମୃତ୍ୟୁ ହୋଇଛି। ହିଂସାକାଣ୍ଡରେ କେତେଜଣ ଖବରଦାତା ମଧ୍ୟ ଆହତ ହୋଇଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଟିକୁନିଆର ବାନ୍‌ଭିର ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ମୌର୍ଯ୍ୟ ଯୋଗଦେବାର ଥିଲା। କୃଷି ଆଇନ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ବିରୋଧ କରି ହଜାର ହଜାର ଚାଷୀ ଟିକୁନିଆକୁ ଶୋଭାଯାତ୍ରାରେ ବାହାରିଥିଲେ। ମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ କରିବାକୁ ଥିବା ମହାରାଜା ଆଗ୍ରାସେନ୍ ସ୍ପୋର୍ଟସ ଗ୍ରାଉଣ୍ଡ ହେଲିପ୍ୟାଡ୍ ସ୍ଥଳକୁ ଚାଷୀମାନେ ଅକ୍ତିଆର



- ୨ ଗାଡ଼ି ପୋଡ଼ିଦେଲେ ବିକ୍ଷୋଭକାରୀ
- ଗୋଟିଏ ଗାଡ଼ି କେନ୍ଦ୍ରମନ୍ତ୍ରୀଙ୍କ ପୁଅଙ୍କର
- କେନ୍ଦ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି

କରିନେଇଥିଲେ। ଉତ୍ତ୍ୟକ୍ତ ଚାଷୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଲଗାଯାଇଥିବା ହୋର୍ଡିଂଗୁଡ଼ିକୁ ଉପାଡ଼ି ଦେଇଥିଲେ। ହିଂସାକାଣ୍ଡ ପରେ ମୌର୍ଯ୍ୟଙ୍କ ଗସ୍ତକୁ ବାତିଲ କରିଦିଆଯାଇଛି। ଭାରତୀୟ କିଷାନ ୟୁନିୟନ ମୁଖପାତ୍ର ରାକେଶ ଟିକାଏତ୍ ସେଠାରେ ପହଞ୍ଚି ଆହତ ଚାଷୀଙ୍କୁ ଭେଟିଛନ୍ତି। ଉକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଅନ୍ୟ ଜିଲାରୁ ପୋଲିସ୍ ଫୋର୍ସ ମଗାଯାଇଥିବା ଜଣାପଡ଼ିଛି।

ଚାଷୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ପୁଅଙ୍କ କାର ମାଡ଼ିଯିବାରୁ ୨ ଜଣ ଚାଷୀଙ୍କ ମୃତ୍ୟୁ ଘଟିବା ସହ କେତେଜଣ ଆହତ ହୋଇଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ମୁଖପାତ୍ର ଜଗତାର ସିଂ ବାଜୱା କହିଛନ୍ତି। ଏହା ଅଧିକାରବାଦୀ ସରକାରଙ୍କ ପ୍ରମାଣ। ଏଠାରେ ଲୋକଙ୍କର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପାଇଁ ଗଣତାନ୍ତ୍ରିକ ଅଧିକାର ନାହିଁ ବୋଲି ବାଜୱା କହିଛନ୍ତି। ଲକ୍ଷ୍ମୀପୁର ଖେରିରେ ଯାହା ଘଟିଲା ଅତ୍ୟନ୍ତ ନିନ୍ଦନୀୟ ବୋଲି ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ କହିଛନ୍ତି।

## ଆଜି ସବୁ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ନୂଆଦିଲ୍ଲୀ, ୩।୧୦(ପି.ଟି.)

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲାରେ ଚାଷୀଙ୍କ ଉପରେ ଏସ୍‌ୟୁଭି ମଡ଼ାଇବା ଘଟଣା ପ୍ରତିବାଦରେ ସୋମବାର ସାରା ଦେଶର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଆହ୍ୱାନ ଦେଇଛି। ଚାଷୀ ନେତା ଯୋଗେନ୍ଦ୍ର ଯାଦବ ଏବଂ ଦର୍ଶନ ପାଲ୍ ସିଂ ରବିବାର ଏହି ସୂଚନା ଦେଇଛନ୍ତି। ଉକ୍ତ ଘଟଣାର ତଦନ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସେମାନେ ଦାବି କରିଛନ୍ତି। ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମସ୍ତ ଜିଲାପାଳ ଓ ଡିଭିଜନାଲ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଚାଷୀଙ୍କ ଉପରେ ମାଡ଼ିଯାଇଥିବା ଦୁଇଟି ଏସ୍‌ୟୁଭି ମଧ୍ୟରୁ ଗୋଟିଏ କେନ୍ଦ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ପୁଅଙ୍କର ବୋଲି ଚାଷୀ ନେତା ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯିବା ଲାଗି ସେମାନେ ଦାବି କରିଛନ୍ତି। ଏହା ବ୍ୟତୀତ ମନ୍ତ୍ରୀଙ୍କ ପୁଅ ଓ ଅନ୍ୟ ଗୁଣ୍ଡାମାନଙ୍କ ବିରୋଧରେ ଆଇପିସିର ଧାରା ୩୦୨ରେ ମାମଲା ରୁଜୁ କରିବା ପାଇଁ ଚାଷୀ ନେତାମାନେ ଦାବି କରିଛନ୍ତି।

## ପାଣ୍ଡୋରା ପେପର୍ସ: ସବୁଠୁ ବଡ଼ ଦୁର୍ନୀତିର ପେଡ଼ି ଖୋଲିବ ଆଇସିଆଇଜେ




ପାନାମା ସିଟି, ୩।୧୦

ପାନାମା ପେପର୍ସ ଭଳି ଆଉ ଏକ ବିଶ୍ୱସ୍ତରୀୟ ବଡ଼ ଦୁର୍ନୀତିର ରହସ୍ୟ ଉନ୍ମୋଚନ ହେବାକୁ ଯାଉଛି। ପାନାମା ପେପର୍ସ ସ୍କାଣ୍ଡାଲ ୨.୦ କୁହାଯାଉଥିବା ପାଣ୍ଡୋରା ପେପର୍ସକୁ ଇଣ୍ଟରନ୍ୟାଶନାଲ କନ୍‌ସୋର୍ଟିୟମ ଅଫ୍ ଇନ୍‌ଭେଷ୍ଟିଗେଟିଭ୍ ଜର୍ନାଲିଷ୍ଟସ୍ (ଆଇସିଆଇଜେ) ପ୍ରକାଶ କରିବାକୁ ଯାଉଛି। ଏଥିରେ ୧୧.୯ ନିୟୁତ ଦସ୍ତାବିଜ୍ ରହିଛି। ୨୦୧୬ରେ ପାନାମା ପେପର୍ସ ଲିକ୍ ହୋଇଥିଲା, ଯେଉଁଥିରେ ଅନେକ ବିଶ୍ୱ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ପାଣ୍ଡୋରା ପେପର୍ସରେ ତାହାଠାରୁ ଅଧିକ ବଡ଼ ଆର୍ଥିକ ଅନିୟମିତତା ପ୍ରକାଶ ପାଇବାକୁ ଯାଉଛି। ଏହି ତଦନ୍ତରେ ୧୧୭ ଦେଶର ୬୦୦ ଖବରଦାତା ଏବଂ ୧୫୦ ଗଣମାଧ୍ୟମ ସଂସ୍ଥା ଜଡ଼ିତ ଅଛନ୍ତି। ୧୧୭ଟି ଦେଶର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ଆର୍ଥିକ କାରବାରର ବିବରଣୀ ଏଥିରେ ରହିଛି।

ପାନାମା ପେପର୍ସ ଲିକ୍ ଯୋଗୁ କଳାଧନ ଲୁଚାଇ ରଖାଯାଉଥିବା ସଂସ୍ଥାଗୁଡ଼ିକର ପ୍ରତିଷ୍ଠା ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଏବେ ପୁଣିଥରେ ଆର୍ଥିକ ଗୋପନୀୟତା ପଦାରେ ପଡ଼ିବାକୁ ଯାଉଥିବା ପାନାମା ସରକାର ଆଶଙ୍କା ବ୍ୟକ୍ତ କରିଛନ୍ତି।

# ମସ୍‌ଜିଦ୍‌କୁ ଟାର୍ଗେଟ କରି ଆକ୍ରମଣ

କାବୁଲ, ୩।୧୦

ଆଫଗାନିସ୍ତାନ ରାଜଧାନୀ କାବୁଲ୍‌ରେ ରବିବାର ଏକ ମସ୍‌ଜିଦ୍‌କୁ ଟାର୍ଗେଟ କରି ବିସ୍ଫୋରଣ କରାଯିବାରୁ ଅନେକ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଇଦ୍‌ଗା ମସ୍‌ଜିଦରେ ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍‌ଙ୍କ ମାଆଙ୍କ ପାଇଁ ପୂଜାର୍ଚ୍ଚନା ଚାଲିଥିବାବେଳେ ଏହାର ଗେଟ୍ ନିକଟରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ତେବେ ଅଗଷ୍ଟ ୧୫ରେ ତାଲିବାନ ଆଫଗାନିସ୍ତାନ ଦଖଲ କରିବା ପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସଂଗଠନର ଆତଙ୍କବାଦୀଙ୍କ ପକ୍ଷରୁ ଆକ୍ରମଣ ବୃଦ୍ଧି ପାଇଛି। ଦୁଇ ଆତଙ୍କବାଦୀ ସଂଗଠନ ମଧ୍ୟରେ ବିବାଦ ବଢ଼ୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ନଙ୍ଗରହାର ପ୍ରଦେଶରେ ଆଇଏସ୍‌ର ସ୍ଥିତି ଦୃଢ଼ ଥିବାବେଳେ ଏହା ତାଲିବାନ୍‌କୁ ଶତ୍ରୁ ଭାବେ ଦେଖୁଛି। ପୂର୍ବରୁ ଜଲାଲାବାଦରେ ଆଇଏସ୍ ଆକ୍ରମଣରେ ଅନେକ ତାଲିବାନ ଆତଙ୍କବାଦୀ ନିହତ ହୋଇଥିଲେ। ଶନିବାର ସନ୍ଧ୍ୟାରେ ନଙ୍ଗରହାର ପ୍ରଦେଶରେ ଗୁଳିକାଣ୍ଡ ଘଟି ଜଣେ ଖବରଦାତାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଛି। ଖବରଦାତା ତଥା ଲେଖକ ସୟେଦ ମରୋଫ୍ ସାଦତ୍ କେତେଜଣ ସମ୍ପର୍କୀୟଙ୍କ ସହ ଏକ ସେଡାନରେ ଜଲାଲାବାଦ ସହରରେ ଯାଉଥିବାବେଳେ କେତେଜଣ ବନ୍ଧୁକଧାରୀ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିକାଣ୍ଡରେ ସାଦତ୍‌ଙ୍କ ପୁଅ ଏବଂ ଗାଡ଼ି ଡ୍ରାଇଭର ଆହତ ହୋଇଛନ୍ତି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

- କାବୁଲ ବିସ୍ଫୋରଣରେ ଅନେକ ନିହତ
- ଜଲାଲାବାଦରେ ଗୁଳିକାଣ୍ଡ: ୩ ମୃତ

## କାର୍ଯ୍ୟରେ ଯୋଗଦେଲା ଆଫଗାନ୍ ମିଡିଆ ଗ୍ରୁପ୍

ତାଲିବାନ ଆଫଗାନିସ୍ତାନରେ କ୍ଷମତା ଦଖଲ କରିବାର ୪୫ ଦିନ ପରେ ଗଣମାଧ୍ୟମ ସଂଗଠନ ଆଫଗାନ୍ ଜର୍ନାଲିଷ୍ଟସ୍ ସେଫ୍ଟି କମିଟି (ଏଜେଏସ୍‌ସି) କାର୍ଯ୍ୟରେ ଯୋଗ ଦେଇଛି। ଦେଶରେ ରାଜନୈତିକ ପରିବର୍ତ୍ତନ ପରେ ଏଜେଏସ୍‌ସି ଏହାର ଅଧିକାଂଶ କାର୍ଯ୍ୟ ବନ୍ଦ କରିଦେଇଥିଲା। ଏବେ ସ୍ୱାଭାବିକ କାର୍ଯ୍ୟ ଆରମ୍ଭ ହୋଇଛି। ଖବରଦାତା ଓ ଗଣମାଧ୍ୟମ କର୍ମଚାରୀ ଆମକୁ ଯୋଗାଯୋଗ କରିପାରିବେ ବୋଲି ସଂଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ହେରାତ୍ ପ୍ରଦେଶରେ ବନ୍ଦୀ ଥିବା ଫଟୋ ସାମ୍ବାଦିକ ମୁର୍ତାଜା ସମଦିଙ୍କୁ ମୁକ୍ତ କରାଯାଇଥିବାରୁ ଏଜେଏସ୍‌ସି ଏହାକୁ ସ୍ୱାଗତ କରିଛି। ସେପ୍ଟେମ୍ବରରେ ତାଙ୍କୁ ଗିରଫ କରାଯାଇଥିଲା।

## ଜାଇକୋଭ୍-ଡି ଟିକା ଦାମ୍ ୧୯୦୦ ଟଙ୍କା ରଖିବାକୁ କମ୍ପାନୀର ପ୍ରସ୍ତାବ

ନୂଆଦିଲ୍ଲୀ, ୩।୧୦

ଜାଇଡସ୍ କାଡିଲା ଏହାର କୋଭିଡ୍-୧୯ ଟିକା ଜାଇକୋଭ୍-ଡି ଦାମ୍ ୧୯୦୦ ଟଙ୍କା ରଖିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛି। ୧୨ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଏହି ୩ ଡୋଜ୍ ବିଶିଷ୍ଟ ଟିକା ଦାମ୍‌କୁ ନେଇ ସରକାରଙ୍କ ସହ କମ୍ପାନୀର ଆଲୋଚନା ଜାରି ରହିଛି। ସରକାର ଦାମ୍ କମ୍ କରିବା ପାଇଁ ଚାହୁଁଛନ୍ତି। ଚଳିତ ସପ୍ତାହରେ ଚୂଡ଼ାନ୍ତ ଦର ଧାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ବିଶ୍ୱର ଏହି ପ୍ରଥମ ଡିଏନ୍ଏ ଭିତ୍ତିକ ଭାକ୍ସିନ ଖୁବ୍‌ଶୀଘ୍ର ଟିକାକରଣ ଅଭିଯାନରେ ସାମିଲ ହେବ ବୋଲି ଗୁରୁବାର ସରକାର ସୂଚନା ଦେଇଥିଲେ। ଏହା ୩ ଡୋଜ୍ ଟିକା ହୋଇଥିବାରୁ କୋଭିଶିଲ୍ଡ ଏବଂ କୋଭାକ୍ସିନ୍‌ଠାରୁ ମହଙ୍ଗା ହେବ। ଏହା ବ୍ୟତୀତ ଉକ୍ତ ଟିକାକୁ ଛୁଞ୍ଚିବିହୀନ ଜେଟ୍ ଇଞ୍ଜେକ୍ଟରରେ ଦିଆଯିବ, ଯାହାର ଦାମ୍ ୩୦ ହଜାର ଟଙ୍କା। ଗୋଟିଏ ଜେଟ୍ ଇଞ୍ଜେକ୍ଟରରେ ୨୦ ହଜାର ଡୋଜ୍ ଦିଆଯାଇପାରିବ।

# ବିମାନ ଦୁର୍ଘଟଣାରେ ୮ ମୃତ

ରୋମ୍, ୩।୧୦

ଇଟାଲୀର ମିଲନରେ ରବିବାର ଏକ ଘରୋଇ ବିମାନ ଦୁଇ ମହଲା ଅଫିସ୍ ବିଲ୍ଡିଂକୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ବିମାନରେ ୬ ଜଣ ଯାତ୍ରୀ ଓ ୨ ଜଣ କର୍ମଚାରୀ ଥିଲେ। ସମସ୍ତଙ୍କର ମୃତ୍ୟୁ ଘଟିଥିବା ଲାପ୍ରେସେ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ମୃତ ଯାତ୍ରୀମାନେ ଫ୍ରାନ୍ସର ବୋଲି ବିଶ୍ୱାସ କରାଯାଉଛି। ମିଲନ ନିକଟବର୍ତ୍ତୀ ସାନ୍ ଡୋନାଟୋ ମିଲାନିଜ୍ ସହରରେ ଥିବା ସବ୍‌ୱେ ଷ୍ଟେଶନ ନିକଟରେ ଦୁର୍ଘଟଣା ଘଟିଛି। ବିଲ୍ଡିଂ ସମେତ ଦୁର୍ଘଟଣାସ୍ଥଳରେ ଥିବା କେତେକ ଗାଡ଼ି ଜଳିଯାଇଛି। ଗାଡ଼ିଗୁଡ଼ିକ ପାର୍କିଂରେ ଥିବାରୁ ସେଥିରେ କେହି ଲୋକ ନ ଥିଲେ।



ବିମାନ ଦୁର୍ଘଟଣାରେ ଜଳିଯାଇଥିବା ବିଲ୍ଡିଂ।

# ଜାହାଜକୁ ଡ୍ରଗ୍ସ କିପରି ଗଲା

ମୁମ୍ବାଇ, ୩।୧୦

ସିକ୍ୟୁରିଟି ଯାଞ୍ଚରୁ ବର୍ତ୍ତିବା ପାଇଁ କେତେଜଣ ଯାତ୍ରୀଙ୍କ ପୋଷାକରେ ବିଶେଷଭାବେ ପକେଟ୍ କରାଯାଇ ଡ୍ରଗ୍ସକୁ ଜାହାଜକୁ ନିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଜଣଙ୍କ ଜୋତାର ହିଲ୍‌ରୁ ଡ୍ରଗ୍ସ ମିଳିଛି। ତେଣୁ ବାଲାର୍ଡ ପିଅର ଗ୍ରୀନ ଗେଟ୍ ଦେଇ ଯାତ୍ରୀମାନେ ଜାହାଜକୁ ଯାଇଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଇଥିବା ଅଭିଯୋଗ ଉଠିଛି। ସିଆଇଏସ୍‌ଏଫ୍ ଏବଂ ବମ୍ବେ ପୋର୍ଟ ଟ୍ରଷ୍ଟ ଏହି ଗେଟ୍‌ରେ ସୁରକ୍ଷା ଦାୟିତ୍ୱରେ ରହିଥାନ୍ତି। ଏକ୍‌ଜିକ୍ୟୁଟିଭ୍ ଅଫ୍ ୱାଟରୱେଜ୍ ଲେଜର୍ ଟୁରିଜମ୍ ଅଧୀନରେ ଥିବା କୋର୍‌ଡେଲିଆ ଜାହାଜରେ କୌଣସି ପାର୍ଟି ପାଇଁ ମର୍ଚାଣ୍ଟ ଶିପିଂ ଆକ୍ଟ ଅଧୀନରେ ଆବଶ୍ୟକ ଲାଇସେନ୍ସ ନ ଥିଲା ବୋଲି ଶିପିଂ ମହାନିର୍ଦ୍ଦେଶକ ଅମିତାଭ କୁମାର କହିଛନ୍ତି।



ମେଡ଼ିକାଲ ଯାଞ୍ଚ ପରେ ଆର୍ୟନ ଖାନ୍‌ଙ୍କୁ ଏନ୍‌ସିବି ଅଫିସକୁ ନିଆଯାଉଛି।

## ବଲିଉଡ୍ ହତବାକ୍

ଏନ୍‌ସିବି ଚଢ଼ାଉରେ ଆର୍ୟନଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ଖବର ଅନେକ ବଲିଉଡ୍ କଳାକାରଙ୍କୁ ବିସ୍ମିତ କରିଛି। ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚୁପ୍‌ଚାପ ରହୁଥିବା ଆର୍ୟନଙ୍କୁ କୌଣସି ବଡ଼ ପାର୍ଟି କିମ୍ବା ଲୋକଙ୍କ ଗହଣରେ ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ତେଣୁ ହଠାତ୍ ଏକ ଡ୍ରଗ୍ସ ପାର୍ଟିରୁ ତାଙ୍କୁ ଗିରଫ କରାଯିବାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଚାଲିଛି। ଏ ନେଇ ଶାହରୁଖଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସି ନ ଥିବାବେଳେ ଆଉ କିଛିଦିନ ପରେ ସ୍ପେନରେ ହେବାକୁ ଥିବା 'ପଠାନ୍' ଫିଲ୍ମର ଶୁଟିଂକୁ ସେ ବାତିଲ କରିପାରନ୍ତି ବୋଲି ଜଣାପଡ଼ିଛି। ମା' ଗୌରୀ ଖାନ୍ ମଧ୍ୟ ଏକ ଇଣ୍ଟେରିଅର-ଡିଜାଇନିଂ ପ୍ରୋଜେକ୍ଟ ପାଇଁ ବିଦେଶ ଯିବା କାର୍ଯ୍ୟକ୍ରମ ଥିବାବେଳେ ତାହା ଏବେ ସ୍ଥଗିତ କରିଛନ୍ତି। ତେବେ ଦୋଷ ପ୍ରମାଣ ନ ହେବା ପର୍ଯ୍ୟନ୍ତ ଆର୍ୟନଙ୍କ ବିଷୟରେ କୌଣସି ଚର୍ଚ୍ଚାକୁ ମିଡିଆ ରିପୋର୍ଟରେ ପ୍ରକାଶ ନ କରିବାକୁ ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀ ସୋସିଆଲ ମିଡିଆରେ କହିଛନ୍ତି।

## ବଲିଉଡ୍ ପଛରେ ସମୀର ୱାଙ୍ଖେଡେ



ଡ୍ରଗ୍ସ ଲିଙ୍କ୍‌ରେ ସେଲିବ୍ରିଟିଙ୍କୁ ସ୍କାନରରେ ରଖିବାରେ ଏନ୍‌ସିବି ଅଧିକାରୀ ସମୀର ୱାଙ୍ଖେଡେ ଏବେ ଚର୍ଚ୍ଚାରେ। ଶାହରୁଖଙ୍କ ପୁଅ ଆର୍ୟନଙ୍କ ଗିରଫଦାରୀରେ ଏନ୍‌ସିବିର ଜୋନାଲ ନିର୍ଦ୍ଦେଶକ ୱାଙ୍ଖେଡେ ନେତୃତ୍ୱ ନେଇ ବଲିଉଡ୍-ଡ୍ରଗ୍ସ ଲିଙ୍କ୍ ପ୍ରସଙ୍ଗକୁ ପୁଣି ସାମ୍ନାକୁ ଆଣିଛନ୍ତି। ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଗତ ବର୍ଷ ସେପ୍ଟେମ୍ବରରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ, ଦୀପିକା ପାଦୁକୋନ୍, ଶ୍ରଦ୍ଧା କପୁର, ଅର୍ଜୁନ ରାମପାଲ, ସାରା ଅଲ୍ଲୀ ଖାନ୍ ପ୍ରମୁଖଙ୍କୁ ଡ୍ରଗ୍ସ ଲିଙ୍କ୍ କାରବାରରେ ଜେରା କରିବା ଏବଂ ରିଆଙ୍କୁ ଗିରଫ କରାଯିବା ଭଳି ଘଟଣା ସେତେବେଳେ ଇଣ୍ଡଷ୍ଟ୍ରିରେ ଚହଳ ପକାଇଥିଲା। ସେତେବେଳେ ମଧ୍ୟ ୱାଙ୍ଖେଡେ ତଦନ୍ତର ନେତୃତ୍ୱ ନେଇଥିଲେ। ନିକଟରେ ସେ ଅର୍ଜୁନ ରାମପାଲଙ୍କ ଭାଇଙ୍କୁ ଡ୍ରଗ୍ସ ମାମଲାରେ ଗୋଆରୁ ଗିରଫ କରିଛନ୍ତି। ୨୦୧୩ରେ ଗାୟକ ମିକା ସିଂଙ୍କୁ ବିଦେଶୀ ମୁଦ୍ରା ସହ ମୁମ୍ବାଇ ବିମାନବନ୍ଦରରୁ ହେପାଜତକୁ ନେଇଥିଲେ।

ଆଇଆର୍‌ଏସ୍‌ର ଅଧିକାରୀ ୱାଙ୍ଖେଡେ ୨୦୦୭ରେ ଛତ୍ରପତି ଶିବାଜୀ ବିମାନବନ୍ଦରରେ ଡେପୁଟି କଷ୍ଟମ କମିଶନର ଭାବେ ଟିକସ ଫାଙ୍କିଥିବା ଅନେକ ସେଲିବ୍ରିଟିଙ୍କ ମାମଲା ପରିଚାଳନା କରୁଥିଲେ। ମହାରାଷ୍ଟ୍ର ସର୍ଭିସ ଟାକ୍ସ ଡିପାର୍ଟମେଣ୍ଟରେ କାର୍ଯ୍ୟରତ ଥିବାବେଳେ ସେ ୨,୫୦୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ, ଯେଉଁଥିରେ ୨ ଶହରୁ ଅଧିକ ଜଣ ସେଲିବ୍ରିଟି ଥିଲେ।

## ଅତିଥି ହୋଇ ଯାଇଥିବା କହିଲେ ଆର୍ୟନ

ଡ୍ରଗ୍ସ ପାର୍ଟିରେ ସାମିଲ ଅଭିଯୋଗରେ ଗିରଫ ହୋଇଥିବା ଆର୍ୟନ ଖାନ୍ ପଚରାଉଚରା ବେଳେ ଡ୍ରଗ୍ସ କିଣି ନ ଥିବା ଏନ୍‌ସିବିକୁ କହିଛନ୍ତି। ତାଙ୍କୁ ଅତିଥି ଭାବେ ଉକ୍ତ ପାର୍ଟିକୁ ଡକାଯାଇଥିଲା। ସେଥିରେ ସାମିଲ ହେବାକୁ ସେ କାହାଠୁ ଟଙ୍କା ମଧ୍ୟ ନେଇ ନ ଥିବା କହିଛନ୍ତି। ପାର୍ଟି ଆୟୋଜକ ତାଙ୍କ ନାଁକୁ ବ୍ୟବହାର କରି ଅନ୍ୟମାନଙ୍କୁ ସେଠାକୁ ଡାକିଥିଲେ ବୋଲି ଆର୍ୟନ କହିଛନ୍ତି। ଏହାର ତଦନ୍ତ ପାଇଁ ଏନ୍‌ସିବି ଟିମ୍ ତାଙ୍କ ଫୋନ୍ ଚାଟିଂ ଯାଞ୍ଚ କରୁଛି।

## ଭାରତକୁ ଡ୍ରଗ୍ସ ମୁକ୍ତ କରାଯିବ

ଚଢ଼ାଉ ପାଇଁ ୨ ସପ୍ତାହ ପୂର୍ବରୁ ବିଭିନ୍ନ ଦିଗରୁ ତଦନ୍ତ କରାଯାଇଥିଲା। ଗୋଇନ୍ଦା ସୂଚନା ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଥିରେ କେତେଜଣ ଧନୀ ବ୍ୟକ୍ତି ଏବଂ ବଲିଉଡ୍ ଲିଙ୍କ୍ ଥିବା ସାମ୍ନାକୁ ଆସିଛି। ସମ୍ପୂର୍ଣ୍ଣ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭାରତକୁ ଡ୍ରଗ୍ସମୁକ୍ତ କରିବା ଆମର ଲକ୍ଷ୍ୟ। ପଚରାଉଚରା ପରେ ହାସଲ ତଥ୍ୟ ଆଧାରରେ ଚଢ଼ାଉ ଜାରି ରହିବ।

–ସତ୍ୟନାରାୟଣ ପ୍ରଧାନ, ଏନ୍‌ସିବି ମହାନିର୍ଦ୍ଦେଶକ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ବାଳସୁଧାର ଗୃହରେ ନାବାଳକ

ପାଟଣା,୩।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଘଟଗାଁ ପୋଲିସ ରବିବାର ଜଣେ ନାବାଳକଙ୍କୁ କେନ୍ଦୁଝର ସ୍ଥିତ ଜଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ପରେ ତାଙ୍କୁ ରାଉରକେଲାସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ନାବାଳକ ଗତ ଶୁକ୍ରବାର ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଘଟଗାଁ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୩୮/୨୧) ରୁଜୁ କରିଥିବା ଥାନା ଅଧିକାରୀ ଅମିତ କୁମାର ଭୂୟାଁ ସୂଚନା ଦେଇଛନ୍ତି।

### ସୁନେଲି କୁକ୍କୁଟ ପକ୍ଷୀ ମୃତ

ବାରଙ୍ଗ,୩।୧୦(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବିହଙ୍ଗ ସାରଣୀର ୭ ଏ ନମ୍ବର ଏନକ୍ଲୋଜରରେ ରହୁଥିବା ଏକ ସୁନେଲି କୁକ୍କୁଟର ରବିବାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏହି ଏନ୍‌କ୍ଲୋଜରରେ ଥିବା ଅନ୍ୟ କୁକ୍କୁଟଙ୍କ ସହ ମାଡ଼ଗୋଳ ହୋଇ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ୫ରୁ ୬ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରୁଥିବା ଏହି କୁକ୍କୁଟ ପକ୍ଷୀ ଚାଇନା, ଆମେରିକା ଓ ଇଂଲଣ୍ଡର ପାର୍ବତ୍ୟାଞ୍ଚଳ ସଂଲଗ୍ନ ଜଙ୍ଗଲରେ ଦେଖାଯାଇଥାନ୍ତି। ଏଥିସହ ନନ୍ଦନକାନନରେ ସାଥୀହରା ମାଈ କାପୁଚିନ ମାଙ୍କଡ଼, ସିମ୍ପାଞ୍ଜି ପାମ୍ପେଟ, ବାଘ ସେଙ୍ଫ, କଳାଭାଲୁ ମୋତି, ୩ଟି ଡାଳିଓଧ ଅସୁସ୍ଥ ଥିବା ଜଣାପଡ଼ିଛି।

### ଦୁଇଦିନ ସ୍ୱଳ୍ପ ବର୍ଷା, ବଜ୍ରପାତ

ଭୁବନେଶ୍ୱର, ୩।୧୦(ବ୍ୟୁରୋ): ରାଜ୍ୟରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶା, ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ତେବେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ଏଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଢେଙ୍କାନାଳରେ ଝଡ଼ବର୍ଷା ସହ ବଜ୍ରପାତ ହେବ। ସେହିପରି ମଙ୍ଗଳବାର ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ଝଡ଼ବର୍ଷା ଓ ବଜ୍ରପାତ ହେବାର ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି। ସେପଟେ ରବିବାର କୋରାପୁଟରେ ସର୍ବାଧିକ ୧୬ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ବାଲେଶ୍ୱର, ଅନୁଗୋଳ, ବାରିପଦା, କେନ୍ଦୁଝର, ଦାରିଙ୍ଗବାଡ଼ିରେ ମଧ୍ୟ ବର୍ଷା ହୋଇଥିବା ଜଣାପଡ଼ିଛି।

# ଇତିହାସରେ ସ୍ଥାନ ପାଇ ବି ଅବହେଳିତ

## ସ୍ମୃତିପୀଠ 'ଗୋରା କବର'

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୩।୧୦

ବାଲେଶ୍ୱର ସହର ଦାମୋଦରପୁର ଅଞ୍ଚଳରେ ରହିଛି ସ୍ମୃତି ପୀଠ 'ଗୋରା କବର'। ଦେଶ ସ୍ୱାଧୀନତା ପୂର୍ବରୁ ଇଂରେଜମାନେ ଏହାକୁ ସ୍ଥାପନ କରିଥିଲେ। ଏଠାରେ ତତ୍କାଳୀନ ଉଚ୍ଚ ପଦପଦବୀରେ ଥିବା ୩୨ଜଣ ସାହେବ ସାହେବାଣୀଙ୍କୁ କବର ଦିଆଯାଇ ସ୍ମୃତି ନିମନ୍ତେ ସମାଧିପୀଠ ନିର୍ମାଣ ହୋଇଛି। ସେଥିମଧ୍ୟରୁ ବାଲେଶ୍ୱରର ପ୍ରଥମ ଜିଲାପାଳ ହେନେରି ରିକେଟ୍ ଓ ତାଙ୍କ ସହଧର୍ମିଣୀ ଜେନିଙ୍କର ସମାଧି ଆଜି ବି ଚର୍ଚ୍ଚିତ ହୋଇ ରହିଛି। ଇତିହାସ ପୃଷ୍ଠାରେ ରିକେଟ୍ ସାହେବ ଓ ଜେନି ସାହେବାଣୀଙ୍କ ପ୍ରେମ କାହାଣୀ ସ୍ଥାନ ପାଇଛି। ଅବଶ୍ୟ ଏହି କାରଣରୁ ଅଧିକାଂଶ ସମୟରେ ଦେଶବିଦେଶର ପର୍ଯ୍ୟଟକ ତଥା ଗବେଷକ ଏଠାକୁ ଆସିଥାନ୍ତି।

ବାଲେଶ୍ୱରରେ ପ୍ରଥମ ଜିଲାପାଳ ଭାବେ ନିଯୁକ୍ତି ପାଇବା ପରେ ହେନେରି ରିକେଟ୍ ବିଲାତରୁ ଏଠାକୁ ଆସିଥିଲେ। ତାଙ୍କ ସହଧର୍ମିଣୀ ଜେନି ମଧ୍ୟ ବାଲେଶ୍ୱରକୁ ଆସିଥିଲେ। ଉଭୟ ପରସ୍ପରକୁ ବହୁତ ଭଲ ପାଉଥିଲେ। ଜେନି ତତ୍କାଳୀନ ବାରବାଟୀସ୍ଥିତ ଚିକିତ୍ସାଳୟରେ ସ୍ତ୍ରୀରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ସ୍ୱାମୀଙ୍କ ଭଳି ସେ ମଧ୍ୟ ଲୋକଙ୍କ ସେବା କରୁଥିଲେ। ତେବେ ୧୮୩୨ରେ ମ୍ୟାଲେରିଆରେ ଜେନିଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ 'ଗୋରା କବର'ରେ ସମାଧି ଦିଆଯାଇଥିଲା। ପରେ ରିକେଟ୍ ସାହେବ ଚାକିରିରୁ ଅବସର ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ୧୮୮୬ରେ ଲଣ୍ଡନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ତ୍ରୀଙ୍କ କବର ପାଖରେ ତାଙ୍କର କବର ଦିଆଯିବା ନେଇ ମୃତ୍ୟୁ ପୂର୍ବରୁ ଏକ ଉଇଲ୍ କରିଥିଲେ। ହେନେରିଙ୍କ ଅନ୍ତିମ ଇଚ୍ଛାକୁ ସମ୍ମାନ ଜଣାଯାଇ ମୃତ୍ୟୁ ପରେ ତାଙ୍କ ମରଶରୀରକୁ ଲଣ୍ଡନରୁ ଜାହାଜରେ କୋଲକାତା ଦେଇ ଏଠାକୁ ଅଣାଯାଇଥିଲା। ସହଧର୍ମିଣୀ ଜେନିଙ୍କ ସମାଧିସ୍ଥଳ ନିକଟରେ ସମାଧି ଦିଆଯାଇଥିଲା। କେବଳ ହେନେରି-ଜେନି ନୁହନ୍ତି, ଏଠାରେ ତତ୍କାଳୀନ କ୍ୟାପ୍‌ଟେନ ଫ୍ରାନ୍ସିସ୍, ଆଲଫ୍ରେଡ୍ ବ୍ରଣ୍ଡ, ସିଇ ଫିଲର, ଡବ୍ଲ୍ୟୁ ଡିକେନସ, ମାର୍ଥା ବ୍ରାଉନ, ସୋବେଲା କେଲସି, ଫ୍ରାନସିସ୍ ୱାଲଟରଙ୍କ ଭଳି ୩୨ଜଣ ଇଂରେଜୀ ସାହେବ ସାହେବାଣୀଙ୍କ ସମାଧି ରହିଛି। ବ୍ରିଟିଶ ଶାସନ ସମୟରେ ସେମାନେ ସ୍ୱାସ୍ଥ୍ୟ, ଶିକ୍ଷା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦ ପଦବୀରେ ଥିଲେ। ବିଡ଼ମ୍ବନାର ବିଷୟ ଏବେ ଜିଲା ପ୍ରଶାସନ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ 'ଗୋରା କବର' ସ୍ଥଳ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ଗତ କିଛିଦିନ ପୂର୍ବରୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ପୌର ଅଧିକାରୀ ଆଶିଷ ଈଶ୍ୱର ପାଟିଲ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ବିଭାଗୀୟ ଅଧିକାରୀମାନେ 'ଗୋରା କବର'କୁ ପରିଦର୍ଶନ କରିଥିଲେ। ଏହାର ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରାଯାଇ ଉନ୍ନତୀକରଣ ନିମନ୍ତେ ୨୫ଲକ୍ଷ ଟଙ୍କାର ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।



'ଗୋରା କବର'ରେ ଥିବା ହେନେରି ରିକେଟ୍ ଓ ତାଙ୍କ ସହଧର୍ମିଣୀଙ୍କ ସମାଧି।

ଏନେଇ ଅଞ୍ଚଳବାସୀ ଅନନ୍ୟ କୁମାର ପଣ୍ଡା କହନ୍ତି, ସହରର ଜନବସତି ଅଞ୍ଚଳରେ କବରସ୍ଥାନ ୨୯ ଡିସିମିଲ ଜମି ଉପରେ ନିର୍ମିତ। ୧୯୯୦ ପୂର୍ବରୁ ଉକ୍ତ କବରସ୍ଥାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଶ୍ୟାମସୁନ୍ଦରପୁର ଯୁବକ ସଂଘ ଓ ଚନ୍ଦନ କମିଟିର ତତ୍ତ୍ୱାବଧାନରେ ପରିଷ୍କାର ପରିଚ୍ଛନ୍ନ କରାଯାଇ ଚାରିପାଖେ ଫୁଲ ଓ ଫଳ ଗଛ ଲଗାଯାଇଥିଲା। ପୂର୍ବତନ ଜିଲାପାଳ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସଭା ସଦସ୍ୟ ଫଣ୍ଡରୁ ଟଙ୍କା ଆଣି ପାଚେରି ନିର୍ମାଣ କରାଇବାରେ ସହଯୋଗ କରିଥିଲେ। ୨୦୧୦ରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଜିଲା ପ୍ରଶାସନ ନେଇଛି। ୧୧ବର୍ଷ ଭିତରେ ମ୍ୟୁନିସିପାଲିଟି ମାତ୍ର ୧୦ଥର ସଫା କରି ଦାୟିତ୍ୱ ସାରି ଦେଇଛି। ସ୍ଥାନୀୟ ବାସିନ୍ଦା ରାମକୃଷ୍ଣ ବର୍ଦ୍ଧନ ସହର ଭିତରେ ଥିବା ଏଭଳି ଏକ କୀର୍ତ୍ତିରାଜି ପୀଠ ପ୍ରଶାସନର ଅବହେଳା କାରଣରୁ ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ମତପ୍ରକାଶ କରିଛନ୍ତି।

### ଶିଶୁପୁତ୍ର ନିଖୋଜ ଘଟଣା ୭ ଦିନ ପରେ ମିଳିଲା ମୃତଦେହ

ସାରସକଣା,୩।୧୦ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ଶିଶୁପୁତ୍ର ନିଖୋଜ ହେବା ନେଇ ଗତ ୨୭ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏହାର ୭ ଦିନ ପରେ ରବିବାର ଶଙ୍ଖାଭଙ୍ଗା ପଞ୍ଚାୟତ ଦେଇଯାଇଥିବା କତରା ନଦୀ ଗାଧୁଆ ଘାଟରୁ ଶିଶୁପୁତ୍ରଙ୍କ ମୃତଦେହ ମିଳିଥିଲା। ମୃତ ଶିଶୁ ହେଲେ ଓଡ଼ିଶା ସୀମା ଝାଡ଼ଖଣ୍ଡ ସଂଲଗ୍ନ ବାଜାରଗୋଡା ଗ୍ରାମର ରବୀନ୍ଦ୍ର କୁଅଁରଙ୍କ ପୁଅ ଆୟୁଷ (୪)। ଦମକଳ ବାହିନୀ ପହଞ୍ଚି ନଦୀରୁ ମୃତଦେହ ବାହାର କରିବା ପରେ ପୋଲିସ ଜବତ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ତେବେ ତଦନ୍ତ ପରେ ମୃତ୍ୟୁର ସତ୍ୟତା ଜଣାପଡିବ ବୋଲି ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଓଡିଶା ସୀମା ଝାଡ଼ଖଣ୍ଡ ସଂଲଗ୍ନ ବାଜାରଗୋଡା ଗ୍ରାମର ରବୀନ୍ଦ୍ର କୁଅଁର ଥାନାରେ ଅଭିଯୋଗ କରିଥିଲେ, ୨୬ ତାରିଖରେ ସେ ହାଟକୁ ଯାଇଥିବା ବେଳେ ସନ୍ଧ୍ୟାରେ ପୁଅ ଆୟୁଷକୁ ଖଟରେ ବସି ମୋବାଇଲରେ ଫିଲ୍ମ ଦେଖିବାକୁ ଦେଇ ମା' ନନ୍ଦିନୀ ଶୌଚ ହେବାକୁ ଘରପାଖ ପଡିଆକୁ ଯାଇଥିଲେ। ଘରକୁ ଫେରି ଆୟୁଷଙ୍କୁ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ଆୟୁଷର କୌଣସି ସନ୍ଧାନ ମିଳି ନ ଥିଲା।

## ଓଳାଶୁଣୀ ପାହାଡ଼ରେ ଯୁବକଙ୍କୁ ଗୁଳି ମାଡ଼

ଚଣ୍ଡିଖୋଲ,୩।୧୦(ଡି.ଏନ୍.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ପାହାଡ଼ରେ ରବିବାର ରାତିରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବନ୍ଦରେଶ୍ୱର ଗ୍ରାମର ରଙ୍ଗାଧର ସାମଲଙ୍କ ପୁଅ ସିଦ୍ଧାନ୍ତ ସାମଲ ଓରଫ୍ ବୁବୁନ(୩୦)। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବଡ଼ଚଣା ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ରାତି ପ୍ରାୟ ୮ଟାରେ ଜଣେ ସହଯୋଗୀଙ୍କ ସହିତ ବୁବୁନ ଓଳାଶୁଣୀ ପାହାଡ଼ ମଧ୍ୟଭାଗରେ ଥିବା ପର୍ଯ୍ୟଟନ ବଙ୍ଗଳା ନିକଟରେ ବସିଥିଲେ। ଏହି ସମୟରେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା

ସୂଚନା ମୁତାବକ, ୪ରୁ ଅଧିକ ଦୁର୍ବୃତ୍ତ ବୁବୁନଙ୍କୁ ଖୋଜିଖୋଜି ସେଠାରେ ପହଞ୍ଚିଥିଲେ। ସେମାନେ ହଠାତ ବୁବୁନ କିଏ ବୋଲି ପଚାରିବା ସହ ଗୁଳି ଚଳାଇଥିଲେ। ଚାରି ରାଉଣ୍ଡ ଗୁଳି ଫୁଟାଯାଇଥିବା ବେଳେ ବୁବୁନଙ୍କ ଜଙ୍ଘରେ ଓ ହାତରେ ଦୁଇଟି ଗୁଳି ବାଜିଛି। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି। ତେବେ ପାହାଡ଼ ମଧ୍ୟଭାଗରେ ହୋଇଥିବା ଏହି ଗୁଳିକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ହେଉଛି। ଜାତୀୟ ରାଜପଥରୁ ପାଖାପାଖି ଦୁଇଶହ ମିଟର ପାହାଡ଼ ଉପରେ ଗୁଳିକାଣ୍ଡ ଘଟିଛି। ଗୁଳିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ। ତେବେ ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟିଥିବା ଅନୁମାନ କରାଯାଉଛି।

## ଏଣିକି ନୂଆ ପଦ୍ଧତିରେ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଯୁକ୍ତ୨ ପରୀକ୍ଷାକୁ ନୂଆ ପଦ୍ଧତିରେ କରିବାକୁ ନିଷ୍ପତ୍ତି ନେଇଛି। ଦୁଇବର୍ଷ ମଧ୍ୟରେ ୬ଟି ଇଣ୍ଟରନାଲ ଓ ୨ଟି ଆନୁଆଲ ପରୀକ୍ଷା ହେବ। ତିନି ମାସକୁ ଥରେ ହେବାକୁ ଥିବା ୨୦ ମାର୍କ ବିଶିଷ୍ଟ ଇଣ୍ଟରନାଲ୍ ପରୀକ୍ଷାଗୁଡ଼ିକରେ ପ୍ରଶ୍ନ କିପରି ଆସିବ ତାହା ବି ସ୍ପଷ୍ଟ କରାଯାଇଛି। ୬ଟି ୧ ମାର୍କ ବିଶିଷ୍ଟ ଅତି ସଂକ୍ଷିପ୍ତ ପ୍ରଶ୍ନ ଆସିବ। ସେହିପରି ୨ ମାର୍କ ବିଶିଷ୍ଟ ସଂକ୍ଷିପ୍ତ ପ୍ରଶ୍ନ ୪ଟି ରହିବ, ଯେଉଁଥିରୁ ପରୀକ୍ଷାର୍ଥୀ ତିନୋଟିର ଉତ୍ତର ଦେବେ। ୪ ମାର୍କ ବିଶିଷ୍ଟ ୩ଟି ପ୍ରଶ୍ନରୁ ପରୀକ୍ଷାର୍ଥୀ ୨ଟିର ଉତ୍ତର ଦେବେ। ମୋଟ୍ ୪୫ ମିନିଟ୍‌ରେ ଏହି ପରୀକ୍ଷା ହେବ। ତେବେ ପ୍ରଶ୍ନ ପଢ଼ି ବୁଝିବା ପାଇଁ ଅତିରିକ୍ତ ୫ ମିନିଟ୍ ସମୟ ଦିଆଯିବ। ଏହି ପଦ୍ଧତିରେ ପରୀକ୍ଷା କରାଇବାକୁ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଯୁକ୍ତ୨ ପ୍ରଥମ ବର୍ଷ ପରୀକ୍ଷା କଲେଜ ସ୍ତରରେ ହେବ। ସିଏଚ୍‌ଏସ୍‌ଇ କେବଳ ଯୁକ୍ତ୨ ବୋର୍ଡ ପରୀକ୍ଷା ପରିଚାଳନା କରିବ। କଲେଜ ସ୍ତରରେ ଯେଉଁ ପରୀକ୍ଷା ହେବ ତା'ର ଫଳକୁ ଅନ୍‌ଲାଇନ୍ ଜରିଆରେ ସିଏଚ୍‌ଏସ୍‌ଇକୁ ପଠାଯିବ। ଭବିଷ୍ୟତରେ ମହାମାରୀ ଯୋଗୁ ପରୀକ୍ଷା ବାତିଲ ହେଲେ ଏସବୁ ପରୀକ୍ଷା ଆଧାରରେ ମାର୍କ ଦିଆଯିବ। ପ୍ରଥମ ବର୍ଷର କୋର୍ସ ଦ୍ୱିତୀୟ ବର୍ଷରେ ଆସିବ ନାହିଁ। ସେହିପରି ଗତବର୍ଷ ଭଳି ଏବର୍ଷ ବି ୩୦ ପ୍ରତିଶତ କମ୍ ସିଲାବସ୍‌ରେ ଶିକ୍ଷାଦାନ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

## ୨୪ ଘଣ୍ଟା ପରେ ବି ମିଳିନି ମହିଳାଙ୍କ ପତ୍ତା

ବୌଦ୍ଧ,୩।୧୦(ସ୍ୱ.ପ୍ର.)

ଗତ ଶନିବାର ସନ୍ଧ୍ୟାରେ ବୌଦ୍ଧ ମହାନଦୀ ବ୍ରିଜ୍ ଉପରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ନିଖୋଜ ଥିବା ମହିଳାଙ୍କ ସନ୍ଧାନ ଅଦ୍ୟାବଧି ମିଳି ପାରିନାହିଁ।

ମିଳିଥିବା ସୂଚନା ମୁତାବକ, ପିଲାଙ୍କ ପାଠପଢ଼ା ପାଇଁ ଅନୁଗୋଳ ଜିଲା ମାଧପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ବୈଦ୍ୟନାଥ ସାହୁ ବୌଦ୍ଧ ସହରର ନୂଆସାହିରେ ଭଡାରେ ରହୁଛନ୍ତି। ସେ ପିତୃପକ୍ଷ ଶ୍ରାଦ୍ଧ କରିବା ପାଇଁ ପୈତୃକ ଗ୍ରାମ ଅନୁଗୋଳ ଜିଲା ମାଧପୁର ଅନ୍ତର୍ଗତ କମ୍ପଲାକୁ ପରିବାର ସହ ଯାଇଥିଲେ। ଶ୍ରାଦ୍ଧ କାର୍ଯ୍ୟ ସାରି ଶନିବାର ସେ ନିଜ ସାଙ୍ଗରେ ଝିଅକୁ ଧରି ଫେରିଥିଲେ। ଏହାର କିଛି ସମୟ ପରେ ସ୍ତ୍ରୀ ପ୍ରତିମା ତାଙ୍କ ଧାନ ମିଲ୍‌ରେ କାମ କରୁଥିବା ଛେପରା ଗ୍ରାମର ଚୁନା ଦଳବେହେରାଙ୍କ ସହ ବାଇକ୍‌ରେ ଫେରୁଥିଲେ। ସନ୍ଧ୍ୟା ସମୟରେ ମହାନଦୀ ବ୍ରିଜ୍ ଉପରେ ବୌଦ୍ଧ ପଟରୁ ଦ୍ରୁତ ଗତିରେ ଯାଉଥିବା କାର୍‌ଟି ଚୁନା ଚଳାଉଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଚୁନାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ଉକ୍ତ ବାଇକ୍ ପଛରେ ବସିଥିବା ଅଧ୍ୟକ୍ଷଙ୍କ ସ୍ତ୍ରୀଙ୍କ କୌଣସି ଖୋଜଖବର ମିଳି ନ ଥିଲା। ଘଟଣାସ୍ଥଳରେ ଚୁଡ଼ି, ଚପଲ ଓ ଧରିଥିବା ସାମଗ୍ରୀ ସବୁ ବିଛାଡ଼ି ହୋଇ ପଡିଥିବାରୁ ପ୍ରତିମା ଦୁର୍ଘଟଣା ସମୟରେ ନଦୀ ଭିତରକୁ ଛିଟିକି ପଡିଥିବା ସନ୍ଦେହ କରାଯାଇଥିଲା। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ସଦଳବଳେ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। କିନ୍ତୁ ପ୍ରତିମାଙ୍କ କୌଣସି ସନ୍ଧାନ ନ ମିଳିବାରୁ ରାତିରେ ଓଡ୍ରାଫ ଟିମ୍‌ର ସହାୟତା ନିଆଯାଇଥିଲା। ଅତିରିକ୍ତ ଜିଲାପାଳ ଅଶ୍ୱିନୀ କୁମାର ମେହେରଙ୍କ ଉପସ୍ଥିତିରେ ବୌଦ୍ଧ ୫ମ ଆଇଆର୍‌ବି ବାଟାଲିୟନର ଏକ ଓଡ୍ରାଫ ଟିମ, ବୌଦ୍ଧ ଏନଏସିର ମୋଟରବୋଟ ଏବଂ ବୌଦ୍ଧର ଦେଶୀଡଙ୍ଗା ସହାୟତାରେ ରାତି ଗୋଟାଏ ପର୍ଯ୍ୟନ୍ତ ମହାନଦୀରେ ଖୋଜାଖୋଜି କରାଯାଇଥିଲେ ହେଁ ସନ୍ଧାନ ମିଳି ନ ଥିଲା। ରବିବାର ସକାଳୁ ପୁନର୍ବାର ପୋଲିସ ପକ୍ଷରୁ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ୍ରାଫ ଟିମ୍ ସହିତ ବୌଦ୍ଧ ଅଗ୍ନିଶମ ବିଭାଗର କର୍ମଚାରୀ, ବୌଦ୍ଧ ଏନ୍‌ଏସି କର୍ମଚାରୀ ଏବଂ ସ୍ଥାନୀୟ ମାଛଧରା ଡଙ୍ଗା ସହାୟତାରେ ମହାନଦୀରେ ତଳମୁଣ୍ଡ ରାମଗଡ ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇଥିଲେ ହେଁ ନିଖୋଜ ପ୍ରତିମାଙ୍କ କୌଣସି ସନ୍ଧାନ ମିଳିପାରି ନ ଥିବା ଜଣାଯାଇଛି। ଗତ ରାତିରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଥିବାରୁ ଯଦି ପ୍ରତିମା ମହାନଦୀରେ ପଡି ଯାଇଥିବେ ଦୂରକୁ ଭାସି ଯାଇଥିବା ଅନୁମାନ କରାଯାଉଛି।



ଓଡ୍ରାଫ ଟିମ୍ ଦ୍ୱାରା ମହାନଦୀରେ ଖୋଜିବା କାର୍ଯ୍ୟ ଚାଲିଛି।

### ମହାନଦୀ ବ୍ରିଜ୍‌ରେ ସଡ଼କ ଦୁର୍ଘଟଣା

## ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲେ ରେଳବୋର୍ଡ ଅଧ୍ୟକ୍ଷ

ଭୁବନେଶ୍ୱର,୩।୧୦

ଭୁବନେଶ୍ୱର ରେଳ ଷ୍ଟେଶନର ଉନ୍ନତୀକରଣ ସହ ଏହାର ଆନୁଷଙ୍ଗିକ ବିକାଶକୁ ରେଳ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି। ରେଳବାଇ ବୋର୍ଡ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୁନୀତ ଶର୍ମା ରବିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ଏହା କହିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନର ବିଭିନ୍ନ କାର୍ଯ୍ୟ ଓ ସ୍ଥାନର ନିରୀକ୍ଷଣ କରିବା ସହିତ ସେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ରେଳବାଇ ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି।

ଭୁବନେଶ୍ୱର ରେଳ ଷ୍ଟେଶନରେ ଉପସ୍ଥିତ ଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧା ଓ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ରେଳବାଇର ପ୍ରତୀକ୍ଷା ଗୃହ (ୱେଟିଂ ହଲ୍) ରେ ଥିବା କିଛି ଯାତ୍ରୀଙ୍କ ସହ ଶର୍ମା କଥାବାର୍ତ୍ତା କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଶର୍ମା କହିଛନ୍ତି ଯେ, ଭୁବନେଶ୍ୱର ଷ୍ଟେଶନକୁ ଏକ ବିଶ୍ୱସ୍ତରୀୟ ଷ୍ଟେଶନରେ ବିକଶିତ କରାଯିବ। ଏହାର ପୁନଃବିକାଶ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ମଧ୍ୟ ସେ ପ୍ରଦାନ କରିଥିଲେ। ସେହିପରି ବିଡିଏ ସହିତ ସମନ୍ୱୟ ରକ୍ଷା କରି ରେଲୱେ ତା'ର ବିକାଶ କାର୍ଯ୍ୟ କରୁଛି ଏବଂ ଉଭୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ମିଳିତ ଯୋଜନା ମଧ୍ୟ କାର୍ଯ୍ୟକ୍ଷମ ହେଉଛି ବୋଲି ସେ କହିଥିଲେ।

### ଭୁବନେଶ୍ୱର ଷ୍ଟେଶନକୁ ସରକାରଙ୍କ ଗୁରୁତ୍ୱ

ଅପରପକ୍ଷରେ ରେଳ ଜମି ବିକାଶ ପ୍ରାଧିକରଣ (ଆରଏଲ୍‌ଡିଏ) ବିକାଶମୂଳକ କାର୍ଯ୍ୟର ରେଳବାଇ ଅଂଶର କାମ କରିବ ଏବଂ ବାକି କାମ ବିଡିଏ ଦ୍ୱାରା କରାଯିବ ବୋଲି ସୂଚନା ମିଳିଛି। ଭୁବନେଶ୍ୱର ଷ୍ଟେଶନର ବିକାଶ ସହିତ ଭୁବନେଶ୍ୱର ନୂତନ ରେଳ ଷ୍ଟେଶନକୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନର ଉପ-ଟର୍ମିନାଲ ଷ୍ଟେଶନ ଭାବେ ବିକଶିତ କରାଯାଉଛି।

ଭାରତୀୟ ରେଳବାଇର ସମସ୍ତ ପଣ୍ୟ ବୋଝେଇ ଜୋନ୍ ମଧ୍ୟରେ ପୂର୍ବତଟ ରେଳପଥ କ୍ରମାଗତ ଭାବେ ଶୀର୍ଷ ସ୍ଥାନ ବଜାୟ ରଖିଥିବାରୁ ଶର୍ମା ପୂର୍ବତଟ ରେଳପଥକୁ ଅଭିନନ୍ଦନ ଜଣାଇଛନ୍ତି। ମଧ୍ୟାହ୍ନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ, ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରୟ ଏବଂ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ୱାଲଟିୟର ଏବଂ ସମ୍ବଲପୁରର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକମାନେ ଉକ୍ତ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ରେଳସଦନରେ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଶର୍ମା ସମୀକ୍ଷା କରିଥିଲେ।

# ଘାଟଦେବୀ ଥିଲେ ମା' ଭଗବତୀ

## ଦିନେ ସଂପ୍ରୀତିର ବାର୍ତ୍ତା ଦେଉଥିଲା ଚନ୍ଦ୍ରଭାଗା

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଅନେକ ଇତିହାସକାର ଦେବୀ ଗଙ୍ଗେଶ୍ୱରୀ ମନ୍ଦିର ଗଙ୍ଗବଂଶ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା ବୋଲି ସମ୍ଭାବନା କରିଛନ୍ତି। 'ବାୟା ଚକଡ଼ା' ଅନୁଯାୟୀ ଗଜପତି ନରସିଂହ ଦେବଙ୍କ ଅମଳରେ ଏହା ନିର୍ମାଣ ଆରମ୍ଭ ହୋଇଥିଲା, ଯେତେବେଳେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଏଠାରେ ଶିଳ୍ପୀମାନଙ୍କ ଶିବିର ଥିଲା। ପୂର୍ବରୁ ଜାଣିଲେ ଏହି ମନ୍ଦିରର ମାପରୁପ କରିଥିଲେ ଧର୍ମପଦ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଏହି ମନ୍ଦିରରେ ଦେବୀ ପ୍ରତିଷ୍ଠା ହୋଇ ଉପାସନା ଆରମ୍ଭ ହୋଇ ସାରିଥିଲା। 'ବାୟା ଚକଡ଼ା'ରୁ ସ୍ପଷ୍ଟ ଜଣାଯାଉଛି, ମନ୍ଦିରର ସେବକମାନଙ୍କୁ ବର୍ତ୍ତନ ଆକାରରେ ଧାନ ଦିଆଯାଉଥିଲା। ତିନିଥର ଧାନ ଦିଆଯିବା କଥା ରହିଛି। ଏହା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ୮ମ ଓ ୯ମ ବର୍ଷ ବୋଲି ଆମ୍ଭେ ମନେକରୁ। ସେତେବେଳେ କିଲାବୟାଳିଶି ବାଟି ଗଡ଼ର ଗଡ଼ନାୟକ ବା ସାଆନ୍ତ ଥିଲେ ଶ୍ରୀ ଭଞ୍ଜ ନାରାୟଣ ଭ୍ରମରବର ସାମନ୍ତ। ତାଙ୍କୁ ଗଜପତି ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କାର୍ଯ୍ୟର ଅଧୀକ୍ଷକ ଭାବରେ ଦାୟିତ୍ୱ ଦେଇଥିଲେ।

ବିରଜାଇ ଜଙ୍ଗଲରୁ ୧୪୦୧ ଖଣ୍ଡ ଶାଳକାଠ ଆସିଥିଲା। ପୂର୍ବରୁ ସୂଚନା ଦେଇଥିଲୁ ବିରଜାଇ ମନ୍ଦିର ନିକଟରେ ଶାଳିଆ ନଦୀ ବହିଆସିଛି। ଶାଳିଆ ନଦୀ ଗବପଦର ଗ୍ରାମର ପଶ୍ଚିମ ଦିଗରେ ଆସି ଚିଲିକାରେ ମିଶିଛି। ମୁହାଣ ସିଧାରୁ ବାହାରିଲେ ଦେଢ଼ କି.ମି. ଦୂରରେ ଚଢ଼େଇହଗା ପାହାଡ଼। ଗବପଦର ତଥା ଶାଳିଆ ନଦୀ ମୁହାଣ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଶାଳକାଠ ଶାଳିଆ ନଦୀ ଦେଇ ଚିଲିକାକୁ ଆସିବା ପରେ ଭାର୍ଗବୀ ନଦୀପଥ ଦେଇ ଗୋବା ଗ୍ରାମ ପାଖରୁ ପଥରବୁହା ନଦୀ ଓ କଞ୍ଚିନଦୀ ଦେଇ ଗଡ଼ମୃଗଶିରା ଦେଇ କୋଣାର୍କର ପଥରପଦା ନିକଟରେ ପହଞ୍ଚିଥିବାର ସମ୍ଭାବନା ହୁଏ।

କଞ୍ଚିନଦୀରୁ ପଥରବୁହା ନଦୀ ବର୍ତ୍ତମାନ ମାଳତୀପାଟପୁରଠାରୁ ଚାଶ୍ରୀ ଦେଇ ଯାଇଥିବା ସଡ଼କର ଡାହାଣପଟେ ଯାଇଥିଲା। ତାହା ଗଡ଼ମୃଗଶିରା ଦେଇ ଯାଇଥିବାର ପ୍ରମାଣ ଏବେ ବି ରହିଛି। ବାସ୍ତବରେ ଏହି ନଦୀ 'ବେଙ୍ଗବତୀ ନଦୀ' ନାମରେ ପରିଚିତ ଥିଲା। ତା'ପରେ 'ବେଙ୍ଗେଇ' ନଈ ନାମରେ ଲୋକମୁଖରେ ପ୍ରସିଦ୍ଧ ହେଲା। ଏହି ନଦୀ ଦେଇ କୋଣାର୍କକୁ ପଥରବୁହା ହେବା ପରେ ନଦୀଟି 'ପଥରବୁହା' ନଦୀ ଭାବରେ ସମାଜରେ ରୂଢ଼ି ହୋଇଗଲା। ଏହି ନଦୀ ଭାର୍ଗବୀ ନଦୀର ଏକ ଶାଖା। ଚନ୍ଦନପୁର ଗୋବା ଗ୍ରାମ ନିକଟ ଶ୍ରୀପାତାଳେଶ୍ୱର ମନ୍ଦିର ନିକଟରୁ ଏହି ଶାଖା ନଦୀ ବାହାରି ଗଡ଼ମୃଗଶିରା, ଗଡ଼ରୂପାସ ଓ ବଳରାମ ଦାସଙ୍କ ସମାଧିପୀଠ ଦେଇ କୋଣାର୍କର ପଥରପଦା ନିକଟ ଦେଇ ଚନ୍ଦ୍ରଭାଗାରେ ମିଶିଥିଲା। ଚାପରେ ପଥର ନେବାବେଳେ ଚାପ ଦଳେଇମାନେ ଗଡ଼ମୃଗଶିରାରେ ଥିବା ଶ୍ରୀବଟେଶ୍ୱର ମହାଦେବଙ୍କ ଘାଟରେ ବିଶ୍ରାମ ନେଉଥିଲେ। ଗଡ଼ ସାମନ୍ତଙ୍କ ସାଙ୍ଗିଆ ଥିଲା 'ରାଉତରାୟ'। ବର୍ତ୍ତମାନର ସାମନ୍ତ କୁହନ୍ତି, ପୂର୍ବ ପୁରୁଷଙ୍କଠାରୁ ଶୁଣିଛୁ ପଥରଚାପକୁ ସୁରକ୍ଷା ଦେଇ ଏହି ଗଡ଼ର କ୍ଷତ୍ରିୟମାନେ ଗଡ଼ ରୂପାସରେ ପହଞ୍ଚାଉଥିଲେ। ଶ୍ରୀବଟେଶ୍ୱର ମହାଦେବଙ୍କ ମନ୍ଦିରରେ ଥିବା ଏକ ଅଭିଲେଖରୁ ଜଣାଯାଏ, ମନ୍ଦିରଟି କୋଣାଦିତ୍ୟର ଶ୍ରୀପଦ୍ମକେଶର ମନ୍ଦିରଠାରୁ ପୁରାତନ।

ପଦ୍ମତୋଳା ଗଣ୍ଡର ଉତ୍ତର-ପଶ୍ଚିମ ଦିଗରେ ରହିଥିଲେ ମା' ଭଗବତୀ। ତାଙ୍କରି ଦାଢ଼ ଦେଇ ବହିଯାଇଥିଲା ପଥରବୁହା ନଦୀ। ନଦୀର ସେପଟେ ଥିଲା 'ପଥରପଦା'। ଏଇ ପଦାରେ ହିଁ ଜମି ରହୁଥିଲା ପଥର। ଆଜି ପଥରପଦା ଅଛି। ପଥରବୁହା ନଦୀର ଘାଟଦେବୀ ମା' ଭଗବତୀଙ୍କ ବିଗ୍ରହ ଦିନେ ବିଡ଼ମ୍ବିତ ଅନ୍ଧାରରେ ସ୍ଥାନାନ୍ତର ହୋଇଗଲେ। ଖୋଜିନେ ଆମେ, ଠାବ ହୋଇନି ଏଯାଏଁ। ଯେମିତି ତରିକାରେ ତାଙ୍କ ମନ୍ଦିରକୁ ସାଇତିବା କଥା ଆମେ ସେଥିରେ ବି ଆନମନା ହୋଇଯାଇଛେ। ଭୁଲିଯାଇଛେ ଚନ୍ଦ୍ରଭାଗା ମୁହାଣର କୋନାଗର (ଟଲେମୀଙ୍କ ଭୂଗୋଳ, ୧ମ ଶତାବ୍ଦୀ) ବନ୍ଦର ଦେଇ ଦିନେ କଳିଙ୍ଗର ସାଧବମାନେ ବୋଇତ ମେଲିଦେଲାବେଳେ ମା' ଭଗବତୀଙ୍କୁ ଜୁହାରଟିଏ ହୋଇ ଯିବାକୁ ଭୁଲୁ ନ ଥିଲେ। ମଙ୍ଗଳମୟୀ ଭଗବତୀ ଆମର ଦୁଇ ହଜାର ବର୍ଷର ପ୍ରାଚୀନ ଐତିହ୍ୟ। ଦିନେ କଥା କହୁଥିଲା କୋଣାଦିତ୍ୟ, ଦିନେ ଓଁକାର ତୋଳୁଥିଲା ମୈତ୍ରେୟବନ, ଦିନେ ସଂପ୍ରୀତିର ବାର୍ତ୍ତା ଦେଉଥିଲା ଚନ୍ଦ୍ରଭାଗା, ଦିନେ ସଂସ୍କୃତିର ଗୀତ ବୋଲୁଥିଲା ପଦ୍ମତୋଳାଗଣ୍ଡ, ଦିନେ ବାଧ କରୁଥିଲା ବିଶ୍ୱର ବାଟୋଇକୁ- ଦଣ୍ଡେ ଅବାକ୍ ହୋଇ ଚାହିଁ ରହୁଥିଲା ସେ ଫୁଟିଲା ପଦ୍ମ ଉପରେ ଠିଆ ହୋଇଥିବା ପଦ୍ମକେଶର ମନ୍ଦିରକୁ, ପ୍ରଣାମ କରିବା ଜାତିର ପ୍ରଣମ୍ୟ ବିଶ୍ୱକର୍ମାମାନଙ୍କୁ।







କୋଣାର୍କର ମା' ଭଗବତୀଙ୍କ ମନ୍ଦିର। (ଫଟୋ: ଜ୍ୟୋତିରାଜ ମହାନ୍ତି)

ଧରିତ୍ରୀ
DHARITRI
ସୋମବାର, ୪ ଅକ୍ଟୋବର, ୨୦୨୧



# ଉପକାରୀ କାକୁଡ଼ି

**ଶରୀର ପାଇଁ ଫଳମୂଳ କେତେ ଉପକାରୀ, ତାହା କହିବା ଅନାବଶ୍ୟକ। ତନ୍ମଧ୍ୟରୁ ଜଳୀୟ ଅଂଶ ଭରି ରହିଥିବା କାକୁଡ଼ି ଅନ୍ୟତମ। ଏହାବ୍ୟତୀତ ଏଥିରେ ଭିଟାମିନ୍ ବି, ସି, କେ ଏବଂ ପୋଟାସିୟମ ମଧ୍ୟ ଅଛି। ତେବେ କାକୁଡ଼ିରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**



- କାକୁଡ଼ିରେ ୯୫ ପ୍ରତିଶତ ଜଳ ଅଛି। ଏହା ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ।
- କାକୁଡ଼ିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରି ତତ୍ତ୍ୱ ମସ୍ତିଷ୍କ ପାଇଁ ଉପକାରୀ। ଏହା ଦ୍ୱାରା ସ୍ନାୟୁକୋଷଗୁଡ଼ିକ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ।
- କାକୁଡ଼ି ସ୍ମରଣ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେରୁ ଜାଣିପାରିଛନ୍ତି।
- କାକୁଡ଼ିରେ ଥିବା ଫାଇବର ତତ୍ତ୍ୱ ଯୋଗୁଁ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ।
- କାକୁଡ଼ି ଖାଇବା ଦ୍ୱାରା କେତେକ ଚର୍ମଜନିତ ସମସ୍ୟାରୁ ଉପଶମ ମିଳିଥାଏ।
- କାକୁଡ଼ି ରସ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।
- ମଧୁମେହ ରୋଗୀ କାକୁଡ଼ିକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- କାକୁଡ଼ିରେ ଥିବା ଭିଟାମିନ୍ 'କେ' ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ। ଏହା ସହ ଅସ୍ଥିକୁ କ୍ୟାଲସିୟମ ଯୋଗାଇଥାଏ ।
- ଏହାକୁ ନିୟମିତ ଖାଇଲେ ହୃଦ୍‌ରୋଗ ଓ ରକ୍ତଚାପ ହେବା ଆଶଙ୍କା କେତେକାଂଶରେ କମ୍ ଥାଏ।

# ଉତ୍ତମ ଚିନ୍ତାଧାରା ଅନ୍ତରାଳେ..

ମଣିଷ ସବୁବେଳେ ଖୁସିରେ ରହିବାକୁ ଚାହିଁଥାଏ। ଉତ୍ତମ ଚିନ୍ତାଧାରା ସହ ସୁସ୍ଥ ଜୀବନଯାପନ କରିବାର ସ୍ୱପ୍ନ ବି ଦେଖେ। ତେଣୁ ବିଚାରଧାରାକୁ ସକାରାତ୍ମକ ରଖିବା ଦରକାର। ହେଲେ ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାଧାରାର ବଶବର୍ତ୍ତୀ ହୋଇଥାଉ। ଏହାଦ୍ୱାରା ଅନେକ ବାଟବଣା ହୋଇଥାଆନ୍ତି। ତେଣୁ ଜୀବନରେ ସଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ କରିବାକୁ ହେବ ବୋଲି କାଲିଫର୍ନିଆ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମତପୋଷଣ କରିଛନ୍ତି। ପ୍ରଥମତଃ ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ବିଷୟଗୁଡ଼ିକୁ ନେଇ ଚିନ୍ତାଗ୍ରସ୍ତ ନ ହୋଇ ସେଭଳି ଭାବନାଠାରୁ ଯେତେସମ୍ଭବ ନିଜକୁ ଦୂରେଇ ରଖନ୍ତୁ। ସକାରାତ୍ମକ ଚିନ୍ତାଧାରା ମନରେ ଖୁସି ଭରି ଦେଇଥାଏ। ଏପରି ବ୍ୟକ୍ତିଙ୍କ ସହ ମିଶନ୍ତୁ, ଯାହାର ସକାରାତ୍ମକ ପ୍ରଭାବ ଆପଣଙ୍କ ଜୀବନଶୈଳୀ ଉପରେ ପଡ଼ିବ।



# ଆଲ୍‌ଜିମର୍ସ ରୋଗ ପାଇଁ ଲାଇଟ୍ ଥେରାପି

ଆଲ୍‌ଜିମର୍ସ ଏକ ବୟସଜନିତ ରୋଗ। ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷ ବିକାଶରେ ବାଧା ଉପୁଜାଏ। ଏଥିରୁ ଉପଶମ ପାଇବା ଲାଗି ଏକ ନୂଆ ଚିକିତ୍ସା ପ୍ରଣାଳୀ ଉଦ୍ଭାବିତ ହୋଇଛି। ତାହା ହେଲା 'ଲାଇଟ୍ ଥେରାପି'। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥର ବିଶେଷଜ୍ଞମାନେ ଏପରି ଥେରାପି ଆବିଷ୍କାର କରିଛନ୍ତି। ଏହି ଥେରାପି ଦ୍ୱାରା ଶରୀରରେ ଗାମା ୱେଭ୍‌କୁ ପ୍ରେରଣ କରାଯାଏ, ଯାହା ଆଲ୍‌ଜିମର୍ସ ପାଇଁ ଦାୟୀ ଜୀବାଣୁଗୁଡ଼ିକୁ ମାରିଦିଏ। କେବଳ ସେତିକି ନୁହେଁ, ଦୁର୍ବଳ ଲାଗିବା ଓ ନିଦ୍ରାଜନିତ ସମସ୍ୟାରୁ ଏହି ଥେରାପି କେତେକାଂଶରେ ଉପଶମ ଦେଇଥାଏ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଗାମା ୱେଭ୍ କୋଷଗୁଡ଼ିକ ଉପରେ ସୁପ୍ରଭାବ ପକାଇବା ସହ ମସ୍ତିଷ୍କକୁ ଶକ୍ତି ଯୋଗାଇଥାଏ। ତେଣୁ ଏହା ଆଲ୍‌ଜିମର୍ସରେ ପୀଡ଼ିତ ରୋଗୀମାନଙ୍କର ସ୍ମରଣ ଶକ୍ତି ବଢ଼ାଇବାରେ ମଧ୍ୟ ସାହାଯ୍ୟ କରିଥାଏ।



# ହଜିଯାଉଛି ଜୈବ ବିବିଧତା



ବସନ୍ତ କୁମାର ଦାସ

ଜୀବମାନଙ୍କର ଭିନ୍ନତା ବା ବିବିଧତା ହେଉଛି ଜୈବ ବିବିଧତା। ଆମ ପରିବେଶରେ ବଞ୍ଚିଥିବା ସମସ୍ତ ଜୀବଜନ୍ତୁ, ଗଛଲତା, କୀଟପତଙ୍ଗ ଓ ଅଣୁଜୀବମାନଙ୍କର ଅବସ୍ଥିତିକୁ ମଧ୍ୟ ଜୈବ ବିବିଧତା କୁହାଯାଏ। ଆଜି କିନ୍ତୁ ଜୀବମାନଙ୍କର ବିବିଧତା ବିଲୁପ୍ତି ପଥରେ, ବିପନ୍ନ ଓ ବିଷଣ୍ଣ। ଏହାର ମୁଖ୍ୟ କାରଣ ଜନସଂଖ୍ୟା ବୃଦ୍ଧି, ସହରୀକରଣ, କଂକ୍ରିଟ ଜଙ୍ଗଲ ଓ ଶିଳ୍ପାୟନ। ଗତ ୫୦ ବର୍ଷ ତଳେ ମାରୁଥିଲା। ଏହି ଧାନରେ ପ୍ରାୟ ସାର, କୀଟନାଶକ ଦିଆଯାଉ ନ ଥିବାରୁ, ଅରୁଆ ବା ଉସୁନା ଚାଉଳରୁ ପ୍ରସ୍ତୁତ ହେଉଥିବା ଭାତ ବେଶ୍ ସୁଆଦିଆ ଥିଲା। ଏହି ଭାତରୁ ପ୍ରସ୍ତୁତ ପଖାଳ ମନଲୋଭା, ରୁଚିପୂର୍ଣ୍ଣ ଓ ତୃଷା ନିବାରକ ଥିଲା। ପଖାଳ ତୋରାଣିର ମନଲୋଭା ଓ ସ୍ୱାସ୍ଥ୍ୟପ୍ରଦ ସୁଆଦ ସମସ୍ତଙ୍କ ମନ ମୋହିନେଉଥିଲା। ତେଣୁ ସେ ପଖାଳର ମହକକୁ ଚଷାପୁଅ କହୁଥିଲା "ଉତ୍କଳେ ପଖାଳ ସଞ୍ଜୀବନୀ ସୁଧା, ହରେ ଏକାଥରେ ତୃଷା ଆଉ କ୍ଷୁଧା।" ସେସବୁ ଧାନଗଛ ପ୍ରାକୃତିକ ଦୁର୍ବିପାକ ସହ ସଂଗ୍ରାମ କରି ବଞ୍ଚିରହି ଅମଳ ହେଉଥିଲା। ଲମ୍ବା ଲମ୍ବା ଛଣ ଛପର ଘର କରିବା, ଗୋଖାଦ୍ୟ ରୂପେ ନଡ଼ା ରୂପେ ବ୍ୟବହାର ହେବା ଓ ଛଣ ତାଟି ଖରା ଓ ବର୍ଷାରୁ ଚଷାପୁଅକୁ ରକ୍ଷା ଦେଶରେ ଚାଷ ହେଉନି। କୋରାପୁଟ ଧାନଚାଷର ଅନ୍ତୁଡ଼ିଶାଳ। ଅନେକ କିସମର ପାରମ୍ପରିକ ଧାନ କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ସାଇତି ରଖାଯାଇଛି। ଆମ ଦେଶ ସ୍ୱାଧୀନ ହେବା ବେଳକୁ ୧୫୦୦ରୁ ବେଶି କିସମର ପାରମ୍ପରିକ ଧାନଚାଷ ହେଉଥିବାବେଳେ, ଏବେ ଏହା ପ୍ରାୟ ମାତ୍ର ୨୦୦ କିସମରେ





ଯେତେ ପ୍ରକାର ଧାନଚାଷ ହେଉଥିଲା, ଆଜି ସେସବୁ ହୁଏତ ଜିନ୍ ବ୍ୟାଙ୍କରେ ଅଥବା ବିଲୁପ୍ତିର ଅମଡ଼ାବାଟରେ। ଯେପରି ବାଇକୋଇଲି, ଲାଙ୍ଗୁଳା, ପଥର ଟିଙ୍କ, ହଜାରଚଉଦ ଓ ହଳଦୀଗୁଣ୍ଡି ପ୍ରଭୃତି ଧାନ। ଏସବୁ ପାରମ୍ପରିକ ଧାନଚାଷ ଥିଲା ନିଆରା ଓ ନିଖୁଣ। ଉଦୁଉଦିଆ ଖରାଦିନେ ଧାନବୁଣା ହେଉଥିଲା। ତା'ପରେ ଜମିକୁ ଖତ, ଗୋବର ଦେଇ ଉର୍ବରତା ବୃଦ୍ଧି କରାଯାଉଥିଲା ଓ ଶେଷରେ ବର୍ଷାଦିନେ ବେଉଷଣ କରି ପୁଣିଥରେ ଗୋବର ଓ ଖତ ଧାନ ଜମିରେ ଅତି ଯତ୍ନରେ ଚଷାପୁଅ ଦେଉଥିଲା। ପୁଷମାସରେ ଜମିରେ ଧାନ ବେଶ୍ ଅମଳ ହେଉଥିଲା ଓ ବର୍ଷାଦିନେ ଜମିରେ ମୁଗୁରା ଓ ବଜା ବସାଇ ମାଛ କରୁଥିଲା। ଏହି ଛଣ ବା ନଡ଼ାର ବିଶେଷତ୍ୱ ହେଉଛି ବର୍ଷା ପଡ଼ିଲେ ବି ସହଜରେ ପଚିଶଢ଼ି ଯାଏନି। ତେଣୁ ସେତେବେଳେ ଛଣରେ ଛପର କଲେ ଦୀର୍ଘଦିନ ଧରି ସୁରକ୍ଷା ପ୍ରଦାନ କରିଥାଏ। ବାସମତୀ ଧାନଠାରୁ ଭଲ ଧାନ କୃଷ୍ଣସୁନ୍ଦରୀ କଳାଧାନ ବା 'ଓରାଇଜା ସାଟାଇଭା'। ଏ ପ୍ରକାର ଚାଉଳ ଏତେ ଭଲ ଥିଲା ଯେ ଚାଇନା ଦେଶର ଶାସକମାନେ ଏହା ସାଧାରଣ ଲୋକଙ୍କୁ ଖାଇବାକୁ ବାରଣ କରିଥିଲେ। ଏବେ ବୈଜ୍ଞାନିକମାନେ କହିଲେଣି କଳାଧାନ ପୁଷ୍ଟିକର ଓ ଔଷଧୀୟ ଗୁଣଯୁକ୍ତ। ଏହା କର୍କଟ ଓ ବିଭିନ୍ନ ଚର୍ମରୋଗକୁ ଭଲ କରିବାରେ ସାହାଯ୍ୟ କରିଥାଏ। ଏହି ଧାନ ଆମ

**"ଆମ ରାଜ୍ୟରେ ପ୍ରାୟ ୬୫ ଜାତିର ସ୍ତନ୍ୟପାୟୀ, ୪୪୬ ଜାତିର ପକ୍ଷୀ ଓ ୮୪ ପ୍ରକାର ସରୀସୃପ ଦେଖାଯାଆନ୍ତି। ଝରଣା ଓ ଜଳପ୍ରପାତ ଭଳି ସ୍ଥାନମାନଙ୍କରେ ରହିଥିବା ମାଛ ଓ ଜଳଚର ଜୀବମାନଙ୍କ ଉପରେ ବିଧିବଦ୍ଧ ଗବେଷଣା ହେବା ଉଚିତ। ପ୍ରତିବର୍ଷ ପ୍ରାୟ ଦୁଇଟି ଜାତିର ଜୀବ ପୃଥିବୀରୁ ବିଦାୟ ନେଉଛନ୍ତି। ଆଗାମୀ ଦିନମାନଙ୍କରେ ୧୭ଲକ୍ଷ ପ୍ରକାରର ଜୀବଙ୍କ ମଧ୍ୟରୁ ଏକତୃତୀୟାଂଶ ସବୁଦିନ ପାଇଁ ହଜିଯିବାର ଆଶଙ୍କା ସୃଷ୍ଟି ହୋଇଛି ।"**

ସୀମିତ ଅଛି। ଏହାର ମୁଖ୍ୟ କାରଣ ଜୈବ ବିବିଧତା ସଂରକ୍ଷଣ ପ୍ରତି ବିଶେଷ ଦୃଷ୍ଟି ନ ଦେବା। ଜାତିସଂଘର ଦୃଷ୍ଟି ଆକର୍ଷଣ କରିଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ପ୍ରଚେଷ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟର ମାଲକାନଗିରିରୁ ମଙ୍ଗଳାଯୋଡ଼ି, ଗଞ୍ଜାମରୁ ଗହୀରମଥା, ବାରିପଦାରୁ ବାଲିଗୁଡ଼ା, ଚନ୍ଦ୍ରଗିରିରୁ ଚିଲିକା, ଉଙ୍ଗସରାରୁ ଡାଙ୍ଗମାଳ, ନବରଙ୍ଗପୁରରୁ ନିୟମଗିରି ଜୈବବିବିଧତା ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟରେ ପ୍ରାୟ ୬୫ ଜାତିର ସ୍ତନ୍ୟପାୟୀ, ୪୪୬ ଜାତିର ପକ୍ଷୀ ଓ ୮୪ ପ୍ରକାର ସରୀସୃପ ଦେଖାଯାଆନ୍ତି। ଝରଣା ଓ ଜଳପ୍ରପାତ ଭଳି ସ୍ଥାନମାନଙ୍କରେ ରହିଥିବା ମାଛ ଓ ଜଳଚର ଜୀବମାନଙ୍କ ଉପରେ ବିଧିବଦ୍ଧ ଗବେଷଣା ହେବା ଉଚିତ। ପ୍ରତିବର୍ଷ ପ୍ରାୟ ଦୁଇଟି ଜାତିର ଜୀବ ପୃଥିବୀରୁ ବିଦାୟ ନେଉଛନ୍ତି। ଆଗାମୀ ଦିନମାନଙ୍କରେ ୧୭ଲକ୍ଷ ପ୍ରକାରର ଜୀବଙ୍କ ମଧ୍ୟରୁ ଏକତୃତୀୟାଂଶ ସବୁଦିନ ପାଇଁ ହଜିଯିବାର ଆଶଙ୍କା ସୃଷ୍ଟି ହୋଇଛି। ବିପନ୍ନ ଜୀବମାନଙ୍କ ମଧ୍ୟରେ ଅଛନ୍ତି ଶାଗୁଣା, ଶାଳିଆପତନି, ଶଙ୍ଖଚିଲ, ହଳଦୀବସନ୍ତ, କୋଇଲି, କଜଳପାତି, ଭଦଭଦଳିଆ ପକ୍ଷୀ, ଡୋଡୋପକ୍ଷୀ, ଓଧ, ଝିଙ୍କ ବିଭର୍, ଘରଚଟିଆ, ବଣି, କୁଣ୍ଡାଖାଇ, ଟେଣ୍ଟେଇ ବଣି, ହେଟାବାଘ, କୋକିଶିଆଳି, ବିଲୁଆ, ଗୋଧି, ରାମଶିଆଳ ଓ ସଲୁରୀ ଇତ୍ୟାଦି। ସେହିପରି ଦୁର୍ଲଭ ବୃକ୍ଷଲତାଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଲୁଣା ଜଙ୍ଗଲ, ଫୁଲଝରନ୍ (କଳାହାଣ୍ଡି), ଜଙ୍ଗଲ, କୋରାପୁଟ, ଫୁଲବାଣୀ, ରାୟଗଡ଼ା, ବାଲିମେଳା ଓ ଚିତ୍ରକୋଣ୍ଡା ଅଞ୍ଚଳ ଜଙ୍ଗଲରେ ଥିବା ଦୁର୍ଲଭ ବୃକ୍ଷଲତାର ସଂରକ୍ଷଣ ଆଗେଇ ଆସିଲେ ଅନେକ ବନୌଷଧି, ଚେରମୂଳି ଓ ସେମାନଙ୍କର ପତ୍ର ଆରୋଗ୍ୟ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦିଗବାରେଣି ଭଳି କାମ କରିବ। ବଣଚୁଆ, ପାଣିଆମ୍ବ, ଫାସି, ହେନ୍ତାଳ, ବନୀ, ଧଳାବନୀ, ଖାର୍ସୀ, ସିଙ୍ଗଲାବନୀ, ବଡ଼ବନୀ, ସୁନ୍ଦରୀ, କାଳିଆଚୁଆ, ବନ୍ଧାରୀ, ଡଟ୍, ଗରନୀ, କନିକା ସୁନ୍ଦରୀ, ଝାଉଁ ଗୁଅଁ ଚୁରୁଣ୍ଡ, ସିନ୍ଦୁକ, ରାଇ, ଓରୁଆ, ଖରଖରୀ, ପିତାକୋରୁଆ ଓ ଶିଶୁମାର ପ୍ରଭୃତି ଆମ ଓଡ଼ିଶାର ହେନ୍ତାଳ ବଣରେ ଦେଖାଯାଏ, ଯାହାକି ଉପକୂଳବର୍ତ୍ତୀ ଜିଲାଗୁଡ଼ିକୁ ୧୯୯୯ ମସିହା ମହାବାତ୍ୟା, ଫନୀ ଓ ହୁଡ଼ହୁଡ଼ ସମୟରେ ସୁରକ୍ଷା ପ୍ରଦାନ କରିଥିଲା। ଏହାର ସୁରକ୍ଷା ଆହୁରି ହେଲେ ଜୀବଜନ୍ତୁ, ଗଛଲତା ଓ ମଣିଷ ସମାଜ ଉପକୃତ ହେବେ। ପ୍ରତ୍ୟେକ ସାଧାରଣ ଲୋକ, ବୈଜ୍ଞାନିକ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଜୀବଜଗତ ତଥା ଜୈବ ବିବିଧତାର ବିଲୁପ୍ତି ଆଗରେ ଢାଲ ସଦୃଶ ଛିଡ଼ା ହେବାକୁ ସମୟ ଆସିଛି। ସମସ୍ତେ ଏ ଦିଗରେ ଜୈବ ବିବିଧତାର ସଂରକ୍ଷଣ ଦିଗରେ ଆଗେଇ ଆସିବା ସର୍ବାଦୌ ଉଚିତ। ଏହାଦ୍ୱାରା ଆମ ସୁନ୍ଦର, ସବୁଜ ପୃଥିବୀ ହସିଉଠିବ। ଏହାର ମୁଖ୍ୟ ଚାବି ଆମ ହାତରେ।

-ବି/୧୧୩, ସେକ୍ଟର-୧,
ଦାମନଯୋଡ଼ି, କୋରାପୁଟ
ମୋ: ୮୩୨୭୭୫୯୭୬୫





# ଭିଟାମିନ୍ 'ଡି' ଓ ବ୍ଲାଡର କ୍ୟାନ୍‌ସର

ଆମ ଶରୀରରେ ଭିଟାମିନ୍ 'ଡି' ସନ୍ତୁଳିତ ହୋଇ ରହିବା ନିହାତି ଦରକାର। ଏହା ଅସ୍ଥିକୁ ମଜଭୁତ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ। ଏହାବ୍ୟତୀତ ସ୍ନାୟୁକୁ ମଧ୍ୟ ସୁସ୍ଥ ରଖିବାରେ ଅନେକାଂଶରେ ସାହାଯ୍ୟ କରେ। ହେଲେ ଏହାର ଅଭାବରେ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏ ନେଇ ସତର୍କ କରାଇ ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର କ୍ୟାନ୍‌ସର ବିଶେଷଜ୍ଞମାନେ। ଏକ ସଦ୍ୟତମ ଗବେଷଣାରୁ ସେମାନେ ଜାଣିପାରିଛନ୍ତି ଯେ, ଯଦି ଆମ ଶରୀରରେ ଭିଟାମିନ୍ 'ଡି'ର ଅଭାବ ପରିଲକ୍ଷିତ ହେଲା, ତେବେ ତାହା କେତେକାଂଶରେ ବ୍ଲାଡର କ୍ୟାନ୍‌ସରର କାରଣ ସାଜିଥାଏ। ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭିଟାମିନ୍ 'ଡି'ର ଅଭାବ ହେଲେ ତାହାଦ୍ୱାରା କେତେକ କୋଷ ଦୁର୍ବଳ ହୋଇଯାଇଥାଏ। ଫଳରେ କ୍ୟାନ୍‌ସର ଜୀବାଣୁ ସେହି ଦୁର୍ବଳ କୋଷରେ ନିଜର ଆସ୍ଥାନକୁ ଦୃଢ଼ କରିଥାଆନ୍ତି। ତେଣୁ ଶରୀରରେ ଏହି ଭିଟାମିନ୍ ପରିମାଣ ଯେପରି ସନ୍ତୁଳିତ ରହେ, ସେ ନେଇ ସତର୍କ ରହବା ଆବଶ୍ୟକ।

# ଖାଇବାଶୈଳୀକୁ ପ୍ରଭାବିତ କରେ ନିଦ୍ରା



ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଓ ଠିକ୍ ସମୟରେ ଶୋଇବା ଆମ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ହେଲେ ବ୍ୟସ୍ତମୟ ଜୀବନରେ ଅନେକ ବ୍ୟକ୍ତିଙ୍କଠାରେ ନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କର ଖାଇବାଶୈଳୀ ପ୍ରଭାବିତ ହୋଇଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ନିଦ୍ରାଜନିତ ସମସ୍ୟା ଓ ଖାଇବାଶୈଳୀ' ବିଷୟକୁ ନେଇ ଆମେରିକାର ଓହିଓ ଷ୍ଟେଟ୍ ୟୁନିଭର୍ସିଟି ତରଫରୁ ଏକ ସର୍ଭେ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନେ ଦୀର୍ଘ ମାସ ଧରି ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ଖାଇବା ଶୈଳୀରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ରାତିରେ କମ୍ ଶୋଇବା ଦ୍ୱାରା ଏହା ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ ଏବଂ ତାହା ଖାଦ୍ୟ ଖାଇବାର ଆଗ୍ରହକୁ କମାଇଦିଏ। ତେଣୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜର ଶୋଇବା ସମୟ ପ୍ରତି ଜଣେ ଦୃଷ୍ଟି ଦେବା ଆବଶ୍ୟକ।

# ସ୍ୱାସ୍ଥ୍ୟ ସୂଚନା

- ରାତ୍ରିଭୋଜନରେ ସବୁବେଳେ ସୁପାଚ୍ୟ ଖାଦ୍ୟ ସାମିଲ କରନ୍ତୁ। ଏହି ସମୟରେ ଯେତେ ହାଲୁକା ଖାଦ୍ୟ ଖାଇବେ ସେତେ ଭଲ।
- ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ଅନେକ ସମୟରେ ଆବଶ୍ୟକ ଦୃଷ୍ଟି ଦେଇପାରୁନେ। ତେଣୁ ନିୟମିତ ସମୟ ଅନ୍ତରାଳରେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ଖାଇବା ବନ୍ଦ କରନ୍ତୁ ନାହିଁ।



- ଦୃଷ୍ଟିଶକ୍ତି ଜନିତ କୌଣସି ସମସ୍ୟା ଦେଖାଦେଲେ ତାହାକୁ ଅବହେଳା କରନ୍ତୁ ନାହିଁ। ଏ ବିଷୟରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।
- ଶୋଇବାକୁ ଯିବା ପୂର୍ବରୁ ନିଜ ମନକୁ ଶାନ୍ତ ରଖନ୍ତୁ। ଯଦି ଟେନ୍‌ସନରେ ଅଛନ୍ତି, ତେବେ ବାହାରେ କିଛି ସମୟ ବୁଲାବୁଲି କରନ୍ତୁ।

# ଏସିଡିଟି

ଖାଦ୍ୟପେୟରେ ଅନିୟମିତା, ଅଧିକାଂଶ ସମୟ ଗରିଷ୍ଠ ତଥା ତେଲମସଲାଯୁକ୍ତ ଖାଦ୍ୟ ଖାଇଲେ ଏବଂ ଆବଶ୍ୟକ ପରିମାଣର ପାଣି ନ ପିଇଲେ ତାହା ଏସିଡିଟି ବା ଗ୍ୟାଷ୍ଟ୍ରିକ୍ ସମସ୍ୟାକୁ ଡାକି ଆଣିଥାଏ। ଛାତି ଜଳାପୋଡା କରିବା, ପେଟରୁ ଗ୍ୟାସ୍ ଭଳି ଉଠି ଆସିବା, ବାନ୍ତି ଲାଗିବା, ଆମ୍ବିଳା ହେକୁଟି ଦେବା ଆଦି ଏହାର ଲକ୍ଷଣଗୁଡିକ ମଧ୍ୟରୁ ଅନ୍ୟତମ। ଏପରି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି...

- ଅଧିକ ମସଲା ତଥା ତେଲଜାତୀୟ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ।
- ସକାଳ ଭୋଜନରେ ତଟାକ ଫଳମୂଳ ସାମିଲ୍ କରନ୍ତୁ।
- ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ଅଳ୍ପ ଅଳ୍ପ କରି ଖାଆନ୍ତୁ।
- ନିଜ ଖାଦ୍ୟ ରୁଟିନ୍‌ରେ ତଟାକ ଫଳମୂଳ, ସବୁଜ ପନିପରିବା ଭଳି ଖାଦ୍ୟ ସାମିଲ କରନ୍ତୁ।
- ଚା,କଫି ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସେତେ ଭଲ।
- ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।
- ଖାଲି ପେଟରେ ଅଧିକାଂଶ ସମୟ ରହନ୍ତୁ ନାହିଁ।
- ପେଟଜନିତ କିଛି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ଅକ୍ଟୋବର, ୨୦୨୧

**ସ୍ୱଚ୍ଛତା ରଥ ପରିକ୍ରମା**

ବାଲିକୁଦା,(ସ୍ୱ.ପ୍ର.): ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ବାଲିକୁଦା ବ୍ଲକରେ ରବିବାର ସ୍ୱଚ୍ଛତା ରଥ ଶୁଭାରମ୍ଭ କରାଯାଇଛି। ଏହି ରଥ ଜରିଆରେ ବ୍ଲକର ବିଭିନ୍ନ ଗ୍ରାମରେ ଶୌଚାଳୟ ନିର୍ମାଣ ପାଇଁ ସଚେତନ କରାଯିବ। ଏବିଡିଓ ସଞ୍ଜୟ ଦାସ ପତାକା ଦେଖାଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ସାହୁ, ପିଇଓ ଅଶୋକ ଦାସ, କର୍ମଚାରୀ କାର୍ତ୍ତିକ ବିଶ୍ୱାଳ, ବିଆରସି ରଘୁ ଅରକ୍ଷୀତ ନାୟକ, ମାଷ୍ଟର ଟ୍ରେନର ଦୀପ୍ତିମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗାଁଗୁଡ଼ିକରେ କିପରି କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା କରାଯାଇ ପାରିବ ଓ ଲୋକେ କିପରି ପଲିଥିନ ବ୍ୟବହାର ଠାରୁ ଦୂରେଇ ରହିବେ ସେ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା।



## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ ସୁବର୍ଣ୍ଣବରାହୀ ବେଶ



ନାଉଗାଁ,୩।୧୦ (ସ୍ୱ.ପ୍ର): ଜଗତ୍‌ସିଂହପୁର ବ୍ଲକ ସରାପ୍ରୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ରବିବାର ଶାରଦୀୟ ପାର୍ବଣର ଷୋଡଶ ପୂଜାର ୫ମ ଦିବସ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କୁ ସୁବର୍ଣ୍ଣବରାହୀ ବେଶରେ ସୁସଜ୍ଜିତ କରାଯାଇଛି।

### ହୋମଗାର୍ଡଙ୍କ ଘରେ ପଶି ଆକ୍ରମଣ

ପାଣିକୋଇଲି,୩।୧୦(ଡି.ଏନ.ଏ.): ପାଣିକୋଇଲି ଥାନା ଅଞ୍ଚଳରେ କ୍ରମାଗତ ଚୋରି ବୃଦ୍ଧି ପାଉଛି। ହେଲେ ଚୋରଙ୍କ ଟେର ପାଇବାରେ ପୋଲିସ ବିଫଳ ହେଉଛି। ଏହିକ୍ରମରେ ଜଣେ ହୋମଗାର୍ଡଙ୍କ ଘରେ ଦୁର୍ବୃତ୍ତମାନେ ପଶି କିଛି ନେଇ ପାରି ନ ଥିଲେ ମଧ୍ୟ ତାଙ୍କ ପୁଅକୁ ଛୁରିରେ ଆକ୍ରମଣ କରି ଫେରାର ହୋଇ ଯାଇଛନ୍ତି। ହୋମଗାର୍ଡ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ତାହା ସାମ୍ନାକୁ ଆସିଛି। ଥାନାରେ କାର୍ଯ୍ୟରତ ହୋମ ଗାର୍ଡ ବିଷ୍ଣୁଚରଣ ମଲିକ ପଥରପଦା ପଞ୍ଚାୟତର ଦାମୋଦରପୁର ଗାଁର ଶେଷ ମୁଣ୍ଡରେ ଘର କରି ରହୁଛନ୍ତି। ରାତି ପ୍ରାୟ ୧ଟା ବେଳେ ସମସ୍ତେ ଶୋଇଥିବା ବେଳେ ଦୁର୍ବୃତ୍ତ ଘରର ପଛ କବାଟ ତାଲା ଭାଙ୍ଗି ଘରେ ପଶିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଘର ଭିତରକୁ ଯାଇଥିବାବେଳେ ଅନ୍ୟ ୨ ଜଣ ଶିଳପୁଆ ଓ ଇଟା ଧରି କବାଟ ଅଢୁଆଳରେ ଲୁଚି ରହିଥିଲେ। ଶବ୍ଦ ଶୁଣି ବିଷ୍ଣୁଙ୍କ ପୁଅ ବିଶ୍ୱନାଥ ଉଠିପଡ଼ି ଘରେ ଚୋର ପଶିଥିବା ଦେଖି ଲାଇଟ ଜଳାଇ ଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଛୁରିରେ ବିଶ୍ୱନାଥଙ୍କୁ ଆକ୍ରମଣ କରି ପଳାଇଥିଲେ। ବାହାରେ ଅପେକ୍ଷା କରିଥିବା ବାକି ୨ ଜଣ ମଧ ଦୌଡ଼ି ପଳାଇଥିଲେ।

### ଭଲିବଲ ଖେଳାଳି ପ୍ରଫୁଲ୍ଲ ବିଶ୍ୱାଳଙ୍କ ଅକାଳ ବିୟୋଗ

ପଟ୍ଟାମୁଣ୍ଡାଇ,୩।୧୦(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ତରଡିପାଳ ଗାଁର ରାଜ୍ୟସ୍ତରୀୟ ଭଲିବଲ ଖେଳାଳି ପ୍ରଫୁଲ୍ଲ ବିଶ୍ୱାଳ (୫୭)ଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ୍ ବିଶ୍ୱାଳ ଗ୍ରାମାଞ୍ଚଳ ଭଲିବଲ ପ୍ରତିଯୋଗିତାରେ ପାରଦର୍ଶିତା ଦେଖାଇ ୯୦ ଦଶକରେ ଓଡ଼ିଶା ପୋଲିସରେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ସେ କନ୍ଧମାଳରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ମରଶରୀର ରବିବାର ଗାଁରେ ପହଞ୍ଚିବା ପରେ ଜାତୀୟ କ୍ରୀଡା ସଂସଦର କର୍ମକର୍ତ୍ତା ତରଡିପାଳ ହାଇସ୍କୁଲ ଖେଳପଡିଆରେ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଖେଳାଳି ନୃସିଂହ ବିଶ୍ୱାଳ, ସୁଶୀଲ ବିଶ୍ୱାଳ, ବସନ୍ତ କୁମାର ବିଶ୍ୱାଳ, ଜନ୍ମେଜୟ ମଲ୍ଲିକ, ଶୁଭାଶିଷ ବିଶ୍ୱାଳ, ଆଶୀର୍ବାଦ ବିଶ୍ୱାଳ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ମଦନପୁର କଟ୍ ହେଲେ ବନ୍ୟା ନିୟନ୍ତ୍ରଣ ହେବ

ପଟ୍ଟାମୁଣ୍ଡାଇ, ୩।୧୦(ସ୍ୱ.ପ୍ର.)

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାକୁ ଭିତରକନିକା ଜାତୀୟ ଉଦ୍ୟାନ ଦେଶ, ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। କେନ୍ଦ୍ରାପଡ଼ାରେ ପ୍ରତିଷ୍ଠିତ ବଳଦେବ ଜୀଉ ପାୱାର ଲୁମ୍ ନିଜର ସତ୍ତା ହଜାଇଛି। ଏକଦା ବିଜୁବାବୁଙ୍କୁ ରାଜନୀତିରେ ଜୀବନ୍ୟାସ ଦେଇଥିବା ରାଜନଗର ନିର୍ବାଚନମଣ୍ଡଳୀରେ ଥିବା ମଦନପୁର କଟ୍ କାର୍ଯ୍ୟକାରୀ ହେଲେ ବ୍ରାହ୍ମଣୀ ଓ କାଣୀ ନଦୀ ବନ୍ୟାକୁ ନିୟନ୍ତ୍ରଣ କରା ଯାଇପାରିବ। କଟ୍‌ର ଉଭୟପାର୍ଶ୍ୱ ବନ୍ଧ ପଥର ପ୍ୟାକିଂ କରାଗଲେ ଭିତର ଅଞ୍ଚଳ ଏକ ହ୍ରଦ ଭଳି ହୋଇଯିବ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ବୋଲି ଓଡ଼ିଶା ଜନମଞ୍ଚର ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ମତବ୍ୟକ୍ତ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରହଲ୍ଲାଦ ମଲିକ ଜଳ ସମ୍ପଦ ମନ୍ତ୍ରୀ ଥିବାବେଳେ କେନ୍ଦ୍ରାପଡ଼ା ଜିଲାର ସବୁଠୁ ଅଧିକ ବନ୍ୟାପ୍ରବଣ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା ପାଇଁ ମଦନପୁରଠାରେ ଏକ କଟ୍ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ମଦନପୁରଠାରୁ ଉଦ୍‌ବୃତ୍ତ ବନ୍ୟାଜଳକୁ ସିଧାସଳଖ ସମୁଦ୍ରକୁ ନିଷ୍କାସନ ପାଇଁ ଏହି କଟ୍ ନିର୍ମାଣର ଯୋଜନା ରାଜ୍ୟ ସରକାର କରିଥିଲେ। ଏଥିପାଇଁ ଅର୍ଥର ବ୍ୟବସ୍ଥା କରି ଶତାଧିକ ଏକର ଜମି ସରକାର ଅଧିଗ୍ରହଣ କରିଥିଲେ। ଏହାର ଉଭୟପାର୍ଶ୍ୱରେ ପଥରବନ୍ଧ ନିର୍ମାଣ କରାଯାଇଥିଲା। ଏଥିପାଇଁ ଜଳସମ୍ପଦ ବିଭାଗର ଏକ ସ୍ୱତନ୍ତ୍ର ସେକ୍ସନ କାର୍ଯ୍ୟାଳୟ ଖୋଲାଯାଇ ଜଣେ କନିଷ୍ଠଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଥିଲା। ମାତ୍ର ମଦନପୁର ନିକଟରେ ଉଡିକଣ ବନ୍ୟାବନ୍ଧରେ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଥିଲେ କଟ୍‌ର ରୂପରେଖ ପୂର୍ଣ୍ଣାଙ୍ଗ ହୋଇଥାନ୍ତା। କିନ୍ତୁ ପରବର୍ତ୍ତୀ ସମୟରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଲାନାହିଁ। ପ୍ରତିବର୍ଷ ବ୍ରାହ୍ମଣୀ, କାଣୀରେ ବନ୍ୟା ଆସି ପଟ୍ଟାମୁଣ୍ଡାଇ ଓ ରାଜନଗରର ବ୍ୟାପକ ଅଞ୍ଚଳ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ କଟ୍ ପଥରବନ୍ଧରୁ ପଥର ତାଡି ବିଭାଗୀୟ ଠିକାଦାରମାନେ ଅନ୍ୟତ୍ର କାମରେ ଲଗାଇ ଚାଲିଛନ୍ତି। କ୍ରମଶଃ କଟ୍‌ର ଉଭୟପାର୍ଶ୍ୱ ବନ୍ଧ ପଥର ଶୂନ୍ୟ ହୋଇ ସାରିଲାଣି। ଏହି କଟ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ଜନମଞ୍ଚ ପକ୍ଷରୁ ଦୀର୍ଘବର୍ଷ ଧରି ଆନ୍ଦୋଳନ ଜାରି ରହିଛି। କିନ୍ତୁ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। ଏବେ ସମୟ ଆସିଛି ଏହି କଟ୍‌କୁ କାର୍ଯ୍ୟକାରୀ କରାଗଲେ ଏହା ବନ୍ୟା ନିୟନ୍ତ୍ରଣରେ ସହାୟକ ହେବ। ଏହାର ଦୁଇପାର୍ଶ୍ୱ ବନ୍ଧ ରାସ୍ତାକୁ ପଥର ପ୍ୟାକିଂ କରି ସୁଦୃଢ଼ ଓ ମନୋରମ କରିବାକୁ ହେବ। କଟ୍ ମଧ୍ୟସ୍ଥଳ କଶ୍ମୀରର ଡାଲ୍ ଭଳି ହ୍ରଦଟିଏ ସୃଷ୍ଟି ହୋଇପାରିବ। ସେଠାରେ ଭାସମାନ ବଜାର, ବିଭିନ୍ନ ଅନୁଷ୍ଠାନ ଗଢା ଯାଇପାରିବ। ଏହି କୃତ୍ରିମ ହ୍ରଦର ଉଭୟପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକସଜ୍ଜାରେ ପର୍ଯ୍ୟଟକଙ୍କୁ ବର୍ଷସାରା ଆକର୍ଷିତ କରାଯାଇ ପାରିବ। ଏହା ଜାତୀୟ ଉଦ୍ୟାନ ଭିତରକନିକା ମାର୍ଗରେ ଥିବାରୁ ଏହା ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହ ନୌକାବିହାରର ମଜା ମଧ ପର୍ଯ୍ୟଟକମାନେ ନେଇପାରିବେ। ଏହା ଦ୍ୱାରା ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାର ପର୍ଯ୍ୟଟନ ଶିଳ୍ପ ଅନ୍ୟାନ୍ୟ ସ୍ଥାନ ଅଧିକାର କରିବ। ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ ଲୋକମାନଙ୍କ ଆର୍ଥିକ ସ୍ୱଚ୍ଛଳତା ସୃଷ୍ଟି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଭଙ୍ଗା ଘରେ ଚାଲିଛି ଆର୍‌ଆଇ ଅଫିସ



ପ୍ରହରାଜପୁର ଆରଆଇଙ୍କ କାର୍ଯ୍ୟାଳୟ।

ରଘୁନାଥପୁର,୩।୧୦(ଡି.ଏନ୍.ଏ)

ରଘୁନାଥପୁର ବ୍ଲକ କିଶନନଗର ତହସିଲ ପ୍ରହରାଜପୁର ଆରଆଇଙ୍କ କାର୍ଯ୍ୟାଳୟ ଏକ ଆଜବେଷ୍ଟସ୍ ଘରେ ଚାଲିଛି। ୪୦ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ଗୃହ ଏବେ ଭାଙ୍ଗିରୁଜି ଗଲାଣି। ବର୍ଷାଦିନେ ଗୃହ ଆଜବେଷ୍ଟସରୁ ପାଣି ଗଳି କାର୍ଯ୍ୟାଳୟ ପରିସରରେ ଥିବା ରେକର୍ଡ ଓଦା ହୋଇଯାଉଛି। ଫଳରେ କର୍ମଚାରୀମାନେ କାର୍ଯ୍ୟ ସମ୍ପାଦନ ପାଇଁ ଅସୁବିଧାରେ ପଡୁଛନ୍ତି। ଦୀର୍ଘଦିନ ହେବ ସ୍ଥାନୀୟ ଲୋକେ ଏହି କାର୍ଯ୍ୟାଳୟକୁ ପକ୍କାଗୃହରେ ପରିଣତ କରିବା ପାଇଁ ଦାବି କରିଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଗତ ୨ ବର୍ଷ ତଳେ

**ପାଣିଗଳି ରେକର୍ଡପତ୍ର ନଷ୍ଟ ହେଉଛି**

କାର୍ଯ୍ୟାଳୟ ନିର୍ମାଣ ପାଇଁ ୨୨ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଜଣେ ଠିକାଦାର ଗୃହ ନିର୍ମାଣ ପାଇଁ ଏଠାରେ ବାଲି ଓ ଗୋଡି ଆଦି ଜମା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଆଉ କାର୍ଯ୍ୟ କରି ନ ଥିଲେ। ଏବେ କାର୍ଯ୍ୟଭାର ବଢୁଥିବାରୁ ରେକର୍ଡ ପତ୍ର ଓ କମ୍ପ୍ୟୁଟର ସାମଗ୍ରୀ ରଖିବାରେ ପୁରୁଣା ଘର ପର୍ଯ୍ୟାପ୍ତ ହେଉନି। ଏହାକୁ ଦୃଷ୍ଟିରେ ରଖି ଆର୍‌ଆଇଙ୍କ କାର୍ଯ୍ୟାଳୟ ପାଇଁ ପକ୍କା ଗୃହ ତିଆରି କରିବାକୁ ୧୬ନଂ. ୱାର୍ଡ ସଭ୍ୟ ପର୍ଶୁରାମ ସାହୁ, ୧୫ନଂ. ୱାର୍ଡ ସଭ୍ୟ ଯଶୋବନ୍ତ ଦଳେଇ, ରବୀନ୍ଦ୍ର ସାହୁ ଓ ଶଙ୍କର ସେଠୀ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଡାକ୍ତରଖାନା ରାସ୍ତାରେ ବର୍ଷା ପାଣି ଜମୁଛି

ରଘୁନାଥପୁର,୩।୧୦(ଡି.ଏନ୍.ଏ.)

ଲଗାଣ ବର୍ଷା ଛାଡି ଯାଇଥିଲେ ମଧ ନିଶ୍ଚିନ୍ତକୋଇଲି ବ୍ଲକ ତାରପୁର ଉତ୍ତରକୂଳ ଆରଡ଼ି ରାସ୍ତାର ଉତ୍ତରକୂଳ ମେଡିକାଲ ପାର୍ଶ୍ୱ ରାସ୍ତାରେ ଏବେ ବି ବର୍ଷାପାଣି ଜମି ରହିଛି। ଫଳରେ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି। ଗତ ୨ ବର୍ଷ ତଳେ ଏଠାରେ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାମ ଯୋଗୁ ଏହା ଏବେ ଏବେ ଖାଲଖମାରେ ପୁରିଯାଇଥିବା ଅଭିଯୋଗ ହୋଇଛି। ଫଳରେ ଯାତାୟାତ ପାଇଁ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବହୁ ସମୟରେ ବାଇକ୍ ଆରୋହୀମାନେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହି ରାସ୍ତା ଦେଇ ପିଲାମାନେ ସ୍କୁଲ ଯିବା ଓ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା କଷ୍ଟକର ହୋଇଯାଇଛି।

ରୋଗୀ ରାସ୍ତାରେ ଜମି ଥିବା ପାଣିରେ ଭିତରେ ପଶି ଚିକିତ୍ସାଳୟକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ରାସ୍ତାରୁ ପାଣି ନିଷ୍କାସନ ପାଇଁ





ଉତ୍ତରକୂଳ ଡାକ୍ତରଖାନା ରାସ୍ତାରେ ପାଣି ଜମି ରହିଛି।

ଡ୍ରେନେଜ କାମ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲା। ଏହାପରେ ୧୩ ଲକ୍ଷ ୪୨ ହଜାର ଟଙ୍କାର ଅନୁଦାନ ଆସିଛି। ଗତ ୨ ମାସ ତଳୁ ଏ ନେଇ ଟେଣ୍ଡର ସରିଥିଲେ ସୁଧା ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ଡ୍ରେନେଜ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଶୋକ ସ୍ୱାଇଁ, ଗୌତମ ଦାସ, ଶିବ ପ୍ରସାଦ ଦାସ ଓ ଅନନ୍ତ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଆଗାମୀ ୧୦ ମଧ୍ୟରେ ଠିକାଦାର ଡ୍ରେନ କାର୍ଯ୍ୟ ଆରମ୍ଭ କରିବେ ବୋଲି କିଶନନଗର ଆର୍‌ଡି ଯନ୍ତ୍ରୀ ଲିପିକା ଦଳେଇ ପ୍ରକାଶ କରିଛନ୍ତି।

## ଆଜାଦୀ କା ଅମୃତ ମହୋତ୍ସବ

ଜଗତ୍‌ସିଂହପୁର ଅଫିସ, ୩।୧୦

ଜଗତ୍‌ସିଂହପୁର ଜିଲା ଆଇନସେବା ପ୍ରାଧୀକରଣ ଓ ଜିଲା ଓକିଲ ସଂଘ ମିଳିତ ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଦୌରାଜଜ୍ ତଥା ପ୍ରାଧୀକରଣ ଅଧକ୍ଷ ଆନନ୍ଦ ଚନ୍ଦ୍ର ବେହେରା, ସିଜିଏମ୍ ପ୍ରିୟରଞ୍ଜନ ମିଶ୍ର, ପ୍ରାଧୀକରଣ ସଚିବ ପାଢୀ, ରେଜିଷ୍ଟ୍ରାର ସୁଦୀପା ପାତ୍ର, ସବଜଜ୍ (ଏଲ୍‌ଆର୍) ଅଭୟ କୁମାର ଦାସ, ଓକିଲ ସଂଘ ସଭାପତି ଗଗନ ଚନ୍ଦ୍ର ଦାଶ, ସମ୍ପାଦକ ନରେଶ ଦାସ, ଯୁଗ୍ମ ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତି ଓ କୋଷାଧକ୍ଷ ଦୁର୍ଯ୍ୟୋଧନ ରାଉତ ଉପସ୍ଥିତ ଥିଲେ। ସେହିପରି ସଅଁରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଖିଳ ଭାରତୀୟ ସଚେତନତା ଓ ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ସସ୍ମିତା ଦାସ, ପାରାଲିଗାଲ ସ୍ୱେଚ୍ଛାସେବୀ କ୍ଷୀରୋଦ କୁମାର ଦାଶ, ମନୋଜ କୁମାର ସ୍ୱାଇଁ, ଶୁଭଲକ୍ଷ୍ମୀ ନାୟକ, କୋର୍ଟ କର୍ମଚାରୀ ପି. ଅଂଶୁମାନ ଦାଶ, ସୁକାନ୍ତ ବେହେରା, ଏମ୍‌ବିକେ କାଞ୍ଚନବାଳା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପ୍ରାଧୀକରଣର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମାଗଣା ଆଇନ ସେବା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଇନ, ପକ୍ସୋ ଆଇନ, ଭରଣପୋଷଣ ଆଇନ, ଘରୋଇ ହିଂସା ନିରୋଧ ଆଇନ ଓ ଓଡ଼ିଶା ପୀଡିତା କ୍ଷତିପୂରଣ ଯୋଜନା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଆଖପାଖ ଅଞ୍ଚଳରୁ ଅନେକ ସିଆର୍‌ପି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

# ଆୟୁଷ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ପଟ୍ଟାମୁଣ୍ଡାଇ, ୩।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨୦୦୭ଠାରୁ ଅଦ୍ୟାବଧି ୪୬ ଜଣ ଆୟୁଷ ଡାକ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ଦୀର୍ଘ ୧୪ବର୍ଷ ଧରି ଆୟୁଷ ଡାକ୍ତରମାନେ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ସେମାନେ କୋଭିଡ-୧୯ ସଂକ୍ରମଣ ସମୟରେ ଘରଦ୍ୱାର ଓ ପରିବାରକୁ ଛାଡି ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ରୋଗୀସେବା, ପୋଲିଓ ଏବଂ ଅଣସଂକ୍ରମଣ ରୋଗ କାର୍ଯ୍ୟକ୍ରମ, ରାତ୍ରୀକାଳୀନ ଜରୁରୀ ଡ୍ୟୁଟି, ବନ୍ୟା, ବାତ୍ୟା ସମୟରେ ଅପହଞ୍ଚ ସ୍ଥାନରେ ସେବା ଯୋଗାଇବା, ସେକ୍ଟର ଦାୟିତ୍ୱ ପରିଚାଳନା କରିବା, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ପ୍ରଭୃତି ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ହେଲେ ଆୟୁଷ ଡାକ୍ତରମାନଙ୍କ ପ୍ରତି ସରକାରୀ ସ୍ତରରେ ବୈମାତୃକ ମନୋଭାବ ଦେଖାଦେଇଛି। ଏକା ସ୍କିମରେ ଯୋଗଦେଇଥିବା ଏଏନ୍‌ଏମ୍, ଫାର୍ମାସିଷ୍ଟ, ଆଟେଡାଣ୍ଟମାନଙ୍କୁ ସରକାର ନିୟମିତ ଚାକିରିରେ ଅନ୍ତର୍ଭୁକ୍ତ କରାଇ ଥିଲେ ମଧ ଆୟୁଷ ଡାକ୍ତରଙ୍କ କଥା ଏ ପର୍ଯ୍ୟନ୍ତ ବିଚାରକୁ ନେଇନାହାନ୍ତି। ଫଳରେ ଜିଲାର ୪୬ଜଣ ଆୟୁଷ ଡାକ୍ତର ଗାନ୍ଧୀ ଜୟନ୍ତୀରେ କେନ୍ଦ୍ରାପଡା ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରି ତାଙ୍କ ଚାକିରି ନିୟମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଜିଲା ସଂଘ ପକ୍ଷରୁ ଆୟୁଷ ଡା. ଖଗେଶ୍ୱର ନାୟକ, ଡା. ବି.କେ. ପ୍ରଶାନ୍ତ କୁମାର, ଡା. ସ୍ୱର୍ଣ୍ଣପ୍ରଭା ରଥ, ଡା. ପ୍ରଦୀପ ଚମ୍ପତି. ଡା. ଅମରେନ୍ଦ୍ର ନାୟକ, ଡା. ସୁପ୍ରଭା ଜେନା, ଡା. ମୋନାଲିସା ବେହେରା, ଡା. ପୂରଭି ପରିଡା, ଡା. ଲକ୍ଷ୍ମୀପ୍ରିୟା ଦାସ, ଡା, ପ୍ରିୟମ୍ବଦା ମିଶ୍ର, ଡା. ସ୍ୱାଗତିକା ପ୍ରମୁଖ ସଂଘ କର୍ମକର୍ତ୍ତା ଆସନ୍ତା ୧୫ ଦିନ ମଧ୍ୟରେ ସ୍ଥାୟୀ ନିଯୁକ୍ତି କରା ନ ଗଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# କରାଟେ ପ୍ରତିଯୋଗିତାରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ

ବରୀ,୩।୧୦(ଡି.ଏନ.ଏ.)

ବରୀ ବ୍ଲକ୍ ଈଶାଣପୁର ପଞ୍ଚାୟତର ଗୁରୁଚରଣ ଜେନାଙ୍କ ପୁଅ ଭରତ ଚନ୍ଦ୍ର ଜେନା ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଛନ୍ତି। ଆନ୍ଧ୍ରପ୍ରଦେଶର ଗଜୁୱାକାଠାରେ ଭାରତ ସୁଟୋ ଗୋଗୁ ର୍ୟୁ କରାଟେ ଅସୋସିଏଶନ ପକ୍ଷରୁ ସେପ୍ଟେମ୍ବର ୨୫ ଓ ୨୬ ଦୁଇ



ଭରତ ଚନ୍ଦ୍ର ଜେନା।

ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ୫୦ ଜଣ ଛାତ୍ର ଭାଗ ନେଇଥିଲେ। ଏଥିରେ ଭରତ ବ୍ରାଉନ୍ ବେଲ୍ଟ ହାସଲ କରିଛନ୍ତି। ଆଗାମୀ ଦିନରେ ସେ ଆହୁରି ଅନେକ ସଫଳତା ହାସଲ କରିବା ଲାଗି ଲକ୍ଷ୍ୟ ରଖି ଥିବା କହିଛନ୍ତି। ସୂଚନାଯୋଗ୍ୟ, ଭରତ ପୂର୍ବରୁ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବିରିଡି, ୩।୧୦(ଡି.ଏନ୍.ଏ.)

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ପ୍ରତିମୂର୍ତ୍ତି ବିରିଡି ବ୍ଲକ ବିଜେଡି ପକ୍ଷରୁ କଇଜଙ୍ଗା ଦରଡାପାରୀରେ ଉନ୍ମୋଚନ କରାଯାଇଛି। ବିଜେଡି ଜିଲା ଉପସଭାପତି ରବିନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, ସୁଶାନ୍ତ କୁମାର ସାହୁ, ଅମିତ ରାଉଳ ଓ ବିଶ୍ୱ ରଞ୍ଜନ କର ପ୍ରମୁଖ ଯୋଗଦେଇ ବିଷ୍ଣୁ ବାବୁ ଜଣେ ଆଦର୍ଶବାଦୀ, ନିର୍ଭିକ ଓ ପରୋପକାରୀ ନେତା ଥିଲେ ବୋଲି କହିଥିଲେ।

## ମହାବୀର ଲାଇବ୍ରେରିର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ବିରିଡି, ୩।୧୦(ଡି.ଏନ୍.ଏ.)

ବିରିଡି ବ୍ଲକ ମଧଶାସନ ମହାବୀର ଲାଇବ୍ରେରିର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ, ସାହିତ୍ୟ ସଭା, କବିତା ପାଠ, ପୁସ୍ତକ ଓ ପତ୍ରିକା ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବୀର ଲାଇବ୍ରେରିର ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥିଭାବେ ଡ.ସୁରେନ୍ଦ୍ରନାଥ ତ୍ରିପାଠୀ, ଅଧାପିକା ଡ.ଭାରତୀ ବେହେରା, ଇଂ. ତୋଫାନ କୁମାର ଜେନା ଯୋଗଦେଇ ଥିଲେ। କବି ପୀତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଉମାକାନ୍ତ ରଥ ବିବରଣୀ ପାଠ କରିଥିଲେ। ଗୀତିକବି ବାବାଜୀ ଚରଣ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚିତ୍ରଶିଳ୍ପୀ ଚିତ୍ତରଞ୍ଜନ ଭୋଇ ଓ ବାଲୁକା ଶିଳ୍ପୀ ନାରାୟଣ ପ୍ରସାଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ପତ୍ରପ୍ରଭା' ଓ ଉମାକାନ୍ତ ରଥଙ୍କ କବିତା ସଂକଳନ 'ଶୂନ୍ୟ ପୃଥିବୀ ମଣିଷ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଭବାନୀକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଜାଦୀ କା ଅମୃତ ମହୋତ୍ସବ ପାଳନ

ପଟ୍ଟାମୁଣ୍ଡାଇ, ୩।୧୦(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା, ବଡଖାନା ଆଜାଦୀର ଅମୃତ ମହୋତ୍ସବ ସପ୍ତାହ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ପୌରପରିଷଦର ୮୦ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୌରନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କନିଷ୍ଠ ସହାୟକ ରାଜକିଶୋର ଦାଶ, ଟିକସ ଅସୁଲକାରୀ ଅଭୟ ଦାଶ, ପରିମଳ ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ଦାଶ, ଶାରଦା ପ୍ରସନ୍ନ ମଲିକ ପ୍ରମୁଖ ସରକାରଙ୍କ ଆଜାଦିର ଅମୃତ ମହୋତ୍ସବ ସପ୍ତାହ ପାଳନର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ପୌରପରିଷଦର ବିଭିନ୍ନ ୱାର୍ଡରେ ପରିମଳ କାର୍ଯ୍ୟରେ ସାମିଲ ଥିବା ୮୦ ଜଣ କର୍ମଚାରୀଙ୍କୁ ପୌରପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର, ମାସ୍କ ଓ ଗ୍ଲୋବ୍‌ସ ପ୍ରଦାନ କରାଯାଇଥିଲା। ଏହାକୁ ସ୍ୱଚ୍ଛ ଭାରତର ନୋଡାଲ ଅଫିସର ସୂର୍ଯ୍ୟକାନ୍ତ ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ପୌରପରିଷଦ କର୍ମଚାରୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ୱଚ୍ଛତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ।

# ଛୋଟି ପଞ୍ଚାୟତରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଡେରାବିଶ, ୩।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ୧୫୩ତମ ଜନ୍ମ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧିଜୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ କରାଯାଇଥିଲା। ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗ ଦେଇଥିଲେ। ନିଶା ନିବାରଣ ଓ ସତ୍ୟପଥରେ ଯିବାକୁ ମାନବ ସମାଜକୁ ଗାନ୍ଧିଜୀଙ୍କ ଏକ କ୍ରାନ୍ତିକାରୀ ଆହ୍ୱାନ ଥିଲା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ଯତିନ୍ଦ୍ର କୁମାର ରାଉତ ଯୋଗଦେଇ ଗାନ୍ଧୀ ଦର୍ଶନ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱର ଯୁବ ପିଢିଙ୍କୁ ଦିଗ୍‌ଦର୍ଶନ ଦେଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ସମିତିସଭ୍ୟ ନଳିନୀକାନ୍ତ ସ୍ୱାଇଁ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜିତ କୁମାର ଜେନା ଯୋଗଦେଇଥିଲେ। ୧୯୩୪ରେ ଗାନ୍ଧିଜୀଙ୍କର ଐତିହାସିକ ହରିଜନ ପଦଯାତ୍ରା ଓ ଡେରାବିଶ ବ୍ଲକ ଅଧୀନ ବାରିମୂଳଠାରେ ବିଶାଳ ଜନସମାବେଶ ଏ ମାଟିକି ଗର୍ବିତ କରିଥିବା ଉପରେ ଆଲୋକପାତ କରିଥିଲେ। ଜିଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବିଦ୍ୟାଧର ମୁଦୁଲି ଓ ସଂଗ୍ରାମୀ ଫକୀର ଚରଣ ଦାସଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ରବୀନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ ଓ ସାମାଜିକ କର୍ମୀ ଅଭିମନ୍ୟୁ ରାଉତ ଧନ୍ୟବାଦ ଦେଇଥିଲେ।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଦବୁଛି ପୂର୍ତ୍ତ ବିଭାଗ ରାସ୍ତା, ମରାମତି ଦାବି

ନାଉଗାଁ,୩।୧୦(ସ୍ୱ.ପ୍ର)

ନାଉଗାଁ ବ୍ଲକ କାର୍ଯ୍ୟାଳୟରୁ ଗାରୋଇକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇଯାଇଛି। କିଛି ସ୍ଥାନରେ ଏହା ଦବିଯିବା ସହ ରାସ୍ତା ପାର୍ଶ୍ୱରୁ ଅତଡା ଖସିଯାଇଛି। ଏହାକୁ ମରାମତି କରାଯାଉ ନ ଥିବା ବେଳେ ଅତଡା ଖସିଥିବା ସ୍ଥାନକୁ ବିଭାଗ ପକ୍ଷରୁ ଆବଦ୍ଧ କରାଯାଇ ନାହିଁ। ଫଳରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ବ୍ଲକର କୋକିଡିହ, ବାଂଶ, ନରଣପୁର, ତେଣ୍ଟୋଇ, ଗଙ୍ଗଦା ହାଟ, କୋରୁଅ, ଧୂଆଁପଦା ଆଦି ଦେଇ ଗାରୋଇ ଓ ଦେବୀ ନଦୀ ବନ୍ଧ ବାଟେ ମାଛଗାଁକୁ ସଂଯୋଗ କରୁଛି। ଏହା ଉପରୋକ୍ତ ଗ୍ରାମଗୁଡ଼ିକର ମୁଖ୍ୟ ରାସ୍ତା । ଏହି ବାଟଦେଇ ବିଭିନ୍ନ ଯାତ୍ରୀବାହି ଗାଡି ଓ ମାଲ ବାହି ଗାଡି ଓ ସାଧାରଣ ଲୋକେ ବିଭିନ୍ନ କାର୍ଯ୍ୟରେ ବ୍ଲକ,ତହସିଲ,ସ୍ୱାସ୍ଥ୍ୟକେନ୍ଦ୍ର ଆଦିକୁ ଯାତାୟାତ କରିଥାନ୍ତି।

ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ରାସ୍ତା ମରାମତି କରାଯାଉଛି। ମାତ୍ର ଠିକାଦାର ନିମ୍ନମାନର ଏଠାରେ ନିମ୍ନମାନର କାମ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟ ସମ୍ମୁଖ ଓ କୋରୁଅ ଆଦି ସ୍ଥାନରେ ରାସ୍ତାରୁ କଂକ୍ରିଟ ଉଠି ଖାଲଖମାରେ ପୁରିଯାଇଛି। ଦେବୀ ନଦୀ ପାର୍ଶ୍ୱରେ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜଳ ନିକାଶ ବିଭାଜନ ଜଗତ୍‌ସିଂହପୁର ତରଫରୁ ଟେଣ୍ଡର କରାଯାଇ ଗୋବରୀ ନଦୀର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ଗୋବରୀ ନଦୀ ଉପରେ ଏହି ରାସ୍ତା ଯାଇଥିବାରୁ ନଦୀ ଖୋଳିବା ବେଳେ ଏଠାରୁ ମାଟି ଖସିଯାଇଛି। ଏହାଛଡା ବର୍ଷା ସମୟରେ ଗୋବରୀ ନାଳରେ ପାଣି ଆସିବା ଯୋଗୁ ବାଂଶ ଓ କୁରିକି ଠାରେ ରାସ୍ତା ଦବି ଅତଡା ଖାଇଯାଇଛି। ଫଳରେ ଭାରିଯାନ ଚଳାଚଳ ଅବା ଯାତ୍ରୀ ବାହୀ ଗାଡି ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମନେ କରୁନାହାନ୍ତି। ତୁରନ୍ତ ଏହାକୁ ମରାମତି କରିବା ଲାଗି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏବିଷୟରେ ବିଭାଗୀୟ ଯନ୍ତ୍ରୀ ବଳରାମ ସ୍ୱାଇଁ କହିଛନ୍ତି, ଉକ୍ତ ରାସ୍ତା ଯେତିକି ଚଉଡା ରହିଛି ତାଠାରୁ ଅଧିକ ଚଉଡା କରାଯିବ। ଏଥିପାଇଁ ଟେଣ୍ଡର କରାଯିବ। ଏହା ପରେ କାମ ଆରମ୍ଭ ହେବ।



ବାଂଶ ନିକଟରେ ରାସ୍ତାରୁ ଅତଡା ଖସିଛି।

**ମୁଣ୍ଡପିଛା ଏସ୍‌ଡିପି ଅଭିବୃଦ୍ଧିରେ ପଶ୍ଚିମବଙ୍ଗ ୧**

ଆର୍ଥିକ ବର୍ଷ ୨୦୨୦-୨୧ ଅବଧିରେ ନେଟ୍ ମୁଣ୍ଡପିଛା ରାଜ୍ୟ ଘରୋଇ ଉତ୍ପାଦ(ଏସ୍‌ଡିପି) ଅଭିବୃଦ୍ଧି କ୍ଷେତ୍ରରେ ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗ ୧ ନମ୍ବର ସ୍ଥାନ ହାସଲ କରିଛି। ଆର୍‌ବିଆଇର ହ୍ୟାଣ୍ଡବୁକ୍ ଅଫ୍ ଷ୍ଟାଟିଷ୍ଟିକ୍ସରେ ଏଭଳି ତଥ୍ୟ ପ୍ରକାଶ ପାଇଛି। ଭାରତର ଅଭିବୃଦ୍ଧି ନକାରାତ୍ମକ ଥିବା ବେଳେ ପଶ୍ଚିମବଙ୍ଗ ଏହି ସଫଳତା ପାଇଥିବା ଅର୍ଥମନ୍ତ୍ରୀ ଅମିତ ମିତ୍ର କହିଛନ୍ତି।

# ଅଟୋ ଶିଳ୍ପରେ ଚିପ୍ ସଙ୍କଟ

**ନୂଆଦିଲ୍ଲୀ,୩।୧୦**



ଦେଶର ଅଟୋ ଶିଳ୍ପରେ ବର୍ତ୍ତମାନ ସେମି କଣ୍ଡକ୍ଟର ଅଭାବ ଦେଖାଯାଇଛି। କେବଳ ଘରୋଇ ବଜାର ନୁହେଁ ସାରା ବିଶ୍ୱର ବଜାର ଗତ କିଛି ମାସ ଏଭଳି ସମସ୍ୟା ସାମ୍ନା କରୁଛି। ନବରାତ୍ର ପାଖେଇ ଆସୁଥିବା ବେଳେ ଯାନ କମ୍ପାନୀଗୁଡ଼ିକ

## ପାର୍ବଣରେ ଯାନ ଡେଲିଭରି ଫିକା ପକାଇବ

ହୋଲସେଲ୍ ଡେଲିଭରି ଦେବାକୁ ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତିରେ ମାରୁତି ସୁଜୁକି, ହ୍ୟୁଣ୍ଡାଇ, ମହିନ୍ଦ୍ରା ଏବଂ ହୋଣ୍ଡା ଭଳି କମ୍ପାନୀଗୁଡ଼ିକର ଗ୍ରାହକ ନୂଆ କାର୍ ପାଇବା ପାଇଁ ଅଧିକ ସମୟ ଲାଗିବ ବୋଲି ଆଶଙ୍କା କରାଯାଉଛି।

ଦେଶର ପ୍ରମୁଖ କାର୍ ନିର୍ମାତା ମାରୁତି ସୁଜୁକି କହିଛି, ଅକ୍ଟୋବରରେ ଏହା ଉତ୍ପାଦନ ପ୍ରାୟ ୪୦% ଖସିପାରେ। ଏହାର ପ୍ରମୁଖ କାରଣ ସେମି କଣ୍ଡକ୍ଟର ଅଭାବ। ଗତ ମାସରେ କାର ଉତ୍ପାଦନ ପ୍ରାୟ ୬୦% ଖସିଛି। ଏହାକୁ ଦେଖିଲେ ଯୋଗାଣରେ ପ୍ରଭାବ ଦେଖାଯିବ। ଚିପ୍ ଅଭାବ ଯୋଗୁ ଇଲେକ୍‌ଟ୍ରୋନିକ୍ସ କମ୍ପୋନେଣ୍ଟଗୁଡ଼ିକର ଯୋଗାଣ ହୋଇପାରୁନାହିଁ। ଏହା ଯାନ ଉତ୍ପାଦନକୁ ଗଭୀର ଭାବେ ପ୍ରଭାବିତ କରିବ ବୋଲି କମ୍ପାନୀ ଷ୍ଟକ ବଜାର ଫାଇଲିଂରେ ପ୍ରକାଶ କରିଛି। କମ୍ପାନୀ ଚଳିତ ବର୍ଷ ସେପ୍ଟେମ୍ବରରେ ୬୩,୧୧୧ ୟୁନିଟ ଯାନ ଉତ୍ପାଦନ କରିଛି। ଏହା ଗତ ବର୍ଷ ସମାନ ଅବଧିରେ ୧.୫ ଲକ୍ଷ

ୟୁନିଟ ରହିଥିଲା। ସବୁ ପ୍ରକାରର ଚେଷ୍ଟା ସତ୍ତ୍ୱେ ଉତ୍ପାଦନ ପ୍ରଭାବିତ ହେଉଥିବା କମ୍ପାନୀ କହିଛି। ଚିପ୍ ଅଭାବ ଯୋଗୁ ହ୍ୟୁଣ୍ଡାଇର ହୋଲସେଲ ଡେଲିଭରି ୩୪% ନିମ୍ନରେ ରହିଛି। ଗ୍ଲୋବାଲ ଚିପ୍ ଅଭାବ ଯୋଗୁ ଡେସପାଚ୍ ଖସୁଛି। କମ୍ପାନୀଗୁଡ଼ିକ ଚିପ୍ ପାଇବା ଲାଗି ଅନେକ ପ୍ରୟାସ କରୁଛନ୍ତି। ମାତ୍ର ସେମିକଣ୍ଡକ୍ଟର ନିର୍ମାତାମାନେ ବିଶେଷ କରି ଲ୍ୟାପଟପ୍ ଏବଂ ସ୍ମାର୍ଟଫୋନ କମ୍ପାନୀଗୁଡ଼ିକୁ ଡେସପ୍ୟାଚ୍ ପ୍ରଦାନ କରୁଥିବା ଅନ୍ୟ ଏକ ସମସ୍ୟା ରହୁଛି। ସ୍ମାର୍ଟଫୋନ ଏବଂ ଲ୍ୟାପଟପ୍ ଚାହିଦା ବଢିଥିବାରୁ ସେମାନଙ୍କ ଲାଗି ଚିପ୍ ମଧ୍ୟ ଆବଶ୍ୟକ ପଡୁଛି।

# ପିଏନ୍‌ବିର ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍

**ନୂଆଦିଲ୍ଲୀ,୩।୧୦**



ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମବାର୍ଷିକୀ ଅବସରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବା ଆଧାରରେ ଏଭଳି ଏକ ପଦକ୍ଷେପ ବ୍ୟାଙ୍କ ଗ୍ରହଣ କରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଆଦାଜୀ କା ଅମୃତ କାର୍ଯ୍ୟକ୍ରମ ଆଧାରରେ ଏହା ଆୟୋଜିତ ହୋଇଥିଲା। ପ୍ରତିଦିନ ୩୦ ମିନିଟ ଶାରୀରିକ ପରିଶ୍ରମ ଉପରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଦୁବେ ଗୁରୁତ୍ୱାରୋପ କରିଥିଲେ। ଏକ ଦୃଢ଼ ଅନୁଷ୍ଠାନ ଗଠନ ଦିଗରେ ସୁସ୍ଥ ବ୍ୟକ୍ତିବିଶେଷଙ୍କ ଆବଶ୍ୟକତା ଉପରେ ଏଠାରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନର ଅନିଶ୍ଚିତ ସମୟରେ ଶାରୀରିକ ଏବଂ ମାନସିକ ସୁସ୍ଥତା ବଜାୟ ରଖିବା ଜୀବନକୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିବାକୁ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଛି। ଶାରୀରିକ ଭାବେ ସୁସ୍ଥ ଥିବା ବ୍ୟକ୍ତିବିଶେଷ ଦେଶର ବିକାଶ ଦିଗରେ ଉନ୍ନତ ଭାବେ ଯୋଗଦାନ ରଖିପାରିବେ ବୋଲି ପିଏନ୍‌ବି ସିଜିଏମ୍ ସୁନୀଲ ସୋନି କହିଛନ୍ତି। ବ୍ୟାଙ୍କର ଏମ୍‌ଡି ସ୍ୱରୂପ କୁମାର ଶାହାଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଗଣଦୌଡ଼ରେ ଅଂଶ ଗ୍ରହଣ କରିଥିଲେ।

# ବଜାର ଉପସ୍ଥିତି ଆହୁରି ଦୃଢ଼ କରିବୁ

*ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ବଜାରରେ ବର୍ତ୍ତମାନ ଇଲେକଟ୍ରୋନିକ୍ସ କମ୍ପାନୀଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା। ଗ୍ରାହକଙ୍କ ମନ ଜିଣିବା ଲାଗି ଭଳିକି ଭଳି ସାମଗ୍ରୀ କମ୍ପାନୀ ଏବେ ଭେଟି ଦେଉଛନ୍ତି। ଲୋକଙ୍କ ନିକଟତର ହେବା ଲାଗି ଏକ ପ୍ରକାରର ଝୁଙ୍କ କମ୍ପାନୀଙ୍କ ମଧ୍ୟରେ ରହୁଛି। ଟେକ୍ନୋଲୋଜି ଭିତ୍ତିକ ପ୍ରଡ଼କ୍ଟ ହେଉ କିମ୍ବା କାରବାର ବଢ଼ାଇ ବଜାର ଅଂଶ ହାସଲ କରିବା ସବୁଥିରେ ଏବେ ପ୍ରତିଯୋଗିତା। ଏଭଳି ସ୍ଥିତିରେ ନିଜକୁ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିବାକୁ ସକ୍ଷମ ହୋଇଛି ଚାଇନାଭିତ୍ତିକ କମ୍ପାନୀ ଟିସିଏଲ୍ ଇଲେକ୍‌ଟ୍ରୋନିକ୍ସ। କମ୍ପାନୀର ଓଡ଼ିଶା ଓ ଝାଡ଼ଖଣ୍ଡର ବାଣିଜ୍ୟିକ ମୁଖ୍ୟ ଭାବେ ବିଶ୍ୱରଞ୍ଜନ ମହାନ୍ତି ଏବେ ଅବସ୍ଥାପିତ। ପୁରୀରେ ଜନ୍ମିତ ମହାନ୍ତି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିବା ସହ ସଫଳତା ଓ ବିଭିନ୍ନ ସ୍ୱୀକୃତି ସାଉଣ୍ଟିବାକୁ ସକ୍ଷମ ହୋଇଛନ୍ତି। ଟିସିଏଲ୍‌ର କାର୍ଯ୍ୟଧାରା ନେଇ ମହାନ୍ତିଙ୍କ ସହ 'ଧରିତ୍ରୀ'ର ଅଭୟ କୁମାର ଦାଶଙ୍କ ସାକ୍ଷାତ୍‌କାର...*


ବିଶ୍ୱରଞ୍ଜନ ମହାନ୍ତି

**ପ୍ରଶ୍ନ- ଓଡ଼ିଶା ବଜାରରେ ଟିସିଏଲ୍ ସାମଗ୍ରୀର ଚାହିଦା କିଭଳି ରହିଛି?**

ଉତ୍ତର- ଟିସିଏଲ୍ ସାମଗ୍ରୀର ଚାହିଦା ଖାଲି ଓଡ଼ିଶା କି ଭାରତ ବଜାରରେ ନୁହେଁ, ସାରା ବିଶ୍ୱରେ ରହିଛି। କମ୍ପାନୀ ଉପଭୋକ୍ତାଙ୍କ ବିଶ୍ୱସନୀୟ ହୋଇପାରିଛି। ଆଜିର ଦିନରେ ଟିସିଏଲ୍‌ର ପ୍ରଡକ୍ଟ ଭାରତ ବଜାରରେ ୪ର୍ଥ ସ୍ଥାନରେ ରହିଥିଲା ବେଳେ ବିଶ୍ୱରେ ଦ୍ୱିତୀୟରେ ରହିଛି। ଓଡ଼ିଶା ବଜାରରେ ଏହାର ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି। ଯେଉଁମାନେ ଟିସିଏଲ୍ ପ୍ରଡକ୍ଟ ବ୍ୟବହାର କରୁଛନ୍ତି ସେମାନେ ହିଁ କହିପାରିବେ ତାହାର ସ୍ୱତନ୍ତ୍ରତା।

**ପ୍ରଶ୍ନ- ଆପଣଙ୍କ କେଉଁ ସାମଗ୍ରୀର ଅଧିକ ଡିମାଣ୍ଡ ରହିଛି ?**

ଉତ୍ତର- ଟିସିଏଲ୍‌ର ବିଭିନ୍ନ ପ୍ରକାରର ପ୍ରଡକ୍ଟ ରହିଛି। ପ୍ରଡକ୍ଟ ଟିଭି ମଡେଲ ସି-୮୨୫ ର ଚାହିଦା ଇଲେକ୍ଟ୍ରୋନିକ୍ସ ବଜାରରେ ଉଦାହରଣ ସୃଷ୍ଟି କରିଛି। ଆକର୍ଷଣୀୟ ଡିଜାଇନିଂ ସାଙ୍ଗକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଫିଚର ଯୋଗୁ ଏହା ଗ୍ରାହକଙ୍କୁ ପସନ୍ଦ ହେଉଛି। ସେହିଭଳି ସି-୭୧୫ ଏବଂ ପି-୭୧୫ ମଡେଲର ଡିମାଣ୍ଡ ମଧ୍ୟ ଭଲ ରହିଛି।

**ପ୍ରଶ୍ନ - ପାର୍ବଣ ପାଇଁ କମ୍ପାନୀ କିଭଳି ପ୍ରସ୍ତୁତି କରିଛି?**

ଉତ୍ତର- ପର୍ବପର୍ବାଣିରେ ଲୋକମାନେ ନୂଆ ସାମଗ୍ରୀ କିଣିବାକୁ ପସନ୍ଦ କରିଥାନ୍ତି। ବିଶେଷକରି ହୋମ୍ ଆପ୍ଲାଏନ୍ସ ଏବଂ ଇଲେକ୍ଟ୍ରୋନିକ୍ସ ପ୍ରଡକ୍ଟଗୁଡ଼ିକର ବିକ୍ରି ସର୍ବାଧିକ ହୋଇଥାଏ। କମ୍ପାନୀ ପାର୍ବଣ ଉପଲକ୍ଷେ ଏକ ସ୍ୱତନ୍ତ୍ର ଅଫର 'ୟୁ ବାଏ-ୱି ପେ' ସହିତ ଶୂନ ପ୍ରତିଶତ ପ୍ରିମିୟମ ରାଶିରେ ମଧ୍ୟ ଆବଶ୍ୟକ ପ୍ରଡକ୍ଟ କ୍ରୟ କରିହେବ। ସେହିଭଳି ବୀମା ସୁବିଧା ସାଙ୍ଗକୁ ନଗଦ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଗ୍ରାହକ ପାଇପାରିବେ।

**ପ୍ରଶ୍ନ-କମ୍ପାନୀର ବଜାର ଅଂଶ କିଭଳି ରହିଛି ?**

ଉତ୍ତର- ଓଡ଼ିଶା ବଜାରରେ କମ୍ପାନୀ ଶେୟାର ଭଲ ରହିଛି। ଆଗାମୀ ଦିନରେ ଆହୁରି ଅଧିକ କାରବାର କରିବାକୁ ଯୋଜନା ରହିଛି। କୋଭିଡ୍ ଯୋଗୁ କାରବାର ମାନ୍ଦା ରହିଥିଲେ ସୁଦ୍ଧା ଗତ ଆର୍ଥିକ ବର୍ଷରେ ପ୍ରାୟ ୪୦ କୋଟିର ବ୍ୟବସାୟ ହୋଇଥିଲା। ଚଳିତବର୍ଷ କମ୍ପାନୀ ପ୍ରାୟ ୫୦ କୋଟିର କାରବାର ପାଇଁ ଆଶା ରଖିଛି। ଓଡ଼ିଶାରେ କମ୍ପାନୀର ୪ରୁ ୫% ବଜାର ଅଂଶ ରହିଥିବା ବେଳେ ଏହାକୁ ବଢ଼ାଇବା ପାଇଁ ଉଦ୍ୟମ ହେଉଛି।

**ପ୍ରଶ୍ନ- ଅବସର ସମୟରେ କ'ଣ କରିବାକୁ ପସନ୍ଦ କରିଥାନ୍ତି?**

ଉତ୍ତର- କର୍ମମୟ ଜୀବନରେ ଅବସର ନ ଥାଏ। ଏହି ଲୋକକଥାକୁ ଗୁରୁଜ୍ଞାନ ଭାବି ଅବସର ସମୟରେ ଅନେକ ପ୍ରକାରର ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାଏ। କିଛି ସାମାଜିକ ଅନୁଷ୍ଠାନ ଓ ସଂଗଠନ ସହ ଜଡ଼ିତ ହୋଇରହିଛି।

**ପ୍ରଶ୍ନ- ଆପଣଙ୍କର ହବି କ'ଣ?**

ଉତ୍ତର - ଯୁବାବସ୍ଥାରେ ବିଭିନ୍ନ ପ୍ରକାରର ଖେଳକୁଦ ସାଙ୍ଗକୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କସରତ ଏବଂ ପୁରୀ ସହରର କଳାକୌଶଳରେ ନିପୁଣ ଥିଲି। ଚାକିରି କରିବା ଓ କାର୍ଯ୍ୟବ୍ୟସ୍ତତା ଯୋଗୁ ସେ ସବୁ ବନ୍ଦ ରହିଛି।

# ବିଗ୍ ବଜାରର ବିଗ୍ ଶପିଂ ଫେଷ୍ଟିଭାଲ

BIG BAZAAR Making India Beautiful

**ନୂଆଦିଲ୍ଲୀ,୩।୧୦:** ବିଗ୍ ବଜାର ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ବିଗ୍ ଶପିଂ ଫେଷ୍ଟିଭାଲ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଉଭୟ ଷ୍ଟୋର ଏବଂ କମ୍ପାନୀର ଇ-କମର୍ସ ସାଇଟ ଶପ୍ ଡଟ୍ ବିଗ୍ ବଜାର ଡଟ୍ କମ୍‌ରେ ଚଳିତ ମାସ ୧୦ ଯାଏ ଏହି ଅଫରର ଲାଭ ଉଠାଇପାରିବେ। ଗ୍ରୋସେରି ସାମଗ୍ରୀ, ରୋଷେଇବାସ ସାମଗ୍ରୀ, ହୋମ୍ ଫର୍ନିଶିଂ, ଇଲେକଟ୍ରୋନିକ୍ସ ଏବଂ ଲଗେଜ ଆଦି ଉପରେ ଆକର୍ଷଣୀୟ ରିହାତି ଏବଂ ସଞ୍ଚୟ ଲାଭ କରିପାରିବେ। ଏଫ୍‌ବିବିର ଟ୍ରେଣ୍ଡି ଏବଂ ପାର୍ବଣକାଳୀନ ସମ୍ଭାର ଷ୍ଟୋର ଏବଂ ଅନ୍‌ଲାଇନରେ ଉପଲବ୍ଧ ରହିଛି। ସେହିଭଳି ପାର୍ବଣକାଳୀନ ଆବଶ୍ୟକତାକୁ ଗ୍ରାହକଙ୍କ ଘରେ ମାତ୍ର ୨ ଘଣ୍ଟାରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ୧୦ ହଜାର ଟଙ୍କାର କିଣାକିଣି ଉପରେ ମାଗଣା ଅଟା, ଡାଲି, ଚାଉଳ, ଘିଅ, ଚିନି ଓ ୧ ହଜାର ଟଙ୍କାର ଫ୍ୟାଶନ ସାମଗ୍ରୀ ଉପଲବ୍ଧ ହେବ।

## ଫୁରସତ୍

# ପରିବେଶୀୟ ସନ୍ତୁଳନ ଅପରିହାର୍ଯ୍ୟ



ପରିବେଶୀୟ ସନ୍ତୁଳନ ପାଇଁ ପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଅପରିହାର୍ଯ୍ୟ। ମୁଖ୍ୟତଃ ଜଙ୍ଗଲରେ ରହୁଥିବା ପ୍ରାଣୀଙ୍କ ଯୋଗୁ ଜୈବ ବିବିଧତା ବଜାୟ ରହିଥାଏ। ଜଙ୍ଗଲ ବିନା ଜଳବାୟୁ ପରିବର୍ତ୍ତନର ଆଶଙ୍କା ଅଧିକ। ତେବେ ପୃଥିବୀର ସ୍ଥାୟିତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବସ୍ତ୍ୟ ହେଉଥିବା ପ୍ରାଣୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ଅକ୍ଟୋବର ୪ରେ ବିଶ୍ୱ ପ୍ରାଣୀ ଦିବସ ପାଳନ କରାଯାଇଥାଏ। ଏନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ଲାଗି ୧୯୨୫ ମାର୍ଚ୍ଚ ୨୪ରେ ଜର୍ମାନୀର ବର୍ଲିନରେ ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୨୯ରେ ଏହାକୁ ଅକ୍ଟୋବର ୪କୁ ଘୁଞ୍ଚା ଯାଇଥିଲା। ପରେ ୧୯୩୧ ମେ'ରେ ଇଟାଲୀର ଫ୍ଲୋରେନ୍ସରେ ଅନୁଷ୍ଠିତ ହେଉଥିବା ଅନ୍ତର୍ଜାତୀୟ ଆନିମଲ କଂଗ୍ରେସରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏନେଇ ୨୦୦୬ ଅକ୍ଟୋବର ୨୭ରେ ପୋଲାଣ୍ଡ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ତେବେ ୨୦୦୭ଠାରୁ ପ୍ରତିବର୍ଷ ଏହି ଦିବସକୁ ଅକ୍ଟୋବର-୪ରେ ବିଶ୍ୱସ୍ତରରେ ପାଳନ କରାଯାଉଛି। ଲଗାତର ଜଙ୍ଗଲ କଟାଯୋଗୁ ବାସସ୍ଥଳ ଅଭାବରୁ ବହୁ ପ୍ରଜାତିର ପ୍ରାଣୀ ଲୋପ ପାଇବାର ଆଶଙ୍କା ବଢ଼ିଲାଣି। ୨୦୦୩ରେ ନେଚର ୱାଚ୍ ଫାଉଣ୍ଡେଶନ ପକ୍ଷରୁ ପ୍ରଥମେ ବିଶ୍ୱ ପ୍ରାଣୀ ଦିବସ ୱେବ୍‌ସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା। ପ୍ରାଣୀଙ୍କ ବିକାଶ ଲକ୍ଷ୍ୟ ନେଇ ଏହା ମାଧ୍ୟମରେ ବିଭିନ୍ନ ବିଶ୍ୱସ୍ତରୀୟ ସଂସ୍ଥା ସହିତ ଯୋଗାଯୋଗକୁ ଗୁରୁତ୍ୱାରୋପ କରାଯାଇଥିଲା। ୨୦୦୭ରେ ଏନେଇ ବିଶ୍ୱସ୍ତରୀୟ ଭଲ୍ୟୁଣ୍ଟାରି ଆମ୍ବାସାଡର ପ୍ରୋଗ୍ରାମ ମଧ୍ୟ ଆରମ୍ଭ ହୋଇଥିଲା।

## ଆଜି ବିଶ୍ୱ ପ୍ରାଣୀ ଦିବସ

# ୨ ହାତର ଓଜନ ୫ କେଜି



**ରାଞ୍ଚି:** ଥରେ ଚିନ୍ତା କଲେ ଦୁଇ ହାତର ଓଜନ ଯଦି ୫ କେଜିରୁ ଅଧିକ ତେବେ ଦୈନନ୍ଦିନ କାମ କେମିତି କରିବେ? କିନ୍ତୁ ଏମିତି ଦେଖିବାକୁ ମିଳିଛି ୧୨ ବର୍ଷୀୟ କଲିମଙ୍କଠାରେ। ତାଙ୍କ ଦୁଇ ହାତ ଓଜନ ୫ କେଜି। ସେ ସେଥିରେ କଷ୍ଟେମଷ୍ଟେ କାମ କରୁଛନ୍ତି। ଝାଡ଼ଖଣ୍ଡର ବୋକାରୋ ସହରରେ ରହୁଥିବା ମହମ୍ମଦ କଲିମଙ୍କ ହାତ ପିଲାଦିନରୁ ଅଲଗା ଥିଲା। ପରିବାର ଲୋକେ ଏ ବିଷୟରେ କିଛି ଜାଣି ପାରୁ ନ ଥିଲେ। ପରେ ଚିକିତ୍ସା ପାଇଁ ଚେଷ୍ଟା କରିଥିଲେ। ମାତ୍ର କିଛି ଫରକ ପଡ଼ିଲା ନାହିଁ। କଲିମଙ୍କ ପିତା ମହମ୍ମଦ ଶମିମ ପେଣ୍ଟିଂ କରନ୍ତି। ମା' ଗୃହିଣୀ ଅଟନ୍ତି। କଲିମଙ୍କର ଜଣେ ଭଉଣୀ ଏବଂ ଛୋଟ ଭାଇ ଅଛନ୍ତି। କଲିମଙ୍କ ହାତରେ ଅସୁବିଧା ହେଉଥିବାରୁ ସେ ଠିକ୍‌ରେ ଫୋନ ଚଲାଇ ପାରନ୍ତି ନାହିଁ। କଲିମ ତାଙ୍କ କକାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓ ଦେଖିବା ପରେ ଲୋକଙ୍କ ନକାରାତ୍ମକ କମେଣ୍ଟକୁ ନେଇ କଲିମ କୁହନ୍ତି, ଆଗରୁ ତାଙ୍କୁ ଏହିସବୁ କଥା ଖରାପ ଲାଗୁଥିଲା। ଏବେ କିଛି ଫରକ ପଡୁନି। ପିଲାମାନେ ବି ତାଙ୍କ ସହ ଧିରେ ଧିରେ ମିଶିଲେଣି। ସେ କୁହନ୍ତି, ମୁଁ ଡ୍ରେସ୍ ପିନ୍ଧିପାରେ। ବାକି କାମ ମା' କରନ୍ତି। ତାଙ୍କ ହାତର ଚିକିତ୍ସା ପାଇଁ ଅନେକ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ କୌଣସି ସୁଧାର ଆସିନାହିଁ। ଭବିଷ୍ୟତକୁ ନେଇ କଲିମ କୁହନ୍ତି, ମୁଁ ଅଷ୍ଟମ ପର୍ଯ୍ୟନ୍ତ ପଢ଼ିଛି। ଆଉ ଅଧିକ ପଢ଼ିନାହିଁ। ଏବେ ସୋସିଆଲ ମିଡିଆରେ କିଛି କରିବାକୁ ଚାହୁଁଛି। ଯାହାଦ୍ୱାରା ଲୋକଙ୍କ ମନୋରଞ୍ଜନ କରିପାରିବି।



# ୫ ବର୍ଷ ତିଷ୍ଠି ଥିଲା ସୋନାକ୍ଷୀଙ୍କ ପ୍ରଥମ ପ୍ରେମ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ତାଙ୍କ ପ୍ରେମ ଏବଂ ବ୍ରେକ୍‌ଅପ ବିଷୟରେ ନୂଆ କଥା ସମସ୍ତଙ୍କ ସାମ୍ନାକୁ ଆଣିଛନ୍ତି। ଏକ ସାକ୍ଷାତକାରରେ ସେ ତାଙ୍କ ପ୍ରେମ ସମ୍ପର୍କ ବିଷୟରେ ଖୋଲାଖୋଲି କହିଛନ୍ତି। ସୋନାକ୍ଷୀ କହିଛନ୍ତି ଯେ, ତାଙ୍କର ପ୍ରଥମ ପ୍ରେମ ସମ୍ପର୍କ ବେଶ ଗମ୍ଭୀର ଥିଲା। ତେବେ ତାହା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ସେ କହିଛନ୍ତି ଯେ ସ୍କୁଲ ସମୟରେ ମଧ୍ୟସେ ପ୍ରେମରେ ପଡ଼ିଥିଲେ କିନ୍ତୁ ସେ ସେତେ ସିରିୟସ୍ ନ ଥିଲେ ଏବଂ ପ୍ରେମିକଙ୍କ ସହିତ ବ୍ରେକଅପ୍ ଶୀଘ୍ର ହୋଇଥିଲା। ସ୍କୁଲ ପରେ ସେ ପ୍ରେମକୁ ଗମ୍ଭୀରତାର ସହ ନେଇଥିଲେ। ସୋନାକ୍ଷୀ ଅଭିନେତା ଶତ୍ରୁଘ୍ନ ସିହ୍ନା ଏବଂ ପୁନମ ସିହ୍ନାଙ୍କ ଝିଅ। ସେ ୨୧ ବର୍ଷ ବୟସରେ ସେ ସତସତିକା ପ୍ରେମରେ ପଡ଼ିଥିଲେ। ସ୍କୁଲରେ ଥିବାବେଳେ ସେ ଜଣଙ୍କୁ ମନ ଦେଇଥିଲେ ହେଁ କଲେଜବେଳେ ତାଙ୍କୁ 'ଓକେ ବାଏ' କହିଥିଲି। ସବୁ ସମ୍ପର୍କରୁ କିଛି ଶିଖିବା ଏବଂ ଆଗକୁ ବଢ଼ିବା ଜରୁରୀ। ପ୍ରତ୍ୟେକ ବ୍ୟକ୍ତି ଅଲଗା, ତାଙ୍କର ବ୍ୟକ୍ତିତ୍ୱ ଅଲଗା। ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜିବା ଉଚିତ ଯିଏ ତୁମକୁ ସହି ପାରିବ । ସେ କହିଛନ୍ତି ମୁଁ ଅନେକ ଜିନିଷ ଶିଖିଛି। ମୁଁ ବହୁତ ଛୋଟ ଥିଲି। ବଡ଼ ହେଉ ହେଉ ସବୁକିଛି ଶିଖିବା ଆରମ୍ଭ କଲି। ସୋନାକ୍ଷୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ତାଙ୍କ ପିତାମାତା ତାଙ୍କ ପାଇଁ ପୁଅ ଖୋଜି ପାରିବେ ନାହିଁ। ସେ କହିଛନ୍ତି, ଯଦି ସେ ବାପାମା'ଙ୍କ ଉପରେ ଏହା ଛାଡ଼ିଦିଅନ୍ତି, ତେବେ ସେ କୁଆଁରୀ ରହିଯିବେ। ସୋନାକ୍ଷୀ କହିଛନ୍ତି ଯେ, ତାଙ୍କ ମା' ତାଙ୍କୁ ବିବାହ ବିଷୟରେ ଅନେକ ସମୟରେ ପଚାରନ୍ତି। ସେ କହିଛନ୍ତି ଯେ ପିତାମାତା ଜାଣନ୍ତି, ଯେତେବେଳେ ମୁଁ ବିବାହ ପାଇଁ ପ୍ରସ୍ତୁତ ହେବି, ମୁଁ ତାହା କରିବି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ୱବ୍ରହ୍ମାନନ୍ଦ ଆଚାର୍ଯ୍ୟ**
୨୩-ମନୋରମା ଇଷ୍ଟେଟ୍, ରସୁଲଗଡ଼
ଆବିର୍ଭାବ-୧୦।୦୯।୧୯୩୭
ତିରୋଧାନ- ୧୬।୦୯।୨୦୨୦
ବାପା, ତୁମେ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଏବେବି ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସଂଘର୍ଷମୟ ଜୀବନରେ ଅସୀମ ତ୍ୟାଗ, ପରୋପକାରିତା, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠତା ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଗଲା। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ ସମସ୍ତ ଆଚାର୍ଯ୍ୟ ପରିବାର**
ଧ-୨୧୮୪୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ୱବସନ୍ତ କୁମାର ବେଉରା**
ଆବିର୍ଭାବ: ୨୩।୦୧।୧୯୫୭
ତିରୋଧାନ: ୧୫।୧୦।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଅନୁରୋଧ ।
ଶୋକସନ୍ତପ୍ତ: ପତ୍ନୀ: ବିନି, ଝିଅ: ଲିଜା, ସିଲା, ଜାମାତା: ଅମୀୟ ।
ଧ-୨୧୮୧୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଜଟାଧାରୀ ସେଠୀ**
ମୂଳଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୧୬।୦୬।୧୯୩୬
ସ୍ୱର୍ଗାରୋହଣ: ୧୫।୦୯।୨୦୨୦
ପିତା ଧର୍ମ ପିତା ସ୍ୱର୍ଗ ପିତା ହି ପରମଂ ତପଃ
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ।
ବାପା, ସାଂସାରିକ ମୋହର ଘନ ଅନ୍ଧକାରକୁ ହଟାଇ ତୁମେ ବରିନେଲ ଜୀବନର ପରମ ଓ ଚିରନ୍ତନ ସତ୍ୟକୁ। ଜୀବନବ୍ୟାପୀ ସତ୍‌ମାର୍ଗରେ ଚାଲିବା ପାଇଁ ତୁମେ ଛାତ୍ରଛାତ୍ରୀ ତଥା ଆମ୍ଭମାନଙ୍କୁ ପ୍ରେରିତ କରୁଥିଲ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଖେ ଆମେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ତଥା ଛାତ୍ରଛାତ୍ରୀମାନେ।
ଧ-୭୦୯୭୦

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱକାର୍ତ୍ତିକ ଚନ୍ଦ୍ର ଦାସ**
ପାଟଣା, ୪୨ ମୌଜା, କଟକ
ଆବିର୍ଭାବ: ୦୭।୧୧।୧୯୩୮
ତିରୋଧାନ:୨୪।୦୯।୨୦୨୧
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠାପରତା ଆମ ଜୀବନର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଶୁଭେଚ୍ଛୁବୃନ୍ଦ ।
ଧ-୨୧୮୪୧

# ଦିବାରାତ୍ର ମହିଳା ଟେଷ୍ଟ ଅମୀମାଂସିତ

**ଗୋଲ୍ଡକୋଷ୍ଟ, ୩।୧୦**

ସ୍ଥାନୀୟ କାରାରା ଓଭାଲ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଅନୁଷ୍ଠିତ ମହିଳା ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଦୁଇଦିନ ଖରାପ ପାଗ ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଏହି ଏକମାତ୍ର ଟେଷ୍ଟ ମ୍ୟାଚ୍ ଡ୍ର ହୋଇଥିଲେ ମଧ୍ୟ ଭାରତ ଅଷ୍ଟ୍ରେଲିଆ ଉପରେ ଆଧିପତ୍ୟ ବିସ୍ତାର କରିଥିଲା ଓ ଏହା ଭାରତ ପାଇଁ ଏକ ମନସ୍ତାତ୍ତ୍ୱିକ ବିଜୟ ସାବ୍ୟସ୍ତ ହୋଇଛି। ଭାରତ ପାଇଁ ପ୍ରଥମ ଇନିଂସରେ ଐତିହାସିକ ଶତକ ହାସଲ କରିଥିବା ମାନ୍ଧନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଦୁଇ ଦେଶ ମଧ୍ୟରେ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳାଯାଇଥିଲା। ଦୀର୍ଘ ୧୫ ବର୍ଷ ପରେ ଦୁଇ ଦେଶ ମଧ୍ୟରେ ମହିଳା ଟେଷ୍ଟ ଖେଳାଯାଇଥିଲା।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ଓପନର ସ୍ମୃତି ମାନ୍ଧନାଙ୍କ ଶତକ (୧୨୭ ରନ, ୨୧୬ ବଲ, ୨୨ ଚୌକା, ୧ ଛକା) ସହାୟତାରେ ୧୪୫ ଓଭରରେ ୮ ଉଇକେଟ ହରାଇ ୩୭୭ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୯୬.୪ ଓଭରରେ ୯ ଉଇକେଟ ହରାଇ ୨୪୧ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ଭାରତ ୧୩୬ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ୩୭ ଓଭରରେ ୩ ଉଇକେଟ ହରାଇ ୧୩୫ ରନକରି ପୁଣି ଥରେ ଇନିଂସ ଘୋଷଣା କରିଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୭୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ମ୍ୟାଚ୍ ଶେଷ ହେବା ବେଳକୁ ୧୫ ଓଭରରେ ୨ ଉଇକେଟ ହରାଇ ୩୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ଅଲିସା ହିଲି ୬ ଓ ବେଥ ମୁନୀ ୧୧ ରନ କରି ଯଥାକ୍ରମେ ଝୁଲଣ ଗୋସ୍ୱାମୀ ଓ ପୂଜା ବସ୍ତ୍ରକାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟିକା ମେଗ ଲାନିଂ ୧୭ ଓ ଏଲିସ ପେରୀ ୧ ରନକରି ଅପରାଜିତ ରହିଥିଲେ।


ମ୍ୟାଚ୍ ପରେ ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଖେଳାଳିମାନେ।

## ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଆଧିପତ୍ୟ

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୩/୪ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରିଥିଲା। ଓଭର ନାଇଟ ବ୍ୟାଟର ଏଲିସ ପେରୀ ୨୭ ଓ ଆଶଲେ ଗାର୍ଡନର ୧୩ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ଅପରାଜିତ ୬୮ ଓ ୫୧ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାହିଲ ମ୍ୟାକଗ୍ରାଥ ୨୮, ଓପନର ଆଶଲେ ହିଲି ୨୯, ଲାନିଂ ୩୮ ରନକରି ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ପୂଜା ବସ୍ତ୍ରକାର ୩, ଝୁଲଣ ଗୋସ୍ୱାମୀ, ମେଘନା ସିଂ, ଦୀପ୍ତି ଶର୍ମା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହାପରେ ଦ୍ୱିତୀୟ ଇନିଂସରେ ଭାରତ ତରଫରୁ ଓପନର ଶେଫାଳୀ ବର୍ମା ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ମାନ୍ଧନା ୩୧ ରନକରି ଆଉଟ ହୋଇଥିଲେ। ୟସ୍ତିକା ଭାଟିଆ ୩ ରନକରି ଆଉଟ ହୋଇଥିବା ବେଳେ ପୁନମ ରାଉତ ୪୧ ଓ ଦୀପ୍ତି ଶର୍ମା ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ସୋଫି ମୋଲିନେକ୍ସ, ଗାର୍ଡନର ଓ ଜର୍ଜଆ ୱାରହାମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୪୫ ଓଭରରେ ୩୭୭/୮ ଇନିଂସ ଘୋଷଣା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୯୬.୪ ଓଭରରେ ୨୪୧/୯ ଇନିଂସ ଘୋଷଣା (ଏଲିସ ପେରୀ- ୬୮, ଗାର୍ଡନର- ୫୧, ଝୁଲଣ- ୨/୩୩, ବସ୍ତ୍ରକାର- ୩/୪୯)। ଭାରତ ଦ୍ୱିତୀୟ ଇନିଂସ- ୩୭ ଓଭରରେ ୧୩୫/୩ ଇନିଂସ ଘୋଷଣା (ଶେଫାଳୀ- ୫୨, ଗାର୍ଡନର- ୧/୨୧, ସୋଫି- ୧/୨୩)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୧୫ ଓଭରରେ ୩୬/୨।

## ଓଏ, ଓଏଏର ବାର୍ଷିକ ସାଧାରଣ ବୈଠକ

**ଭୁବନେଶ୍ୱର,୩।୧୦ (ସ୍ପୋର୍ଟ୍ସବ୍ୟୁରୋ)**

(ଓସିଏ) କନଫରେନ୍ସ ହଲ୍‌ରେ ରବିବାର ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଏ)ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ଆଥଲେଟିକ ଆସୋସିଏସନ ଓ ଷ୍ଟେଟ ସ୍ପୋର୍ଟ୍ସ ଆସୋସିଏଶନର ସମସ୍ତ ସଦସ୍ୟ, ସମ୍ପାଦକ ଓ ପଦାଧିକାରୀମାନେ ଯୋଗ ଦେଇଥିଲେ। ସମ୍ପାଦକଙ୍କ ବାର୍ଷିକ ରିପୋର୍ଟ ଓ ଅଡିଟ୍ ଷ୍ଟେଟମେଣ୍ଟ ଗୃହିତ ହୋଇଥିଲା।୨୦୨୧-୨୨ ବର୍ଷ ପାଇଁ ୪, ୫୫, ୬୭, ୧୮୮ ଟଙ୍କାର ବଜେଟ ଗୃହିତ ହୋଇଥିଲା। ସେହିପରି ଓଡ଼ିଶା ଆଥଲେଟିକ ଆସୋସିଏସନ (ଓଏଏ)ର ମଧ୍ୟ ବାର୍ଷିକ ସାଧାରଣ ବୈଠକ ମଧ୍ୟ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଓଏଏ ସମ୍ପାଦକ ସମ୍ପାଦକ ଅଶୀର୍ବାଦ ବେହେରା ଓ ଜିଲା ଆଥଲେଟିକ ଆସୋସିଏଶନର ଅନ୍ୟ ସଦସ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ୨୦୨୧-୨୨ ପାଇଁ ୪୫,୦୦୦୦୦ ଟଙ୍କାର ବଜେଟ ଗୃହିତ ହୋଇଥିଲା।

## ସଂକ୍ଷେପରେ

### କାମେରନ ନୋରି-କାସ୍ପର ରୁଡ୍ ଫାଇନାଲ

**ସାନ୍ ଡିଏଗୋ, ୩।୧୦(ଏପି):** ଉଦ୍‌ଘାଟନୀ ସାନ୍ ଡିଏଗୋ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ କାମେରନ ନୋରି ଓ କାସ୍ପର ରୁଡ୍‌ଙ୍କ ମଧ୍ୟରେ ଖେଳାଯିବ। ନୋରି ଏକ ସେମିଫାଇନାଲରେ ଟପ୍ ସିଡ୍ ଆନ୍ଦ୍ରେ ରୁବ୍ଲେଭଙ୍କୁ ୩-୬, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ୨୬ବର୍ଷୀୟ ବ୍ରିଟିଶ ଖେଳାଳି ନୋରି ଚଳିତବର୍ଷ ତାଙ୍କ ପ୍ରଥମ ଏଟିପି ଟୁର୍ ଟାଇଟଲ ଆକାପୁଲ୍‌କୋଠାରେ ଜିତିଥିଲେ। ଫାଇନାଲରେ ସେ ଦ୍ୱିତୀୟ ସିଡ୍ ତଥା ନରୱେର କାସ୍ପର ରୁଡ୍‌ଙ୍କୁ ଭେଟିବେ। ବିଶ୍ୱ ୧୦ ନମ୍ବର ର୍‌ୟାଙ୍କିଂପ୍ରାପ୍ତ ରୁଡ୍ ଅନ୍ୟ ସେମିଫାଇନାଲରେ ବୁଲ୍‌ଗେରିଆର ୨୯ନମ୍ବର ଖେଳାଳି ଗ୍ରିଗୋର ଦିମିତ୍ରିଭଙ୍କୁ ୬-୪, ୪-୬, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସୂଚନାଯୋଗ୍ୟ, ରୁଡ୍ ଗୁରୁବାର ରାତିରେ ବିଶ୍ୱର ପୂର୍ବତନ ନମ୍ବର ୱାନ ତଥା ୩ ଥର ଗ୍ରାଣ୍ଡସ୍ଲାମ ବିଜେତା ଆଣ୍ଡି ମୁରେଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ।

### ଭାରତକୁ ଭାରତରେ ପରାସ୍ତ କରିବା ବଡ଼ ଚ୍ୟାଲେଞ୍ଜ: କନ୍‌ୱେ

**ଖ୍ରିଷ୍ଟଚର୍ଚ୍ଚ, ୩।୧୦(ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ତୁଳନାରେ ଭାରତକୁ ଭାରତରେ ପରାସ୍ତ କରିବା କଷ୍ଟକର ବୋଲି ନ୍ୟୁଜିଲାଣ୍ଡ ବ୍ୟାଟର ଡେଭନ କନ୍‌ୱେ ପ୍ରକାଶ କରିଛନ୍ତି। ଟି୨୦ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ନଭେମ୍ବରରେ ଭାରତ ଟୁର୍‌ରେ ଆସି ୩ ଅନ୍ତର୍ଜାତୀୟ ଟି୨୦ ଏବଂ ଦୁଇ ଟେଷ୍ଟ ମ୍ୟାଚ ଖେଳିବ। କନ୍‌ୱେଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସେ କିଛିଦିନ ଦୂରେଇ ରହିବା ପରେ ପୁଣି ଖେଳକୁ ଫେରିଛନ୍ତି। ଭାରତରେ ଟେଷ୍ଟ ମ୍ୟାଚ ଜିତିବା ତାଙ୍କ ଦଳର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଉପମହାଦେଶକୁ ଟୁର୍ ବେଳେ ସ୍ପିନ୍‌କୁ ସୁହାଉଥିବା କଣ୍ଡିଶନରେ ଖାପ ଖୁଆଇ ଖେଳିବାକୁ ହେଲେ ବ୍ୟାଟରମାନଙ୍କୁ ମାନସିକ ସ୍ତରରେ ଦୃଢ଼ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଯଥାସମ୍ଭବ ଅଧିକ ରନ ସଂଗ୍ରହ କରିବା ଉପରେ ଧ୍ୟାନ ନ ଦେଲେ ତୁମେ ଭଲ ସ୍ଥିତିରେ ରହିପାରିବ ନାହିଁ। ଭାରତ ଟୁର୍ କରିବା ପୂର୍ବରୁ ନ୍ୟୁଜିଲାଣ୍ଡ ୟୁଏଇରେ ଟି୨୦ ବିଶ୍ୱକପ୍ ଜିତିବାକୁ ଚେଷ୍ଟା କରିବ। ଦଳର ଟପ୍ ଅର୍ଡର ବ୍ୟାଟିଂ ମାର୍ଟିନ ଗୁପ୍‌ଟିଲ୍ ଓ ଟିମ୍ ସିଫର୍ଟ ରହିବେ। ମାଷ୍ଟର କେନ୍ ୱିଲିୟମସନ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିବେ। ତାଙ୍କୁ ୪ ନମ୍ବର ସ୍ଥାନରେ ସୁଯୋଗ ମିଳିଲେ ଠିକ୍ ରହିବ ବୋଲି କନ୍‌ୱେ କହିଛନ୍ତି।

### ସାବାଲେଙ୍କାଙ୍କୁ କରୋନା

**ଇଣ୍ଡିଆନ ୱେଲ୍ସ, ୩।୧୦ (ଏପି):** କୋଭିଡ୍ ଟେଷ୍ଟରେ ଦ୍ୱିତୀୟ ର୍‌ୟାଙ୍କିଂପ୍ରାପ୍ତ ଆରିନା ସାବାଲେଙ୍କାଙ୍କର ପଜିଟିଭ ଆସିଛି। ଫଳରେ ସେ ବିଏନ୍‌ପି ପାରିବାସ୍ ଓପନ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଇଣ୍ଡିଆନ ୱେଲ୍ସରେ ଅକ୍ଟୋବର ୪ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟରେ ବେଲାରୁଷର ଏହି ଖେଳାଳି ଟପ୍ ସିଡ୍ ମାନ୍ୟତା ଲାଭ କରିଛନ୍ତି। ପୂର୍ବରୁ ବିଶ୍ୱର ନମ୍ବର ୱାନ ର୍‌ୟାଙ୍କିଂ ୱିମ୍ବେଲଡନ ଚାମ୍ପିୟନ ଆସ୍‌ଲେ ବାର୍ଟି ବିଶ୍ରାମ ନେବା ଉଦ୍ଦେଶ୍ୟରେ ପ୍ରତିଯୋଗିତାରୁ ଓହରିଯାଇଥିଲେ। ସେପ୍ଟେମ୍ବର ୧୦ରେ ୟୁ.ଏସ୍. ଓପନ ସେମିଫାଇନାଲରେ ଲେଲା ଫର୍ନାଣ୍ଡିଜଙ୍କଠାରୁ ପରାସ୍ତ ହେବାପରେ ସାବାଲେଙ୍କା ପ୍ରଥମଥର ଏକ ପ୍ରତିଯୋଗିତାମୂଳକ ଇଭେଣ୍ଟରେ ଭାଗ ନେଇଥାନ୍ତେ। ଇଣ୍ଡିଆନ୍ ୱେଲ୍ସ ପ୍ରତିଯୋଗିତାରୁ ଓହରିବାରେ ସେ ହେଉଛନ୍ତି ସଦ୍ୟତମ ଖେଳାଳି। ପୂର୍ବରୁ ମହିଳା ବିଭାଗରେ ବାର୍ଟିଙ୍କ ସମେତ ନାଓମି ଓସାକା ଓ ସେରେନା ୱିଲିୟମ୍ସ ଏବଂ ପୁରୁଷ ବିଭାଗ ଟୁର୍ଣ୍ଣାମେଣ୍ଟରୁ ନୋଭାକ୍ ଜୋକୋଭିଚ୍ ଓହରିଯାଇଛନ୍ତି। ସୂଚନାଯୋଗ୍ୟ, ସାଧାରଣତଃ ଭାବେ ବିଏନ୍‌ପି ପାରିବାସ ଓପନ ମାର୍ଚ୍ଚ ମାସରେ ଖେଳାଯାଇଥାଏ। ମାତ୍ର କରୋନା ମହାମାରୀ ଯୋଗୁ ପ୍ରତିଯୋଗିତାକୁ ଘୁଞ୍ଚାଇ ଦିଆଯାଇଥିଲା।

# ସ୍କେଟିଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ


କଟକ ଜିଲାର ସ୍କେଟିଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଏକ କାର୍ଯ୍ୟକ୍ରମ।

**ଭୁବନେଶ୍ୱର,୩।୧୦**

ହାଇକୋର୍ଟ ନିକଟସ୍ଥ ଶିଶୁଭବନ କଲୋନୀ କ୍ୟାମ୍ପସଠାରେ କଟକ ଜିଲାର ପ୍ରଥମ ସ୍କେଟିଂ ଟ୍ରେନିଂ ସେଣ୍ଟର ରବିବାର ଉଦ୍‌ଘାଟିତ ହୋଇଛି। କଟକ ଜିଲା ରୋଲର ସ୍କେଟିଂ ଆସୋସିଏଶନର ଏହି ସେଣ୍ଟରକୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ୱାର୍ଲ୍ଡ ଆଥଲେଟ୍ସ, ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଟେକ୍‌ନିକାଲ ଅଫିସର ପ୍ରବୋଧ କୁମାର ମହାନ୍ତି, ଓଡ଼ିଶା ରଣଜୀ ଖେଳାଳି ସୌରଭ ସେହଗଲ ଓ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥୀ ଜେନା ଉପସ୍ଥିତ ଥିଲେ। ଏହି ସ୍କେଟିଂ ସେଣ୍ଟର କଟକରେ ସ୍କେଟିଂ କ୍ରୀଡ଼ାର ଉନ୍ନତି କରିବା ସହ ଏହାକୁ ନୂଆ ରୂପ ଦେବାରେ ସହାୟକ ହେବ ବୋଲି କଟକ ଜିଲା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ମହମ୍ମଦ ସମିମ ଖାନ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ସ୍କେଟିଂ ଏକାଡେମୀ ଏହି ସ୍କେଟିଂ ସେଣ୍ଟର ପରିଚାଳନା ସହ ଦେଖାଶୁଣା କରିବ।

ସମିମ ଏହି ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରିଥିଲେ। ଆସୋସିଏସନର ସଦସ୍ୟ ଶୋମେନ ଲେଙ୍କା, ବିଶ୍ୱଜିତ ଜେନା, ସାଗିର ଖାଁ, ମଳୟ ଦାସ, ସୁଶାନ୍ତ କୁମାର ସାହୁ, କ୍ରିତକାନ୍ତ ବିଶ୍ୱାଳ ଓ ପ୍ରମିଳ ଦୋଶୀ ତାଙ୍କୁ ଏଥିରେ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ପାଖାପାଖି ୪୦ ଛାତ୍ର ସେମାନଙ୍କ ସ୍କେଟିଂ କୌଶଳ ପ୍ରଦର୍ଶନ କରିଥିଲେ।

# ଭାରତ ଆଜି ବାଂଲାଦେଶକୁ ଭେଟିବ

**ମାଲେ, ୩।୧୦ (ପି.ଟି.)**

ସୋମବାର ବାଂଲାଦେଶ ସହ ମୁକାବିଲା କରି ଭାରତ ଏଠାରେ ସାଫ୍ (ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ତା'ର ଅଭିଯାନ ଆରମ୍ଭ କରିବ। ଟୁର୍ଣ୍ଣାମେଣ୍ଟର ୧୨ଟି ସଂସ୍କରଣ ମଧ୍ୟରୁ ଭାରତ ୭ଥର ଚାମ୍ପିୟନ ହୋଇପାରିଛି। ତେବେ ବାଂଲାଦେଶ ବିପକ୍ଷ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ସୁନିଲ ଛେତ୍ରୀ କହିଛନ୍ତି। କୋଲକାତାରେ ଅନୁଷ୍ଠିତ ୨୦୨୨ ବିଶ୍ୱକପ୍ କ୍ୱାଲିଫାୟର୍ସର ପ୍ରଥମ ଲେଗ୍ ମ୍ୟାଚରେ ଭାରତ ବିଳମ୍ବରେ ଏକ ଗୋଲ ସ୍କୋର କରି ମ୍ୟାଚକୁ ୧-୧ରେ ଡ୍ର ରଖିଥିଲା। ଅବଶ୍ୟ ବ୍ଲୁ ଟାଇଗର୍ସ ଦଳ ଦ୍ୱିତୀୟ ଲେଗ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ୫ଟି ଦଳକୁ ନେଇ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ନେପାଳ ଓ ବାଂଲାଦେଶ ଯଥାକ୍ରମେ ମାଳଦ୍ୱୀପ ଓ ଶ୍ରୀଲଙ୍କା ବିପକ୍ଷରେ ସମାନ ୧-୦ ଗୋଲରେ ବିଜୟ ଲାଭ କରିଛନ୍ତି। ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ କହିଛନ୍ତି, ଆସନ୍ତାବର୍ଷ ଫେବୃୟାରୀରେ ୨୦୨୩ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ ତୃତୀୟ ରାଉଣ୍ଡ ପୂର୍ବରୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଲାଗି ଖେଳାଳିମାନଙ୍କ ପାଇଁ ଏହା ହେଉଛି ଅନ୍ତିମ ସୁଯୋଗ। ଆମେ ନିଜକୁ ଟୁର୍ଣ୍ଣାମେଣ୍ଟ ଫେଭରାଇଟ୍ ବୋଲି କହିବାକୁ ଚାହୁଁନା ବରଂ ଆମକୁ ତାହା ପ୍ରମାଣ କରି ଦେଖାଇବାକୁ ପଡ଼ିବ।

# ପଦକ ତାଲିକା ଶୀର୍ଷରେ ଭାରତ

**ଲିମା, ୩।୧୦ (ପି.ଟି.):** ଅଲିମ୍ପିଆନ ମନୁ ଭାକରଙ୍କ ଉଦ୍ୟମରେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ଭାରତ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ର ପଦକ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛି। ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ୬ଟି ସ୍ୱର୍ଣ୍ଣ ପଦକ ପାଇଁ ହୋଇଥିବା ପ୍ରତିଯୋଗିତାରୁ ଭାରତ ୪ଟି ଅକ୍ତିଆର କରିବାରେ ସମର୍ଥ ହୋଇଛି। ଭାରତ ୧୦ମିଟର ଏୟାର ପିସ୍ତଲ ପଦକ ଇଭେଣ୍ଟ ଗୁଡ଼ିକରେ ବିଜୟ ଲାଭ କରିଛି। ତନ୍ମଧ୍ୟରେ ମିକ୍ସଡ, ମହିଳା ଓ ପୁରୁଷ ଟିମ୍ ପ୍ରତିଯୋଗିତା ରହିଛି। ୧୦ମିଟର ଏୟାର ପିସ୍ତଲ ପୁରୁଷ ଦଳ ମଧ୍ୟ ସ୍ୱର୍ଣ୍ଣ ଜିତିଛି। ଫଳରେ ତୃତୀୟ ଦିବସ ସୁଦ୍ଧା ଭାରତ ମୋଟ ୬ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ପଦକ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ୪ ସ୍ୱର୍ଣ୍ଣ, ୪ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ରହିଛି। ୧୯ ବର୍ଷୀୟା ଭାକର ଚଳିତ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ ପଦକ ହାତେଇବାରେ ସମର୍ଥ ହୋଇପାରିଛନ୍ତି। ସରବଜୋତ ସିଂଙ୍କ ପାର୍ଟନର ହୋଇ ସେ ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେହିପରି ରିଦିମ ସାଙ୍ଗୱାନ ଓ ଶିଖା ନରୱାଲଙ୍କ ସହିତ ସେ ୧୦ ମିଟର ଏୟାର ପିସ୍ତଲ ମହିଳା ଟିମ୍ ଇଭେଣ୍ଟ ଜିତିଥିଲେ। ସ୍ୱର୍ଣ୍ଣ ପଦକ ମ୍ୟାଚରେ ସେମାନେ ବେଲାରୁଷକୁ ୧୬-୧୨ରେ ହରାଇ ଦେଇଥିଲେ। ନବୀନ, ସରବଜୋତ ସିଂ ଓ ଶିବ ନରୱାଲଙ୍କୁ ନେଇ ଭାରତୀୟ ପୁରୁଷ ୟାର ପିସ୍ତଲ ଟିମ୍ ଦଳ ବେଲାରୁଷକୁ ୧୬-୧୪ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଦିନର ଆରମ୍ଭରେ ଜୁନିୟର ପୁରୁଷ ୧୦ ମିଟର ଏୟାର ପିସ୍ତଲ ଦଳ ମଧ୍ୟ ସ୍ୱର୍ଣ୍ଣ ହାସଲ କରିଥିଲା।

# ଶ୍ରେଷ୍ଠ-୨ ସ୍ଥାନ ପାଇଁ ଚେନ୍ନାଇ-ଦିଲ୍ଲୀ ମୁକାବିଲା

**ଦୁବାଇ,୩।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସୋମବାର ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହେବେ। ପଏଣ୍ଟ ତାଲିକାରେ ଶ୍ରେଷ୍ଠ ଦୁଇଟି ସ୍ଥାନ ପାଇଁ ଦୁଇ ଦଳ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଏ ପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ଚେନ୍ନାଇ ୯ ବିଜୟ ଓ ୩ ପରାଜୟ ସହ ୧୮ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅନ୍ୟପଟେ ଦିଲ୍ଲୀ ମଧ୍ୟ ୧୨ଟି ମ୍ୟାଚ୍ ଖେଳି ୯ ବିଜୟ ଓ ୩ ପରାଜୟ ସହ ସମାନ ୧୮ ପଏଣ୍ଟ ପାଇଥିଲେ ମଧ୍ୟ ରେନ୍ ରେଟ୍‌ରେ ପଛରେ ପଡି ଦ୍ୱିତୀୟ ସ୍ଥାନରେ ରହିଛି।

ଆଇପିଏଲର ଚଳିତ ୟୁଏଇ ଲେଗ୍‌ରେ ଚେନ୍ନାଇ ଓ ଦିଲ୍ଲୀ ଦମ୍‌ଦାର ପ୍ରଦର୍ଶନ କରି ପ୍ରଭାବ ବିସ୍ତାର କରି ଖେଳିଛନ୍ତି। ଦ୍ୱିତୀୟ ପର୍ଯ୍ୟାରେ ଦୁଇ ଦଳ ଗୋଟିଏ ଲେଖାଏ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଦୁଇ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବା ବେଳେ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବା ପାଇଁ ପ୍ରୟାସ କରିବେ। ଗତ ସଂସ୍କରଣରେ ଚେନ୍ନାଇ ତାଲିକାର ନିମ୍ନତମ ସ୍ଥାନରେ ରହିଥିଲା। ଏଥର କିନ୍ତୁ ପ୍ରତ୍ୟାର୍ତ୍ତନ କରି ପ୍ରଥମ ଦଳ ଭାବେ ପ୍ଲେ- ଅଫ୍‌କୁ କ୍ୱାଲିଫାଏ କରିଛି। ତେବେ ଶନିବାର ଚେନ୍ନାଇ ହାଇସ୍କୋରିଂ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ପରାସ୍ତ ହୋଇଛି। ରାଜସ୍ଥାନ ଦମ୍‌ଦାର ପ୍ରଦର୍ଶନ କରି ୧୯୦ ରନକୁ ଚେଜ୍ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଯଶସ୍ୱୀ ଜୟସ୍ୱାଲ ଓ ଶିବମ ଦୁବେ ଉପଯୋଗୀ ବ୍ୟାଟିଂ କରିଥିଲେ ଓ ଦଳକୁ ୧୭.୩ ଓଭରରେ ବିଜୟୀ କରାଇଥିଲେ। ୟୁଏଇରେ ଚେନ୍ନାଇର ଏହା ପ୍ରଥମ ଓ ଗତ ୧୨ ମ୍ୟାଚ୍‌ରେ ତୃତୀୟ ପରାଜୟ। ଚେନ୍ନାଇ ଓପନର ଋତୁରାଜ ଗାଏକ୍‌ୱାଡଙ୍କ ୧୦୧ ରନ (୬୦ ବଲ, ୯ ଚୌକା, ୫ ଛକା)ର ଶତକୀୟ ଇନିଂସ ନିଷ୍ଫଳ ସାବ୍ୟସ୍ତ ହୋଇଥିଲା। ସେ ଏବେ ୫୦୮ ରନ ସଂଗ୍ରହ କରି ବ୍ୟାଟିଂ ଚାର୍ଟର ଶୀର୍ଷରେ ରହିଛନ୍ତି।

ଗତବର୍ଷ ରନର୍ସ ଅପ ବିବେଚିତ ହୋଇଥିବା ଦିଲ୍ଲୀ ଏଥର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିଛି। କୋଲକାତା ନାଇଟ ରାଇଡର୍ସଠାରୁ ପରାସ୍ତ ହେବା ପରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରି ଗତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିଲା। ତେବେ ଗତ ଦୁଇଟି ମ୍ୟାଚ୍‌ରେ ଦିଲ୍ଲୀ ବ୍ୟାଟ୍ସମ୍ୟାନମାନେ ସଂଘର୍ଷ କରୁଥିବା ଦେଖାଯାଇଛି। ଟପ୍ ଅର୍ଡରରେ ଶିଖର ଧାୱନ, ପୃଥ୍ୱୀ ଶ, ଷ୍ଟିଭ ସ୍ମିଥଙ୍କୁ ଭଲ ଖେଳିବାକୁ ହେବ। ସିମ୍ ବୋଲିଂ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ ଅନୁପସ୍ଥିତ ଥିଲେ ମଧ୍ୟ ଦିଲ୍ଲୀ ଭଲ ବୋଲିଂ କରିବାକୁ ସକ୍ଷମ ହୋଇଛି।

**ଆଇପିଏଲ୍-୧୪**


ମହେନ୍ଦ୍ର ସିଂ ଧୋନୀ ଓ ଶାର୍ଦ୍ଦୁଳ ଠାକୁର।

# କରାଟେ: ବେଲ୍ଟ ପରୀକ୍ଷାରେ ୧୨୦ ଜଣ ଉତ୍ତୀର୍ଣ୍ଣ


ସୁକୋକୋଇ କରାଟେର ବେଲ୍ଟ ଟେଷ୍ଟରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନେ।

**ଭୁବନେଶ୍ୱର, ୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଶାଖାଠାରେ ରବିବାର ସୁକୋକୋଇ କରାଟେର ବେଲ୍ଟ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବେଲ୍ଟରେ ମୋଟ ୧୨୦ଜଣ କରାଟେକା ଉପରିସ୍ଥ ବେଲ୍ଟ ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ତଥା ସୁକୋକୋଇ କରାଟେ ୟୁନିୟନ ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକଙ୍କ ଏହି ଅନୁଷ୍ଠାନରେ ସେନସେଇ ଖାରବେଳ ମଲ୍ଲିକ, ସନ୍ଦୀପ ମହାନ୍ତି, ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ, ଦିଲୀପ ଜେନା, କୃଷ୍ଣ ଚନ୍ଦ୍ର ମହାରାଣା, ମହେଶ ଡୋରା, ଚିନ୍ମୟୀ ଭୂୟାଁ, ସିନ୍ଧୁ ତନୟା ଖୁଣ୍ଟିଆ, ସୁସ୍ମିନୀ ପାଲ୍‌ଟା ସିଂ, ମୋନାଲୀ ସାହୁ ଓ ରଜନୀ ବିଶି ପ୍ରମୁଖ ଉପସ୍ଥିତ ରହି ସୁଚାରୁରୂପେ ପରୀକ୍ଷା ପରିଚାଳନା କରିଥିଲେ। ସରକାରଙ୍କ ସମସ୍ତ କୋଭିଡ୍ ନିୟମକୁ ଅନୁସରଣ କରି ଏହି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି।

# କିଟ୍‌ରେ ପ୍ରଥମ ଜାତୀୟ ଭଲିବଲ୍ ଏକାଡେମୀ

**ଭୁବନେଶ୍ୱର, ୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍‌ରେ ପ୍ରଥମ ଜାତୀୟ ଭଲିବଲ ଏକାଡେମୀ ଓ କନ୍ଧମାଳରେ ଓଡ଼ିଶାର ପ୍ରଥମ ରାଜ୍ୟ ଭଲିବଲ ଏକାଡେମୀ ପ୍ରତିଷ୍ଠା ହେବ। ଏହାଛଡ଼ା ନଭେମ୍ବରରେ ରାଜ୍ୟ ଭଲିବଲ୍ ଚାମ୍ପିୟନଶିପ୍ କନ୍ଧମାଳରେ ହେବ। ବାରବାଟୀସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ରବିବାର ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ପ୍ରଥମ ବାର୍ଷିକ ସାଧାରଣ ଓ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ଏଥିରେ ଓଭିଏର କାର୍ଯ୍ୟନିର୍ବାହୀ ସଭାପତି ସଞ୍ଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ, ଅନ୍ୟ କର୍ମକର୍ତ୍ତାଗଣ ଏବଂ ସମସ୍ତ ଜିଲାଓ ୟୁନିଟ୍‌ର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଓଭିଏ କାର୍ଯ୍ୟନିର୍ବାହୀ ସଭାପତି ସଞ୍ଜୟ ଦାସ ରାଜ୍ୟରେ ଭଲିଖେଳର ପ୍ରସାର ଓ ପ୍ରଚାର କ୍ଷେତ୍ରରେ ପ୍ରଫେସର ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ)ର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଫେସର ସାମନ୍ତ ତୃଣମୂଳସ୍ତରରୁ ଭଲିବଲ ଖେଳର ବିକାଶ ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ଓଡ଼ିଶାର ବିଭିନ୍ନ ଜିଲା ସମେତ ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ଖେଳର ଭିତ୍ତିଭୂମି ବିକାଶ ଓ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯିବାର ବ୍ୟବସ୍ଥା କରୁଛନ୍ତି। ସେ ତାଙ୍କ କନ୍ଧମାଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟିକାବାଲି, ରାଇକିଆ, ବାଲିଗୁଡ଼ା ଏବଂ ଫୁଲବାଣୀର ଅନ୍ୟ ଦୁଇଟି ସ୍ଥାନରେ ଫ୍ଲଡ୍‌ଲାଇଟ୍ ଭଲିବଲ କୋର୍ଟ ନିର୍ମାଣର ବ୍ୟବସ୍ଥା କରୁଛନ୍ତି। ଭୁବନେଶ୍ୱରସ୍ଥିତ କିଟ୍‌ରେ ଏକ ଜାତୀୟ ଭଲିବଲ ଏକାଡେମୀ ପ୍ରତିଷ୍ଠା ହେବ। ୧୪ରୁ ୧୮ବର୍ଷ ବୟସ ବର୍ଗର ଓଡ଼ିଶା ଖେଳାଳିଙ୍କ ଲାଗି ସବ୍‌ଜୁନିୟର ଓ ଜୁନିୟର କାଟେଗୋରିରେ କନ୍ଧମାଳରେ ଏକ ରାଜ୍ୟ ଭଲିବଲ ଏକାଡେମୀ ପ୍ରତିଷ୍ଠା ହେବ। ଏଥିରେ ଯେଉଁ ଖେଳାଳିମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ଜାତୀୟ ଭଲିବଲ ଏକାଡେମୀରେ ସୁଯୋଗ ମିଳିବ। ବୈଠକରେ ଉପସ୍ଥିତ ସିନିୟର ସଦସ୍ୟ ଆଶୀର୍ବାଦ ବେହେରା ଓ କମଳାକାନ୍ତ ପାଣ୍ଡେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ। ଦେଶରେ ରଗବୀ ଓ ଚେସ୍ ଖେଳର ବିକାଶ କ୍ଷେତ୍ରରେ ମଧ୍ୟ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଅବସର ନେଇଥିବା ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକଙ୍କୁ ଏହି ଅବସରରେ ଓଭିଏ ସଦସ୍ୟମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଆସୋସିଏଶନର ଉପସଭାପତି ସୟଦ ଅକଲମ ଅଲି ଭୋଟ୍ ଅଫ୍ ଥ୍ୟାଙ୍କ୍ସ ପ୍ରଦାନ କରିଥିଲେ।


ଓଡ଼ିଶା ଭଲିବଲ ଆସୋସିଏଶନ ତରଫରୁ ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ଲେ-ଅଫ୍‌ରେ ବାଙ୍ଗାଲୋର

**ଶାରଜା, ୩।୧୦**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ତୃତୀୟ ଦଳ ଭାବେ ପ୍ଲେ- ଅଫ୍‌ରେ ପ୍ରବେଶ କରିଛି। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚ୍‌ରେ ବାଙ୍ଗାଲୋର ୬ ରନରେ ଲୋକେଶ ରାହୁଲଙ୍କ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଅନ୍ୟପଟେ ଏହି ପରାଜୟ ସହ ପଞ୍ଜାବର ପ୍ଲେ- ଅଫ୍ ଆଶା ପାଖାପାଖି ଶେଷ ହୋଇଛି। ବିଜୟ ସହ ବାଙ୍ଗାଲୋର ୧୨ ମ୍ୟାଚ୍ ଖେଳି ୮ ବିଜୟ ଓ ୪ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହି ପ୍ଲେ- ଅଫ୍‌ରେ ସ୍ଥାନ ପକ୍କା କରିଛି। ସେହିପରି ପଞ୍ଜାବ ୧୩ ମ୍ୟାଚ୍ ଖେଳି ୫ ବିଜୟ ଓ ୮ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହିଛି।

ଟସ୍ ଜିତି ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ଜବରଦସ୍ତ ଆରମ୍ଭ କରିଥିଲେ ମଧ୍ୟ ୬ ଉଇକେଟ ହରାଇ ୧୫୮ ରନରେ ସୀମିତ ରହି ପରାସ୍ତ ହୋଇଛି। ୩୩ ବଲରୁ ୩ ଚୌକା ଓ ୪ ଛକା ସହ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବାଙ୍ଗାଲୋରର ଗ୍ଲେନ ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ଆଜିର ମ୍ୟାଚ

ସୁପର କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ



ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ସ୍ଥାନ : ଦୁବାଇ

ସମୟ : ରାତି ୭.୩୦



ଶଟ୍ ଖେଳୁଛନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଗ୍ଲେନ୍ ମ୍ୟାକ୍ସୱେଲ୍।

୧୬୫ ରନ ଟାର୍ଗେଟର ପିଛାକରି ପଞ୍ଜାବର ଦୁଇ ଓପନର ରାହୁଲ ଇ ମୟଙ୍କ ଅଗ୍ରୱାଲ ପ୍ରଥମ ଉଇକେଟରେ ୬୬ ବଲରୁ ୯୧ ରନ ସଂଗ୍ରହ କରିଥିଲେ। ଦଳ ସହଜରେ ବିଜୟୀ ହେବ ବୋଲି ମନେ ହେଉଥିଲେ ମଧ୍ୟ ଦୁଇ ଓପନର ଆଉଟ ହେବା ପରେ କଥା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଅନ୍ୟମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ମୟଙ୍କ ୫୭ ରନ (୪୨ ବଲ, ୬ ଚୌକା, ୨ ଛକା) ଓ ରାହୁଲ ୩୯ ରନ (୩୫ ବଲ, ୧ ଚୌକା, ୨ ଛକା) କରି ଯଥାକ୍ରମେ ଯୁଜବେନ୍ଦ୍ର ଚହଲ ଓ ଶାହବାଜ ଅହମଦଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡେନ ମାରାକ୍ରାମ ୨୦, ଶାହରୁଖ ଖାଁ ୧୬ ରନକରି ଆଉଟ ହୋଇଥିବା ବେଳେ ମୋଇସେସ ହେନେରିକ୍ସ ୧୨ ରନକରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ବାଙ୍ଗାଲୋର ତରଫରୁ ଯୁଜବେନ୍ଦ୍ର ଚହଲ ୩, ଜର୍ଜ ଗାର୍ଟନ ଓ ଶାହବାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ମଧ୍ୟ ଭଲ ଆରମ୍ଭ କରିଥିଲା। ଅଧିନାୟକ କୋହଲି ଓ ଦେବଦତ୍ତ ପଡିକାଲ ପ୍ରଥମ ଉଇକେଟରେ ୫୮ ବଲରୁ ୬୮ ରନ ସଂଗ୍ରହ କରିଥିଲେ। କୋହଲି ୨୫ ଓ ପଡିକାଲ ୪୦ ରନକରି ହେନେରିକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ମ୍ୟାକ୍ସୱେଲ ଧୂଆଁଧାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଅଭିଜ୍ଞ ଏବି ଡିଭିଲିର୍ସ ୨୩ ରନ କରି ଆଉଟ ହୋଇଥିଲେ। ଡାନ କ୍ରିଷ୍ଟିଆନ, ଗାର୍ଟନ ଓ ଶ୍ରୀକର ଭାରତ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ପଞ୍ଜାବ ତରଫରୁ ମହମ୍ମଦ ସାମି ଓ ହେନେରିକ୍ସ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୪/୭ (ମ୍ୟାକ୍ସୱେଲ- ୫୭, ପଡିକାଲ- ୪୦, କୋହଲି- ୨୫, ଡିଭିଲର୍ସ- ୨୩, ସାମି- ୩/୩୯, ହେନେରିକ୍ସ- ୩/୧୨)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୫୮/୬ (ଅଗ୍ରୱାଲ- ୫୭, ରାହୁଲ- ୩୯, ମାରାକ୍ରାମ- ୨୦, ଶାହାରୁଖ- ୧୬, ଚହଲ- ୩/ ୨୯)।

# କୋଲକାତା ଆଶା ଉଜ୍ଜୀବିତ

**ଦୁବାଇ,୩।୧୦**

ଆଇପିଏଲର ୪୯ତମ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସ ୬ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ଲୋ-ସ୍କୋରିଂ ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୮ ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୯.୪ ଓଭରରେ ୪ ଉଇକେଟ ହରାଇ ୧୧୯ ରନ କରି ବିଜୟୀ ହୋଇଛି। ଏଥିସହ ୧୨ ମ୍ୟାଚ୍ ଖେଳି କୋଲକାତା ୬ ବିଜୟ, ୭ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତା'ର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି।

୧୧୬ ରନର ଛୋଟିଆ ଟାର୍ଗେଟ ହାସଲ କରିବା ପାଇଁ କୋଲକାତାକୁ ସେତେଟା କଷ୍ଟ କରିବାକୁ ପଡି ନ ଥିଲା। ଦଳ ତରଫରୁ ଓପନର ଶୁବମନ ଗିଲ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଫର୍ମକୁ ଫେରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ ରାଣା ୨୫, ଭେଙ୍କଟେଶ ଆୟାର ୮, ରାହୁଲ ତ୍ରିପାଠୀ ୭ ରନକରି ଆଉଟ ହୋଇଥିବା ବେଳେ ଦୀନେଶ କାର୍ତ୍ତିକ ୧୮ ଓ ଇଅନ ମୋର୍ଗାନ ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଜାସନ ହୋଲ୍ଡର ୨, ରସିଦ ଖାଁ ଓ ସିଦ୍ଧାର୍ଥ କାଉଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରଥିବା ହାଇଦ୍ରାବାଦ ୩୮ ରନରେ ୩ ଉଇକେଟ ହରାଇ ମନ୍ଥର ଆରମ୍ଭ କରିଥିଲା। ଓପନିଂ କରିବାକୁ ଆସିଥିବା ଋଦ୍ଧିମାନ ଶାହା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଅନ୍ୟତମ ଓପନର ଜାସନ ରଏ ୧୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ କେନ୍ ୱିଲିୟମସନ ୨୧ ବଲରୁ ୪ ଚୌକା ସହ ସର୍ବାଧିକ ୨୬, ଅବଦୁଲ ସମାଦ ୧୮ ବଲରୁ ୩ ଛକା ସହ ୨୫, ପ୍ରିୟମ ଗର୍ଗ ୨୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଏହି କ୍ରମରେ ଅଭିଷେକ ଶର୍ମା ୬, ଜାସନ ହୋଲ୍ଡର ୨, ରସିଦ ଖାଁ ୮ ରନକରି ଆଉଟ ହୋଇଥିବା ବେଳେ ଭୁବନେଶ୍ୱର କୁମାର ୭ ଓ ସିଦ୍ଧାର୍ଥ କାଉଲ ୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ କୋଲକାତା ତରଫରୁ ଟିମ ସୌଦି, ବରୁଣ ଚକ୍ରବର୍ତ୍ତୀ ଓ ଶିବମ ମାଭି ୨ଟି ଲେଖାଏ, ଶକିବ ଅଲ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଋଦ୍ଧିମାନ ଶାହାଙ୍କ ଉଇକେଟ ପତନ ପରେ ଖୁସି ମୁହୂର୍ତ୍ତରେ କୋଲକାତା ନାଇଟ ରାଇଡର୍ସର ଟିମ୍ ସୌଦି ଓ ଇଅନ ମୋର୍ଗାନ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୧୫/୮ (ୱିଲିୟମସନ- ୨୬, ସମାଦ- ୨୫, ପ୍ରିୟମ- ୨୧, ଜାସନ ରୟ-୧୦, ସୌଦି- ୨/୨୬, ମାଭି- ୨/୨୯, ବରୁଣ- ୨/୨୬)। କୋଲକାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୧୯/୪ (ଶୁବମନ- ୫୭, ନୀତୀଶ- ୨୫, କାର୍ତ୍ତିକ- ୧୮*, ହୋଲ୍ଡର- ୨/୩୨, ରସିଦ- ୧/ ୨୩, ସିଦ୍ଧାର୍ଥ- ୧/୧୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୨ | ୯ | ୩ | ୧୮ | +୦.୮୨୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୯ | ୩ | ୧୮ | +୦.୫୫୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୮ | ୪ | ୧୬ | -୦.୧୫୭ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୨୯୪ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୧୦ | -୦.୨୪୧ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୩୩୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୫ | ୭ | ୧୦ | -୦.୪୫୩ |
| ସନ୍‌ରାଇଜର୍ସ | ୧୨ | ୨ | ୧୦ | ୪ | -୦.୪୭୫ |




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନଦୀରେ ଭାସିଗଲେ ଛାତ୍ର



**ଆର.ଉଦୟଗିରି,୩।୧୦(ଡି.ଏନ.ଏ.):** ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ଼ ଗ୍ରାମ ନଦୀରେ ରବିବାର ଜଣେ ଛାତ୍ର ଭାସି ନିଖୋଜ ହୋଇଛନ୍ତି। ସେ ହେଲେ ମହେନ୍ଦ୍ରଗଡ଼ ଗାଁ ତିବ୍ବତୀୟାନ କଲୋନୀର ଜିନ୍ମୟ ଦେବା (୧୨)। ତିବ୍ବତୀୟାନ କଲୋନୀର କିଛି ଛାତ୍ର ଗାଁ ନଦୀ ପାର ହୋଇ ତରାବଟ ମନ୍ଦିରକୁ ବୁଲିବାକୁ ଯାଉଥିଲେ। ଜିନ୍ମୟ ନଦୀ ପାର ହେଉଥିବା ବେଳେ କୌଣସି ପ୍ରକାରେ ପାଣିରେ ପଡ଼ିଯାଇଥିଲେ। ସାଙ୍ଗମାନଙ୍କ ପାଟି ଶୁଣି ମହେନ୍ଦ୍ରଗଡ଼ବାସୀ ନଦୀରେ ବହୁ ଖୋଜାଖୋଜି କରି ନ ପାଇବାରୁ ଆର.ଉଦୟଗିରି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ସତ୍ତ୍ୱେ ଜିନ୍ମୟଙ୍କ କୌଣସି ପତ୍ତା ମିଳିନଥିଲା।

### କୂଅରେ ପଡ଼ି ବୃଦ୍ଧା ମୃତ

**ଫୁଲବାଣୀ ଅଫିସ/ଚକାପାଦ, ୩।୧୦:** ଚକାପାଦ ଥାନା ଅନ୍ତର୍ଗତ କୁମ୍ଭାରସାହି ଗ୍ରାମରେ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉମାଚରଣ ପ୍ରଧାନ । ଉମା ଘର ପଛପଟେ ବିଲରେ ଥିବା ଏକ କୂଅ ନିକଟକୁ ଗାଧୋଇ ଯାଇଥିଲେ । କୌଣସି ପ୍ରକାରେ ସେ ଉକ୍ତ କୂଅରେ ପଡି ଯାଇଥିଲେ । ପାଖରେ ଅନ୍ୟ ଏକ କୂଅରେ ଗାଧୋଉ ଥିବା ମହିଳା ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ପହଞ୍ଚି ଉମାଙ୍କୁ କୂଅରୁ ଉଦ୍ଧାର କରି ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

### କାନ୍ଥ ଭୁଶୁଡ଼ି ବୃଦ୍ଧ ମୃତ

**ଗୋପାଳପୁର,୩।୧୦(ଡି.ଏନ.ଏ.):** ଗୋପାଳପୁର ଥାନା ନାରାୟଣପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ମାଟି କାନ୍ଥ ଭୁଶୁଡ଼ି ଜି.ସୂରିଆ ନାରାୟଣ (୬୦)ଙ୍କ ମୃତ୍ୟୁ ଘଟିଛି। ନାରାୟଣପୁରର ଗୋବିନ୍ଦ ବେହେରା ଓ ଚିନ୍ତାମଣି ବେହେରା ଦୁଇ ଭାଇଙ୍କ ମଧ୍ୟରେ କାନ୍ଥକୁ ନେଇ ବାଦବିବାଦ ଲାଗି ରହିଥିଲା। ଶନିବାର ଏହାର ସମାଧାନ ପାଇଁ ଉକ୍ତ ଗାଁର ସୂରିଆଙ୍କ ସମେତ ୩ ଜଣ ଭଦ୍ର ବ୍ୟକ୍ତି ମିଶି ଗୋବିନ୍ଦଙ୍କ ଘର ନିକଟକୁ ଯାଇଥିଲେ। ସେଠାରେ ମାଟି କାନ୍ଥ ଦେଖିବା ବେଳେ କାନ୍ଥ ହଠାତ ଭୁଶୁଡି ପଡିଥିଲା। ଫଳରେ ସୂରିଆ ମାଟି ତଳେ ରହିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଗୋପାଳପୁର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାର ଲୋକଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୨୧/୨୧ ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଭିଏସ୍ଏସ୍ ସଭାପତି ପୁରସ୍କୃତ

**ଭଞ୍ଜନଗର,୩।୧୦(ଡି.ଏନ.ଏ):** ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ପାଇଁ ନିଜ ଉଦ୍ୟମରେ ସଚେତନ କରୁଥିବା ତାରସିଂ ରେଞ୍ଜ ଅନ୍ତର୍ଗତ କ୍ଷେତମୁଣ୍ଡାଳି ବନ ସୁରକ୍ଷା ସମିତି (ଭିଏସ୍ଏସ୍) ସଭାପତି ବିଜୟ ଚନ୍ଦ୍ର ପ୍ରଧାନଙ୍କୁ ରବିବାର ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ଉପଖଣ୍ଡସ୍ତରରେ କେବଳ ଜଣଙ୍କୁ ପ୍ରଦାନ କରାଯାଉଛି। ରବିବାର ବ୍ରହ୍ମପୁରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆରସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର ବିଜୟଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ବିଜୟ ଭାଲୁ ବେଶ ହୋଇ ଘୁମୁସର ଉତ୍ତର ବନଖଣ୍ଡର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ନିମନ୍ତେ ସଚେତନ କରୁଥିଲେ। ଏଥିସହ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଜଙ୍ଗଲରେ ମଞ୍ଜି ବୁଣୁଥିଲେ । ତେଣୁ ବନ ବିଭାଗ ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନେଇଥିଲା ।

### ଖାରିଗୁଡ଼ାରେ କୋଭିଡ୍ ଟିକାକରଣ ଆରମ୍ଭ

**ଆର.ଉଦୟଗିରି,୩।୧୦(ଡି.ଏନ.ଏ.):** ମୋହନା ବ୍ଲକର ଖାରିଗୁଡ଼ାଠାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଖାରିଗୁଡ଼ା ପଞ୍ଚାୟତ ସଦର ମହକୁମା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏହି ଟିକାକରଣ କରାଯାଇଛି। ପ୍ରାୟ ୧୫୦ ଜଣ ଏହି ଟିକା ନେଇଛି। ଏଏନ୍ଏମ୍ ଆରତୀ ନାୟକ, ଆଶା ଦିଦି ପତୀ ସିଂହ, କମଳନୀ ବେହେର୍ଦ୍ଦଲାଇ ପ୍ରମୁଖ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରି ଟିକାକରଣ କରାଉଛନ୍ତି।

# ଗଞ୍ଜାମ ଶିଳ୍ପ ପ୍ରତିଷ୍ଠାନ ବିକାଶରେ ବିଦ୍ୟୁତ୍ ବାଧକ

**ଛତ୍ରପୁର,୩।୧୦(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲାରେ ଗଢି ଉଠିଥିବା କ୍ଷୁଦ୍ର ଶିଳ୍ପ ଅନୁଷ୍ଠାନ ଗୁଡ଼ିକର ବିକାଶ ଓ ଉନ୍ନତି ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଶିଳ୍ପ ଅନୁଷ୍ଠାନର ଥିବା ସମସ୍ୟା ଓ ତାର ସମାଧାନ ନେଇ ଛତ୍ରପୁରସ୍ଥିତ ଡିଆର୍‌ଡିଏସ୍ଥିତ ଜିଲା ପରିଷଦ ଋଷିକୁଲ୍ୟା ଭବନ ସମ୍ମିଳନୀ କକ୍ଷରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଛୋଟ ଛୋଟ କମ୍ପାନୀ ପକ୍ଷରୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। କମ୍ପାନୀ ପ୍ରତିଷ୍ଠା ଓ ସେଗୁଡ଼ିକର ଉନ୍ନତି ହେଲେ ଶ୍ରମିକମାନଙ୍କୁ ଅଧିକ କାମ ମିଳିପାରିବ ବୋଲି କୁହାଯାଇଥିଲା। ବୈଠକରେ ଜିଲାର ୬୦ରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠାନ ପ୍ରତିନିଧି ଯୋଗଦେଇଥିଲେ । ତେବେ ସମସ୍ତଙ୍କର ଗୋଟିଏ ସମସ୍ୟା ବିଦ୍ୟୁତ ସେବା ସମସ୍ୟା ରହିଥିଲା । ବର୍ତ୍ତମାନ ଅଧିକାଂଶ ସମୟରେ ବିଦ୍ୟୁତ କାଟ ହେଉଛି। ବିଦ୍ୟୁତ ଦର, ସବସିଡି ମିଳୁ ନ ଥିବା, ଟ୍ରାନ୍ସଫର୍ମର ସମସ୍ୟା ଆଦି ନେଇ ଆଲୋଚନା କରାଯାଇଥିଲା। କାଜୁ ପାଇଁ ଗଞ୍ଜାମ ଜିଲାରେ ଅନୁକୂଳ ପରିବେଶ ଥିବାରୁ ଏବେ ଏହା ଉପରେ ଅଧିକ ଫୋକସ ଦିଆଯିବ। କାଜୁ ଫ୍ୟାକ୍ଟ୍ରି କରିଥିବା ମାଲିକମାନେ ବିଦ୍ୟୁତ ଦର ଅଧିକ ରହୁଥିବା କହିଥିଲେ। ଗୋଟିଏ ଧାନ ମିଲ୍ ୟୁନିଟ ପିଛା ୪ ଟଙ୍କା ୪୦ ପଇସା ଦେଉଥିବା ବେଳେ ଆମେ ୬ ଟଙ୍କା ୨୦ ପାଇସା ଦେଉଛୁ। ଗୋଟିଏ କାଜୁ ଗୋଦାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଅନ୍ୟ ରାଜ୍ୟରେ ୫ଲକ୍ଷ ଖର୍ଚ୍ଚ ହେଉଥିବା ବେଳେ ଓଡିଶାରେ ୧୫ ଲକ୍ଷ ଖର୍ଚ୍ଚ ହେଉଛି। ଆଇଆରଇ କମ୍ପାନୀ ଏବେ ଖଣିଜ ପଦାର୍ଥ କମ ସପ୍ଲାଏ କରୁଛି। ଅଧିକ ଖଣିଜ ପଦାର୍ଥ ସପ୍ଲାଏ କରିବାକୁ ଜିଲାପାଳ କହିଥିଲେ। ଜିଲାରେ ଇଡକୋ ପାଇଁ ଜମି ସମସ୍ୟା ରହିଥିବାରୁ ଶିଳ୍ପ ଆଗେଇ ପାରୁନି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଆଗ୍ରହ ପ୍ରକାଶ କରୁ ନ ଥିବା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆଗାମୀ ଦିନରେ ଟାଟା ପାୱାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଆଲୋଚନା ବୈଠକ କରାଯାଇ ଏହି ସବୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାରେ ରହିଥିବା ସବୁ ଶିଳ୍ପ ଅନୁଷ୍ଠାନର ଉନ୍ନତି ପାଇଁ ଦୀପା ନାମକ ଏକ ସଂସ୍ଥା କାର୍ଯ୍ୟ କରୁଥିବା ଜିଲାପାଳ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ, ଜିଏମ ଡିଆଇସି ମହେଶ ଚୌଧୁରୀ , ଦୀପା ର ସର୍ତୋଷ କୁମାର ରଣା, ହରସିତ ସିଂହ, ଡିଡିଏ,ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୦ ଓ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ଗଞ୍ଜାମ ଆସି ଛତ୍ରପୁରଠାରେ ଶିଳ୍ପ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସମସ୍ୟା ଶୁଣିଥିଲେ। ଏ ସମ୍ପର୍କରେ ରିତିମତ ବୈଠକ କରି ସମସ୍ୟା ଗୁଡିକର ସମାଧାନ ପାଇଁ ଜିଲାପାଳଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।

# ରାସ୍ତା ପାର୍ଶ୍ୱରେ ଆବର୍ଜନା ଫିଙ୍ଗିବାକୁ ନେଇ ଅସନ୍ତୋଷ



ରାସ୍ତା ପାର୍ଶ୍ୱରେ ଅଳିଆ ଆବର୍ଜନା ପଡ଼ିରହିଛି ।

**ଫୁଲବାଣୀ ଅଫିସ/ସାରଙ୍ଗଡ, ୩।୧୦**

କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗଡ ପଞ୍ଚାୟତରେ ବ୍ଲକ ପକ୍ଷରୁ ଚାଲିଥିବା ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରିଛି । ଗତ ୨୦ ତାରିଖରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ସଫେଇ କାର୍ଯ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି । ସରପଞ୍ଚ ଅହଲ୍ୟା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଫେଇ କାର୍ଯ୍ୟର ଅଳିଆ ଆବର୍ଜନାକୁ ବନ ବିଭାଗ କାର୍ଯ୍ୟାଳୟ ଏବଂ କୃଷି କାର୍ଯ୍ୟାଳୟ ନିକଟ ରାଜପଥ ପାର୍ଶ୍ୱରେ ପକାଯାଇଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି । ବିଶେଷକରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରାଜ ସାହୁ, ବ୍ଲକ ପରିମଳ ଓ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ସୌରଭ ପ୍ରଧାନ, ସ୍ୱଚ୍ଛ ଭାରତ ପ୍ରୋଗ୍ରାମର ଅଜୟ ରାଜ ଏବଂ ସମିତି ସଭ୍ୟ ଜୟସେନ ପୂଜାରୀଙ୍କ ଉପସ୍ଥିତିରେ ଏପରି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଉଛି । ରାସ୍ତା ପାର୍ଶ୍ୱରୁ ଆବର୍ଜନା ସଫା ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଆଖପାଖ ଦୋକାନୀ ଚେତାବନୀ ଦେଇଛନ୍ତି । ଅଳିଆ ଆବର୍ଜନା ଯେତେବେଳ ପକାଗଲା, ସେତେବେଳେ ଦୋକାନୀମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଆମକୁ ଏଠାରେ ପକାଇବାକୁ ଗ୍ରାମ ରୋଜଗାର ସେବକ କହିଲେ ବୋଲି ସଫେଇ କାମରେ ସାମିଲ ଥିବା ମହିଳାମାନେ କହିଥିଲେ। ଏହାପରେ ଦୋକାନୀମାନେ ସ୍ୱଚ୍ଛ ଭାରତ ଅଭିଯାନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରିଥିଲେ । ଟ୍ରାକ୍ଟର ଯୋଗେ ଅଳିଆକୁ ଅନ୍ୟତ୍ର ନିଆଯିବ ବୋଲି ଅଧିକାରୀମାନେ ସେମାନଙ୍କୁ କହିଥିଲେ । ହେଲେ ତାହା ଉଠାଗଲା ନାହିଁ । ଦୁଇ ଦିନ ପରେ ପୁନଶ୍ଚ ଏ ନେଇ ଜିଆରଏସ୍ ବିରାଜଙ୍କୁ କହିବାରୁ ଆସନ୍ତାକାଲି ଏହା ଉଠାଯିବ ବୋଲି କହିଥିଲେ । ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ହେଁ ଆବର୍ଜନା ଉଠାଯାଇନାହିଁ। ଅଳିଆ ଆବର୍ଜନା ଉଠାଯାଉ ନ ଥିବାରୁ ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ଦୋକାନୀମାନେ କହିଛନ୍ତି ।

# ଭଞ୍ଜନଗରରେ ରୂପାନ୍ତରିତ ହେବ ୧୨ ହାଇସ୍କୁଲ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

**ଭଞ୍ଜନଗର,୩।୧୦(ଡି.ଏନ୍.ଏ)**

ରାଜ୍ୟର ସମସ୍ତ ହାଇସ୍କୁଲକୁ ରୂପାନ୍ତରୀକରଣ କରାଯିବ। ଭଞ୍ଜନଗର ବ୍ଲକର ୩ ହାଇସ୍କୁଲ ବଡ଼କୋଦଣ୍ଡା, ଗାଲେରି ସମେତ ଆଦର୍ଶ ବିଦ୍ୟାଳୟକୁ ପ୍ରଥମ ପର୍ଯ୍ୟାୟରେ ଏଥିରେ ସାମିଲ କରାଯାଇଛି। ଉକ୍ତ ହାଇସ୍କୁଲ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉଦ୍ୟମକ୍ରମେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୯ଟି ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ପରିଣତ କରିବା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ ହାତକୁ ନିଆଯାଇଛି । ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଭିଡିଓ କନ୍‌ଫେରେନ୍ସରେ ଉକ୍ତ ୯ଟି ହାଇସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସହ ଆଲୋଚନା କରିବେ। ଏଥିପାଇଁ ଆସନ୍ତା ୫ ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ତାହାକୁ ରବିବାର ସ୍ଥଗିତ ରଖାଯାଇଛି। କିଛିଦିନ ମଧ୍ୟରେ ପରବର୍ତ୍ତୀ ଆଲୋଚନା ତାରିଖ ବ୍ଲକ ପ୍ରଶାସନ ପାଖକୁ ଆସିବ। ୫-ଟି ସଚିବଙ୍କ ସହ ଆଲୋଚନାକୁ ସଫଳ କରିବା ପାଇଁ ଶନିବାର ବ୍ଲକ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ବିଡିଓ ଅନିଲ କୁମାର ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ବିଇଓ ଏସ୍. ଧନଞ୍ଜୟ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ମାର୍ଟ ସ୍କୁଲ ହେବାକୁ ଥିବା ବିଦ୍ୟାଳୟଗୁଡ଼ିକ ହେଲା ଜିଲୁଣ୍ଡି, ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ମୁଜାଗଡ. କୁଲାଡ଼, ବ୍ରାହ୍ମଣପଦର, ତଳଜିବିକା, ବାହାଡ଼ାପଦର, ଡ଼ିହପଡ଼ାଳ ଓ ଦୋମୁହାଣି ।

# ଦୁର୍ଗାପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

**ବୁଗୁଡ଼ା,୩।୧୦(ଡି.ଏନ.ଏ.)**

ବୁଗୁଡ଼ା ମଦନ ମୋହନ ଛକରେ ମା' ଦୁର୍ଗାଙ୍କ ପୂଜା ଉପଲକ୍ଷେ ବ୍ୟବସାୟୀ ସଂଘ ପକ୍ଷରୁ ଶୁଭ ଖୁଣ୍ଟି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ କରୋନା କଟକଣା ଥିବା ହେତୁ ମା'ଙ୍କ ପୂଜା ବନ୍ଦ କରାଯାଇଥିଲା ବେଳେ ଚଳିତ ବର୍ଷ କରୋନା କଟକଣା ପାଳନ ପୂର୍ବକ ପୂଜା ଅନୁଷ୍ଠିତ ହେବାକୁ ଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ମା'ଙ୍କ ପୂଜା ମଣ୍ଡପଠାରେ ଶୁଭ ଖୁଣ୍ଟି ସ୍ଥାପନ ଅବସରରେ ପୂଜାପାଠ କାର୍ଯ୍ୟ ପୁରୋହିତ ବୈଷ୍ଣବ ଚରଣ ଦାଶ ସମ୍ପାଦନ କରିଥିବା ବେଳେ ଅଭିମନ୍ୟୁ ସାହୁ କର୍ତ୍ତା ରୂପେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପୂଜା କମିଟି ସଭାପତି ଚିତ୍ରସେନ ପ୍ରଧାନଙ୍କ ସମେତ ବ୍ୟବସାୟୀ ସଂଘର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ଡାକ୍ତରଖାନାରେ ଅନଶନ ଜାରି ରଖିଲେ ଶିକ୍ଷକ



ଡାକ୍ତରଖାନା ଶଯ୍ୟାରେ ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକ।

**ଆସିକା,୩।୧୦(ଡି.ଏନ.ଏ.)**

ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଶନିବାର ବେଣାପାଟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ପାଢୀ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ଜେନା ଅନସନରେ ବସିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ପ୍ରଶାସନ ପକ୍ଷରୁ ଶନିବାର ରାତିରେ ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଖାନାରେ ପହଞ୍ଚିବା ପରେ ମଧ ଆନ୍ଦୋଳନରତ ଶିକ୍ଷକମାନଙ୍କ ଅନସନ ଜାରି ରହିଛି । ରବିବାର ମଧ ଆନ୍ଦୋଳନକାରୀ କୌଣସି ଖାଦ୍ୟ ଗ୍ରହଣ କରିବାକୁ ମନା କରିଛନ୍ତି। ଏ ସମ୍ପର୍କରେ ଡାକ୍ତରଖାନାର ଚିକିତ୍ସାଧିକାରୀ ଡାକ୍ତର ଦୀପକ କୁମାର ସାମନ୍ତରାଙ୍କୁ ପଚାରିବାରୁ ଚିକିତ୍ସାଧୀନ ଦୁଇଜଣ ଶିକ୍ଷକ ଖାଦ୍ୟ ଗ୍ରହଣ କରିବାକୁ ମନା କରିବାରୁ ସେମାନଙ୍କୁ ସାଲାଇନ ଦିଆଯାଉଛି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ସାମନ୍ତରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆନ୍ଦୋଳନକାରୀ ଶିକ୍ଷକମାନେ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ହେୟ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନସନରେ କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ହରିପୁର ବିଜୟୀ



ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଛତ୍ରପୁର,୩।୧୦(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତ ତେଲୁଗୁ ନୂଆଗାଁରେ ରବିବାର ବାବା ଅଗସ୍ତିଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ମୁଖ୍ୟମନ୍ତ୍ରୀ କ୍ରୀଡା ଉପରେ ଅଧିକ ଗୁରୁତ୍ୱ ଦେଉଥିବା କହିଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ମ୍ୟାଚ ହରିପୁର ଓ ବ୍ରହ୍ମପୁର ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ହରିପୁର ଟିମ୍ ବିଜୟୀ ହୋଇଛି। ଲୋକନାଥ ଓ ରାଜେନ୍ଦ୍ର ମ୍ୟାଚ୍ ପରିଚାଳନା କରୁଥିବା ବେଳେ ସୁଧିର ନାହାକ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁଧୀର ପାଢୀ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଅକ୍ଷୟ ସ୍ୱାଇଁ, ଗଞ୍ଜାମ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାପି ଦାସ, ସିଲୁ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଆସନ୍ତା ୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ୭ ଦିନିଆ ପାନ୍ ଇଣ୍ଡିଆ ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୩।୧୦(ଡି.ଏନ୍.ଏ.)**

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ୭ ଦିନିଆ ପାନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଗତ ୨ ତାରିଖରୁ ଆରମ୍ଭ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଭାରତ କା ଅମୃତ ମହୋତ୍ସବ ନାମକରଣ କରାଯାଇ ପ୍ରତ୍ୟେକ ଗ୍ରାମରେ ଆଇନ ସେବା କିପରି ପହଞ୍ଚିପାରିବ ଏହା ଉପରେ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା ଶିବିରରେ ପ୍ରଥମ ଦିନରେ ସ୍ଥାନୀୟ ବାଘସଲା ଗ୍ରାମ ଓ ଆଦିବାସୀ ଅଧୁଷିତ ଗୁମ୍ମାରେ ପ୍ରଭାତଫେରି ଓ ପ୍ରୋଜେକ୍ଟ ମାଧ୍ୟମରେ ବିଭିନ୍ନ ଆଇନ ସେବା କିପରି ସାଧାରଣ ଲୋକ ସହଜରେ ପାଇପାରିବେ, ସେ ଉପରେ ଆଲୋକପାତ କରାଯାଇଥିଲା। ଦ୍ୱିତୀୟ ଦିନରେ ସେରଙ୍ଗଠାରେ ଲୋକମାନଙ୍କୁ ଲାପଟପ ମାଧ୍ୟମରେ ମୌଳିକ କର୍ତ୍ତବ୍ୟ ଉପରେ ଭିଡିଓଗ୍ରାଫ୍ କରି ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୮ ପର୍ଯ୍ୟନ୍ତ ଚାଲୁ ରହିବ।

# ପାରଳା କଂଗ୍ରେସର ନୂତନ ନଗର ସଭାପତି ଚୟନ

**ପାରଳାଖେମୁଣ୍ଡି,୩।୧୦(ଡି.ଏନ୍.ଏ.)**

ଗଜପତି ଜିଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗ ଜିଲା କଂଗ୍ରେସ କମିଟି ଘୋଷଣା କରିଛନ୍ତି । ଏଥିରେ ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତ୍ରିନାଥ ସାହୁଙ୍କ ପୁଅ ମନୋଜ କୁମାରଙ୍କୁ ନଗର କଂଗ୍ରେସ ସଭାପତି ଭାବେ ଚୟନ କରାଯାଇଛି। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ,ରାଜ୍ୟ ପ୍ରଭାରୀ ଡ.ଚେଲ୍ଲା କୁମାର, ଜିଲା କଂଗ୍ରେସ କମିଟି ସଭାପତି ଗମାଙ୍ଗ, ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ଶୁଭେନ୍ଦୁ ମହାନ୍ତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ କଂଗ୍ରେସ ନେତା ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସାହିବାସିନ୍ଦା କଲେ ରାସ୍ତା ମରାମତି



ରାସ୍ତା ମରାମତି କରୁଛନ୍ତି ସାହିବାସିନ୍ଦା।

**ଜି.ଉଦୟଗିରି,୩।୧୦(ଡି.ଏନ.ଏ.)**

**ରାସ୍ତା ଖୋଳି ଛାଡ଼ି ଦେଇଥିଲା ଠିକା ସଂସ୍ଥା**

ସୁବାସ ନଗରରେ ପାନୀୟ ଜଳ ଯୋଗାଣ କରିବାକୁ ଯାଇ କଂକ୍ରିଟ ରାସ୍ତା କାଟି ପାଇପ ଲାଇନ୍ ବିଛାଗଲା। କିନ୍ତୁ ମାସେ ବିତିଯାଇଥିଲେ ମଧ ରାସ୍ତା ମରାମତି କରିବାକୁ ଭୁଲିଗଲା ଠିକା ସଂସ୍ଥା। ଫଳରେ ଯାତାୟାତରେ ନାନା ସମସ୍ୟା ଦେଖାଦେଇଥିଲା। ସାହି ବାସିନ୍ଦା ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। କିନ୍ତୁ ସୁଫଳ ନମିଳିବାରୁ ରବିବାର ସାହି ବାସିନ୍ଦା ଏକାଠି ହୋଇ ରାସ୍ତା ମରାମତି କରିଛନ୍ତି। ମନୋରଞ୍ଜନ ପତି, ଜିତେନ୍ଦ୍ର କୁମାର ସାମଲ, ଅରୁଣ କୁମାର ଷଡଙ୍ଗି, ସତ୍ୟ ନାରାୟଣ ପଟ୍ଟନାୟକ, ମନେନ୍ଦ୍ର କୁମାର ସାମଲ, ରଞ୍ଜନ କୁମାର ସାସମଲ, ଶ୍ରୀରାମ ପଟ୍ଟନାୟକ, ରଞ୍ଜିତ କୁମାର ପାଢ଼ୀ, ପିଙ୍କୁ ସାହୁ ପ୍ରମୁଖ ମିଶି ରାସ୍ତା ମରାମତି କରିଥିଲେ।

# ଘୁମୁସର ଜିଲା ଗଠନ ଦାବି ନେଇ ବୈଠକ

**ଭଞ୍ଜନଗର,୩।୧୦(ଡି.ଏନ୍.ଏ)**




ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

**ଜଙ୍ଗଲ ମନ୍ତ୍ରୀଙ୍କୁ ଭେଟିବା ପରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ**

ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ଆହ୍ୱାନକ୍ରମେ ସ୍ଥାନୀୟ ବାର୍ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ରବିବାର ଘୁମୁସର ଜିଲା ଘୋଷଣା ଦାବି ନେଇ ଏକ ବୈଠକ ହୋଇଥିଲା। ବୈଠକରେ କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କମିଟି ଆଗାମୀ ଦିନରେ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ, ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ଆଲୋଚନା କରିବ। ପରେ ବିଭିନ୍ନ ଗୋଷ୍ଠୀଙ୍କୁ ନେଇ ଘୁମୁସର ଜିଲା ଗଠନ ପାଇଁ ସରକାରଙ୍କ ଉପରେ ଚାପ ପକାଯିବ। ଯୁବ ଏବଂ ଛାତ୍ର ସମାଜକୁ ଆନ୍ଦୋଳନରେ ସାମିଲ କରାଯିବ । ଜିଲା ଗଠନ ଦାବି ନେଇ ହାଇକୋର୍ଟରେ ପିଆଇଏଲ୍ ଫାଇଲ ଦାଖଲ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳର ଏମ୍‌ପି ଏବଂ ବିଧାୟକଙ୍କୁ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଭେଟି ଦାବି ଉପସ୍ଥାପନ କରିବା ଉପରେ ବିଭିନ୍ନ ବକ୍ତା ମତପ୍ରକାଶ କରିଥିଲେ। ଭଞ୍ଜନଗର ରାଜସ୍ୱ ଉପଖଣ୍ଡ ଏକ ବଡ଼ ଉପଖଣ୍ଡ। ଜଗନ୍ନାଥପ୍ରସାଦ ବ୍ଲକ ଘୋଗଡ଼ରୁ ଜଣେ ବ୍ୟକ୍ତି ଜିଲାପାଳଙ୍କୁ ଭେଟିବାକୁ ଚାହିଁଲେ ତାଙ୍କୁ ୧୫୦ କି.ମି. ଦୂର ଛତ୍ରପୁର ଯିବାକୁ ପଡୁଛି। ସରକାର ଘର ପାଖରେ ସରକାରୀ ସେବା ପହଞ୍ଚାଇବା କଥା କହୁଥିବା ବେଳେ ଘୁମୁସର ଜିଲା ଦାବି ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଜିଲା ଆନ୍ଦୋଳନ ଦାବିକୁ ଜନଆନ୍ଦୋଳନରେ ପରିଣତ କରାଗଲେ ସରକାର ଦାବିପ୍ରତି ଗୁରୁତ୍ୱ ଦେବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ, ରୋଟାରି କ୍ଲବର ଶ୍ରୀରାମ ପାଳ, ଆଇନଜୀବୀ ଏମ୍. ତାଜ୍ ଆବେନୀ, ପ୍ରଦ୍ୟୁମ୍ନ ନାୟକ, ଶିବରାମ ପଣ୍ଡା, ସନ୍ତୋଷ ତିଆଡ଼ି, ରବୀନ୍ଦ୍ର ନାଥ ଦାସ, ପ୍ରମୋଦ ପ୍ରଧାନ, ଗୋପାଳ ବିଷୋୟୀ, ସୁରେଶ ପଣ୍ଡା, ଗୋପାଳ ଲେଙ୍କା, ପ୍ରଫୁଲ୍ଲ ପଟ୍ଟନାୟକ, ବିନୟ ରଥ, ହରେକୃଷ୍ଣ ସାହୁ, ସୁଶାନ୍ତ ମହାପାତ୍ର, ଶ୍ରୀରାମ ପାଳ, ବୈଦ୍ୟନାଥ ସାହୁ, ମନୋଜ ପଟ୍ଟନାୟକ, ନିକୁଞ୍ଜ ଖଣ୍ଡୁଆଳ, ଡି.ଚେଲପତି ରାଓ, କ୍ୟାପ୍ଟେନ କୃଷ୍ଣ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ପାତ୍ର, ଜୟକୃଷ୍ଣ ପଟ୍ଟନାୟକ, କାର୍ତ୍ତିକ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ। ଉପ ସଭାପତି ରଜତ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

**ସଂକ୍ଷେପରେ**

## ରାଜପଥ ଅବରୋଧ କରିଛି ବରଗଛ



**ଖଣ୍ଡପଡ଼ା,୩।୧୦(ସ୍ୱ.ପ୍ର.):** ରାଜ୍ୟସରକାର ବାଘମାରୀଠାରୁ କଣ୍ଟିଲୋ ଦେଇ ଗଣିଆ ଓ ଦଶପଲ୍ଲାକୁ ସଂଯୋଗ କରୁଥିବା ରାସ୍ତାକୁ ୪୮ନଂ. ରାଜ୍ୟ ରାଜପଥର ମାନ୍ୟତା ପ୍ରଦାନ କରିଛନ୍ତି । ମାତ୍ର ଏହି ରାଜପଥ ଉପରେ ଓ ପାର୍ଶ୍ୱରେ ରହିଥିବା ବିଶାଳକାୟ ବୃକ୍ଷ ଓ ବିଦ୍ୟୁତ୍ ଖୁଣ୍ଟ ଅଧିକାଂଶ ସମୟରେ ଦୁର୍ଘଟଣାର କାରଣ ସାଜିଛି । ଏହି ରାଜପଥରେ ଯାତାୟାତ କରୁଥିବା ବିଭିନ୍ନ ଭାରିଯାନ ଚଳାଚଳରେ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ବିଶେଷ କରି ରାଜପଥର କଣ୍ଟିଲୋ ଯାତ୍ରାପଦା ବଜାର ରାସ୍ତାପାର୍ଶ୍ୱରେ ଥିବା ଏକ ବିଶାଳକାୟ ଅଶ୍ୱତ୍ଥ ଗଛ ସମ୍ପ୍ରତି ବିପଦ ସୃଷ୍ଟି କରିଛି । କେତେବେଳେ ଏହି ଗଛର ଡାଳ ଭାଙ୍ଗି ପଥଚାରୀଙ୍କ ଉପରେ ପଡୁଛି ତ' ଅନ୍ୟ କେତେବେଳେ ରାସ୍ତା ଉପରକୁ ଢଳି ରହିଥିବା ଡାଳ ଭାରିଯାନ ଯାତାୟାତରେ ବାଧା ସୃଷ୍ଟି କରିଛି । ଏ ସମ୍ପର୍କରେ ବାରମ୍ବାର ପୂର୍ତ୍ତ ବିଭାଗ ଓ ବନବିଭାଗ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଗତ ୮ ଦିନ ତଳେ ଏକ ୧୮ ଚକିଆ ଟ୍ରକ୍ ଏହି ରାଜପଥରେ ଯିବା ସମୟରେ ଅଶ୍ୱତ୍ଥ ଗଛ ଯୋଗୁ ଅଟକି ରହିଥିଲା । ପ୍ରତିଦିନ ଉକ୍ତ ରାସ୍ତା ଦେଇ ଦୂରଗାମୀ ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଯାନବାହନ ଚଳପ୍ରଚଳ କରୁଛି । ରାଜପଥ ଉପରକୁ ନଇଁ ଆସିଥିବା ଡାଳଗୁଡ଼ିକ କାଟିବାକୁ ଅଞ୍ଚଳବାସୀ ଖଣ୍ଡପଡ଼ା ପୂର୍ତ୍ତବିଭାଗ ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ମାତ୍ର ୨ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଦୃଷ୍ଟି ଦେବାକୁ କଣ୍ଟିଲୋ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିଜେଡିର ସଫେଇ ଅଭିଯାନ

ନୟାଗଡ଼ ଅଫିସ,୩।୧୦:ବିଜୁ ଜନତା ଦଳ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି । ଅକ୍ଟୋବର ୨ରୁ ନଭେମ୍ବର୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ । ଏହି ଅବସରରେ ରଣପୁର ନିର୍ବାଚନମଣ୍ଡଳୀର ଲଡୁବାବାଙ୍କ ଧାମରେ ରବିବାର ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଶରଣକୁଳ ତଳବଜାର, ଲଡୁବାବାଙ୍କ ମନ୍ଦିର ପରିସର ଓ ଲଡୁବାବାଙ୍କ ପୋଖରୀର ଦକ୍ଷିଣ ପାର୍ଶ୍ୱ ସଫେଇ ହୋଇଛି । ରବୀନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଗୋଡିପଡ଼ା ଜୋନ ସଭାପତି ଜ୍ଞାନ ରଞ୍ଜନ ମୁଦୁଲି, ବିକ୍ରମ ଦାଶ ପ୍ରମୁଖ ଯୋଗ ଦେଇ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## କେନାଲରେ ଭାସିଯାଇ ମହିଳା ମୃତ

**ଭଞ୍ଜନଗର,୩।୧୦(ଡି ଏନ ଏ):** ତାରସି ଥାନା ଅନ୍ତର୍ଗତ କଦଳୀଗଡ଼ ଗ୍ରାମରେ ରବିବାର କେନାଲରେ ଭାସିଯାଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ବରୁଣ ଜାନୀଙ୍କ ସ୍ତ୍ରୀ ନନ୍ଦିନୀ (୫୫) । ନନ୍ଦିନୀ ଅପରାହ୍ନ ପ୍ରାୟ ୪ଟାରେ ଜମିରୁ କାମ ସାରି କେନାଲ ପାର୍ ହୋଇ ଆସୁଥିଲେ । ତେବେ ହଠାତ କେନାଲ ପାଣିର ପ୍ରଖର ସ୍ରୋତରେ ସେ ଭାସି ଯାଇଥିଲେ । ଖବରପାଇ ତାରସିଂ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡ଼ିକାଲକୁ ପଠାଇଛି ।

# ସହର ସଫେଇ ଭୁଲିଗଲେ

**ନୟାଗଡ଼ ଅଫିସ,୩।୧୦**



ରାସ୍ତା ଉପରେ ଅଳିଆ ଆବର୍ଜନା ପଡ଼ିରହିଛି ।

- ସମ୍ବର୍ଦ୍ଧନା ସଭା, ବଡ଼ାଖାନାରେ ଭିଡ଼
- ୫ରୁ ଊର୍ଦ୍ଧ୍ୱ ୱାର୍ଡରେ ଗଦା ହୋଇଛି ଆବର୍ଜନା

ସମ୍ବର୍ଦ୍ଧନା ସଭା ଓ ବଡାଖାନାରେ ଭିଡ଼ ଜମିଛି । ହେଲେ ସହର ସଫେଇକୁ ଭୁଲିଯାଇଛନ୍ତି ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀ । ଫଳରେ ରବିବାର ନୟାଗଡ଼ ସହରର ୫,୬ ,୭, ୧୨, ୧୩ ନଂ. ୱାର୍ଡ ସମେତ ବିଭିନ୍ନ ୱାର୍ଡରେ ଆବର୍ଜନା ଗଦା ହୋଇଛି । ଏଥିପାଇଁ ବିଭିନ୍ନ ୱାର୍ଡରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଲୋକଙ୍କ ଅଭିଯୋଗ ସମ୍ବର୍ଦ୍ଧନା ସଭା ଓ ବଡାଖାନା କାର୍ଯ୍ୟକ୍ରମ ହେଉ । କିନ୍ତୁ ସଫେଇକୁ ଅଣଦେଖା କରାଯିବା ଉଚିତ ନୁହେଁ ।

ଏନେଇ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ସନ୍ତୋଷ ପ୍ରଧାନ କୁହନ୍ତି, ସ୍ୱଚ୍ଛତା ଦୃଷ୍ଟିରୁ ସଫେଇକୁ ଅଣଦେଖା କରାଯିବା ଉଚିତ ନୁହେଁ । ସଫେଇ ଦାୟିତ୍ୱ ନେଇଥିବା ଘରୋଇ ଅନୁଷ୍ଠାନ କ'ଣ ରବିବାର ସଫେଇ ପାଇଁ ଅର୍ଥ ନେବେ ନାହିଁ । ଯଦି ଅର୍ଥ ନେବ ତେବେ ସଫେଇ ନ କରିବା ଠିକ୍ ନୁହେଁ । ସହରର ବିଭିନ୍ନ ସ୍ଥାନରେ ଡ୍ରେନ ଚୋକ୍ ହୋଇ ରହିଛି । ଏଗୁଡିକ ନେଇ ଅଭିଯୋଗ କଲେ ସୁଫଳ ମିଳୁନାହିଁ । ପୁଣି ଆବର୍ଜନା ଯାଉଥିବା ଟ୍ରାକ୍ଟର, ଟ୍ରକ୍ ଉପରେ ପାଲ ପକାଯାଉନାହିଁ । ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅବମାନନା କରି ରୋଗ ବାଣ୍ଟୁଛି ନୟାଗଡ଼ ମ୍ୟୁନିସିପାଲିଟି । ୧୩ ନଂ. ୱାର୍ଡର ଶୂନ୍ୟବିଜୟୀ ମିଶ୍ର କୁହନ୍ତି, ମହାବିଦ୍ୟାଳୟ ଗଳିରୁ ରବିବାର ଆବର୍ଜନା ସଫା ହୋଇନାହିଁ । ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଜାଣତରେ ଏପରି ହୋଇଥିବ । ନଚେତ୍ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସମ୍ବର୍ଦ୍ଧନା ସଭାକୁ ସଫେଇ କର୍ମଚାରୀ ଯିବା କଷ୍ଟକର ହୋଇଥାନ୍ତା । ସଭା ଶେଷ ପରେ ଅପରାହ୍ନରେ ସଫେଇ କରାଯାଇ ପାରିଥାନ୍ତା । ତେବେ କରାଗଲା ନାହିଁ । ନୟାଗଡ଼ ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ନାୟକ କୁହନ୍ତି, ରାଜବଗିଚା ଅଞ୍ଚଳରେ ଥିବା ବଜାର ସଫେଇ ହୋଇ ନ ଥିବାରୁ ଚାରିଆଡେ ଆବର୍ଜନା ପଡି ରହିଥିଲା । ବର୍ଷା ହେବା ପରେ ଆବର୍ଜନାରୁ ଦୁର୍ଗନ୍ଧ ବାହାରିଥିଲା । ବ୍ୟବସାୟୀ ଚିକୁ ପଟ୍ଟନାୟକ କୁହନ୍ତି, ବିଜୁ ମାର୍କେଟରେ ଅଧିକାଂଶ ଦିବସରେ ସଫେଇ ହେଉନି । ଏଠାରେ ହୋଲ୍‌ସେଲର ଅଧିକ, ରିଟେଲର ଦୋକାନ ସଂଖ୍ୟା କମ । ରୋଜଗାର ନ ଥିବାରୁ ସଫେଇ କର୍ମଚାରୀଙ୍କୁ ଦେଖିବାକୁ ମିଳେନାହିଁ । କିନ୍ତୁ ଯେଉଁଠୁ ପଇସା ମିଳେ ତାଙ୍କ ଦୋକାନ ସାମ୍ନା ସଫେଇ ହେଉଛି । ସଫେଇ ନ କରି ମ୍ୟୁନିସିପାଲିଟି ଆମଠାରୁ ଟିକସ ନେଉଛି । କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ଆମ ବାସଗୃହ(୧ନଂ. ୱାର୍ଡ) ଅଞ୍ଚଳକୁ ରବିବାର ସଫେଇ କର୍ମଚାରୀ ଆସି ନାହାନ୍ତି । ମୋ ୱାର୍ଡକୁ ସଫେଇ କର୍ମଚାରୀମାନେ ସପ୍ତାହକୁ ଥରେ କିମ୍ବା ଦୁଇ ଥର ଆସି କାମ ଚଳାଇ ନିଅନ୍ତି । ତେବେ ମାସକୁ ମାସ ୪୦ ଟଙ୍କା ନେଉଥିବା ସଫେଇ କର୍ମଚାରୀ ଆସି ଘର ଭିତର ମଇଳା ରବିବାର ନେଇଛନ୍ତି । ସେମାନେ ପ୍ରତିଦିନ ଆସୁଛନ୍ତି । ଅନ୍ୟପକ୍ଷେ ସହରକୁ ସଫା ସୁତରା ରଖି ଭୋଜି ଭାତ, ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇ ପାରିବ । ଦାୟିତ୍ୱକୁ ଭୁଲି ଭୋଜିଭାତ କରି ସହରକୁ ଅପରିଷ୍କାର ରଖିଲେ ଲୋକ ନିଶ୍ଚିତ ଭାବେ ପ୍ରତିବାଦ କରିବେ । ଯଦି ସଫେଇ କର୍ମଚାରୀ ଆସିଲେ ନାହିଁ ତେବେ ସୁପରଭାଇଜର, ସ୍ୱଚ୍ଛସାଥୀ, ନିର୍ବାହୀ ଅଧିକାରୀ ମଧ୍ୟ ସହର ସଫେଇକୁ ଅଣଦେଖା କରିବା ଠିକ୍ ହେଲା ନାହିଁ ବୋଲି ସେ କହିଛନ୍ତି ।

ଏନେଇ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ସମ୍ବର୍ଦ୍ଧନା ସଭା ଓ ବଡାଖାନା କାର୍ଯ୍ୟକ୍ରମ ଯୋଗୁ ସହରର କିଛି ୱାର୍ଡ ସଫେଇ ହୋଇ ପାରି ନ ଥିଲା । ଆମେ ରାତିରେ ନୟାଗଡ ବଜାରକୁ ସଫେଇ କରିଦେବୁ । ସୋମବାରଠାରୁ ପୁଣି ପୂର୍ବପରି ସଫେଇ ଚାଲୁ ରହିବ ।

# ଅବାଧରେ ଚାଲିଛି ବାରହା ଶିକାର

**ଖଣ୍ଡପଡ଼ା,୩।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ବାରହାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ସେହି ବାରହାମାନେ ଆଖପାଖ ଗ୍ରାମକୁ ଆସି ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ବିଶେଷ କରି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଜଗନ୍ନାଥ ପ୍ରସାଦ, କୋସକା, ସିଂହାପଡ଼ା, ବେଣାଗାଡ଼ିଆ, ଗୋପୀନାଥପୁର, ବାଣପୁର, ଘଣାଶାଳିଆ, ବଳରାମପ୍ରସାଦ, ପଥରଚକଡ଼ା, ମାଧପୁର, ହନୁମନ୍ତ ପ୍ରସାଦ, ବାଉଁଶବାଟି, ମହୁଲବେରଣା ଆଦି ଅଞ୍ଚଳରେ ଥିବା ଚାଷ ଜମିରେ ଏହି ବାରହାଙ୍କ ଉପଦ୍ରବ ଜାରି ରହିଛି । ସୂର୍ଯ୍ୟ ନଇଁଲେ ବାରହା ପଲ ଜଙ୍ଗଲରୁ ଆସି ପନି ପରିବା ସହିତ ଧାନ, ଆଖୁ ଓ ସାରୁ ଫସଲ ନଷ୍ଟ କରୁଛନ୍ତି । ଏହାର ସୁଯୋଗ ନେଇ କେତେଜଣ ବ୍ୟକ୍ତି ଉଠା ଜଳସେଚନ ପଏଣ୍ଟ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ଉଚ୍ଚ ଶକ୍ତି ସମ୍ପନ୍ନ ୧୧କେଭି ବିଦ୍ୟୁତ୍ ଲାଇନ ସହିତ ଅନ୍ୟ ତାର ସଂଯୋଗ କରି ବାରହା ଶିକାର କରୁଥିବା ଅଭିଯୋଗ ହେଉଛି । ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର, ରାଣୀଛେଲ୍ଲୀ, ବାହାଡା, ରାଣୀପଡା, ଯୋଗିଆପଲ୍ଲୀ, ସିଂଘାପଡା, କିଆଝର, ବୋଦସା, କୋସକା, ଗଡିଆସାହି ଆଦି ଅଞ୍ଚଳରେ ବାରହା ଶିକାର ଏବେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଏହାକୁ ନେଇ ପରିବେଶବିତ୍‌ମାନଙ୍କ ପାଇଁ ଉଦ୍‌ବେଗ ପ୍ରକାଶ ପାଇଛି ।



ବିଦ୍ୟୁତ୍ ତାର ଲାଗି ମରିଥିବା ଏକ ବାରହା ।

ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ପଞ୍ଚାୟତ ଗୋଚ୍ଛାବାରୀ ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲ ଜମିରେ ବିଦ୍ୟୁତ୍ ତାର ବିଛାଇ ବାରହା ଓ କୁଟୁରା ଆଦି ଜଙ୍ଗଲ ଜନ୍ତୁଙ୍କୁ ଶିକାର କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ ଖୁଣ୍ଟରୁ ଚୋରାରେ ବିଦ୍ୟୁତ୍ ତାର ସଂଯୋଗ କରି ଜଙ୍ଗଲ ଜମି ଓ ଧାନ ଜମି ନିକଟରେ ବିଛାଇ ସେହି ବ୍ୟକ୍ତିମାନେ ଜନ୍ତୁ ଶିକାର କରୁଛନ୍ତି । ଗତ ୨ ଦିନ ମଧ୍ୟରେ ଗୋଟିଏ ବାରହା ଓ କୁଟୁରା ଶିକାର କରାଯାଇଥିଲା । ସେହି ମାଂସକୁ ଲୋକେ ବାଣ୍ଟି ନେଇଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଖଣ୍ଡପଡ଼ା ବନ ବିଭାଗକୁ ସୂଚନା ଦିଆ ଯାଇଥିଲେ ହେଁ ବିଭାଗ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ମୃତ୍ତିକା କ୍ଷୟ,ନାଳରେ ଲୀନ ହେବ ଗାଁ ଶ୍ମଶାନ

**ଖଣ୍ଡପଡ଼ା,୩।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ଗ୍ରାମର ମୁଖ୍ୟ ଛକ ପାର୍ଶ୍ୱରେ ଥିବା ଗାଁ ଶ୍ମଶାନଟି ନାଳରେ ଲୀନ ହେବାର ଆଶଙ୍କା ପ୍ରକାଶ ପାଇଛି । ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ରୁ ନିର୍ଗତ ବର୍ଷା ପାଣି ଏକ କଲଭର୍ଟ ଦେଇ ପ୍ରବାହିତ ହେଉଥିବାରୁ ପ୍ରଖର ସ୍ରୋତରେ ଶ୍ମଶାନ ଜମିର ଦୁଇପାର୍ଶ୍ୱରୁ ମୃତ୍ତିକା କ୍ଷୟ ହେବାରେ ଲାଗିଛି । ଫଳରେ ଶ୍ମଶାନ ଜାଗାଟି ଅଣଓସାରିଆ ହୋଇ ପଡିଥିବାରୁ ନିକଟ ଭବିଷ୍ୟତରେ ଶବଦାହ ନିମନ୍ତେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ



ବର୍ଷାରେ ଧୋଇ ହୋଇଯାଇଥିବା ଗାଁ ଶ୍ମଶାନ ରାସ୍ତା ।

ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହିତ ଉକ୍ତ ନାଳର ଉଭୟ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ଶିଖରପୁର ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସଫେଇ କରି ସଚେତନତା

**ନୟାଗଡ଼ ଅଫିସ, ୩।୧୦**

ଶନି ଓ ରବିବାର ୨ଦିନ ଧରି ହୋଲି ଫ୍ୟାମିଲ ସ୍କୁଲଠାରୁ ବେବର୍ତ୍ତା ପଲି ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଓ ଗଳି ରାସ୍ତାଗୁଡ଼ିକ ସଫେଇ କରାଯାଇଛି । ନେତାଜୀ ସେବା ସଂଘ ପକ୍ଷରୁ ଅବସରପ୍ରାପ୍ତ ସେନା କର୍ମଚାରୀ ଶରତ କୁମାର ସାହୁଙ୍କ ନେତୃତ୍ୱରେ ଏହି ସଫେଇ କରାଯାଇଥିଲା । ଜନସେଚନତା ସୃଷ୍ଟି ଉଦ୍ଦେଶ୍ୟରେ ଏପରି ସଫେଇ ହୋଇଥିଲା ।

## ପୁରାତନ ଛାତ୍ରଙ୍କ ସହାୟତା ପ୍ରେରଣା ଯୋଗାଇବ

**ଖଣ୍ଡପଡ଼ା,୩।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ' ଖଣ୍ଡପଡ଼ା ରାମଚନ୍ଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଭିତରେ ଜାଗରଣ ସୃଷ୍ଟି କରିଛି । ଏହି ଅବସରରେ ସେହି ହାଇସ୍କୁଲରେ ଏକ କମିଟି ଗଠନ କରାଯାଇ ଛାତ୍ର ଜୀବନର ସ୍ମୃତିକୁ ଉଜ୍ଜୀବିତ ରଖିବା ସହିତ ନିଜ ଶିକ୍ଷାନୁଷ୍ଠାନକୁ ନୂତନ ରୂପରେଖ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି । ପୁରାତନ ଛାତ୍ର ତଥା ବୋଲଗଡ଼ ଦିବ୍ୟସିଂହପୁର ଅଞ୍ଚଳର ସ୍ୱର୍ଗତ ଡ.ଗଦାଧର ଷଡଙ୍ଗୀଙ୍କ ପରିବାର ପକ୍ଷରୁ ୫୫ହଜାର ଟଙ୍କା ପ୍ରଦାନ କରାଯାଇଛି । ସେହିପରି କିଆଝର ପଞ୍ଚାୟତର ଡ. ଶ୍ୟାମସୁନ୍ଦର ସ୍ୱାଇଁ ଓ ଡ.ଅନ୍ତର୍ଯ୍ୟାମୀ ସାହୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି । ପୁରାତନ ଛାତ୍ରମାନେ କହିଛନ୍ତି, ମାଆ ବାପାଙ୍କ ଯୋଗୁ ଆମେ ଦୁନିଆ ଦେଖିଥିଲୁ । ଏହି ଶିକ୍ଷାନୁଷ୍ଠାନ ଆମର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିଛି । ତେଣୁ ଏହି ଶିକ୍ଷାନୁଷ୍ଠାନର ଉନ୍ନତି ଦିଗରେ ଆମର ଏହି ଛୋଟ ପ୍ରୟାସ ସମସ୍ତ ପୁରାତନ ଛାତ୍ରମାନଙ୍କୁ ପ୍ରେରଣା ଯୋଗାଇବ । ଅନ୍ୟ ସମସ୍ତ ପୁରାତନ ଛାତ୍ରମାନେ ଏହି ଲକ୍ଷ୍ୟ ପୂରଣ ଦିଗରେ ଆଗେଇ ଆସିବାକୁ କମିଟିର ସଭାପତି କାଶୀନାଥ ଦାସ ଓ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ନିବେଦନ କରିଛନ୍ତି ।

# ଆବର୍ଜନା ମୁକ୍ତ ସହର ହେବ ନୟାଗଡ଼



ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

**ନୟାଗଡ଼ ଅଫିସ,୩।୧୦**

ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୨ୟ ପର୍ଯ୍ୟାୟ ଅଭିଯାନ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ରବିବାର ଆରମ୍ଭ ହୋଇଛି । ନୟାଗଡ଼ ସହରକୁ ଆବର୍ଜନା ମୁକ୍ତ ସହର କରିବା ଲକ୍ଷ୍ୟରେ ବର୍ଜ୍ୟବସ୍ତୁ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି । ଏହି ଅବସରରେ ରବିବାର ସମ୍ବର୍ଦ୍ଧନା ସଭା ଓ ବଡାଖାନା କାର୍ଯ୍ୟକ୍ରମ କରାଯାଇ ୧୩୦ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ସହ ମାନପତ୍ର ପ୍ରଦାନ କରାଯାଇଛି । ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରସାଦ, ରାଜସ୍ୱ ସୁପରଭାଇଜର କୈଳାଶ ଜେନା,ପରିମଳ ବିଶେଷଜ୍ଞ ବିବେକାନନ୍ଦ ପ୍ରଧାନ, ମୁକ୍ତା ସଂଯୋଜକ ଶିରୋମଣୀ ଧିରେନ୍ଦ୍ର କୁମାର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ୨୦୧୬ରେ ଆରମ୍ଭ ହୋଇଥିଲା ସ୍ୱଚ୍ଛ ଭାରତ ମିଶନର ପ୍ରଥମ ପ୍ରର୍ଯ୍ୟାୟ କାର୍ଯ୍ୟକ୍ରମ । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୮ରେ ବାହ୍ୟ ମଳ ମୁକ୍ତ ସହର ଘୋଷଣା ହୋଇ ରାଜ୍ୟର ୨ୟ ସହର ଭାବେ ନୟାଗଡ଼ ଉଚ୍ଚ ପ୍ରଶଂସିତ ହୋଇଥିଲା ।

# ଟ୍ରାକ୍ଟର ଡାଲା ସହ ଝରକା, ଚଉକାଠ ଜବତ



ଟ୍ରାକ୍ଟର ଡାଲା ସହ ଜବତ ହୋଇଥିବା କାଠସାମଗ୍ରୀ ।

**ଗଣିଆ,୩।୧୦(ଡି.ଏନ.ଏ.)**

**ଇଞ୍ଜିନ ନେଇ ଡ୍ରାଇଭର ଫେରାର**

ଶନିବାର ବିଳମ୍ବିତ ରାତିରେ ଗଣିଆ ବନାଞ୍ଚଳ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରାକ୍ଟରରେ ଚୋରା ଚାଲାଣ ହେଉଥିବା ୫ ଝରକା ଓ ୫ ଚଉକାଠ ଜବତ କରିଛନ୍ତି । ଜବତ ହୋଇଥିବା ଟ୍ରାକ୍ଟର ଡାଲା ସହ ଉପରୋକ୍ତ କାଠ ସାମଗ୍ରୀ ଗଣିଆ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ରଖାଯାଇଛି । ଏ ନେଇ କୌଣସି ମାମଲା ରୁଜୁ କରାଯାଇନାହିଁ । ବନବିଭାଗର ତଦନ୍ତ ଜାରି ରହିଛି । ସୂଚନା ଅନୁଯାୟୀ, ଶାଳ ଚଉକାଠ ଓ ଝରକା ଏକ ଟ୍ରାକ୍ଟରରେ ଅନ୍ୟତ୍ର ଚୋରା ଚାଲାଣ ହେଉଥିଲା । ଖବର ପାଇ ବନାଞ୍ଚଳ ଅଧିକାରୀ ସୋନାଲି ସିଓଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ମଇଁଷିବିନ୍ଧା ଗ୍ରାମ ନିକଟରୁ ଉପରୋକ୍ତ ସାମଗ୍ରୀ ଜବତ କରିଥିଲେ । ଟ୍ରାକ୍ଟରଟିକୁ ବନକର୍ମଚାରୀମାନେ ପିଛା କରୁଥିବା ବେଳେ ଡାଲା ସହ କାଠ ସାମଗ୍ରୀକୁ ଛାଡି ଡ୍ରାଇଭର ଇଞ୍ଜିନ ନେଇ ଫେରାର ହୋଇଯାଇଥିଲେ ।

# ପଠାଣି ସାମନ୍ତ ଅଡ଼ିଟୋରିୟମରେ ସ୍ନାତକୋତ୍ସବ



ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର ।

**ନୟାଗଡ଼ ଅଫିସ,୩।୧୦**

ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମରେ ୟୁନିଟେକ୍ ମହାବିଦ୍ୟାଳୟର ସ୍ନାତକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ପ୍ରଧାନ ମୁଖ୍ୟଅତିଥି, ବାଉରୀ ବନ୍ଧୁ ମେମୋରିଆଲ ଟ୍ରଷ୍ଟର ମୁଖ୍ୟ ପ୍ରମୋଦ ଚନ୍ଦ୍ର ପୃଷ୍ଟି ଓ ଚେୟାରମ୍ୟାନ ପ୍ରଦୀପ କୁମାର ପୃଷ୍ଟି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ବିଭାଗୀୟ ଟପ୍ପର ଅଭିଜିତ୍ ପାଣିଗ୍ରାହୀ, ରିତୁଲ ଷଡ଼ଙ୍ଗୀ, ଗୀତାଞ୍ଜଳୀ ଦେଓ, ଶ୍ରଦ୍ଧା ଶୁଭଦର୍ଶନୀ, ସେଲିଆ ପଟ୍ଟନାୟକ, ମିହିର କୁମାର ମହାକୁଡ଼, ସାଇ ବିଶ୍ୱନାଥ ନାୟକଙ୍କ ସମେତ ସ୍ନାତକ ଛାତ୍ରୀଛାତ୍ରଙ୍କୁ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା ।

## ରେଳବାଇ ଘରୋଇକରଣକୁ ବିରୋଧ




ବୈଠକରେ ମୁଖ୍ୟ ଅତିଥିଙ୍କ ଉଦ୍‌ବୋଧନ ।

**ବ୍ରହ୍ମପୁର ଅଫିସ,୩।୧୦**

ଇଷ୍ଟ କୋଷ୍ଟ ରେଳବାଇ ଶ୍ରମିକ କଂଗ୍ରେସ ବ୍ରହ୍ମପୁର ଶାଖା ପକ୍ଷରୁ ରବିବାର ୯ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶାଖା ସଭାପତି ରାଜେଶ କୁମାର ହୋତା ସଭାପତିତ୍ୱ କରିଥିଲେ । ଇଷ୍ଟ କୋଷ୍ଟ ରେଳବାଇ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ସରକାର ଭାରତୀୟ ରେଳବାଇର ଘରୋଇକରଣ ପଦକ୍ଷେପକୁ ନେଇ ସେ ତୀବ୍ର ବିରୋଧ କରିଥିଲେ । ଏଥିସହ ବ୍ରହ୍ମପୁର ପୁରାତନ ଷ୍ଟେଶନ ହୋଇଥିବାରୁ ଏହାକୁ ଏକ ମଡେଲ୍ ରେଳ ଷ୍ଟେଶନ୍ ଭାବେ ରୂପାନ୍ତରିତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ ।

# ଶୀତଳାପଲ୍ଲୀ ଜମି ନେବାକୁ ରେଳବାଇର ପ୍ରୟାସ

**ବ୍ରହ୍ମପୁର ଅଫିସ,୩।୧୦**

- ଜିଲା ଶାଖା ଆଇଏନ୍‌ଟିୟୁସିର ବିରୋଧ
- ପ୍ରଥମେ କାରଖାନା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ଦାବି

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ଶୀତଳାପଲ୍ଲୀ ସରକାରୀ ଜମି ପୁଣି ନେବା ପାଇଁ ରେଳବାଇ ପ୍ରୟାସ ଚଳାଇଛି । ଏହାକୁ କଂଗ୍ରେସ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି ବିରୋଧ କରିଛି । ସେଠାରେ ରେଳବାଇ କି କାରଖାନା କରିବ ସେନେଇ ବିଜ୍ଞପ୍ତି ପ୍ରକାଶ ଏବଂ ସେହି ଅଞ୍ଚଳବାସୀଙ୍କ ସ୍ୱାର୍ଥ ନିମନ୍ତେ ପ୍ୟାକେଜ ଘୋଷଣା ପରେ ପୁଣି ଜମି ଦେବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଗଞ୍ଜାମ ଜିଲା ଶାଖା ଗୁରୁତ୍ୱ ଦେଇଛି । ନଚେତ ଏହାର ପ୍ରତିବାଦରେ ଆନ୍ଦୋଳନ ସୂତ୍ରପାତ କରାଯିବାର ଚେତାବନୀ ଦିଆଯାଇଛି । ସୂଚନାଯୋଗ୍ୟ, କଂଗ୍ରେସ ନେତୃତ୍ୱାଧୀନ ଦ୍ୱିତୀୟ ଉପା ସରକାର ଶାସନରେ ତତ୍କାଳୀନ ରେଳ ବଜେଟରେ ଓଡ଼ିଶା ପାଇଁ ୱାଗନ କାରଖାନା ମଞ୍ଜୁର ହୋଇଥିଲା । ତାହା କଳାହାଣ୍ଡି ଜିଲାର ନର୍ଲାଠାରେ ସ୍ଥାପନ ହେବାର ଦର୍ଶାଯାଇଥିଲା । ସେଠାରେ ଆବଶ୍ୟକ ମୁତାବକ ସରକାରୀ ଜମି ଅଭାବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଗଞ୍ଜାମ ଜିଲାରେ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ୱାଗନ କାରଖାନା ପାଇଁ ଶୀତଳାପଲ୍ଲୀରେ ୧୦୦ରୁ ଅଧିକ ଏକର ସରକାରୀ ଜମି ଚିହ୍ନଟ କରାଗଲା । ରେଳବାଇ ବୈଷୟିକ ଅଧିକାରୀମାନେ ଘନ ଘନ ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ । ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳି ଶାସନର ପ୍ରଥମ ବଜେଟରେ ଏଥିପାଇଁ ୨ କୋଟି ଟଙ୍କା ବରାଦ କରାଯାଇଥିଲା । ଦ୍ୱିତୀୟ ରେଳ ବଜେଟରେ ମାତ୍ର ହଜାରେ ଟଙ୍କା ଟୋକନ ବରାଦ କରାଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ୱାଗନ ଫ୍ୟାକ୍ଟ୍ରି ବନ୍ଦ ଘୋଷଣା ହେଲା । ଶୀତଳାପଲ୍ଲୀ ଜମି ପ୍ରଶାସନକୁ ଫେରସ୍ତ କରାଗଲା । କାରଖାନା ଦ୍ୱାରା ଜିଲାର ଅର୍ଥନୈତିକ ସ୍ଥିତିରେ ସହାୟକ ହେବ ଏବଂ ଅନେକଙ୍କୁ କର୍ମ ନିଯୁକ୍ତି ମିଳିବାର ଯେଉଁ ଆଶା କରାଯାଇଥିଲା ତାହା ମୋଦି ସରକାରଙ୍କ ଦ୍ୱାରା ମଉଳିଗଲା ।

ଓଡ଼ିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବାରୁ ପୁଣି ଶୀତଳାପଲ୍ଲୀରେ ୱାଗନ କାରଖାନା ସ୍ଥାପନ ପ୍ରସଙ୍ଗ ଉଠିଛି । ସେପ୍ଟେମ୍ବର ୨୨ରେ ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ବ୍ରହ୍ମପୁର ଗସ୍ତରେ ଆସିଥିଲେ । ଶୀତଳାପଲ୍ଲୀରେ ପୂର୍ବ ଚିହ୍ନଟ ଜମି ସ୍ଥାନ ପରିଦର୍ଶନ କରିବା ସହ ଫେରସ୍ତ ଜମି ପୁନର୍ବାର ନେବା ପାଇଁ ମତ ରଖିଥିଲେ । ପିପିପି ମୋଡ୍‌ରେ ୱାଗନ ଫ୍ୟାକ୍ଟ୍ରି ନ ହେଲେ ରେଳ ପାଇଁ ଆବଶ୍ୟକ ଅନ୍ୟ ଯନ୍ତ୍ରାଂଶ ଉତ୍ପାଦିତ କାରଖାନା କରାଯିବାର ସୂଚନା ଦେଇଥିଲେ । ତେଣୁ ୱାଗନ ଫ୍ୟାକ୍ଟ୍ରି ନ ହେବାର ସନ୍ଦେହ ଘେରକୁ ଆସିଛି । ଅପରପକ୍ଷରେ ସେହି ଶତାଧିକ ଏକର ଜମିରେ କ'ଣ କରାଯିବ ତାହା ମଧ୍ୟ ଅସ୍ପଷ୍ଟ ରହିଛି । ତେଣୁ ରେଲୱେ ପକ୍ଷରୁ ଶୀତଳାପଲ୍ଲୀରେ କ'ଣ କାରଖାନା କରାଯିବ ସେ ସମ୍ପର୍କରେ ସ୍ପଷ୍ଟ ଭାବେ ବିଜ୍ଞପ୍ତି ପ୍ରକାଶ ନ ହେବା ପର୍ଯ୍ୟନ୍ତ ସରକାରୀ ଜମି ହସ୍ତାନ୍ତର ନ କରିବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ପୀତବାସ ପଣ୍ଡା ଦାବି କରିଛନ୍ତି । ପୂର୍ବ ନିଷ୍ପତ୍ତି ପ୍ରକାରେ ଶୀତଳାପଲ୍ଲୀରେ ୱାଗନ ଫ୍ୟାକ୍ଟ୍ରି କରାଯିବାକୁ ବାମପନ୍ଥୀ ଦଳ ପକ୍ଷରୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

## ସଂକ୍ଷେପରେ

### ଗ୍ରାମାଞ୍ଚଳ ଲୋକଙ୍କ ସହ ପୋଲିସର ଆଲୋଚନା

**ହିଞ୍ଜିଳିକାଟୁ,୩।୧୦(ଡି.ଏନ୍.ଏ): ୫ଟି** ଉପକ୍ରମ ଓ ମୋ ସରକାର ଜରିଆରେ ଗ୍ରାମାଞ୍ଚଳ ଲୋକଙ୍କ ଦୁଆର ପାଖରେ ପୋଲିସ ପ୍ରଶାସନିକ କଳ ଉପଲବ୍ଧ ଧାରଣା ପାଇଁ ହିଞ୍ଜିଳି ପୋଲିସ ଥାନା ପାଖରୁ ପ୍ରୟାସ କରାଯାଇଛି। ଆସିକା ଏସଡିପିଓ ଉମା ଶଙ୍କର ସିଂ, ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖ ଗୁରୁବାର ହିଞ୍ଜିଳି ଥାନା ଦାରୁଭଦ୍ରା, ସାପୁଆପଲୀ ଓ ଗୋଦରାପଲୀ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ସମୟରେ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଲୋକଙ୍କ ମତ ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ନ୍ୟାୟ ଆବଶ୍ୟକ କରୁଥିବା ବହୁ ଲୋକଙ୍କ ସମସ୍ୟା ସମ୍ପର୍କରେ ଏସ୍‌ଡିପିଓ ସିଂ ଓ ଆଇଆଇସି ଦାସ ଆଲୋଚନା କରିଥିଲେ।

### ଶେରଗଡ଼ର କୃଷ୍ଣଲୀଳା ପୁରସ୍କୃତ

**ଶେରଗଡ଼,୩।୧୦(ଡି.ଏନ.ଏ.):** ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏକ ଲୋକକଳା ପ୍ରତିଯୋଗୀତା ଗତ ୩୦ରେ ଛତ୍ରପୁରଠାରେ ଆୟୋଜନ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀଙ୍କ ସଂଯୋଜନାରେ ଜିଲାର ବିଭିନ୍ନ ବ୍ଲକର ଲୋକକଳା ପ୍ରତିଯୋଗୀତା କରାଯାଇଥିଲା। ପ୍ରତିଯୋଗୀତାରେ ଶେରଗଡ଼ ବ୍ଲକର କୃଷ୍ଣଲୀଳା ତୃତୀୟ ସ୍ଥାନ ପାଇଥିଲା। ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ଏହାକୁ ପୁରସ୍କୃତ କରିଥିଲେ। ସେହି ପରିପ୍ରେକ୍ଷୀରେ ବ୍ଲକ ସଭାଗୃହରେ ବିଡିଓ ଶମ୍ଭୁନାଥ ନନ୍ଦି ଓ ଉପସଭାପତି ବିଜୟ କୁମାର ଦୋରା ଓ ପ୍ରଗତି ସହାୟକ ଭିମସେନ ବାରିକଙ୍କ ଉପସ୍ଥିତିରେ ଏକ ଶୁଭେଚ୍ଛା ସଭା ଅନୁଷ୍ଠିତ କରାଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୂଆଗଡ,୩।୧୦:** ଗଜପତି ଜିଲା ନୂଆଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଉଦିତ ଚନ୍ଦ୍ର ଦେଶୀନାୟକଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଅନୁଷ୍ଠିତ ସଭାରେ ବିଇଓ ବ୍ରଜ କୁମାର ନାୟକ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକମାନେ ବିଦାୟୀ ଶିକ୍ଷକଙ୍କ ଦକ୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ପ୍ରଥମଥର ବ୍ଲକରେ ଅବସରଦିନ ସମ୍ପୂର୍ଣ୍ଣ ପେନସନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଅବସରପ୍ରାପ୍ତ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷକ ସଂଘ ଉପ ସଭାପତି ପ୍ରମୋଦ ପରିଛା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭ୍ରମରପୁର ଠାରେ ଶିକ୍ଷକ ଦୀନବନ୍ଧୁ ପାଳଙ୍କ ପରିଚାଳନାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା କରାଯାଇଥିଲା।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ଟିକିରି,୩।୧୦(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ଅଧୀନ ବିଲାମାଳ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଧୋଇବା ସମୟରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ରଥୀ ମାଝିଙ୍କ ପୁଅ କାର୍ତ୍ତିକ(୧୬)। ଘଟଣାରୁ ପ୍ରକାଶ, କାର୍ତ୍ତିକ ପୂର୍ବାହ୍ନରେ ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ବଶତଃ ପୋଖରୀରେ ବୁଡ଼ିଯାଇଥିଲେ। ଏହା ଜାଣି ସାଙ୍ଗମାନେ ଗାଁଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏବଂ ଗ୍ରାମବାସୀ ପହଞ୍ଚି ଖୋଜିବାରେ ବିଫଳ ହେବାରୁ ତୁରନ୍ତ ନିକଟସ୍ଥ ଉତ୍କଳ ଆଲୁମିନାର ଦମକଳ ବାହିନୀକୁ ଖବର ଦେଇଥିଲେ। ତେବେ ପୋଲିସକୁ ଜଣାଇବା ପରେ ଆମେ ଯିବୁ ବୋଲି କମ୍ପାନୀର ଦମକଳ ବାହିନୀ ପକ୍ଷରୁ କୁହାଯାଇଥିଲା। ଏହାପରେ ଖବର ପାଇ କାଶୀପୁରରୁ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି ପରେ କାର୍ତ୍ତିକଙ୍କ ମୃତଦେହ ଜବତ କରିଥିଲା। ପରେ ପରିବାର ଲୋକଙ୍କ ପକ୍ଷରୁ ଟିକିରି ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି। ତେବେ ଉତ୍କଳ ଆଲୁମିନା ଦମକଳ ବାହିନୀର ଦାୟିତ୍ୱହୀନତା ଯୋଗୁ ଜଣେ ନିରୀହ ପିଲାଟିର ଜୀବନ ଚାଲିଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଠିକ୍ ସମୟରେ ଉଦ୍ଧାରକାରୀ ଟିମ୍ ପହଞ୍ଚିଥିଲେ ନାବାଳକର ଜୀବନ ରକ୍ଷା ହୋଇପାରିଥାନ୍ତା ବୋଲି ସେମାନେ କହିଛନ୍ତି। ମୃତ କାର୍ତ୍ତିକ ଗୋରଖପୁର ଆଶ୍ରମ ବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ୍ କରିଥିବାବେଳେ ସେ ଜଣେ ମେଧାବୀ ଛାତ୍ର ଥିଲେ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅକ୍ଷୟ ଶକ୍ତି ବ୍ୟବହାରର ବାର୍ତ୍ତା ପହଞ୍ଚାଇବାକୁ ଗୁରୁତ୍ୱ

## ରାମକୃଷ୍ଣ ଆଶ୍ରମରେ ସୌର ଶକ୍ତିସମ୍ପନ୍ନ ପାୱାର୍ ଗ୍ରୀଡ୍ ଉଦ୍‌ଘାଟିତ

**ବିଷମକଟକ/ରାୟଗଡ଼ା ଅଫିସ, ୩।୧୦ (ଡି.ଏନ୍.ଏ.)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ, ଭୁବନେଶ୍ୱର ରାମକୃଷ୍ଣ ମିଶନର ଅଧ୍ୟକ୍ଷ, ରାମକୃଷ୍ଣ ଆଶ୍ରମର ସମ୍ପାଦକ ଓ ଅନ୍ୟମାନେ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ହାଟ ମୁନିଗୁଡ଼ା ପଞ୍ଚାୟତସ୍ଥିତ ରାମକୃଷ୍ଣ ଆଶ୍ରମରେ ସୌର ଶକ୍ତିସମ୍ପନ୍ନ ୧୫୦ ୱାଟ୍ ପାୱାର ଗ୍ରୀଡ୍ ସ୍ଥାପନ କରାଯାଇଛି। ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ତୈଳ ଓ ପ୍ରାକୃତିକ ଗ୍ୟାସ କମ୍ପାନୀ ନୂଆଦିଲ୍ଲୀର ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର) ପ୍ରୋତ୍ସାହନରେ ଏହି ଗ୍ରୀଡ୍ ସ୍ଥାପନ କରାଯାଇଛି। ପୂର୍ବତନ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାୟଗଡ଼ା ଜିଲା ଗସ୍ତବେଳେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ଜଣାପଡ଼ିଛି। ପାୱାର୍ ଗ୍ରୀଡ୍ ଉଦ୍‌ଘାଟନ ଅବସରରେ ଜିଲାପାଳ ସୌରଶକ୍ତି, ଅକ୍ଷୟଶକ୍ତି ଓ ଅବିରତ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପାରମ୍ପରିକ ଶକ୍ତି ଆଗକୁ ସମାପ୍ତ ହୋଇଯିବ। ତେଣୁ ଏବେଠୁ ସତର୍କ ନ ହେଲେ ବହୁ ସମସ୍ୟା ଭୋଗିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଜିଲାରେ ଏକମାତ୍ର ଅନୁଷ୍ଠାନ ରାମକୃଷ୍ଣ ଆଶ୍ରମ ସୌର ଶକ୍ତି ବ୍ୟବହାର କରୁଥିବାରୁ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପ୍ରଶଂସା କରିଥିଲେ। ଏହି ଆଶ୍ରମରୁ ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ହୋଇଥିବାରୁ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ମଧ୍ୟ ଜଣାଇଥିଲେ। ସୌର ତଥା ଅକ୍ଷୟ ଶକ୍ତି ବ୍ୟବହାର ଉପରେ ନିଜ ନିଜ ଗ୍ରାମରେ ବାର୍ତ୍ତା ପହଞ୍ଚାଇବାକୁ ଜିଲାପାଳ ଏଠାରେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ନିଷ୍ଠାର ସହ ଅଧ୍ୟବସାୟ କଲେ ସଫଳତା ମିଳିପାରିବ ବୋଲି କହିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଶ୍ରମର ସମ୍ପାଦକ ସ୍ୱାମୀ ଗୀତାତ୍ମାନନ୍ଦ ମହାରାଜ, ଭୁବନେଶ୍ୱର ରାମକୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ ଆତ୍ମାନୁଭବନନ୍ଦ ମହାରାଜଙ୍କ ସମେତ ଆଶ୍ରମର ବିଦ୍ୟାର୍ଥୀ, ଶିକ୍ଷକ ଓ ଆଶ୍ରମ ପରିଚାଳନା କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ଭଞ୍ଜନଗର,୩।୧୦(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକରେ କାର୍ଯ୍ୟରତ ନୂତନ ପେନସନ ସ୍କିମ ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଏକ ବୈଠକ ଭେଜିପୁଟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକସ୍ତରରେ ସଂଘର ପୁନର୍ଗଠନ, ପ୍ରାଥମିକ ଶିକ୍ଷକ ପରସ୍ପର ମଧ୍ୟରେ ସମନ୍ୱୟ ରଖି ଏକଜୁଟ ହେବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ରାଜ୍ୟ ସଂଯୋଜକ ସୁଦାମ ଦଳବେହେରାଙ୍କ ଉପସ୍ଥିତିରେ ଭଞ୍ଜନଗର ଏନ.ପି.ଏସ. ଟିଚରର୍ସ ସଂଘର ସଂପାଦକ ତ୍ରିନାଥ ବେହେରା, କୋଷାଧ୍ୟକ୍ଷ ଶିବାଷିସ ବେହେରାଙ୍କ ସମେତ କ୍ଲଷ୍ଟର ସେକ୍ରେଟାରୀ ଅବିନାଶ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଆଗକୁ କିପରି ସଂଘର ପୁନର୍ଗଠନ ହେବ ତାହା ଆଲୋଚନା କରାଯାଇଥିଲା। ଏଥିସହ ୨୮୦୦ ଗ୍ରେଡ ପେ ପ୍ରଦାନ, ପୁରୁଣା ପେନସନ ଲାଗୁ, ଅନୁସୁଚିତ ଜାତି ଓ ଉପଜାତି ଶିକ୍ଷକମାନଙ୍କୁ ଯୋଗ୍ୟତା ଭିତ୍ତିରେ ବିଏଡ୍ ଟ୍ରେନିଂ ପ୍ରଦାନ ସୁବିଧା, ଯେଉଁ ପ୍ରାଥମିକ ଶିକ୍ଷକମାନେ ବିଏଡ୍ ଟ୍ରେନିଂ ସାରିଛନ୍ତି ସେମାନଙ୍କୁ ପରୀକ୍ଷା ମାଧ୍ୟମରେ ହାଇସ୍କୁଲରେ ରେଗୁଲାର ପୋଷ୍ଟିଂ କରାଯିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଶିକ୍ଷକ ରାଘବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

**ବୁଗୁଡ଼ା,୩।୧୦(ଡି.ଏନ.ଏ.)**

ପିପୁଲସ୍ କଲେଜ ବୁଗୁଡ଼ାଠାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସହାୟତା ଓ ପିପୁଲସ୍ କଲେଜ ଯୁବ ରେଡ୍‌କ୍ରସ ସଂସ୍ଥା ଆନୁକୂଲ୍ୟରେ ଶନିବାରଠାରୁ କ୍ଲଷ୍ଟରସ୍ତରୀୟ ତିନିଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଶିବିରକୁ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ସ୍ୱେଚ୍ଛାସେବୀମାନଙ୍କୁ ଶପଥପାଠ କରାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଜିଲା ରେଡ୍‌କ୍ରସ ସଂଯୋଜକ ଅଧ୍ୟକ୍ଷ ବି.ଗୋବିନ୍ଦ ରାଓ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ଲୋକନାଥ ମହାନ୍ତି, ରେଡ୍‌କ୍ରସ କାଉନସିଲର ପ୍ରଫେସର ବିନୋଦ କୁମାର କର ପ୍ରମୁଖ ଯୋଗଦେଇ ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କ ବିଭିନ୍ନ ସେବାମୂଳକ କାର୍ଯ୍ୟ ସହ ତାଙ୍କର ଭୂମିକା, ସ୍ୱେଚ୍ଛାସେବୀମାନଙ୍କ ବିଭିନ୍ନ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଅଧ୍ୟାପକ ଦିଲୀପ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ଅଧିବେଶନରେ ଶିବିରାର୍ଥୀମାନଙ୍କୁ ରେଡ୍‌କ୍ରସର ଇତିହାସ ଓ ରକ୍ତଦାନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କ୍ଲଷ୍ଟରସ୍ତରୀୟ ଶିବିରରେ ମାଣିତରା କଲେଜ, ପୋଲସରା କଲେଜ ଓ ବୁଗୁଡ଼ା କଲେଜର ୩୦ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ହରିକୃଷ୍ଣ ନାୟକ, ଅକ୍ଷୟ କୁମାର ସାହୁ, ଆତ୍ମ ପ୍ରକାଶ ନାୟକ, କୃଷ୍ଣା ରାଓ ପାତ୍ର, ଅଜୟ କୁମାର ସାହୁ, କିଶୋର ଚନ୍ଦ୍ର ପଣ୍ଡା, ଭଗବାନ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ କଲେଜର କର୍ମଚାରୀ ଯୋଗ ଦେଇଥିଲେ।

# କଳିଙ୍ଗା ଘାଟିରେ ଲୁଟେରା ସକ୍ରିୟ

**ଜି.ଉଦୟଗିରି,୩।୧୦(ଡି.ଏନ.ଏ.)**

କରୋନା ମହାମାରୀ ବେଳେ କଳିଙ୍ଗା ଘାଟିରେ ନିୟମିତ ଲୁଟ ହେଉଥିବା ବେଳେ ଏବେ ପୁଣି ଘନ କୁହୁଡ଼ିର ସୁଯୋଗ ନେଇ ଲୁଟେରା ସକ୍ରିୟ ହୋଇଛନ୍ତି। ଫୁଲବାଣୀରୁ ଶୁକ୍ରବାର ବିଳମ୍ବିତ ରାତିରେ କାର୍ (ନଂ ଓଆର ୦୨-୯୦୬୨) ଯୋଗେ କୁମୁଦ ନାୟକ ଭଞ୍ଜନଗର ଯାଉଥିବା ବେଳେ କଳିଙ୍ଗା ଘାଟିରେ ଲୁଟ୍‌ର ଶିକାର ହୋଇଛନ୍ତି। ଏକ କାର୍‌ରେ ଦୁଇଜଣ ଯୁବକ ଆସି କୁମୁଦଙ୍କ ଗାଡ଼ି ଅଟକାଇବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ରଖିଥିଲେ। ଭୟଭୀତ କରି ସେମାନେ କୁମୁଦଙ୍କୁ ବାହାରକୁ କାଢ଼ି ତାଙ୍କ କାର୍ ନେଇ ଚମ୍ପଟ ମାରିଥିଲେ। ଏ ନେଇ ସେ ଜି.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୯୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟ୍ ହୋଇଥିବା ଗାଡ଼ି ଏବଂ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଛି। ସିସି ଟିଭି ଆଧାରରେ ଟ୍ରାକିଂ କରାଯାଇ ଧରପଗଡ଼ ଚାଲିଛି ବୋଲି ପୋଲିସ କହିଛି। କନ୍ଧମାଳ ଜିଲା ପଡ଼ୋଶୀ ଗଞ୍ଜାମ ବଜାର ଉପରେ ନିର୍ଭର କରୁଥିବା ବେଳେ କଳିଙ୍ଗା ଘାଟି ଦେଇ ଶତାଧିକ ଗାଡ଼ି ଯତାୟାତ କରୁଛି। ତେଣୁ ସୁରକ୍ଷିତ ଯାତ୍ରା ପାଇଁ ନାଇଟ ପାଟ୍ରୋଲିଂ ଜୋରଦାର କରିବା ସହିତ କଳିଙ୍ଗା ଏବଂ ଦୁର୍ଗାପ୍ରସାଦରେ ସ୍ୱତନ୍ତ୍ର ନାକା ପଏଣ୍ଟ କରି ଗାଡ଼ିମଟର ଯାଞ୍ଚ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

# ବମକୋଇରେ ବିଜେଡିର ସଭା, ଶୋଭାଯାତ୍ରା



ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦ

**ଦିଗପହଣ୍ଡି,୩।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଗ୍ରାମରେ ରବିବାର ବିଜେଡି ପକ୍ଷରୁ ବିଶାଳ ସଭା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ କଲେଜ ଖେଳପଡିଆଠାରେ ସାଙ୍ଗଠନିକ ସମାବେଶ ଅନୁଷ୍ଠିତ ହୋଇଥିଲା। ବମକୋଇ ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ ସମାବେଶରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସମାବେଶରେ ବ୍ଲକ ବିଜୁ ଜନତା ଦଳ ସଭାପତି ଉଦୟନାଥ ସ୍ୱାଇଁ, ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ବମକେଇ ସରପଞ୍ଚ ପ୍ରତିନିଧି ଭଗବାନ ବାଡତ୍ୟା, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ନିମଖଣ୍ଡିପେଣ୍ଠ ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର, ବିଜେଡି ଜିଲା ସମ୍ପାଦକ ଜଗନ୍ନାଥ ପ୍ରଧାନ, ଗୋକର୍ଣ୍ଣପୁର ଜୋନ ଜିଲା ପରିଷଦ ସଦସ୍ୟ କୃଷ୍ଣ ଚନ୍ଦ୍ର ସେଠୀ, ବମକୋଇ ପଞ୍ଚାୟତ ବିଜେଡ଼ି କାର୍ଯ୍ୟକର୍ତ୍ତା ତପନ ପ୍ରଧାନ, ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମାବେଶରେ ପଞ୍ଚାୟତର ବହୁ ସଂଖ୍ୟକ ଛାତ୍ର-ଯୁବ କର୍ମୀ ସାମିଲ ହୋଇଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ପଞ୍ଚାୟତର ସାମଗ୍ରିକ ବିକାଶ ହୋଇପାରିଛି। ଅନେକ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରାଯିବା ପାଇଁ ସମସ୍ତ ଦଳୀୟ ନେତୃବୃନ୍ଦ ବଦ୍ଧ ପରିକର ବୋଲି ସଭାରେ ଉପସ୍ଥିତ ନେତୃବୃନ୍ଦ ଘୋଷଣା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରତି ଗ୍ରାମରେ ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ସମାବେଶରେ ସବିଶେଷ ନିଷ୍ପତ୍ତି ନିଆଯାଇ ବିଭିନ୍ନ ପ୍ରସ୍ତାବ ଗୃହୀତ କରାଯାଇଥିଲା।

# ଗୋଷାଣୀରେ ଲୋକକଳା କାର୍ଯ୍ୟକ୍ରମ



କଳାକାରମାନେ।

**ପାରଳାଖେମୁଣ୍ଡି,୩।୧୦(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ ଅନ୍ତର୍ଗତ ଲୋକକଳା ପଞ୍ଚାୟତ ଭାବେ ପରିଚିତ ଅଗରଖଣ୍ଡି ପଞ୍ଚାୟତର ଭିନ୍ନଲା ଗ୍ରାମ ସ୍ଥିତ କୋଠଘର ପରିସରରେ ଗଜପତି ଜିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶନିବାର ଲୋକକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିନ୍ନଲା, ବଡ଼ଗାଁ ଓ ମଣ୍ଡଳଦେବୀ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ଆୟୋଜିତ ସଚେତନତା ସଭା ଜିଲା ସଂସ୍କୃତି ଅଧିକାରୀ ପ୍ରଭାକର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଡ଼ଃ ବୃଷକେତୁ ଦାସ ଅତିଥି ଭାବେ ଯୋଗଦେଇ ଗାନ୍ଧି ଜୟନ୍ତୀ ଓ ଆଜାଦୀକା ଅମୃତ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଶିଶିର କୁମାର ପ୍ରଧାନ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଲୋକକଳା କାର୍ଯ୍ୟକ୍ରମରେ ଭିନ୍ନଲା ସମେତ ବଡ଼ଗାଁ, ଅଗରଖଣ୍ଡି, ମଣ୍ଡଳଦେବୀ, ବାପୁଜୀପେଣ୍ଠ ଗ୍ରାମର ସଂକୀର୍ତ୍ତନ, ଭାରତଲିଲା , ମିରାବାଇ , ବାଘନାଟ ଆଦି ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ଦାବି ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ସ୍ମାରକପତ୍ର

**ପାରଳାଖେମୁଣ୍ଡି,୩।୧୦(ଡି.ଏନ୍.ଏ.)**

ଓଡ଼ିଶା ରାଜ୍ୟ ଅଣଗେଜେଟେଡ଼ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ରାଜ୍ୟ ସଭାପତି ଉପେନ୍ଦ୍ର ନାଥ ରଣାଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ବିଭିନ୍ନ ଦାବି ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ଗଜପତି ଜିଲା ଶାଖାର ସମ୍ପାଦକ ପ୍ରମୋଦ କୁମାର ପଟ୍ଟନାୟକଙ୍କ ଦ୍ୱାରା ଏହି ଦାବିପତ୍ର ଦିଆଯାଇଥିଲା। ୫ଟି ଦାବି ପୂରଣ ପାଇଁ ରାଜ୍ୟର ସମସ୍ତ ପ୍ରାଣୀଧନ ନିରୀକ୍ଷକ ଆସନ୍ତା ୫ ତାରିଖରୁ କଳା ବ୍ୟାଜ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ। ଉକ୍ତ ସ୍ମାରକପତ୍ର ପ୍ରଦାନ ସମୟରେ ଜଗନ୍ନାଥ ରଥ, ସୂର୍ଯ୍ୟନାରାୟଣ ପଣ୍ଡା, ବିଭୂତି ଭୂଷଣ ଗନ୍ତାୟତ, ଶାନ୍ତି ପାଣି, ପି. କାର୍ତ୍ତିକ, ଉସରାଣୀ ସବର, ବି. ନାଗେଶ୍ୱର ରାଓ, ଗୌରହରି ବେହେରା ଓ ଜିଲାର ପ୍ରାଣୀଧନ ନିରୀକ୍ଷକମାନେ ଉପସ୍ଥିତ ଥିଲେ।

# ରେଡ୍ଡୀ ମହାଜନ ସଙ୍ଘମ୍‌ର ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଗଞ୍ଜାମ ରେଡ୍ଡୀ ମହାଜନ ସଙ୍ଘମ୍ କର୍ମକର୍ତ୍ତା।

**ଗଞ୍ଜାମ,୩।୧୦(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ରାଉଳିବନ୍ଧ ଗ୍ରାମ କଲ୍ୟାଣୀ ମଣ୍ଡପଠାରେ ଗଞ୍ଜାମ ରେଡ୍ଡୀ ମହାଜନ ସଙ୍ଘମ୍ ଆସ୍କା ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ସିଏଚ୍ ଦିଲେଶ୍ୱର ରେଡ୍ଡୀ, ଆସ୍କା ଜୋନ ସଭାପତି ଆର. ଭାଗୀରଥି ରେଡ୍ଡୀ, ଜିଲା ସମ୍ପାଦକ ଆର. ଶ୍ରୀନିବାସ ରେଡ୍ଡୀ, ଜୋନ ସମ୍ପାଦକ କେ. ଗୁରୁମୂର୍ତ୍ତି ରେଡ୍ଡୀ, ଜିଲା ଉପଦେଷ୍ଟା ଏସ୍. କ୍ରିଷ୍ଣା ରେଡ୍ଡୀ, ବିରୁଳି ତାଲୁକା କେ. ପୁରୋତ୍ତମ ରେଡ୍ଡୀ, ଛତ୍ରପୁର ଜୋନ୍ ସଭାପତି ଡମ୍ବୁରୁ ରେଡ୍ଡୀ, ଖଲ୍ଲିକୋଟ ୧ର ସଭାପତି ଏନ୍. ସୀମାଞ୍ଚଳ ରେଡ୍ଡୀ, ଖଲ୍ଲିକୋଟ ୨ର କେ. ବିଜୟ ରେଡ୍ଡୀ, ଦିଗପହଣ୍ଡି ଜୋନ୍ ସଭାପତି ଏସ୍. କ୍ଷୀରୋଦ ରେଡ୍ଡୀ, ପୂର୍ବଖଣ୍ଡ ସଭାପତି କେ. ଲୋକନାଥ ରେଡ୍ଡୀ, ଦିଗପହଣ୍ଡି ଜୋନ୍ ସମ୍ପାଦକ ଆଦିକନ୍ଦ ରେଡ୍ଡୀ, ଗଞ୍ଜାମ ସଭାପତି ଡି. ସତେୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରେଡ୍ଡୀ ସଙ୍ଘମ୍ କୂଳରେ ୧୮ ବର୍ଷରୁ କମ୍ ଝିଅ ଏବଂ ବାଇଶ ବର୍ଷରୁ କମ୍ ପୁଅ ଝିଅ ବାହାଘର ହୋଇପାରିବନି ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ପୁରୀ ଖୋର୍ଦ୍ଧା ଜିଲାର ବିଭିନ୍ନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଅସ୍ଥାୟୀ ପୌର କର୍ମଚାରୀଙ୍କ ଜିଲାସ୍ତରୀୟ ସମ୍ମିଳନୀ

**ପୋଲସରା,୩।୧୦(ଡି.ଏନ.ଏ.)**



ସମ୍ମିଳନୀରେ ଉପସ୍ଥିତ ଅତିଥି।

ଅସ୍ଥାୟୀ ପୌର କର୍ମଚାରୀ ସଂଘର ଏକ ଜିଲାସ୍ତରୀୟ ସମ୍ମିଳନୀ ପୋଲସରା ବସଷ୍ଟାଣ୍ଡ ନିକଟସ୍ଥ ରତନି ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୋଲସରା ଅସ୍ଥାୟୀ ପୌର କର୍ମଚାରୀ ଉତ୍ତମ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଗଞ୍ଜାମ ଜିଲା ଅସ୍ଥାୟୀ ପୌର କର୍ମଚାରୀ ସଂଘର ସଭାପତି ସୂର୍ଯ୍ୟ ପ୍ରକାଶ ରାଓ, ଜିଲା ସମ୍ପାଦକ ଶୁଭେନ୍ଦୁ ସୁନ୍ଦର ନାୟକ, ସଙ୍ଗଠକ ଲାବଣ୍ୟ ଦଳ ବେହେରା ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ଗଞ୍ଜାମ ଜିଲାର ବିଭିନ୍ନ ପୌର ପରିଷଦରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ପୌରାଞ୍ଚଳରୁ ଆସିଥିବା ସଦସ୍ୟମାନେ ନିଜ ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ପୌର ପରିଷଦରୁ ଆସିଥିବା ଅସ୍ଥାୟୀ କର୍ମଚାରୀ ସଂଘର ସଭାପତି ଓ ସମ୍ପାଦକମାନଙ୍କୁ ପୋଲସରା ସଂଘ ତରଫରୁ ସମ୍ମାନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଏମସିର କର୍ମଚାରୀ ତଥା ସଂଘର କାର୍ଯ୍ୟକର୍ତ୍ତା ଘନଶ୍ୟାମ ଦଳବେହେରା, ଅଶୋକ ଗୁଡ୍ଡୁକେଳି, ପ୍ରମୋଦକୁମାର ମୁଖୀ, ପୋଲସରା ସଂଘର ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ଙ୍କୁ ଭରସା ମା’ଗୃହ

**ଆର.ଉଦୟଗିରି,୩।୧୦(ଡି.ଏନ୍.ଏ.)**

ମା’ ଓ ଶିଶୁର ଯତ୍ନ ପାଇଁ ସରକାର ବିଭିନ୍ନ ଉନ୍ନତିମୂଳକ ଯୋଜନା କରୁଛନ୍ତି, ଯାହାକି ସୁରକ୍ଷିତ ମାତୃତ୍ୱ ଓ ହୃଷ୍ଟପୁଷ୍ଟ ଶିଶୁ ଜନ୍ମ ହେବ। ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ନିମନ୍ତେ ସରକାର ମା’ମାନଙ୍କୁ ଆନୁଷ୍ଠାନିକ ପ୍ରସବ କରାଇବା ଉଦ୍ଦେଶ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ, ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଗଜପତି ଜିଲାର ଆର.ଉଦୟଗିରି ଓ ଗୁମ୍ମା ବ୍ଲକରେ ଅଗ୍ରଣୀ ବେସରକାରୀ ଅନୁଷ୍ଠାନ ସୁରକ୍ଷା ଦ୍ୱାରା ପରିଚାଳିତ ହେଉଛି। ଏଠାରେ ୧୦ ରୁ ୧୫ ଦିନ ମଧ୍ୟରେ ପ୍ରସବ ହେବାକୁ ଥିବା ମା’ମାନଙ୍କ ଗ୍ରାମକୁ ଯାଇ ମା’ ଗୃହର କର୍ମୀମାନେ ସୁରକ୍ଷିତ ପ୍ରସବ ଓ ଆସୁ ପ୍ରସବକାଳୀନ ଚିକିତ୍ସା ବିଷୟରେ ବୁଝାନ୍ତି। ମା ଗୃହକୁ ଆସିଲା ପରେ ସୁରକ୍ଷିତ ପ୍ରସବ, ନବଜାତ ଶିଶୁର ଯତ୍ନ ବିଷୟରେ ବୁଝାଯାଇଥାଏ ଓ ସୁଷମ ପୁଷ୍ଟିସାର ଯୁକ୍ତ ଖାଦ୍ୟ ପ୍ରଦାନ କରାଯାଇଥାଏ। ଗମାଙ୍ଗପଡ଼ା ଗ୍ରାମର ଗୀତାଞ୍ଜଳୀ ଗମାଙ୍ଗ କହିଛନ୍ତି ଯଦି ମା ଗୃହ ନଥାନ୍ତା ଆମେ ଗରିବ ଆଦିବାସୀ ଲୋକ ବହୁତ ଖର୍ଚ୍ଚାନ୍ତ ହୋଇଥାନ୍ତୁ।

# କେନାଲ ସାହି ମୁଖ୍ୟ ରାସ୍ତାରେ ଜମୁଛି ନର୍ଦ୍ଦମାପାଣି

**ବ୍ରହ୍ମପୁର ଅଫିସ୍,୩।୧୦**

ବ୍ରହ୍ମପୁର ସହରର ବିଭିନ୍ନ ୱାର୍ଡରେ ଦିନକୁ ଦିନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ୱାର୍ଡ ବାସିନ୍ଦା ପ୍ରତିବାଦ କରିବା ଆରମ୍ଭ କରିଛନ୍ତି। ତଥାପି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହେବା ସାଙ୍ଗକୁ ସଂକ୍ରାମକ ରୋଗ ବ୍ୟାପିବା ନେଇ ଭୟଭୀତ ହେଉଛନ୍ତି। ବ୍ରହ୍ମପୁର ମହାନଗର ନିଗମ ୨୪ ନଂ. ୱାର୍ଡ ଅନ୍ତର୍ଗତ କେନାଲ ସାହିଠାରେ ଦୀର୍ଘ ଦିନ ଧରି ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି ଜମି ରହୁଛି। ବର୍ଷାଦିନ ସମେତ ଅନ୍ୟାନ୍ୟ ଦିନରେ ମଧ୍ୟ ନର୍ଦ୍ଦମା ପାଣି ଆଣ୍ଠୁଏ ଉଚ୍ଚରେ ଜମି ରହୁଛି। ସାହି ବାସିନ୍ଦାଙ୍କ କହିବା ମୁତାବକ, ସାହିରେ ଏକ ବଡ ଡ୍ରେନ୍ ରହିଛି, ଯାହାକି ସମତୁଲ ହୋଇ ରହିଥିଲା। କିନ୍ତୁ ଗତବର୍ଷ ଡ୍ରେନ୍ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାଦାର ମରାମତି ବେଳେ ଉଚ୍ଚତା ବଢାଇ ଦେବାରୁ ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ଘରେ ପାଣି ପଶୁଛି। ବର୍ଷା ଦିନେ ଲୋକେ ଘରୁ ବାହାରିବା ସମ୍ଭବ ହେଉ ନାହିଁ। ଅନ୍ୟପଟେ ଏଠାକାର କିଛି ବାସିନ୍ଦା ଡ୍ରେନ୍ ଉପରେ ବାସଗୃହ ନିର୍ମାଣ କରିଥିବାରୁ ଏଭଳି ସମସ୍ୟା ଉପୁଜିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ନର୍ଦ୍ଦମା ପାଣି ଜମି ରହିବାରୁ ବର୍ତ୍ତମାନ ଡେଙ୍ଗୁ ସଂକ୍ରମଣ ନେଇ ସ୍ଥାନୀୟ ଲୋକେ ଭୟ କରୁଛନ୍ତି। ଅନ୍ୟପଟେ ବିଏମ୍‌ସି ପକ୍ଷରୁ ଡ୍ରେନ୍ ସଫେଇ କିମ୍ବା ମଶାମରା ତେଲ ସିଞ୍ଚନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଯଦି ଡ୍ରେନ୍ ସଫେଇ ଓ ଡେଙ୍ଗୁ ସଂକ୍ରମଣରୁ ରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ସଂକ୍ରମଣ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି।